Split by PDF Splitter



# ବିଜ୍ଞାପନ ।


**କମ୍ପାଉଣ୍ଡର ଆବଶ୍ୟକ ।**

ଏଠା ଡାକ୍ତରଖାନା ପାଇଁ ଜଣେ ଅଭିଜ୍ଞ କମ୍ପାଉଣ୍ଡର ଆବଶ୍ୟକ । ମାସିକ ବେତନ ଟ ୭ ସାତଟଙ୍କା । ଡାକଘର କାମ ଚଳାଇବା ଭଳି ଇଂରାଜୀ ଜ୍ଞାନ ଥିଲେ ମାସିକ ଟ ୫ ଟଙ୍କା ଭତ୍ତା ମିଳିବ । ଏହି ମାସ ଶେଷ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ।

Manager's Office
Pal Lahara.
11-8-1905 } ଶ୍ରୀ ଶ୍ୟାମସୁନ୍ଦର ନନ୍ଦ
ମେନେଜର


# ଉତ୍କଳଦୀପିକା ।

ଗତ ତା ୧୨ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗଦ୍ୱାରା ୧୩୭୨ ମୃତ୍ୟୁ ଘଟିଥିଲା । ଏହା ତହିଁ ପୂର୍ବ ସପ୍ତାହର ଅଙ୍କ ୧୦୬୪ ରୁ ୩୦୮ ଅଧିକ ଅଟେ । ତହିଁ ମଧ୍ୟରୁ ୨୭୯ ବମ୍ବେଇରେ ବଢ଼ି ଏହା ସେହି ପ୍ରଦେଶର ମୃତ୍ୟୁ ୯୪୬ ହୋଇଅଛି । ଅନ୍ୟାନ୍ୟ ପ୍ରଦେଶର ହ୍ରାସ ବୃଦ୍ଧି ସାମାନ୍ୟ ଅଟେ ।

ଗତ ତା ୧୭ ରିଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତର ସର୍ବତ୍ର ବୃଷ୍ଟିର ଅଭାବ ପୂର୍ବ ସପ୍ତାହଠାରୁ ବରଂ ଅଧିକ ହୋଇଅଛି ଏବଂ ଫସଲ ଆଶା ମଳିନ ପଡ଼ୁଅଛି । ଯେବେ ଆଉ କେତେଦିନ ମଧ୍ୟରେ ଇନ୍ଦ୍ରଦେବ ନ ପାଳିବେ ତେବେ ଭାରତର ଅନେକ ପ୍ରଦେଶ ବିଶେଷତଃ ମାନ୍ଦ୍ରାଜ ଓ ବମ୍ବେଇରେ ଅନ୍ନ କଷ୍ଟ ଉପସ୍ଥିତ ହେବ । ଶସ୍ୟାଦିର ମୂଲ୍ୟ କ୍ରମେ ବଢ଼ୁଅଛି । ଏପର୍ଯ୍ୟନ୍ତ ସରକାରୀ ସାହାଯ୍ୟ ଲୋକେ ଲୋଡ଼ିବାର ଦେଖା ଯାଉ ନାହିଁ ।

ମାନ୍ଦ୍ରାଜ ପ୍ରଦେଶ ଉତ୍ତର ଆରକଟ ଜିଲ୍ଲା ଅନ୍ତର୍ଗତ ତିରୁପତି ନିକଟ ତିରୁମଲାଇ ସ୍ଥାନରେ ପ୍ଲେଗ ରୋଗ ଅତ୍ୟନ୍ତ ପ୍ରବଳ ହେବାର ଅବଗତ ହୋଇ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଘୋଷଣା ପ୍ରଚାର କରିଅଛନ୍ତି କି ଆସନ୍ତା ବ୍ରହ୍ମୋତ୍ସବ ଉପଲକ୍ଷରେ ଆସନ୍ତା ସେପ୍ଟମ୍ବର ମାସ ତା ୨୪ ରିଖଠାରୁ ଅକ୍ଟୋବରମାସ ତା ୮ ରିଖ ପର୍ଯ୍ୟନ୍ତ ସମୟ ମଧ୍ୟରେ ବମ୍ବେଇ, ବଙ୍ଗ, ଯୁକ୍ତରାଜ୍ୟ ମଧ୍ୟପ୍ରଦେଶ, ମହୀଶୂର ପ୍ରଭୃତିରୁ କେହି ଯାତ୍ରୀ ସେଠାକୁ ଯାଇ ପାରିବେ ନାହିଁ ଏବଂ ଯେ ଯିବ ତାହାକୁ ବାହାର କରିଦିଆଯିବ ।

ରୁଷ ଜାପାନ ସନ୍ଧିର କଥାର ଯାହା ଦୁଇ ସପ୍ତାହ ହେଲା ଉଭୟ ରାଜ୍ୟର ପ୍ରତିନିଧିଙ୍କଦ୍ୱାରା ଆମେରିକାରେ ହେଉଅଛି ତାହା ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ଅନ୍ୟାନ୍ୟ ପ୍ରସଙ୍ଗ ମୀମାଂସା ହୋଇ କେବଳ ଯୁଦ୍ଧର କ୍ଷତିପୂରଣ ଏବଂ ସଘାଲିନଦ୍ୱୀପର ଅଧିକାର ଏହି ଦୁଇ କଥାରେ ଗଣ୍ଠି ପଡ଼ିଅଛି । ମାତ୍ର ଆମେରିକା ଯୁକ୍ତରାଜ୍ୟର ସଭାପତି ମହୋଦୟଙ୍କ ଯତ୍ନରେ ସେହି ଦୁଇ ବିଷୟ ସନ୍ତୋଷଜନକରୂପେ ନିଷ୍ପତ୍ତି ହେବାର ଆଶା ଅଛି ଏବଂ ରୁଷିୟାର ଉତ୍ତରକୁ ସେ ଚାହିଁ ବସିଅଛନ୍ତି । ସେ ଉତ୍ତର ଅନୁକୂଳ ହେଲେ ଦୁଇ ଏକଦିନରେ ସନ୍ଧିର ନିୟମମାନ ସ୍ଥିର ହେବାର ପ୍ରସ୍ତୁତ ହେବ ଏବଂ ଏହି ଭୀଷଣ ଯୁଦ୍ଧ ଶେଷ ହେବ ।

---

ଭାରତର ଗବର୍ଣ୍ଣର ଜେନେରଲ ଲର୍ଡକର୍ଜନ ପଦତ୍ୟାଗ କରିବାରେ ସେ କାର୍ଯ୍ୟରେ ଲର୍ଡ ମିଣ୍ଟୋ ବିଲାତରେ ନିଯୁକ୍ତ ହୋଇଅଛନ୍ତି । ସମ୍ଭବତଃ ଆଗାମୀ ମାସରେ ଭାରତରେ ଉପସ୍ଥିତ ହୋଇ କାର୍ଯ୍ୟଭାର ଗ୍ରହଣ କରିବେ । ସେ ସନ ୧୮୪୫ ସାଲରେ ଜନ୍ମ ହୋଇଥିବାରୁ ତାହାଙ୍କର ବୟସ ବ ୬୦ ବର୍ଷ ଅଟେ । ସୁତରାଂ ଲର୍ଡ କର୍ଜନଙ୍କଠାରୁ ବୟସରେ ଅନେକ ବଡ଼ ଏବଂ ପ୍ରବୀଣ ଅଟନ୍ତି । ସେ ସନ ୧୮୯୮ ଠାରୁ ବ ୫ ବର୍ଷ କାନେଡାର ଗବର୍ଣ୍ଣର ଜେନେରଲ ଥିଲେ ଏବଂ ଆଫଗାନ ଯୁଦ୍ଧରେ ତୁରସ୍କସେନା ସହିତ ଏବଂ କେପଠାରେ ଲର୍ଡ ରବର୍ଟସଙ୍କର ପ୍ରାଇଭେଟ ସେକ୍ରେଟରୀ ସ୍ୱରୂପ କାର୍ଯ୍ୟ କରିଥିଲେ । ସେଥିପାଇଁ ସେ ସିପାହି କାମରେ ପରିଚିତ । ତାହାଙ୍କର ଆଗମନ ମଙ୍ଗଳପ୍ରଦ ହେବାର କାମନା କରୁଁ ।

---

କଲିକତାର ବିଖ୍ୟାତ 'ବଙ୍ଗବାସୀ' ପତ୍ରିକାର ଅଧିକାରୀ ବାବୁ ଯୋଗେନ୍ଦ୍ରଚନ୍ଦ୍ର ବୋଷ ଗତପୂର୍ବ ଶୁକ୍ରବାର ମାନବଲୀଳା ଶେଷ କରିବାର ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ । ସେ କେତେକ ମାସ ହେଲା ପୀଡ଼ିତ ଥାଇ ଆରୋଗ୍ୟ ନିମନ୍ତେ ମଧୁପୁରଠାରେ ଅବସ୍ଥାନ କରୁଥିଲେ । ସେହିଠାରେ ଏ ଦୁର୍ଘଟନା ହେଲା । ତାହାଙ୍କର ବୟସ ବ ୬୧ ବର୍ଷ ହୋଇଥିଲା । ସେ ବଡ଼ ଉତ୍ସାହୀ ଉଦ୍ୟମଶୀଳ ବ୍ୟକ୍ତି ଥିଲେ ଏବଂ ନିଜର ବୁଦ୍ଧି, ଯତ୍ନ ଓ ପରିଶ୍ରମ ବଳରେ ବଡ଼ଲୋକ ହୋଇଥିଲେ । ବଙ୍ଗଦେଶରେ ସୁଲଭ ସମ୍ବାଦପତ୍ର ଏବଂ ପୁସ୍ତକ ପ୍ରଚାରରେ ତାହାଙ୍କୁ ଅଗ୍ରଗଣ୍ୟ ବୋଲିବାକୁ ହେବ । ବଙ୍ଗଳା ଓ ହିନ୍ଦି ବଙ୍ଗବାସୀ ଏବଂ ପରଶେଷରେ ଟେଲିଗ୍ରାଫ ନାମକ ଦୈନିକ ଇଂରାଜୀ ସୁଲଭ ପତ୍ରିକାମାନ ପ୍ରକାଶ କରି କୀର୍ତ୍ତି ରଖି ଯାଇଅଛନ୍ତି । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ସାଧନ କରନ୍ତୁ ।

---

ଗଞ୍ଜାମ ବ୍ରହ୍ମପୁର ମିଉନିସିପାଲିଟିର କାର୍ଯ୍ୟ ନିର୍ବାହରେ ଗୁରୁତର ତ୍ରୁଟି ଏବଂ ଅମନୋଯୋଗିତାର ଅନେକ ଉଦାହରଣ ଦର୍ଶାଇ ଜଣେ ପତ୍ରପ୍ରେରକ 'ହିନ୍ଦୁ' ନାମକ ସମ୍ବାଦପତ୍ରରେ ଏକ ପତ୍ର ପ୍ରକାଶ କରିଅଛନ୍ତି ଓ ଗତ ତା ୧୭ ରିଖର ପ୍ରଜାବନ୍ଧୁରେ ତାହା ଉଦ୍ଧୃତ ହୋଇଅଛି । ପ୍ରଜାବନ୍ଧୁ, ନିଜ ମନ୍ତବ୍ୟରେ ଲେଖିଅଛନ୍ତି କି ସେହି ପ୍ରେରିତପତ୍ର ଲିଖିତ କଥାମାନ ସତ୍ୟ ହେଲେ ମିଉନିସିପାଲିଟିର ମେମ୍ବର ଏବଂ ଚେୟାରମାନଙ୍କର ବଡ଼ ନିନ୍ଦା ଏବଂ ବ୍ରହ୍ମପୁରବାସୀମାନେ ସ୍ୱାୟତ୍ତ ଶାସନର ଅଯୋଗ୍ୟ ବୋଲିବାକୁ ହେବ । ପ୍ରଜାବନ୍ଧୁ ଦୂରସ୍ଥ ଓଡ଼ିଶା ଏବଂ ସମ୍ବଲପୁରର ନାନା ଅଭାବ ଓ ଅଭିଯୋଗର ସନ୍ଧାନ ରଖୁଥିବା ସ୍ଥଳେ ନିକଟସ୍ଥ ବ୍ରହ୍ମପୁର ମିଉନିସିପାଲିଟିର କଥା ସତ୍ୟ ଅଟେ କି ନା ଜାଣନ୍ତି ନାହିଁ ଆଶ୍ଚର୍ଯ୍ୟର ବିଷୟ ଅଟେ । ଅଥବା ନିଜ ଜିଲ୍ଲାର କଥାକୁ ସେ ବଡ଼ ଆସ୍ଥା କରନ୍ତି ନାହିଁ ଏବଂ ସେହି ହେତୁ ସ୍ଥାନୀୟ ଶାସନଘଟିତ ବିଷୟର ଚର୍ଚ୍ଚା ତହିଁରେ ଅତ୍ୟଳ୍ପ ଦେଖାଯାଏ ।

---

ଦକ୍ଷିଣ ସଭାର ବୃତ୍ତି ନେଇ ଜାପାନକୁ ଯିବା ମହେଶଚନ୍ଦ୍ରର ସାହାଯ୍ୟ କଥା ଛିଣ୍ଡି ନାହିଁ । ପୁଣି ଉତ୍କଳ ସମ୍ମିଳନୀର ବୃତ୍ତି ନେଇ କଳିକତାକୁ ଯିବା ଗୋପାଳଚନ୍ଦ୍ର ପାଲିତର ସାହାଯ୍ୟ ସମ୍ବନ୍ଧରେ ଶେଷେ ଇଂରାଜୀପତ୍ର ଗତ 'ଓଡ଼ିଆ ଓ ନବ ସମ୍ବାଦ' ରେ ବାହାରି ପଡ଼ିଲାଣି । ଏଥିରେ ମଧ୍ୟ ଉତ୍କଳସମ୍ମିଳନୀର ସମ୍ପାଦକ ଏବଂ ଆଉ କେହି୨ ଦାତାଙ୍କର ଦୋଷ ଦେଖାଇ ଦିଆ ଯାଇଅଛି । ଯେ ଦୋଷ ଖୋଜି ବୁଲେ ତାକୁ ତାହା ମିଳିବା ଅସହଜ ହୁଏ ନାହିଁ । କାରଣ ଦୋଷ ଛଡ଼ା ମନୁଷ୍ୟ ନାହିଁ ପତ୍ରପ୍ରେରକ ଏକା ଦୋଷଶୂନ୍ୟ ହୋଇଥିବେ । ତେଣୁ ସେ ଯଥାର୍ଥ ହେଉ ବା ନ ହେଉ କାହାରି କିଛି ଦୋଷର ସନ୍ଧାନ ପାଇଲେ ଲଣ୍ଡଭଣ୍ଡ ହୋଇ ଛପାଇ ଦେଉଅଛନ୍ତି । ଏଥିରେ ତାହାଙ୍କର ବିଦ୍ୟା ବୁଦ୍ଧି ପ୍ରକାଶ ଛଡ଼ା ଆଉ କିଛି ଫଳ ଦେଖୁନାହୁଁ ବରଂ ଶୁଭବଞ୍ଛକର ସହାୟତା ହେଉଅଛି । ଜଣେ ବୃତ୍ତି ନେଲା ଓ ଯାହାର ସାହସ ହେଲା ସେ ଯେନ ତେନ ଚାଲିଗଲା ଏବଂ ଅନ୍ୟ ନିଅଣ୍ଟ ବନ୍ଦୋବସ୍ତ କୌଣସି ରୂପେ କରିନେଲା ଅଥବା ତୁମ୍ଭେ ସାହାଯ୍ୟ କରି ମେଣ୍ଟାଇ ଦେଲ ଏଥିପାଇଁ ଏତେ ବୃଥା ଗଣ୍ଡଗୋଳ କାହିଁକି ? ଓଡ଼ିଶାରୁ କେହି ବୃତ୍ତି ନେଇ ଯିବା ଯେମନ୍ତ ଗୋଟିଏ ସାଧାରଣ ବିପଦ ଅଟେ ।

---

Digitized by srujanika@gmail.com

ବାବୁ ଶ୍ରୀଗୋବିନ୍ଦଚନ୍ଦ୍ର ରାୟ ଚୌଧୁରୀଙ୍କର ବଡ଼ଖେମଣ୍ଡି ଦେବାନ ପଦରୁ ବଦଳି ହେବା ଉପଲକ୍ଷରେ ଓଡ଼ିଆ ଓ ନବସମ୍ବାଦ ଲେଖିଅଛନ୍ତି ସେ ଅନେକ ପୂର୍ବରୁ ଜାଣିଥିଲେ ଯେ ଗୋବିନ୍ଦ ବାବୁ ଯାଉବେ ନାହିଁ ଏବଂ ପ୍ରତିବାଦ ମଧ୍ୟ କରିଥିଲେ ମାତ୍ର ଆମ୍ଭେମାନେ ଓଲଟା ବୁଝିଥିଲୁଁ । ସେ ଅନ୍ତର ମନେ କରନ୍ତୁ ନ ପ୍ରାୟ ଉତ୍କଳ-ସମ୍ମିଳନୀର ସମ୍ପାଦକଙ୍କ ଚେଷ୍ଟାରେ ଗୋବିନ୍ଦ ବାବୁ ସେ କାର୍ଯ୍ୟ ପାଇ ଉତ୍କଳୀୟ ଉପାଧିଧାରୀଙ୍କୁ ନଗଣ କରିଥିଲେ । ଆମ୍ଭେମାନେ ଗୋବିନ୍ଦ ବାବୁଙ୍କୁ ଅଯୋଗ୍ୟ ମନେ ନ କରିବାରେ ଦୋଷ ହୋଇଅଛୁଁ । ଉତ୍କଳସମ୍ମିଳନୀର ସମ୍ପାଦକଙ୍କର ଉଦ୍ୟମ ସହଯୋଗୀ ନାହୁଁ ଜାଣିଲେ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା । ସହଯୋଗିଙ୍କ ଯଦି ବଡ଼ଖେମଣ୍ଡି ରାଜାଙ୍କର ବୁଦ୍ଧି ଥିଲେ ସେ ଗୋବିନ୍ଦ ବାବୁଙ୍କୁ ନିଯୁକ୍ତ କରି ନ ଥାନ୍ତେ । ରାଜା ନିଯୋଗରେ ଯେମନ୍ତ ଅଳ୍ପ ବୁଦ୍ଧି ଦେଖାଇ-ଅଛନ୍ତି ବରଖାସ୍ତରେ ସେମନ୍ତ ଘଟି ନାହିଁ ତାହା ଅବା କପରି ନିଶ୍ଚୟ ହୋଇଯିବ ? ସ୍ଥାନୀୟ ସମ୍ପାଦକ ଗୁଣଦର୍ପଣ ମୂଳରେ କହିଅଛନ୍ତି ନ ଦେବାନ ଅଧିକାରର ଅତିରିକ୍ତ କାର୍ଯ୍ୟ କରିବା-ରେ ରାଜା ଓ ପ୍ରଜା ଅସନ୍ତୁଷ୍ଟ ହୋଇଅଛନ୍ତି । ଏତଦ୍ ଛଡ଼ା ଆଉ କିଛି ଜଣା ନାହିଁ । ଏତଦ୍ଦ୍ବାରା ସହଯୋଗୀ ସକଳ ତଥା ନିଶ୍ଚୟରୂପେ ବୁଝି ନେଲେ ଏହା କେବଳ ତାହାଙ୍କର ସୂକ୍ଷ୍ମବୁଦ୍ଧିର ପ୍ରଶଂସା ଅଟେ । ଯେଉଁମାନେ ଦେଶୀୟ ରାଜ-ଦରବାରର କଥା ଜାଣନ୍ତି ସେମାନେ ମୋଟା ବୁଦ୍ଧି ହେତୁ ସାକ୍ଷାତ ପ୍ରମାଣ ଲୋଡ଼ନ୍ତି ।

---

ଓଡ଼ିଶାରୁ କଲିକତାର ବଙ୍ଗଳା ସଭ୍ଯହାସ ଜାପାନକୁ ପ୍ରେରିତ ହୋଇଥିବା ବାବୁ ମହେଶ-ଚନ୍ଦ୍ର ରାୟଙ୍କ ସାହାଯ୍ୟ ଉପଲକ୍ଷରେ ଏଥିପୂର୍ବେ ଓଡ଼ିଆ ନବସମ୍ବାଦର ଜଣେ ପତ୍ରପ୍ରେରକଙ୍କ ସମ୍ବନ୍ଧରେ ଯାହା ଲେଖିଥିଲୁଁ ସେହି ପତ୍ର-ପ୍ରେରକ ତହିଁର ପ୍ରତିବାଦରେ ସେହି ସମ୍ବାଦ-ପତ୍ରରେ ଆଉ ଖଣ୍ଡିଏ ପତ୍ର ପ୍ରକାଶ କରିଅଛନ୍ତି ଏବଂ ତହିଁରେ ବୃଦ୍ଧ ଉତ୍କଳଦୀପିକାକୁ ଯଥେଷ୍ଟ ବିଦ୍ରୂପ କରିଅଛନ୍ତି । ଯୁବା ନିକଟରେ ବୃଦ୍ଧ ସର୍ବକାଳରେ ଉପହାସାସ୍ପଦ ଏହା ନୂତନ କଥା ନୁହେ । ତହିଁ ଉପରେ ଆଜି କାଲିର ଅନେକ ଯୁବା ବିଶ୍ବବିଦ୍ୟାଳୟର ଉପାଧିଧାରୀ ଏବଂ ଇଂରାଜୀରେ ତର୍କ କରିବାକୁ ଭଲ ପଟୁ । ସେମାନଙ୍କ ସମ୍ମୁଖରେ କେହି ବୃଦ୍ଧର କଥ କହିବାର ସାଧ୍ୟ କି ? ଭିକ୍ଷା ମାଗିବା ଏବଂ ଯେ ନ ଦେବ ତାକୁ ଗାଳି ଦେବା ଏହା ମଧ୍ୟ ନୂତନ କଥା ନୁହେ । ତେବେ ପୂର୍ବେ ଏ ବୃତ୍ତି ଦୁର୍ଲୋକରେ ଅବଶ୍ୟ ଥିଲା ଏଣିକି ଶିକ୍ଷିତ-ସମାଜରେ ପ୍ରବେଶ କରିବା ଦୁଃଖର ବିଷୟ ଅଟେ । ଭାଇ ତୁମ୍ଭେ ପର ପାଇଁ ଭିକ୍ଷା ମାଗିଲ ଓ ଯେ ଦେଲା ତାହାର ଗୁଣ ଗାଇଲ ଏହା ଭଲ କଥା କିନ୍ତୁ ଯେ ତୁମ୍ଭଙ୍କୁ ନ ଦେଇ ଅନ୍ୟକୁ ଦେଲା ତାହାର ନାମ ପ୍ରଚାର କରିବାଟା ସୁରୁଚି କି ? ଏକଜଣର ଭାର ନେଇ ତାହା ଉଚିତ ମତେ ନ ପାଳିବା କର୍ତ୍ତବ୍ୟ କର୍ମରେ ତ୍ରୁଟି ବୋଲି ପତ୍ରପ୍ରେରକ ସ୍ବୀକାର କରିଅଛନ୍ତି ମାତ୍ର ଏକ ସମିତିର ଏହି ତ୍ରୁଟିକୁ ଅନ୍ୟ ସମିତିର ସେହିପରି ତ୍ରୁଟିର ଉଦାହରଣ ଦେଖାଇବାଦ୍ବାରା ଢାଙ୍କି ଦେବାର ଯେ ଚେଷ୍ଟା କରିଅଛନ୍ତି ତାହା ଉଚିତ ବିଚାର ନୁହେ କି ? ପାଠକମାନେ ଏଥିର ବିଚାର କରିବେ ।

---

ସମ୍ପାଦକମାନଙ୍କୁ ସରକାରୀ ସମ୍ବାଦ ଯୋଗାଇବା ଅଭିପ୍ରାୟ ଭାରତୀୟ ଗବର୍ଣ୍ଣମେଣ୍ଟର ସନ ୧୯୦୪ ସାଲ ଅକ୍ଟୋବରମାସ ତା ୨୮ ରଖ ଲିଖିତ ଏକ ନିର୍ଦ୍ଧାରଣରେ ନିଜସମ୍ବନ୍ଧରେ ଗୋଟିଏ ବନ୍ଦୋବସ୍ତ କରିଅଛନ୍ତି ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କୁ ସେହିପରି କୌଣସି ବନ୍ଦୋବସ୍ତ କରିବା କାରଣ ଇଚ୍ଛା ପ୍ରକାଶ କରିଅଛନ୍ତି । ତଦନୁସାରେ ବଙ୍ଗପ୍ରଦେଶର ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର ସ୍ଥିର କରିଅଛନ୍ତି କି କଲିକତା ରାଇଟର୍ସବିଲଡିଂ ନାମକ ସରକାରୀ କାର୍ଯ୍ୟାଳୟରେ ଗୋଟିଏ କୋଠରୀ ସରକାରୀ ସମ୍ବାଦ ଯୋଗାଇବା ସକାଶେ ପୃଥକ୍ ରଖାଯିବ । ସେହି କୋଠରୀରେ ଲେଖା ପଢ଼ାର ଉପଯୋଗୀ ମେଜ ଚୌକି ଇତ୍ୟାଦି ଉପକରଣ-ମାନ ରହିବ ଏବଂ ଯେ ସମସ୍ତ ସରକାରୀ ରିପୋର୍ଟ, ନିର୍ଦ୍ଧାରଣ ଇତ୍ୟାଦି ସଚରାଚର ସମ୍ପାଦକମାନଙ୍କୁ ଜଣାଇ ଦିଆଯାଏ ସେ ସମସ୍ତର ପ୍ରତିଲିପି, ଗେଜେଟ୍ସମୂହ, ସେନ୍ସସ ରିପୋର୍ଟ, ସିଭିଲ ବିଭାଗୀୟ କର୍ମଚାରୀମାନଙ୍କର ସାମୟିକ ତାଲିକା ଏବଂ ପ୍ରକାଶଯୋଗ୍ୟ ଅନ୍ୟ ସମସ୍ତ ଛାପା ପତ୍ରାଦି ସେହି ଘରେ ଓ ମେଜ ଉପରେ ରଖି ଦିଆଯିବ । ସମ୍ବାଦପତ୍ରର ଅଧିକାରୀମାନେ ବଙ୍ଗୀୟ ଗବର୍ଣ୍ଣମେଣ୍ଟର ପ୍ରଧାନ ସେକ୍ରେଟାରୀଙ୍କ ନିକଟରେ ଆବେଦନ କଲେ ସେମାନଙ୍କର ଉଚିତ ପ୍ରତିନିଧିଙ୍କ ସେକ୍ରେଟାରୀ ମହୋଦୟ ଟିକଟ ଦେବେ ଯେ ସେହି ଟିକଟ ଦେଖାଇ ସେମାନେ ସେ ଘରେ ପ୍ରବେଶ କରିପାରିବେ । ସେକ୍ରେଟାରୀ ଯେଉଁ ସମ୍ବାଦପତ୍ରକୁ ଯୋଗ୍ୟ ବିବେଚନା କରିବେ ତାହାର ପ୍ରତିନିଧିକୁ ପ୍ରବେଶର ଟିକଟ ଦେବେ । ଯେ ସମସ୍ତ ସମ୍ବାଦପତ୍ର ପ୍ରବେଶର ଅଧିକାର ପାଇବେ ସେମାନଙ୍କୁ ସରକାରୀ ରିପୋର୍ଟ, ମନ୍ତବ୍ୟ ଇତ୍ୟାଦି ଯୋଗାଇବାର ପ୍ରଚଳିତ ରୀତି ରହିତ ହେବ । ଏ ନିୟମରେ ସରକାରୀ ସମ୍ବାଦ ପ୍ରଧାନ ସମ୍ବାଦପତ୍ରମାନଙ୍କୁ ଯୋଗାଇବାର ଅଧିକ ସୁବିଧା ହେଲା । ମାତ୍ର ବାର୍ଷିକ ଓ ସାମୟିକ ସରକାରୀ ରିପୋର୍ଟମାନ ପ୍ରତି ଏ ନିୟମ ଖଟିଲେ ସମ୍ପାଦକମାନେ ଅବସର କ୍ରମେ ସମାଲୋଚନା କରିବାର ଯେଉଁ ସୁବିଧା ଭୋଗ କରିଆସୁଅଛନ୍ତି ତହିଁରୁ ବଞ୍ଚିତ ହେବେ ଏବଂ ତାହା ଭଲ ବୋଧ ହେଉ ନାହିଁ ।

---

ହାଟରେ ଚିକିତ୍ସା ।

ମୋଫସଲର ଅଧିକାଂଶ ସ୍ଥାନରେ ଡାକ୍ତର ଖାନା ନ ଥିବାରୁ ସହଜ ରୋଗରେ ମଧ୍ୟ ଅନେକ ରୋଗୀ ଚିକିତ୍ସା ଅଭାବରେ କଷ୍ଟ ଭୋଗ କରନ୍ତି । ତହିଁର ପ୍ରତୀକାର ନିମନ୍ତେ ବାଲେଶ୍ବରର ଜିଲ୍ଲା ବୋର୍ଡ଼ ବ୍ୟବସ୍ଥା କରୁଅଛନ୍ତି କି କେତେଜଣ ଦେଶୀ ଡାକ୍ତର ଔଷଧ ସଙ୍ଗେ ନେଇ ହାଟ ପାଳିରେ ନାନା ହାଟରେ ବୁଲିଲେ ସେ ଅଞ୍ଚଳର ରୋଗିମାନେ ସେମାନଙ୍କ ଦ୍ବାରା ସହଜରେ ଚିକିତ୍ସିତ ହୋଇ ପାରିବେ । ଏହି ବ୍ୟବସ୍ଥା କଟକ ଜିଲ୍ଲାରେ ପ୍ରଚଳିତ କରିବ ବିଷୟ ବିବେଚନା ନିମନ୍ତେ ବିଭାଗୀୟ କମିଶ-ନର ଲେଖିଥିବାରୁ ଏଠା ଜିଲ୍ଲା ବୋର୍ଡର ଗତ ଅଧିବେଶନରେ ସେ ପ୍ରସଙ୍ଗ ପଡ଼ିଥିଲା । ସଭ୍ୟରେ ବିବେଚନା ହେଲା କି ଏ ପ୍ରଦେଶର ପ୍ରଧାନ ସାଧାରଣ ରୋଗ-ଜ୍ବର ସକାଶେ ପ୍ରତ୍ୟେକ ଡାକଘରେ ଏବେ ପଇସାକୁ ଏକପାକ କୁଇ-ନାଇନ ବିକ୍ରୟ ହେବାଦ୍ବାରା ଯଥେଷ୍ଟ ସୁବିଧା ହୋଇଅଛି । ଡାକ୍ତରମାନେ ହାଟରେ ବୁଲି ଜ୍ବର ଏବଂ ଅନ୍ୟାନ୍ୟ ସାଧାରଣ ରୋଗର ଔଷଧ ବାଣ୍ଟିଲେ ଅଧିକ ଉପକାର ହେବ ସନ୍ଦେହ ନାହିଁ । ମାତ୍ର ବିନା ମୂଲ୍ୟରେ ଔଷଧ ପାଇବାର ପାସାପାସିର ବିଚାର ରହିବା ଏବଂ ଚିକିତ୍ସାର ଫଳାଫଳ ବୁଝିବା ସୁକଠିନ ହେବ । ଏପରି ଡାକ୍ତରଙ୍କର କାର୍ଯ୍ୟ ଓ ଔଷଧର ଖରଚ ପ୍ରତି ଦୃଷ୍ଟି ରଖିବାର ସୁବିଧା ନ ହେଲେ ଅପବ୍ୟୟର ଅନ୍ତ ରହୁ ପାରିବ ନାହିଁ । ତଥାପି ଏହି ହିତକର ପ୍ରସ୍ତାବ ଏକାବେଳେ ଅଗ୍ରାହ୍ୟ କରିବା ଉଚିତ ନୁହେ । ଅତଏବ ବର୍ତ୍ତମାନ ଧର୍ମଶାଳା ଏବଂ ଜଗତ୍‌ସିଂହପୁରର ଡାକ୍ତରମାନେ ପରୀକ୍ଷା-ସ୍ବରୂପ ସେହି ୨ ସ୍ଥାନର ନିକଟବର୍ତ୍ତୀ ହାଟମାନଙ୍କୁ ହାଟ ପାଳିରେ ଯାଇ ଚିକିତ୍ସା କରିବେ ଏବଂ ତହିଁର ଫଳ ଦେଖାଗଲାରୁ ତହିଁର ପ୍ରସାର ବା ଅନ୍ୟ ଯାହା ଆବଶ୍ୟକ ହେବ ତାହା କରାଯିବ । ଏ ଜିଲ୍ଲାର କେଉଁ ଡାକଘରେ କେତେ କୁଇନାଇନ ବର୍ଷରେ ବିକା ହୁଏ ବା ଜରବର୍ଷ କେତେ ବିକା ହୋଇଥିଲା ତହିଁର ତାଲିକା ଜିଲ୍ଲାର ସଦର ଡାକଘରୁ ଆଣାଇଲେ ମୋଫସଲ

Digitized by srujanika@gmail.com

ବାସିଙ୍କର ଇଂରାଜୀ ଔଷଧ ପ୍ରତି ବିଶ୍ୱାସ ଓ ଅନୁରାଗର ପରିମାଣ ଜଣା ପଡ଼ିବ । କୁଇନାଇନ ପରି ଅନ୍ୟ କୌଣସି ଔଷଧ ଡାକଘରେ ବିକ୍ରୟ ହେବାର ଯୋଗ୍ୟ ଥିଲେ ତହିଁର ବ୍ୟବସ୍ଥା ସକାଶେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବା ବାଞ୍ଛନୀୟ । ଫଳତଃ ଏ ସମସ୍ତ ଉପାୟଦ୍ୱାରା ଆଂଶିକ ଉପକାର ହେବାର କଥା । ମୋଫସଲରେ ପଟୁଆ ବୈଦ୍ୟର ସଂଖ୍ୟା ପ୍ରାୟ ଲୋପ ହେବାକୁ ବସିଅଛି ଓ ସଙ୍ଗେ ୨ ଅନାଡ଼ି ବୈଦ୍ୟର ସଂଖ୍ୟା ଯେପରି ବଢ଼ୁଅଛି ଏବଂ ପ୍ରାଚୀନ ନୈତିକ ନିୟମ ପରିବର୍ତ୍ତନ ଏବଂ ବିଳାସିତା ବୃଦ୍ଧିରେ ରୋଗର ପ୍ରାଦୁର୍ଭାବ ଯେପରି ପ୍ରବଳ ହେଉଅଛି ସାଧାରଣ ଚିକିତ୍ସାଳୟର ସଂଖ୍ୟା ବୃଦ୍ଧି ବିନା ଅନ୍ୟ ଭଲ ପ୍ରତୀକାର ଦେଖା ଯାଉ ନାହିଁ । ଅନ୍ତତଃ ଏ ଜିଲ୍ଲାର ପ୍ରତ୍ୟେକ ଥାନା ନିକଟରେ ଗୋଟିଏ ଲେଖାଏଁ ସ୍ଥାୟୀ ଡାକ୍ତରଖାନା ରହିଲେ ଅନେକ ଉପକାର ହେବ ଏବଂ ଏ ବିଷୟରେ ଜିଲ୍ଲା ବୋର୍ଡ଼ର ବିଶେଷ ମନୋଯୋଗୀ ହେବା କର୍ତ୍ତବ୍ୟ ଅଟେ ।

## ବିଦ୍ୟାଳୟରେ ଦେଶୀ ଖେଳ ।

ବଙ୍ଗୀୟ ଶିକ୍ଷାବିଭାଗର ଡିରେକ୍ଟର ନିମ୍ନଲିଖିତ ସର୍କ୍ୟୁଲର ପ୍ରଚାର କରିଥିବାର ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଯଥା—

କାବାଡ଼ି, କବାଟୀ ପ୍ରଭୃତି ଦେଶୀୟ କ୍ରୀଡ଼ା ଗୁଡ଼ିକ ପୂର୍ବେ ଖୁବ ପ୍ରଚଳ ଥିଲା । ଇଦାନୀଂ ଫୁଟବଲ କ୍ରିକେଟ ଖେଳ ହେବାରୁ ସେଗୁଡ଼ିକ ଯେମନ୍ତ କି କେ-"ଫ୍ୟାସନ" ହୋଇ ପଡ଼ୁଅଛି । ପିଲାମାନଙ୍କ ମଧ୍ୟରେ ଏହାର ଆଉ ଅଭ୍ୟାସ ହେଉ ନାହିଁ । ଫୁଟବଲ କ୍ରିକେଟ ଖେଳ ନିତାନ୍ତ ବ୍ୟୟସାଧ୍ୟ, ସୁତରାଂ ସମସ୍ତ ପିଲାମାନଙ୍କ ପକ୍ଷରେ ବିଶେଷତଃ ମଧ୍ୟ ଓ ପ୍ରାଥମିକ ଶ୍ରେଣୀର ସ୍କୁଲ ପିଲାମାନଙ୍କର ଅଧିକାଂଶସ୍ଥଳେ ଏହି ଖେଳ ଘଟଣା ହୁଏ ନାହିଁ । ସେମାନେ ଏହାର ବ୍ୟୟ ଯୋଗାଇବାକୁ ସମର୍ଥ ନୁହନ୍ତି । ଏପରି ହେବା ଠିକ ନୁହେ । ସେଥିପାଇଁ ସ୍କୁଲ ସମୂହର ପରିଦର୍ଶକ କର୍ମଚାରୀମାନଙ୍କୁ ଅନୁରୋଧ କରୁଁ ଯେ, ସେମାନେ ଯେତେବେଳେ ଯେଉଁ ସ୍କୁଲ ପରିଦର୍ଶନ କରିବାକୁ ଯିବେ, ସେହି ସ୍କୁଲର ଶିକ୍ଷକମାନଙ୍କୁ ଯେପରି ବିଶେଷ କରି ଏହିଟି ବୁଝାଇ ଦେଇ ଆସିବେ ଯେ, ସ୍ୱାସ୍ଥ୍ୟବର୍ଦ୍ଧକ ଖେଳରେ ପିଲାମାନଙ୍କୁ ଉତ୍ସାହିତ କରିବା ସେମାନଙ୍କର କର୍ତ୍ତବ୍ୟକର୍ମ ମଧ୍ୟରେ ଗୋଟିଏ ଅଟେ । ଏ କଥା ଯେପରି ସେମାନେ ସର୍ବଦା ସ୍ମରଣ ରଖିବେ ଓ ଫୁଟବଲ କ୍ରିକେଟ ପ୍ରଭୃତି ବ୍ୟୟସାଧ୍ୟ ଖେଳ ବଦଳରେ ଦେଶୀ ଖେଳ କାବାଡ଼ି, କବାଟୀ ପ୍ରଭୃତିକୁ ସ୍ଥାନ ଦେଇ ସେହି ସବୁ ଖେଳରେ ପିଲାମାନଙ୍କୁ ପ୍ରବୃତ୍ତ କରିବେ । ଏଥିରେ ବ୍ୟୟ କିଛି ନାହିଁ । ପିଲାମାନେ ଯେତେବେଳେ ଏହି ସବୁ ଖେଳ ଖେଳିବେ ସେତେବେଳେ ସ୍କୁଲର ଜଣେ ଶିକ୍ଷକ ଯେପରି ସେଠାରେ ଉପସ୍ଥିତ ରହିବ ତହିଁର ବନ୍ଦୋବସ୍ତ କରିବେ । କେବଳ ଗୋଟିଏ କଥା କହି ରଖୁଅଛୁଁ ଯେ, ଉଚ୍ଚ, ମଧ୍ୟ ଓ ପ୍ରାଥମିକ ସ୍କୁଲ ସମୂହରେ ଯେ ଡ୍ରିଲ ଶିକ୍ଷାଦାନର ବ୍ୟବସ୍ଥା ହୋଇ ଅଛି, ଏହି ସବୁ ଦେଶୀ ଖେଳର ପ୍ରଚଳନରେ ସେଥିରେ ଯେପରି କୌଣସି ପ୍ରକାର ଔଦାସ୍ୟ ଦେଖାଇବାର ନ ହୁଏ । ଡ୍ରିଲଶିକ୍ଷା ଯେପରି ହେଉଅଛି ସେହିପରି ହେବା ଉଚିତ ।

ଡିରେକ୍ଟର ମହୋଦୟଙ୍କର ଉପରଲିଖିତ ଆଦେଶ ପଢ଼ି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । କ୍ରିକେଟ ଫୁଟବଲ ପ୍ରଭୃତି ବ୍ୟୟସାଧ୍ୟ ଖେଳ ଏ ଦେଶୀୟ ଗରିବ ଲୋକଙ୍କର ଅବସ୍ଥାର ଅନୁରୂପ ନୁହେ ଏବଂ ଏତେଦିନେ ଶିକ୍ଷା ବିଭାଗର ପ୍ରଧାନ କର୍ତ୍ତା ତାହା ବୁଝି ପାରିଲେ ଅମ୍ଭମାନଙ୍କର ସୌଭାଗ୍ୟର ବିଷୟ ବୋଲିବାକୁ ହେବ । ସକଳ ବିଦ୍ୟାଳୟରେ ଏଣିକି ଏହି ଦେଶୀୟ ଖେଳର ଚର୍ଚ୍ଚା ହେବା ବାଞ୍ଛନୀୟ । ଆଶା ହୁଅଇ ଶିକ୍ଷକମାନେ ଡିରେକ୍ଟର ମହୋଦୟଙ୍କର ଅଭିପ୍ରାୟ ସଫଳ କରିବାକୁ ଯତ୍ନବାନ ହେବେ । ଡ୍ରିଲଶିକ୍ଷା ସ୍ଥିର ରଖିବାର ଆଦେଶ ମଧ୍ୟ ଉଚିତ ହୋଇଅଛି । ଡ୍ରିଲରେ ବ୍ୟାୟାମ ସଙ୍ଗେ ନିୟମାନୁବର୍ତ୍ତିତା ଶିକ୍ଷା ହୁଏ ଏବଂ ତାହା ଗୋଟିଏ ହିତକର ସାଧନା ।

## ବଙ୍ଗର ବିଭାଗ ।

ବଙ୍ଗପ୍ରଦେଶର ବିଭାଗ ବିରୁଦ୍ଧରେ ବିଲାତକୁ ତାରସମ୍ବାଦ ଓ ଆବେଦନପତ୍ର ପଠାଯିବାର ପାଠକମାନଙ୍କୁ ଜଣାଅଛି । ଏଥିମଧ୍ୟରେ ପାର୍ଲିୟାମେଣ୍ଟ ସଭାରେ ଏକଦିନ ଏ ପ୍ରସଙ୍ଗ ପଡ଼ିଥିଲା । ଭାରତୀୟ ଷ୍ଟେଟସେକ୍ରେଟରୀ ବିଭାଗର ପୋଷକତା କରିଥିଲେ ସମସ୍ତ ବିବରଣ ତାହାଙ୍କୁ ଜଣା ନ ଥିବା ଏବଂ ତାହା ଶୀଘ୍ର ଭାରତଗବର୍ଣ୍ଣମେଣ୍ଟଠାରୁ ବୁଝି ସଭାରେ ପ୍ରକାଶ କରିବାକୁ କହିବାରେ ଶେଷ ନିଷ୍ପତ୍ତି ହୋଇ ପାରିଲା ନାହିଁ । ବର୍ତ୍ତମାନ ପାର୍ଲିୟାମେଣ୍ଟ ବନ୍ଦ ଅଛି । ଆସନ୍ତା ଫେବୃୟାରୀ ମାସରେ ଫିଟିବ । ଏଥିମଧ୍ୟରେ ଭାରତ ଗବର୍ଣ୍ଣମେଣ୍ଟ ଚଞ୍ଚଳ ବିଭାଗ କରିପକାଇଲେ ପଛକୁ ବିଚାରରେ ସୁଫଳ ଲାଭର ସମ୍ଭାବନା ଅତ୍ୟଳ୍ପ ଦେଖାଯାଏ । ଆସନ୍ତା ଅକ୍ଟୋବର ମାସରେ ବିଭାଗ ଆଦେଶ ପ୍ରବଳ କରିବାର ଆୟୋଜନ ହେଉଅଛି ବୋଲି ଶୁଣାଯାଏ । ମାତ୍ର ଲର୍ଡକର୍ଜନଙ୍କର ବିଦାୟ ହେଲୁ ତହିଁରେ ବିଳମ୍ବ ଘଟିବ ବୋଲି କେତେଲୋକ ଅନୁମାନ କରୁଅଛନ୍ତି ଏବଂ ନୂତନ ଗବର୍ଣ୍ଣର ଜେନେରଲଙ୍କଠାରେ ସୁବିଚାରର ବଡ଼ ଆଶା ଅଛି । ବାସ୍ତବରେ ସେ ଯେବେ ବିଚାର କରି ଦେଖିବେ ତେବେ ନିଶ୍ଚୟ ବୁଝିପାରିବେ ଯେ ବଙ୍ଗବିଭାଗର ଆଦେଶଟା ନ୍ୟାୟସଙ୍ଗତ ନୁହଇ ଏବଂ ତହିଁବିରୁଦ୍ଧରେ ବଙ୍ଗବାସିଙ୍କର ପ୍ରତିବାଦ ଅସାର ନୁହେ । ସେ ସ୍ପଷ୍ଟ ଦେଖିବେ ଯେ ବିଭାଗର ପ୍ରବଳ କାରଣ କିଛି ନାହିଁ ଏବଂ ଲର୍ଡକର୍ଜନ କେବଳ ଆପଣା ଜିଦ ରଖିବାପାଇଁ ସେପରି ଆଦେଶ ଦେଇଅଛନ୍ତି ଓ ତହିଁର ଉପଯୁକ୍ତ ହେତୁ କିଛି ଦେଖାଇ ପାରି ନାହାନ୍ତି । ବିଲାତର ସେକ୍ରେଟରୀ ମଧ୍ୟ ସ୍ପଷ୍ଟ କହୁଅଛନ୍ତି ଯେ ଲର୍ଡକର୍ଜନଙ୍କର ମନ ରଖିବାପାଇଁ ସେ ସେହି ବିଭାଗ ପ୍ରସ୍ତାବକୁ ମଞ୍ଜୁର କରୁଅଛନ୍ତି । ଏଥିରୁ ବୁଝାଯାଉଅଛି ଯେ ବିଭାଗର ଆବଶ୍ୟକତା ତାହାଙ୍କ ମନକୁ ଘେନ ନାହିଁ । ଲର୍ଡକର୍ଜନ ବିଦାୟ ହୋଇଗଲେ ସୁତରାଂ ମନରକ୍ଷା ଭାବଟା ମେଣ୍ଟିଗଲା । ଏଣିକି ଯେବେ ସମସ୍ତ ବିବରଣ ଅବଗତ ହୋଇ ନିରପେକ୍ଷ ଚିତ୍ତରେ ବିଚାର କରିବେ ତେବେ ଆଶା ହୁଅଇ ସେ ପାର୍ଲିୟାମେଣ୍ଟ ସଭାରେ ନିଜର ମନ୍ତବ୍ୟ ସମର୍ଥନ ସକାଶେ ଜିଦ କରିବେ ନାହିଁ । ଯାହା ହେଉ ଏହି ଆଶାରେ ଉତ୍ସାହିତ ହୋଇ ବଙ୍ଗବାସିମାନେ ଦ୍ୱିଗୁଣ ବଳରେ ଆନ୍ଦୋଳନ ଲଗାଇଅଛନ୍ତି ଏବଂ ଏମନ୍ତ ଦିନ ନାହିଁ କି ଯେଉଁଦିନ ବଙ୍ଗର କୌଣସି ଏକସ୍ଥାନରେ ପ୍ରତିବାଦ ସଭା ହୋଇ ନାହିଁ । ବଙ୍ଗର ସମସ୍ତ ସମ୍ବାଦପତ୍ରରେ ଏହି ଚର୍ଚ୍ଚା ପ୍ରଧାନ ହୋଇଅଛି ଏବଂ ସମସ୍ତରାଜ୍ୟରେ ଏକେବାରେ ସାଧାରଣ ବିଷାଦ ଉପସ୍ଥିତ ହୋଇଅଛି । ପ୍ରଜାମାନଙ୍କର ମନରେ ଏତେ କଷ୍ଟ ଦେବା ରାଜା ବା ରାଜପ୍ରତିନିଧିଙ୍କର ଉଚିତ ନୁହେ । ବିଭାଗ ଆଦେଶଟା ବଙ୍ଗପ୍ରତି ନିତାନ୍ତ ଅନିଷ୍ଟକର ହୋଇଅଛି । ଉତ୍କଳର ସେହି ସୁଯୋଗରେ ଫଳ ହେବାର ଯେ ଆଶାଥିଲା ତାହା ପୂର୍ଣ୍ଣ ନ ହେବାରୁ ଉତ୍କଳୀୟମାନେ ମଧ୍ୟ ଦୁଃଖିତ । ଏହି ବ୍ୟାପାରରେ ଲର୍ଡକର୍ଜନ ଯେମନ୍ତ ଦର୍ପ ଭଙ୍ଗୁର ମାନଦଣ୍ଡ ଗଡ଼ ବସିଅଛନ୍ତି ।

## ଲର୍ଡକର୍ଜନଙ୍କର ବିଦାୟ ।

ଆମ୍ଭମାନଙ୍କର ରାଜପ୍ରତିନିଧି ମହାମାନ୍ୟ ଲର୍ଡକର୍ଜନ ପଦତ୍ୟାଗ କରିବାର କଥା ଏଥିପୂର୍ବେ ଥରେ ଶୁଣା ଯାଇଥିଲା ମାତ୍ର ସେ ତାହା ପ୍ରତ୍ୟାହାର କରିଥିଲେ । ବର୍ତ୍ତମାନ କଠାରୁ ସରକାରୀ ସମ୍ବାଦ ଆସିଅଛି ଯେ ସେ

Split by PDF Splitter
Digitized by srujanika@gmail.com

Split by PDF Splitter



ପଦତ୍ୟାଗ କରିଅଛନ୍ତି ଏବଂ ତାହାଙ୍କ ସ୍ଥାନରେ ଲର୍ଡ ମିଣ୍ଟୋ ଭାରତର ରାଜପ୍ରତିନିଧି ଓ ଗବର୍ଣ୍ଣର ଜେନେରଲ ହୋଇଅଛନ୍ତି । ପଦତ୍ୟାଗର କାରଣ ପୂର୍ବପରି ଭାରତର ସୈନିକ କାର୍ଯ୍ୟ ବିଭାଗ-ଘଟିତ ଥିବାର ଜଣାଯାଏ । ସେଥର ସୈନିକ ବିଭାଗରେ ଜଙ୍ଗିଲାଟଙ୍କର ଅତ୍ୟନ୍ତ କ୍ଷମତା ବୃଦ୍ଧିରେ ବଡଲାଟଙ୍କର ଅଧିକାର ଖର୍ବ ହେବା ହେତୁ ଲର୍ଡକର୍ଜନ ପଦତ୍ୟାଗ କରିଥିଲେ ମାତ୍ର ବିଲାତର ଷ୍ଟେଟ ସେକ୍ରେଟରୀ ବଡଲାଟଙ୍କର ପରାମର୍ଶ ମତେ ସେ ସମ୍ବନ୍ଧୀୟ କେତେକ ନିୟମ ପରିବର୍ତ୍ତନ କରିବାରୁ ବଡଲାଟ ସନ୍ତୁଷ୍ଟ ହୋଇ ଇସ୍ତଫା ଫେରାଇ ନେଇଥିଲେ । ସୈନିକ ବିଭାଗର ସଂଶୋଧିତ ନିୟମାନୁସାରେ ବଡଲାଟଙ୍କ ସଭାରେ ଯେଉଁ ସଦସ୍ୟ ନିଯୁକ୍ତ ହେବାର ଅଛି ବଡଲାଟ ଲର୍ଡକର୍ଜନ ସେହି ପଦରେ ଜେନେରଲ ବାରେଙ୍କୁ ନିଯୁକ୍ତ କରିବା କାରଣ ଅନୁରୋଧ କଲେ । ମାତ୍ର ଭାରତ ସେକ୍ରେଟରୀ ଶ୍ରୀଯୁକ୍ତ ବ୍ରଡରିକ ସାହେବ ତାହାଙ୍କୁ ଅଯୋଗ୍ୟ ବିବେଚନା କରି ଜଙ୍ଗିଲାଟଙ୍କ ପରାମର୍ଶରେ ଆଉ ଏକଜଣ ଯୋଗ୍ୟ କର୍ମଚାରୀ ମନୋନୀତ କରି ପଠାଇବା କାରଣ ଲେଖି ପଠାଇଲେ । ବଡଲାଟ ଏଥିରେ ସମ୍ମତ ନ ହୋଇ ଉତ୍ତର ଦେଲେ କି ତାହାଙ୍କର ପ୍ରସ୍ତାବ ରକ୍ଷା ନ ହେଲେ ସେ ପଦତ୍ୟାଗ କରିବେ । ଷ୍ଟେଟସେକ୍ରେଟରୀ ଉତ୍ତର ଦେଲେ କି ନିଯୋଗ କରିବାର କ୍ଷମତା ତାହାଙ୍କର ଏବଂ ସେ ବଡଲାଟଙ୍କର ଟେକ ରଖିବାପାଇଁ ଅନେକ ବିଷୟରେ ତାହାଙ୍କର ଅନୁରୋଧ ରକ୍ଷା କରିଅଛନ୍ତି ଏବଂ ବଙ୍ଗର ବିଭାଗ ବ୍ୟାପାର ତହିଁ ମଧ୍ୟରେ ଗୋଟିଏ ଅଟେ ମାତ୍ର ଏ ବିଷୟରେ ତାହା କରିବାର ଉପାୟ ନାହିଁ । ଅତଏବ ବିଲାତର ପ୍ରଧାନ ମନ୍ତ୍ରୀଙ୍କୁ ଲର୍ଡକର୍ଜନଙ୍କର ଇସ୍ତଫା ପ୍ରଦାନ କରିବାରେ ସେ ସମ୍ରାଟଙ୍କୁ ଜଣାଇ ମଞ୍ଜୁର କରାଇଅଛନ୍ତି । ସୈନିକ ବ୍ୟାପାର ନେଇ ପ୍ରଥମରୁ ଯେତେବେଳେ ଭାରତ ସେକ୍ରେଟରୀଙ୍କ ସଙ୍ଗେ ମତଭେଦ ଘଟିଥିଲା ସେତେବେଳେ ଇସ୍ତଫା ଫେରାଇ ନ ନେଇ ସେହି ସମୟରୁ ପଦତ୍ୟାଗ କରିଥିଲେ ଲର୍ଡ-କର୍ଜନ ଅଧିକ ଟେକ ରଖି ପାରିଥାନ୍ତେ । ଯାହାହେଉ ସେହି ବ୍ୟାପାର ସମ୍ପର୍କରେ ପରିଶେଷରେ ପଦତ୍ୟାଗ କରିବାକୁ ବାଧ୍ୟ ହୋଇଅଛନ୍ତି ଏବଂ ଶୀଘ୍ର ବିଦାୟ ହୋଇଯିବେ । ଏ ଦେଶରେ ଆଉ ମାସ ୨ ମାସ ତାହାଙ୍କର ରହିବାର ଥିଲା । ଅତଏବ ତାହାଙ୍କର ଅଧିକ କ୍ଷତି ହୋଇ ନାହିଁ । ଅନ୍ୟ ଦିଗରେ ତାହାଙ୍କର ବିଦାୟରେ ଭାରତର ଯଶ ହେବାର ହେତୁ କରୁ ନାହାନ୍ତି । ସେ ଭାରତକୁ ବଡ ଦେଖି ପାରୁଥିଲେ ଏବଂ ଭାରତର ହିତ ଲୋଡୁଥିଲେ । ମାତ୍ର ତାହାଙ୍କର ବିଚାର ଦୋଷରୁ ହେଉ ବା ଆମ୍ଭମାନଙ୍କର ଭାଗ୍ୟ ଦୋଷରୁ ତାହାଙ୍କଦ୍ୱାରା ଭାରତର ଇଷ୍ଟାପେକ୍ଷା ଅନିଷ୍ଟର ଭାଗ ବଳପଡ଼ିଅଛି ଏବଂ ତାହାଙ୍କ ବିଦାୟରେ ଲୋକେ ଦୁଃଖିତ ହେବାର ଜଣା ଯାଉ ନାହିଁ ।

## ଦେଶୀୟ ଦ୍ରବ୍ୟର ଆନ୍ଦୋଳନ ।

ଗତ ରବିବାର ଅପରାହ୍ନ ୫ଘଣ୍ଟିକା ସମୟରେ ଏଠା ମିଉନିସିପାଲିଟୀ ଜୁବିଲି ଉଦ୍ୟାନରେ ସ୍ୱଦେଶୀୟ ଦ୍ରବ୍ୟ ବ୍ୟବହାର ସମ୍ବନ୍ଧରେ ଗୋଟିଏ ସଭା ହୋଇଥିଲା । ସଭା ସମୟ ପୂର୍ବରେ ବୃଷ୍ଟି ହୋଇଥିବାରୁ ଓ ତତ୍କାଳୀନ ଆକାଶ ମେଘାଚ୍ଛନ୍ନ ଥାଇ ଅଳ୍ପ ଅଳ୍ପ ବିନ୍ଦୁପତନ ହେଉଥିଲେ ସୁଦ୍ଧା ସଭାକୁ ଅନେକ ଲୋକ ଆଗମନ କରିଥିଲେ । ସଭା ଗୃହଟି ଉପସ୍ଥିତ ଭଦ୍ରମଣ୍ଡଳୀରେ ପୂର୍ଣ୍ଣ ହୋଇଥିଲା । ମାତ୍ର ସଭାରେ କଲେଜ ଓ ସ୍କୁଲ ଛାତ୍ର ଅଧିକାଂଶ ଥିଲେ । ଯାହାହେଉ ବାଧା ବିଘ୍ନ ପାଇ ସୁଦ୍ଧା ସଭାର କାର୍ଯ୍ୟ ହୋଇଥିଲା । ସଭାମଣ୍ଡପରେ ଅନେକଗୁଡ଼ିଏ ଦେଶୀୟ ବସ୍ତ୍ରାଦି ରଖା ହୋଇଥିଲା ଓ ଉପସ୍ଥିତ ସମସ୍ତଙ୍କ ଚିତ୍ତ ଆକର୍ଷିତ ହୋଇଥିଲା । ବାବୁ ମଧୁସୂଦନ ଦାସ ପ୍ରଥମେ ପ୍ରସ୍ତାବକ ହୋଇ ଅସମ୍ମତ ହୁଅନ୍ତେ ବାବୁ ଜାନକୀନାଥ ବସୁ ବି ଏଲ ସଭାପତି ପଦରେ ବରିତ ହେଲେ । ସଭାପତି ମହୋଦୟ ସଭାର ଉଦ୍ଦେଶ୍ୟ ବୁଝାଇ ଦେଇ କହିଥିଲେ ଏ ସଭା ବକ୍ତୃତା ସକାଶେ ହୋଇ ନାହିଁ, ମାତ୍ର କାର୍ଯ୍ୟ ସକାଶେ ଏବଂ ସେ କାର୍ଯ୍ୟ ସମସ୍ତେ ବୁଝିଅଛନ୍ତି, ବୁଝାଇବାକୁ ହେବ ନାହିଁ । ତତ୍ପରେ ବିଦେଶୀୟ ପଦାର୍ଥ ବଦଳରେ ଯେଉଁସବୁ ସ୍ୱଦେଶୀ ଦ୍ରବ୍ୟ ପ୍ରାପ୍ତ ହେବ ତାହା ବ୍ୟବହାର କରିବା ନିମନ୍ତେ ଯେଉଁମାନେ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରିଥିଲେ ସେମାନଙ୍କର ନାମ ପାଠ କଲେ । କଟକ ଟାଉନ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଧୀରେନ୍ଦ୍ରନାଥ ଚୌଧୁରୀ ଅତି ସଂକ୍ଷେପରେ ସ୍ୱଦେଶୀୟ ଦ୍ରବ୍ୟର ବ୍ୟବହାରର କାରଣ ଦର୍ଶାଇଥିଲେ । ବାବୁ ଭକ୍ତନାଥ କର ଗୋଟିଏ ସବକମିଟୀର ପ୍ରସ୍ତାବ କରିବାରେ ତାହା ଧାର୍ଯ୍ୟ ହେଲା । ପରିଶେଷରେ ସଭାପତିଙ୍କ ଅନୁରୋଧ ମତେ ବାବୁ ମଧୁସୂଦନ ଦାସ ଗୋଟିଏ ଦୀର୍ଘ ବକ୍ତୃତା କରି କହିଲେ ଯେ ପ୍ରତିଜ୍ଞା କରିବା ଯଥେଷ୍ଟ ନୁହେ ତାହା ପାଳିବାକୁ ଅତ୍ୟନ୍ତ ଚେଷ୍ଟା କରିବା ଏବଂ ତହିଁପାଇଁ ଆତ୍ମସଂଯମ ଏକାନ୍ତ ଆବଶ୍ୟକ । ଦଶଜଣ ଏକତ୍ରେ ବସି ଗୋଟିଏ ବିଷୟ ବିଚାର କରି ଅଧିକାଂଶ ମତରେ ଯାହା ସ୍ଥିର କରିବେ ସମସ୍ତେ ଦୃଢ଼ଚିତ୍ତରେ ତାହା ପାଳନ କରିବେ ଏହାର ଆତ୍ମସଂଯମର ପ୍ରକୃତ ପଥ ଅଟେ । ପ୍ରତିଜ୍ଞା ପାଳିବା ସକାଶେ କିଛି ତ୍ୟାଗ ସ୍ୱୀକାର କରିବାକୁ ହେବ । ସାଧାରଣ ସ୍ୱାର୍ଥ ନିମନ୍ତେ ନିଜର ସ୍ୱାର୍ଥ କିଛି ତ୍ୟାଗ କରିବା ଉଚିତ । ଅଧିକ ତ୍ୟାଗସ୍ୱୀକାର କରିବାକୁ ସେ ଅନୁରୋଧ କରୁ ନାହାନ୍ତି । ଦିନ ରାତ୍ର ମଧ୍ୟରେ ନିତ ଅନ୍ତତଃ ୧୦।୫ ମିନିଟ ଆପଣା ପରିବାର ବା ବନ୍ଧୁମାନଙ୍କ ସଙ୍ଗେ ଦେଶର ହିତକଥା ଆଲୋଚନା କରିବାକୁ ସେ ଅନୁରୋଧ କରୁଅଛନ୍ତି । ଏହା ସମସ୍ତେ ପାରନ୍ତି ଏବଂ ଏହି ଅଭ୍ୟାସ ହେଲେ ତହିଁର ଉପକାର ଅଳ୍ପଦିନରେ ଜଣାପଡ଼ିବ । ଜୋତା ବ୍ୟବହାର ସମ୍ବନ୍ଧରେ କହିଥିଲେ ଯେଉଁ ଦେଶରେ ଯେପରି ଜୋତା ଅଛି ସେହି ଜୋତା ବ୍ୟବହାର କରିବା ଉଚିତ ତାହା କଦାକାର ବୋଲି ବ୍ୟବହାର୍ଯ୍ୟ ନୁହେ ଏପରି ଜ୍ଞାନ କରିବା ଭ୍ରମଜନକ । ଜାପାନ ଜେନେରଲ ଟୋଗୋଙ୍କ ଜୋତା କଦାକାର ହୋଇଥିଲେ ସୁଦ୍ଧା ସେ ତାଙ୍କର ଦେଶ ଜୋତାକୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଅତଏବ ଆମ୍ଭମାନଙ୍କର ମଧ୍ୟ ସେହିପରି ସ୍ୱଦେଶୀ ଜୋତା ପ୍ରତି ପ୍ରେମ ଦେଖାଇବା ଉଚିତ । ଦାସ ମହୋଦୟ ଇଂଲଣ୍ଡର ଏକ ଜୋତା ଦୋକାନରେ ଇଂଲଣ୍ଡର ଜୋତା ଅପେକ୍ଷା ଜରମାନର ଜୋତା ୮।୨।୯ ଟଙ୍କା ଊଣା ମୂଲ୍ୟରେ ବିକ୍ରୟ ହେଉଥିବା ସ୍ଥଳେ ଜଣେ ସାମାନ୍ୟ ଇଂରେଜ ଗାଡ଼ିବାନ ଅଧିକା ମୂଲ୍ୟ ଦେଇ ସ୍ୱଦେଶୀ ଜୋତା କିଣିଲା । ଅଥଚ ଇଂଲଣ୍ଡୀୟ ଜୋତାପେକ୍ଷା ଜରମାନ ଜୋତା କୌଣସି ଅଂଶରେ ନ୍ୟୁନ ନ ଥିଲା । ଦାସ ମହୋଦୟ ତାଙ୍କୁ କାରଣ ପଚାରିବାରେ ସେ ଉତ୍ତର କରିଥିଲେ ଯେ ଦେଶର ଟଙ୍କା ଦେଶରେ ଚଳ ପ୍ରଚଳ ହେବ ଏବଂ ସେ ମଧ୍ୟ ବ୍ୟବସାୟ ସୂତ୍ରରେ ତହିଁର କିଛି ଭାଗ ପାଇ ପାରିବ, ମାତ୍ର ଜରମାନ ଜୋତାର ମୂଲ୍ୟ ସେ ଦେଶକୁ ବାହାରିଯିବ । ଏହିପରି କେତେଗୁଡ଼ିଏ ସୁନ୍ଦର ଦୃଷ୍ଟାନ୍ତଦ୍ୱାରା ଦେଶୀୟ ଦ୍ରବ୍ୟ ବ୍ୟବହାରର ଉପକାରିତା ଦେଖାଇଥିଲେ । ପରିଶେଷରେ ସଭାପତି ମହୋଦୟ କଟକ ମେଡିକେଲ ସ୍କୁଲର ଜ ୮୭ ଣ ବାଳକ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରି ପଠାଇଥିବାର ପ୍ରକାଶ କରି ସଭା ଭଙ୍ଗ କଲେ ।

## ଟିକସ ଧାର୍ଯ୍ୟର ଅବସ୍ଥା ।

ଏଠା ମିଉନିସିପାଲିଟୀର ଘର ଟିକସ ଧାର୍ଯ୍ୟ ଘଟିତ ଅବସ୍ଥାର କଥା କହି୨ ଆମ୍ଭେମାନେ ଥକ ଗଲୁଣି କିନ୍ତୁ ମିଉନିସିପଲ କମିଶନରମାନଙ୍କର ନିଦ ଭାଙ୍ଗି ନାହିଁ କମ୍ପା ଅପିଲ କମିଟୀ ଅବସ୍ଥାର କରିବାରେ ଥକ ନାହାନ୍ତି । ଅନୁସନ୍ଧାନ ନିମନ୍ତେ

Digitized by srujanika@gmail.com

Split by PDF Splitter



ବାକି ଥିବା ଅପିଲମାନ ଗତ ଶନିବାର ଓ ଗୁରୁବାର ନିଷ୍ପତ୍ତି ହୋଇଥିଲା । ରାୟ ହରବଲ୍ଲଭ ବୋଷ ବାହାଦୁରଙ୍କ ଗୃହର ମାସିକ ଭଡ଼ା ଆସେସରଙ୍କଦ୍ୱାରା ସ୍ଥିରୀକୃତ ଟ ୫୦୦ ଙ୍କା ସ୍ଥଳେ ଇନ୍ସ୍ଟିଚ୍ୟୁଟିଭ ଇଞ୍ଜିନୀୟରଙ୍କ ଏଷ୍ଟିମେଟ ମୂଲ୍ୟ ଅନୁସାରେ ଟ ୨୨୫ ଙ୍କା ଧରଯାଇ ତଦନୁସାରେ ଟିକସ ଧାର୍ଯ୍ୟ ହେଲା । ଆସେସରଙ୍କର ବିଚାର ଭ୍ରମର ଏହା ଗୋଟିଏ ପ୍ରଧାନ ଦୃଷ୍ଟାନ୍ତ ଏବଂ ଅପିଲରେ ଏହିପରି ଅନେକ ଅବିଚାରର ଉଦାହରଣ ବାହାରିଅଛି । ଏ ପରି ଯେ ଅସେସର ମହୋଦୟ ନ ୮ ମ୍ବର ୱାର୍ଡର କେତେକ ଜଣ ଟିକସଦାତା ଏକତ୍ରେ ଏକ ଦରଖାସ୍ତ ଏହି ମର୍ମରେ ଦେଇଥିଲେ କି ଆସେସର ସରଜମିନରେ ସେମାନଙ୍କର ଘର ବୁଲି ନ ଦେଖି ଇଚ୍ଛା ଅନୁସାରେ କୋଠରେ ବସି ଟିକସ ଧାର୍ଯ୍ୟ କରୁଅଛନ୍ତି ଏବଂ ତହିଁରେ କାହାର ଟିକସ ଊଣା ବା ଅଧିକ ହୋଇଅଛି । ଗତ ଗୁରୁବାର ସେହି ଦରଖାସ୍ତ ଅପିଲ କମିଟିରେ ଆଗତ କରାହୋଇଥିଲା ମାତ୍ର ଦରଖାସ୍ତକାରମାନେ ଉପସ୍ଥିତ ନ ଥିଲେ କିମ୍ବା ସେମାନଙ୍କୁ ଉପସ୍ଥିତ ହେବ ସକାଶେ ସମ୍ବାଦ ଦିଆ ଯାଇ ନ ଥିଲା । ଅପିଲ କମିଟିରେ ଚାରିଜଣ ସଭ୍ୟ ଉପସ୍ଥିତ ଥିଲେ, ବାବୁ ମଧୁସୂଦନ ମହାପାତ୍ର ଅନୁପସ୍ଥିତ ଥିଲେ । ଚେୟାରମାନ ଓ ଭାଇସ୍ ଚେୟାରମାନଙ୍କ ମତରେ ଅସେସର କାର୍ଯ୍ୟ ଛାଡ଼ି ଚାଲିଯିବା ଉତ୍ତାରେ ଏପରି ଦରଖାସ୍ତରେ ଆଉ କୌଣସି କାର୍ଯ୍ୟ କରାଯାଇ ନ ପାରିବା ହେତୁରେ ଅଗ୍ରାହ୍ୟ କରିବାର ମତ ଦେଲେ ମାତ୍ର ଅନ୍ୟ ଦୁଇଜଣ ମେମ୍ବର ମତ ଦେଲେ କି ଏପରି ଗୁରୁତର ବିଷୟକୁ ସାଧାରଣ କମିଟିର ବିଚାରରେ ଅଣିବା ଉଚିତ । ସେମାନେ ଆପଣା ମତ ସପକ୍ଷରେ କହିଥିଲେ କି ଟିକସ ବନ୍ଦୋବସ୍ତ ସମ୍ବନ୍ଧରେ ଭାରି ଅସନ୍ତୋଷ ଜାତ ହୋଇଥିବାର ଆନ୍ଦୋଳନ ଲାଗିଅଛି ଓ ଦୃଷ୍ଟାନ୍ତ ଅର୍ଥାତ୍ ଗତ ବୁଧବାର ନିଜେ ଭାଇସ ଚେୟାରମାନ ଓ ଅନ୍ୟ ଏକଜଣ କମିଶନରଙ୍କ ସହିତ ଅଠନମ୍ବର ୱାର୍ଡର କେତେକ ଗୃହ ତଦାରଖ କରି ଦେଖିଅଛନ୍ତି ଯେ ସେ ସବୁ ଜମାବନ୍ଦି ଯାହା ହେବା ଉଚିତ ତଦପେକ୍ଷା ଅନେକ କମ୍ ଧାର୍ଯ୍ୟ ହୋଇଅଛି ଓ ସେମାନଙ୍କ ମଧ୍ୟରେ ସେହି ୱାର୍ଡର କମିଶନରଙ୍କ ଜମା ମଧ୍ୟ କମ୍ ହୋଇଅଛି ଓ ନ ୧ ମ୍ବର ୱାର୍ଡରେ ଗୋଟିଏ କୋଠାଘର ବନ୍ଧକାଳରୁ ଥିଲେ ସୁଦ୍ଧା ଅଦ୍ୟାପି ଜମାବନ୍ଦୀ ହୋଇ ନାହିଁ ଓ ଜମା ରେଜିଷ୍ଟ୍ରୀ ବହିରେ ଉଠି ନାହିଁ ମଧ୍ୟ ଦରଖାସ୍ତକାରୀମାନଙ୍କ ମଧ୍ୟରୁ କାହାରି ଅପିଲ ଦରଖାସ୍ତରେ ବର୍ତ୍ତମାନ ଦରଖାସ୍ତ ବିଷୟ ଉଲ୍ଲେଖ ହୋଇଥିଲେ ସୁଦ୍ଧା ତାହା ଆସେସରଙ୍କ ରହିବା ସମୟରେ ବିଚାର ହୋଇ ନାହିଁ ଓ ଦରଖାସ୍ତକାରମାନେ ମଧ୍ୟ ସେମାନଙ୍କ ଅପିଲ ବିଚାରର ତିନି ଚାରି ଦିବସ ଉତ୍ତାରେ ଏପରି ଦରଖାସ୍ତ କରିଅଛନ୍ତି, କିନ୍ତୁ ଏ ଯୁକ୍ତିମାନ ଚେୟାରମାନ ଓ ଭାଇସଚେୟାରମାନମାନଙ୍କ ମନକୁ ଯୋଗଲା ନାହିଁ ଚେୟାରମାନ ବାହାଦୁର ତାଙ୍କର କାଷ୍ଟିଂ ଭୋଟଦ୍ୱାରା ନିଜ ମତ ରକ୍ଷା କଲେ । ଏହିପରି ଭାବରେ ମିଉନିସିପାଲିଟି ଅପିଲ କମିଟିର ଯବନିକା ପତନ ହେଲା ।

ଆମ୍ଭେମାନେ ଅପିଲକମିଟୀଙ୍କ ବିଚାର ପ୍ରତି ବରାବର ଦୋଷାରୋପ କରି ଆସୁଥିଲୁଁ ଓ ଆସେସରଙ୍କ କାର୍ଯ୍ୟପ୍ରଣାଳୀ ମଧୁବାବୁଙ୍କ ଯୋଗରୁ ଫିଟିଥିଲା କିନ୍ତୁ ବର୍ତ୍ତମାନ ନ ୮ ମ୍ବର କରଦାତାମାନେ ଯେଉଁ ଦରଖାସ୍ତ ଉପସ୍ଥିତ କରିଥିଲେ ଓ ଭାଇସଚେୟାରମାନ ଯାହା ତଦାରଖ କରିଅଛନ୍ତି ସେଥିରୁ ଆସେସରବାବୁ ଦାମ୍ଭରୁ ଘରକୁ ଘୁଞ୍ଚି ଘରଭଡ଼ା ମନେଛ କରିବା କଥା ମଧୁବାବୁ ତାଙ୍କର ଯୋବାନବନ୍ଦୀ କରିବା ସମୟରେ ଯାହା ବାହାରିଥିଲା ତଦପେକ୍ଷା ଅଧିକ ଗୁରୁତର ଓ କଳଙ୍କକଥା ବାହାରିଅଛି ଓ ଏପରିକଥାକୁ ଚେୟାରମ୍ୟାନବାହାଦୁର ଯେଉଁ ଉପେକ୍ଷାଦ୍ୱାରା ନିଜର ଅଖ୍ୟାତି ବଢ଼ାଉଅଛନ୍ତି ମାତ୍ର କଳଙ୍କକଥା ଲୁଚିବାର ନୁହେଁ ସୁତରାଂ ବାହାରିପଡ଼ୁଅଛି । ଆମ୍ଭମାନଙ୍କର ଆଉ ଅଧିକ କହିବାକୁ ବା ଲେଖିବାକୁ ମନ ହେଉ ନାହିଁ । ବର୍ତ୍ତମାନ ଅନ୍ୟ କମିଶ୍ନରମାନଙ୍କୁ, ଏ ପ୍ରସଙ୍ଗକୁ ସେମାନଙ୍କ ସାଧାରଣ ସଭାରେ ବିଚାର କରିବାକୁ ଅନୁରୋଧ କରୁଅଛୁଁ ।

### ଲାଟବନ୍ଦରେ ବାକି ପଡ଼ିବା ମହାଲର ତଦନ୍ତ ।

ଆମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ ଯେ ଏ ଜିଲ୍ଲାରେ ୨୨୩ ମହାଲ ଗତ ବୈଶାଖ ଲାଟବନ୍ଦରେ ରାଜସ୍ୱ ସମ୍ପୂର୍ଣ୍ଣ ଫେଡ଼ କରି ନ ଥିବାରୁ ନିଲାମରେ ଆସିଥିଲା ମାତ୍ର ଅମ୍ଭମାନଙ୍କର ଶ୍ରୀଯୁତ କଲେକ୍ଟର ସାହେବ ଅନୁଗ୍ରହ ପୂର୍ବକ ୨୦୧ ମହାଲର ବାକି ରାଜସ୍ୱ ଜମିଦାରଙ୍କ ଆବେଦନମତେ ନିଲାମ ତାରିଖ ପର୍ଯ୍ୟନ୍ତ ଗ୍ରହଣ କରି ବାଇଶୋଟି ମହାଲ ନିଲାମ କଲେ । ଏଥିମଧ୍ୟରୁ ଦଶଗୋଟି ମହାଲର ଜମିଦାର ଲାଟବନ୍ଦ ଉତ୍ତାରେ ବାକିରାଜସ୍ୱ ଦେବାର ଅଦୌ ଚେଷ୍ଟା କରି ନ ଥିଲେ- ଏଣୁକରି ବୋଧ ହୁଏ ଯେ ସେମାନେ ଇଚ୍ଛା ପୂର୍ବକ ମହାଲ ନିଲାମ କରାଇଅଛନ୍ତି । ଅନ୍ୟ ବାରଗୋଟି ମହାଲର ଜମିଦାରମାନେ ନିଲାମ ଦିବସର ଅନେକ ଦିନ ପୂର୍ବେ ବାକିରାଜସ୍ୱ ସେମାନଙ୍କଠାରୁ ନେବାର ଦରଖାସ୍ତ କରିଥିଲେ କିନ୍ତୁ ସେମାନେ ଏଥିପୂର୍ବେ ଚାରି ଲାଟବନ୍ଦରେ ବାକିଦାର ହୋଇ ନିଲାମରୁ ମୁକ୍ତ ପାଇଥିବା ଓ ସେମାନଙ୍କୁ ତାଗିଦ କରାଯାଇଥିବା ପ୍ରତ୍ୟେକ ସେମାନେ ପୁଣି ବାକିଦାର ହେବା ଦୋଷରେ ଶ୍ରୀଯୁତ କଲେକ୍ଟର ସାହେବ ସେମାନଙ୍କ ଆବେଦନ ଅଗ୍ରାହ୍ୟ କଲେ । ନିଲାମ ସମୟେ ସେ ଜମିଦାରମାନେ ସ୍ୱୟଂ ବାକିଟଙ୍କା ସହିତ ଉପସ୍ଥିତ ହୋଇ ଟଙ୍କା ଗ୍ରହଣ ସକାଶେ ଯେତେ ବିନତି କଲେ ତହିଁରେ କଲେକ୍ଟର ସାହେବ କର୍ଣ୍ଣପାତ ନ କଲେ ।

ଶ୍ରୀଯୁତ କଲେକ୍ଟରସାହେବଙ୍କର ଏ କାର୍ଯ୍ୟଟି ଆମ୍ଭମାନଙ୍କ ମନକୁ ଆସୁ ନାହିଁ । ସେ କହି ପାରନ୍ତି କି ଯାହାକୁ ଏତେଥର କ୍ଷମା ଦିଆଯାଇ ତାଗିଦ କରାଯିବା ପ୍ରତ୍ୟେକ ସେ ଯଦି ଚେତିଲା ନାହିଁ ପୁଣି ଦୋଷୀ ହେଲା ସେ ଆଉ କ୍ଷମାର ପାତ୍ର ନୁହେ । ଏଥକୁ ଆମ୍ଭେମାନେ କହୁଁ କି ସେ ଯଦି ଅନିବାର୍ଯ୍ୟ ଓ ଅନାୟତ୍ତ କାରଣ ବଶତଃ ପୁନର୍ବାର ଦୋଷୀ ହୋଇଥାଏ ତେବେ ସେ କାହିଁକି କ୍ଷମା ନ ପାଇବ ? ଯେଉଁ ଜମିଦାର ପ୍ରଜାମାନଙ୍କଠାରୁ ଖଜଣା ସମ୍ପୂର୍ଣ୍ଣ ଓସୁଲ କରି ଆପେ ଖରଚ କରିଯିବା ହେତୁ ରାଜସ୍ୱ ଫେଡ଼ କରି ନ ପାରେ ସେ ପ୍ରକୃତ ଦୋଷୀ ଅଟେ ଏବଂ ତାକୁ ଥରେ ଚେତାଇଲେ ସେ ଯଦି ନ ଚେତେ ତେବେ ସେ ଏକଥରରୁ ଅଧିକ କ୍ଷମା ପାଇବାର ପାତ୍ର ନୁହେ । ଏପରି ବ୍ୟକ୍ତିକୁ ଚାରିଥର କ୍ଷମା ଦେବା ଅତିରିକ୍ତ ଓ ଅନୁଚିତ ଦୟା ଅଟେ । କିନ୍ତୁ ଯେଉଁ ଜମିଦାରୀ ବନ୍ଦୋବସ୍ତର କଡ଼ାଜମା ହେତୁ ଅଥବା ଖୋଇସ୍ତି ଅବା ମରୁଡ଼ିଅ ମହାଲ ହେତୁ ପ୍ରଜାମାନେ ଦୁରବସ୍ଥାରେ ଥାଇ ଖଜଣା ଅନେକ ବାକି ରଖନ୍ତି ଓ ସେଥିର ଜମିଦାର ଅନ୍ୟ ଆବକାରୀ ଅଭାବେ ସେ ଜମିଦାରୀ ରଖି ନ ପାରେ କାରଣ ଯଥାକଥା କଷ୍ଟମଙ୍ଗେ ତହିଁରୁ ତାହାର ନିର୍ବାହ ଚଳେ, ଏପରି ହତଭାଗ୍ୟ ଜମିଦାର ଯେତେଥର ବାକିଦାର ହୁଏ ଆମ୍ଭମାନଙ୍କ ବିବେଚନାରେ ସେ ତେତେଥର କ୍ଷମା ପାଇବାର ଉପଯୁକ୍ତ ।

ଜମିଦାରଙ୍କର ଦୋଷରେ କିମ୍ବା ଜମିଦାରୀର ଦୋଷରେ ରାଜସ୍ୱ ବାକି ପଡ଼ିଲା ଏ କଥା ବିଶେଷ ତଦନ୍ତ ବ୍ୟତିରେକେ ଜଣା ଯାଇ ନ ପାରେ । ପୂର୍ବନିୟମ ଏହି ଥିଲା କି ଲାଟବନ୍ଦରେ ବାକିଦାର ନିଲାମି ଇସ୍ତାହାର ଜାରି ପୂର୍ବେ ବାକିରାଜସ୍ୱ ଦାଖଲ କରୁଥିଲେ ମିଆଦ ଦେବାକୁ ପଡ଼ୁ ନ ଥିଲା କେବଳ ଦରଖାସ୍ତ ରେ ଖର

Digitized by srujanika@gmail.com

Split by PDF Splitter



ପଡୁଥିଲା । ଅତ ଦଶ ବର୍ଷ ପୂର୍ବେ ଶ୍ରୀଯୁତ ହେରସାହେବ କଲେକ୍ଟର ନିୟମ କଲେ କି କିସ୍ତିମେ ଇସ୍ତାହାର ଜାରି ହେବା ବେଳକୁ ଥାଉ ଲେଖା ହୋଇ ନ ଥିଲେ ସୁଦ୍ଧା ଲାଟବନ୍ଦିରେ ସରକାର ବାକି ରହିଲେଇ ବାକିଦାର ଇସ୍ତାହାର ମାନର ମିଆଦ ମୋଟ ଟ ୭ ଦିନ ଦାଖଲ ନ କଲେ ତାହାଠାରୁ ବାକି ସରକାର ଗ୍ରହଣ ନ ହେବ । ସେ ଏ ନିୟମର ଏହି କାରଣ ଦର୍ଶାଇ-ଥିଲେ କି ଜମିଦାରଙ୍କୁ ଏପରି ଡଣ୍ଡ ପଡିଲେ ଲାଟବନ୍ଦିରେ ଅନେକେ ବାକିଦାର ନ ହେବେ । କିନ୍ତୁ ଏ ନିୟମ ଫଳଦାୟକ ନ ହେଲା ବରଂ କେତେକ ବର୍ଷ ହେଲା ବାକିଦାରମାନେ ବାକି ସରକାର ଦେବାର ଅବେଦନ କଲେ କଲେକ୍ଟର ସାହେବ ସେମାନଙ୍କୁ ତଲବ ହାଇ ଉତ୍ତ୍ୟକ୍ତରେ ବାକିଦାର ହେଲେ ବାକି ସରକାର ନିଅନ୍ତି ନ ଥିବାର ଧମକରେ ତାଡନ କରି ବାକି ସରକାର ଗ୍ରହଣ କରୁଅଛନ୍ତି । ଏତେ ଦଣ୍ଡ ଦେଇ ଓ ଧମକ ତାଡନ ଓ କଷ୍ଟ ସହି ସୁଦ୍ଧା ପ୍ରତି ଲାଟବନ୍ଦିରେ ବହୁ ଉନ୍ନତ ମହାଲର ଜମିଦାରମାନେ ବାକିଦାର ହେଉଅଛନ୍ତି । ପୁନଶ୍ଚ ଅମ୍ଭେମାନେ ଦେଖୁଁ ଯେ ପ୍ରଜାଙ୍କ ନାମରେ ବାକି ଖଜଣାର ନାଲିଶ କ୍ରମେ ବଢୁଅଛି ଓ ପୂର୍ବାପେକ୍ଷା ଏଥିର ସଂଖ୍ୟା ଅନେକ ଅଧିକ ହୋଇଅଛି । ଇଏଣି ସହର ବନ୍ଦୋବସ୍ତ ବିଶେଷ ବୃଦ୍ଧି ହୋଇଅଛି ଓ ଅନେକ ଉଏଣି ଜମି ମହାଜନ ଓ ଜମିଦାର ହାତକୁ ଯାଉଅଛି । ଜମିଦାରର ମୂଲ୍ୟ ପୂର୍ବ ପ୍ରତି ବର୍ତ୍ତମାନ ଊଣା ହୋଇଅଛି । ଲାଟବନ୍ଦି ନିଲାମରେ ସୁଦ୍ଧା ଅନେକ ମହାଲ ଅଳ୍ପମୂଲ୍ୟରେ ବିକି ଯାଉ-ଅଛି । ଗତ ଲାଟବନ୍ଦି ନିଲାମରେ ଯୋଡିଏ ମାହାଲର ଡାକ ଅଢେଇ ନ ହେବାର ଅମ୍ଭେ-ମାନେ ଦର୍ଶାଇଅଛୁଁ ।

ଉପର୍ଯ୍ୟୁକ୍ତ କାରଣମାନଙ୍କରୁ ଅନେକ ଜମି-ଦାର ମାହାଲର ମନ୍ଦାବସ୍ଥା ହେତୁ ଲାଟବନ୍ଦିରେ ବାକିଦାର ହେଉଥିବାର ସମ୍ଭବ କିନ୍ତୁ ପ୍ରକୃତ କଥା ତଦନ୍ତଦ୍ୱାରା ପ୍ରକାଶ ପାଇବ । ଅନେକ ବାକିଦାର ବାକି ସରକାର ଦାଖଲ କରିବାର ଅନୁମତି ଦରଖାସ୍ତରେ ଆପଣା୨ ଶିରକାରଙ୍କ ମୁଣ୍ଡରେ ଦୋଷ ବୋଳିଦେଇ କଲେକ୍ଟର ସାହେବଙ୍କୁ ଭୁଲାଇ ଦିଅନ୍ତି, ତଦନ୍ତ ହେଲେ ପ୍ରକୃତରେ କିଏ ଦୋଷୀ ଏହାର ପ୍ରକାଶ ପାଇବ । ଅତଏବ ଅମ୍ଭେମାନେ ପ୍ରସ୍ତାବ କରୁଁ ଯେ ଲାଟବନ୍ଦିରେ ବାକି ପଡିବା ମାହାଲର ଜମିଦାର ବାକି ସରକାର ଦାଖଲ କରିବାର ଅନୁମତି ଦରଖାସ୍ତ କଲେ ପ୍ରତ୍ୟେକ ସ୍ଥଳେ ତଦନ୍ତ କରା-ଯିବ । ଜମିଦାରର ଦୋଷ ପ୍ରକାଶ ପାଇଲେ ତାହା କ୍ଷମା କରି ବାକି ସରକାର ନେବା କଲେ-କ୍ଟର ସାହେବଙ୍କର ଇଚ୍ଛାଧୀନ ହେବ ସେଥି-ପାଇଁ ତାଙ୍କୁ କେହି ବଳାଇ ନ ପାରିବ । ମାହାଲର ଦୋଷ ଅର୍ଥାତ୍ ବନ୍ଦୋବସ୍ତରେ କଡ଼ା ଜମା ଅବା ଧୋଇ ମରୁଡି ଆଦି ପ୍ରକାଶ ପାଇଲେ ସେ ମାହାଲର ସରକାର ଥରକୁ ଥର ବାକି ପଡୁଥିଲେ ମଧ୍ୟ ଥରକୁ ଥର ଦୟାପୂର୍ବକ ବାକି ସରକାର ଗ୍ରହଣ ଓ ନିଲାମରୁ ମୁକ୍ତ ଦିଆ ଯାଉଥିବ । ମଧ୍ୟ ସେ ଦୋଷ ସୁଧୁରାଇବାର କଲେକ୍ଟର ସାହେବ ବହୁତ ପ୍ରସ୍ତାବ କରି-ବେ । ଏପରି ତଦନ୍ତ ହେଲେ ବର୍ତ୍ତମାନର ଅବସ୍ଥା ଅନେକ ସୁଧୁରିଯିବ ଓ ଜମିଦାର ସାବ-ଧାନ ହୋଇ ବୃଥାରେ ବାକିଦାର ନ ହେବେ । କେତେକ ବର୍ଷ ହେଲା ଏ ଜିଲ୍ଲାରେ ପୂର୍ବାପେକ୍ଷା ଅଧିକ ଡିପୋଟି କଲେକ୍ଟର ଓ ସବ ଡିପୋଟି କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ବର୍ତ୍ତମାନ ଏତେ ଅଧିକ ଯେ କେହି୨ ଦିବସ ନ ପାଇ କାଗଜପତ୍ରରେ ନିରେଖ କରୁଅଛନ୍ତି । ଏ ତଦନ୍ତ କାର୍ଯ୍ୟ ସେମାନଙ୍କ ଯୋଗେ ଅନା-ୟାସରେ ହୋଇ ପାରେ । ଅତଏବ ଏ ବିଷୟରେ ମନୋଯୋଗୀ ହେବା କାରଣ ଅମ୍ଭେମାନେ ଶ୍ରୀଯୁକ୍ତ କମିଶନର ସାହେବ ଓ ଶ୍ରୀଯୁତ କଲେ-କ୍ଟର ସାହେବମାନଙ୍କୁ ପ୍ରାର୍ଥନା କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତାଗେଜେଟ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଅଟଲବିହାରି ମୈତ୍ର ସୁବର୍ଣ୍ଣପୁର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ପୁରୀର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଯୋଗେନ୍ଦ୍ରକୁମାର ଘୋଷ ବାଲେଶ୍ୱରର ସଦର ମହକୁମାକୁ ବଦଳି ହେଲେ ।

କଲିକତାର ଇନକମଟିକସ ଡେପୁଟି କଲେକ୍ଟର ବାବୁ ଗୋପାଳ ଚନ୍ଦ୍ର ଭାଦୁଡ଼ୀ ଙ୍କ ଅନୁପସ୍ଥିତି କାଳରେ ଦେହିଭେଞ୍ଜି ବିଭାଗ କମିଶନରଙ୍କ ପର୍ସୋନାଲ ଆସିଷ୍ଟାଣ୍ଟ ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଛୁଟିରେ ଥିବା ମୁନସଫ ବାବୁ ନୈଲୋକ୍ୟନାଥ ସୋମ କଟକର ସଦର ମହକୁମାର ମୁନସଫ ପଦରେ ନିଯୁକ୍ତ ହେଲେ ଓ ୧୯୦୬ ସାଲ ୯ ନଂର ମୋକଦ୍ଦମା ବିଚାର କରିବାର ନିମନ୍ତେ ହାଇକୋର୍ଟର ନିଜସ୍ୱ କ୍ଷମତା ପାଇଲେ ।

ମିଃ ଭି, ଓ, ବି ମରକ କେନ୍ଦ୍ରାପଡ଼ା ସାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ପଦର ଇସ୍ତଫା ସେଟଲମେଣ୍ଟ ବାହାଦୁର ଗ୍ରହଣ କରିଅଛନ୍ତି ।

ଓଡ଼ିଶା ଗଡ଼ଜାତ ମାହାଲର ଦେଶୀ ମହାଜନୀ ତହସିଲ ସବଇନସ୍ପେକ୍ଟର ବାବୁ ରାମପ୍ରସାଦ ଜହ ଛଅମାସର ଛୁଟି ଗ୍ରହଣ କଲେ ଓ ତାଙ୍କ ସ୍ଥାନରେ ବାବୁ ଶଙ୍କର ଷଡ଼ଙ୍ଗୀ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ବାବୁ କାଳିନ୍ଦୀଚରଣ ବାନୁଗୋଇ କଟକ ସଦର ଲୋକଲ ବୋର୍ଡର ମେମ୍ବର ପଦରେ ନିଯୁକ୍ତ ହେଲେ ।

—※—

ଶ୍ରୀଯୁତ ଜଜ ସାହେବ ଯାଜପୁର ଇଲାକାରୁ ଗତ ବୁଧବାର ଠାରୁ ସାକ୍ଷୀ କରିଅଛନ୍ତି ଅଦ୍ୟ କଟକନଗରରେ ପ୍ରବେଶ ହେବେ ।

ଏଠାର କେଣ୍ଟ ନମେଣ୍ଟ କାଞ୍ଜିହାଉସରୁ ଗୋରୁ ଚୋରି ମକଦ୍ଦମା ତଦନ୍ତ ସମୟେ ଅନ୍ୟାନ୍ୟ ଗୋରୁମାନେ ଛାଡ଼ି କରି ବଧ କରୁଥିବାର କେତେକ ଲୋକଙ୍କଦ୍ୱାରା ପ୍ରକାଶ ପାଇବାରୁ ଦଣ୍ଡବିଧି ଆଇନର ଦ ୧୧୦ ମତେ ୮ଟା ସେକ ସନ୍ଥ ଓ ସେକ ମୁଷ୍ଟା ଓରଫ ନ ଭଣ କାଂସାଇକୁ ପୁଲିସ ଚାଲାନ ଦେଇ-ଥିବାରୁ ଗତ ତା ୨୪ ରଖରେ ଶ୍ରୀଯୁକ୍ତ ବାବୁ ଅଶୁତୋଷ ମୁଖୁର୍ଯ୍ୟାଙ୍କ କଚେରିରେ ପ୍ରତ୍ୟେକ ଆସାମୀକୁ ଏକବରଷ ପର୍ଯ୍ୟନ୍ତ ଟ ୧୦୦ ଙ୍କା ମୁଚଲିକା ଓ ଟ ୧୦୦ ଙ୍କା ଜାମିନ ଦେଲେ କ ୧ ବର୍ଷ ନେକ ରହିବାର ଆଦେଶ ହୋଇଅଛି ।

ଗତସପ୍ତାହରେ ଦଲହରପୁର ଇଲାକା ଗ୍ରାମ କେତେରମାନ-ଙ୍କର ଯେ ସଜା ବିଷୟ ଲେଖିଥିଲୁଁ କେବଳ ସେ ଏକନମ୍ବର ମକଦ୍ଦମାର ସଜା, ନ ୪ ସ୍କଳ ମକଦ୍ଦମାରୁ ଏକନମ୍ବରର ସେଷ ଦାଗୀ ଉଠନମ୍ବରରେ ନ ୧୨ ଣ ଆସାମୀ ମଧ୍ୟରୁ ଜ ୩ ଣକୁ ମା ୧ ସ ଅନ୍ୟ ଜ ୩ ଣକୁ ମା ୩ ସ ଅନ୍ୟ ଜ ୩ ଣକୁ ମା ୭ ସ ଜ ୧ ଣକୁ ମା ୪ ସ ଅନ୍ୟ ଜ ୧ ଣକୁ ମା ୪ ସ ଏପରି ଜ ୧୧ ଣ ସଜା ପାଇ ଏକଜଣ ଖଲାସ ପାଇଅଛି ।

ଏ ନଗରରେ ଗତପୂର୍ବ ଶୁକ୍ରବାର ରାତ୍ରରେ ଗୋଟିଏ ଗୃହରେ ଅଗ୍ନି ଲାଗି ଗୃହସ୍ୱାମିର ଜମିଦାରୀ ସୃହସ୍ଥବଦ୍ଧ ରହିଥିବା କଚେରି କାଗଜମାନଙ୍କରେ ସଉପୋଡ଼ି ଓ କାଠ-ଯୋଡ଼ିନିସ୍ତାରେ ପନ୍ଦରିବାର ଚେଷ୍ଟା ନ ଥିଲା ।

ଏ ନଗରରେ ଏ ସପ୍ତାହରେ ଓଲାଉଠାରୋଗରେ ଆକ୍ରମଣ ନ ୭୧ ଣ ଓ ମୃତ ନ ୩୨ ଣ । ଗତସପ୍ତାହରୁ ସାମାନ୍ୟ ଊଣା ଅଛି ।

ପୁରୀ ଜିଲ୍ଲା ବାଣପୁର ଥାନା ଇଲାକା ଭଦ୍ରପୁରର ଲକ୍ଷ୍ମଣ ବାଡ଼ିକ ଗୋଟିଏ ନରହତ୍ୟା କରିଥିବା ଅପରାଧରେ ପ୍ରାଣ ଦଣ୍ଡର ଆଦେଶ ପାଇଥିବାରୁ ଗତକାଲି ସକାଳେ ଏଠା ଜେଲଖାନାରେ ତାହାର ଫାଶି ହେଲା ।

ଏ ସପ୍ତାହରେ ଏ ନଗରରେ ଧାରଣାର ସଙ୍ଗେ କେତେ୨ ସାମାନ୍ୟ ବୃଷ୍ଟି ଯାହା ହୋଇଅଛି ତହିଁରେ ଜଳର ଅଭାବ ଘୁଞ୍ଚି ନାହିଁ । ନଦୀ କିଛି ବଢିଥିଲା ।

ଓଡ଼ିଶାର ନୂଆ କଲେକ୍ଟରମାନେ ଏଠାରୁ ଅସି ଗତ ଗୁରୁବାରଠାରୁ କମିଶନର ସାହେବଙ୍କ ସହିତ ବୈଠକ କରିଥିଲେ । ଆଜ ବିଦାୟ ହୋଇଯିବେ ସବୁ ।

## ସଙ୍ଖକ୍ଷାସ-ସମ୍ବାଦ ।

ଖଣ୍ଡାଏତପଡାରେ ସ୍ତ୍ରୀଟିଏ ଗାଧୋଉଁ୨ କୁମ୍ଭୀର ପିଣତ ଓଟାରି ନେଇ ପଳାଇଗଲା ।

ବର୍ଷା ସବୁ ଦେଖି ଚାଷୀଙ୍କୁ ଅଳ୍ପକଷ୍ଟ ବାଧା ହେଉଛି ।

ସରୁଆଁର ଜଣେକ ସ୍ତ୍ରୀ ଜଳମଗ୍ନ ହୋଇ ମୃତ୍ୟୁ ଲଭିଅଛି ।

ଅଲଗୁରେ ଗୋଟିଏ କୁମ୍ଭୀର ସହର ପଶି ଯାଉଥିବା ଲୋକଙ୍କୁ ଗ୍ରାମବାସୀ ମାରି ପକାଇଅଛନ୍ତି ।

ପରି ଲକ୍ଷିତ ବାଣ୍ଟାଳିଆ ମଣ୍ଡଳ ଚୌକିଦାର ବୁଲିବୁଲି-ପଡ଼ା ମୌଜାରେ ମଦ୍ୟ ଚୋରାଇବାର ଯେ ହଜ ହୋଇଥିଲା ସେ ମଦ୍ୟଚୋର ମୁସଲମାନ ବ ୪ ୯ ଙ୍କା ସ ଦଣ୍ଡ ଅଦେଶ ପାଇଅଛି ।

## ଦର୍ପଣ-ସମ୍ବାଦ ।

ଗତ ଶନିବାର ଅପରାହ୍ନରେ ଏ ଅଞ୍ଚଳକୁ ଯାହା ଅଳ୍ପ ବୃଷ୍ଟି ହୋଇଥିଲା । ବର୍ତ୍ତମାନ ଅତ୍ୟଧିକ ପରେ ଭୀଷଣ ଗର୍ଜନସହ ନୂଆଗାଁ ଗ୍ରାମ ନିକଟରେ କେଉଁ ବଜ୍ରପାତ ହୋଇଥିଲା ତହିଁରେ ଉକ୍ତ ଗ୍ରାମବାସୀ ଜନାର୍ଦ୍ଦନ ମିଶ୍ର ନାମକ ଜଣେକ ଦଂଶତ ବର୍ଷୀୟ ବ୍ରାହ୍ମଣ ଯୁବକ ଏବଂ ଅନ୍ୟ ଜଣେ ବୃଦ୍ଧ ସୁଧିଆ ବାଲସ୍ତାସରେ ପତିତ ହୋଇଅଛନ୍ତି । ଦ୍ୱାଦଶ ବର୍ଷୀୟ ବ୍ରାହ୍ମଣ କନ୍ୟାଟି ବର୍ତ୍ତମାନ ବଞ୍ଚିଲା ।

Digitized by srujanika@gmail.com

ବୈତରଣୀ ନଦୀ ସ୍ୱର୍ଗ ତ୍ୟାଗ କରି ଯେଉଁ ପୁଣ୍ୟ ଭୂମିର ପଦେ ଆଶ୍ରୟ ଗ୍ରହଣ କରିଅଛି ଏବଂ ଯେଉଁ ଯାଜପୁରର ବ୍ରାହ୍ମଣମାନେ ଧର୍ମ କର୍ମ, ଯାଗ, ଯଜ୍ଞ ଓ ତପ, ଜପରେ ଜଗତ ପ୍ରସିଦ୍ଧ ଥିଲେ ସେହି ଯାଜପୁର ବ୍ରାହ୍ମଣମାନଙ୍କର ବର୍ତ୍ତମାନ କିପରି ଶୋଚନୀୟ ଅବସ୍ଥା ଉପସ୍ଥିତ ହୋଇଅଛି ତାହା ନିମ୍ନଲିଖିତ ବିଷୟମାନଙ୍କରୁ ଅବଗତ ହେବେ ।

୧ । ପୂର୍ବେ ଏଠାରେ ସଂସ୍କୃତ ଚର୍ଚ୍ଚା ଅତ୍ୟନ୍ତ ପ୍ରବଳ ଥିଲା । ଓଡ଼ିଶାର ନାନାସ୍ଥାନରୁ ଛାତ୍ରମାନେ ଆସି ଯେଉଁ ପଣ୍ଡିତମାନଙ୍କଠାରୁ ବିଦ୍ୟା ଲାଭ କରି "କାବ୍ୟତୀର୍ଥ" "ବେଦାନ୍ତବାଗୀଶ" ଅବା "ବିଦ୍ୟାରତ୍ନ" ପ୍ରଭୃତି ଉପାଧି ପ୍ରାପ୍ତ ହୋଇ ଘରକୁ ଫେରି ଯାଉଥିଲେ ଆଜିକାଲି ସେହି ପଣ୍ଡିତମାନଙ୍କର ପୁଅ ନାତି ସବୁ ଗାୟତ୍ରୀ ସନ୍ଧ୍ୟା ଓ ପଇତା ମନ୍ତ୍ର ସୁଦ୍ଧା ନ ଜାଣନ୍ତି । ତହିଁ ପରିବର୍ତ୍ତେ ପ୍ରତିଦିନ ତେଲି ତାମ୍ବୁଲି ପ୍ରଭୃତି ଶୂଦ୍ରଙ୍କ ଘରକୁ ଅଜାଡ଼ୁତ ଯାଇ ଚଢ଼ା କହି ଖାଇବା ଅବା ମିଥ୍ୟାସାକ୍ଷ୍ୟ ଦେଇ ୨।୪ ପଇସା ପାଇବା, ନ ହେଲେ ତଲିକଟା ଯାଇ ମୋଟ, ପଟ ବୋହିବା ନ ହେଲେ କାହାରିକୁ ଗଞ୍ଜ କାଟି ଖୋଇବା ଇତ୍ୟାଦି ବ୍ୟବସା ଧରିଲେଣି ପୁଣି କୌଣସି ପଣ୍ଡିତମାନଙ୍କର "କୁଳମଣି" ପୁତ୍ରମାନଙ୍କର କଲ୍ୟାଣରୁ ଅନେକ ଗରିବ ଓ ମୂର୍ଖ ବ୍ରାହ୍ମଣ ଓ ଅନ୍ୟାନ୍ୟ ଜାତିର ଲୋକମାନେ "ଗୁଲିଖୋର", "ଗଞ୍ଜେଡ଼ି" "ମଦଙ୍ଗ" ପ୍ରଭୃତି ଉପାଧି ପ୍ରାପ୍ତ ହୋଇ ନିଜର ଲୁଟମକ୍ କଷ୍ଟ ଦେଇ ଥାଳ ବାସନ ବନ୍ଧା ନିଶା ଖାଇ ମହାନନ୍ଦରେ ରାତି ୯ ଟା ୧୦ ଟା ବେଳେ ଘରକୁ ଫେରି ଯାଉଅଛନ୍ତି । ପ୍ରଥମେ ଏମାନେ ଉକ୍ତ "କୁଳଚନ୍ଦ୍ରମା"ଙ୍କ ଦ୍ୱାରା ନାନା ଶର୍ତ୍ତରେ ବଦାନ୍ୟତେ ନିଶା ଖାଇବାକୁ ପାନ୍ତି । ଅଭ୍ୟସ୍ତ ହୋଇଗଲେ ନିଜେ ପଇସା ଖରଚ କରି ନିଜର ସର୍ବନାଶ ନିଜେ କରନ୍ତି । ଏମାନଙ୍କର କୋଟରଗତ ଚକ୍ଷୁ ଏବଂ ଶିଥିଳକେଶ, ଲୁବ୍ଧ ପୃଷ୍ଠ ଓ ନ୍ୟୁବ୍ଜ ଦେହ ଏବଂ ଦଗ୍ଧ କାଷ୍ଠବତ୍ ଦେହର ରଙ୍ଗ ଦେଖିଲେ ଓ କ୍ଷୀଣ ଓ ଅର୍ଦ୍ଧ ସ୍ପଷ୍ଟ ସ୍ୱର ଶୁଣିଲେ ମନେ ଦୁଃଖ ଏବଂ ଲଜ୍ଜା ଜାତ ହୁଏ । ଆଉ ଏକକଥା ଏମାନଙ୍କ "ଦଳରେ" ପଶିଲେ ଖାଦ୍ୟାଖାଦ୍ୟର ବା ଧର୍ମାଧର୍ମର ବିଚାର ଥାଏ ନାହିଁ । ପୁଣି ଏହି ଦଳର କେତେକ ଲୋକ ଜାଲ ଫରେବ ମୋକଦ୍ଦମାର ମୂଳ ବା ଶାଖା ପ୍ରଶାଖା ଅଟନ୍ତି ।

୨ । ଏଠାର ବ୍ରାହ୍ମଣମାନଙ୍କର ଏତେଦୂର ଅବନତି ଦେଖି ଅଳ୍ପଦିନ ହେଲା କେତେ ଗୋଟି ଭଦ୍ରଲୋକ ମିଳି ନିଜ ହାତରୁ କିଛି ଅର୍ଥ ଦେଇ ଗୋଟିଏ ସଂସ୍କୃତ ଟୋଲ ପ୍ରତିଷ୍ଠା କରିଅଛନ୍ତି । ସେଥିରେ ପୁଣି ଅନେକ ଲୋକ ଶତ୍ରୁତା କରୁଅଛନ୍ତି । କାହିଁକି ବାବୁ ତୁମର ସେଥିରେ କି ଅନିଷ୍ଟ ହେଉଅଛି । ଏଥିର ଫଳ ମନ୍ଦ ହେଉ ବା ଭଲ ହେଉ ସେଥିରେ ତୁମର କି କଣ । ନିଜର ଶକ୍ତି ଥାଏତ କିଛି ସାହାଯ୍ୟ କର ନ କଲେ କେହି ଜୋର କରୁ ନାହିଁ । କେବଳ ଉତ୍ସାହ ଦେଲେ ଯଥେଷ୍ଟ ହେବ । ଏଥିର ପ୍ରତିବାଦୀ ହେବା ଅନ୍ୟାୟ ।

୩ । ଏଠାର ବ୍ରାହ୍ମଣମାନଙ୍କର ଗୋଟିଏ ସଭା ଅତ୍ୟନ୍ତ ପ୍ରାଚୀନ କାଳରୁ ଅଛି । ସଭା ମଣ୍ଡପ ଅଛି । କିନ୍ତୁ ସଭାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟେ । ତହିଁ ପ୍ରତି କାହାର ଦୃଷ୍ଟି ନାହିଁ । ଓଡ଼ିଶା ମଧ୍ୟରେ ପୁରୀର "ମୁକ୍ତି ମଣ୍ଡପ" ୧ମ ଏବଂ ଯାଜପୁରର "ଦଶସହସ୍ରମଣ୍ଡପ" ୨ୟ ଥିଲା । ପୁରୀର ମୁକ୍ତି ମଣ୍ଡପର ସଭା କେତେକ ଦେଶହିତୈଷୀ ଲୋକମାନଙ୍କ ଯତ୍ନରେ ଦିନ ଦିନ ଉନ୍ନତି ପ୍ରାପ୍ତ ହେଉଅଛି । ଏହାଛଡ଼ା ଓଡ଼ିଶାରେ କେତେ ସ୍ଥଳେ ନୂତନ ସଭା ବସି ଦେଶର ଏବଂ ସମାଜର କେତେକ ଉନ୍ନତି ସାଧନ କରୁଅଛି କିନ୍ତୁ ଯାଜପୁର ଦଶସହସ୍ର ମଣ୍ଡପ ଦେଖିଲେ ଅଶ୍ରୁ ସମ୍ବରଣ କରି ହୁଏ ନାହିଁ । ଆଜ ଯେବେ ପୂର୍ବପରି ଏହି ସଭାର ଦୃଢ଼ ବନ୍ଧନ ଏବଂ ପ୍ରବଳ କ୍ଷମତା ଥାନ୍ତା, ତେବେ କି ଏଠାର ବ୍ରାହ୍ମଣଙ୍କର ଏପରି ଦୁର୍ଦ୍ଦଶା ହୁଅନ୍ତା ? ଏହି ସଭା ପ୍ରତି ଏଠାର ଲୋକଙ୍କର ଦୃଷ୍ଟି ପଡ଼ିବ କି ? ଯେ ସଭାପତି, ଯେମାନେ ଏହାର ରକ୍ଷକ ଓ ପୃଷ୍ଠପୋଷକ ସେମାନେ ଓ ସେମାନଙ୍କର ପୁଅ ନାତିମାନେ ଯେବେ ଏପରି କୁମାର୍ଗଗାମୀ ହେଲେ ତେବେ ସଭାର ଉନ୍ନତି କାହାଦ୍ୱାରା ହେବ । ଦେଶର ଜମିଦାରମାନଙ୍କର ଶୁଭଦୃଷ୍ଟି ଏଥିପ୍ରତି ପଡ଼ିଲେ କେତେକ ଉପକାର ହୁଅନ୍ତା । କିନ୍ତୁ ନିରର୍ଥକ ଏତେ କଷ୍ଟ କିଏ କାହିଁକି କରିବେ ?— ଆପଣା ଘର ଆପେ ନ ରଖିଲେ ପର କି ରଖନ୍ତି—

୪ । ଜମିଦାରମାନଙ୍କ ମଧ୍ୟରେ ଶ୍ରୀବାବୁ କୃଷ୍ଣଚରଣ ଚୌଧୁରୀ ବଦାନ୍ୟତେ ବିରଜା "ଠାକୁରାଣୀଙ୍କ" ମନ୍ଦିରର ଭାର ସ୍ୱହସ୍ତରେ ନେଇ ସୁଶୃଙ୍ଖଳାରେ ପୂଜା ପାର୍ବଣ ଚଳାଇ ସୁଖ୍ୟାତି ଲାଭ କରିଥିଲେ । ଆଜିକାଲି ସେ ଘର ନେବାରୁ ଠାକୁରାଣୀଙ୍କର ଦୁରବସ୍ଥାର ସୀମା ନାହିଁ । ପଣ୍ଡାମାନେ ଯେ ଯାହା ପାରୁଛନ୍ତି ସେ ତାହା ଖାଇଯାଉଅଛନ୍ତି । ସମ୍ପାଦକ ମହାଶୟ ପତ୍ର ଦୀର୍ଘ ହୋଇଯିବାରୁ ଏ କଥା ଆଉଦିନେ ଲେଖିବାର ଇଚ୍ଛା ରହିଲା ।

କେହି ଜଣେ
ହିତାକାଂକ୍ଷୀ

## ମୂଲ୍ୟ ପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀ ଜୟକୃଷ୍ଣ ଅଗ୍ରଜ୍ୟ ଜୟପାଟଣା | ଟ ୩ |
| " ଶ୍ରୀ ରାଧାଶ୍ୟାମ ଦାସ ମଲ୍ଲାର କଟକ | ଟ ୧ |
| " ଶ୍ରୀ ଗୋପବନ୍ଧୁ ପଟ୍ଟନାୟକ ମୋଇଛା ବାଲେଶ୍ୱର | ଟ ୩ |
| " ଶ୍ରୀ ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ ପୁରୀ | ଟ ୧। |
| " ଶ୍ରୀ ଦାମୋଦର ମହାପାତ୍ର କଟକ | ଟ ୧ |
| " ଶ୍ରୀ ଲକ୍ଷ୍ମୀଧର ମହାନ୍ତି " | ଟ ୧ |
| " ଶ୍ରୀ ଭୂପାଳ ଦେବ ମାଝୀ ଗାଙ୍ଗପୁର | ଟ ୩ |
| " ଶ୍ରୀ ଦ୍ରବେନ୍ଦ୍ର ମହାପାତ୍ର କୃଷ୍ଣଚନ୍ଦ୍ରପୁର | ଟ ୧। |
| କେ, ଜ, ଗୁପ୍ତ କଲିକତା | ଟ ୧। |
| ବାବୁ ଶ୍ରୀ ରଘୁନାଥ ଅଟ୍ଟଆପଦା | ଟ ୩ |
| " ଶ୍ରୀ ତ୍ରିଲୋଚନ ଚକ୍ରଧରସିଂ ଚିରଧାଷ୍ଟପୁର | ଟ ୧। |
| " ଶ୍ରୀ ଜଗମୋହନ ରାଉତ ଜମ୍ବୁବଜାର କଟକ | ଟ ୨ |
| " ଶ୍ରୀ ଉପେନ୍ଦ୍ରନାଥ ଦାସ ପାଟପୁର | ଟ ୧ |

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ

# ଆରବ୍ୟକୁସୁମ

ବା

ଆରବ୍ୟଉପନ୍ୟାସର ଓଡ଼ିଆ ଅନୁବାଦ ।

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ଗ୍ରାହକମାନଙ୍କ ସୁବିଧାର୍ଥେ ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହେଉଅଛି ।

୧ମ ଖଣ୍ଡର ମୂଲ୍ୟ ଟ ୦। ଡାକମାସୁଲ ଟ ୦୨ ଏପରି ପୁସ୍ତକ ଓଡ଼ିଆଭାଷାରେ ଏହି ପ୍ରଥମ । ଗଳ୍ପଗୁଡ଼ିକ ଯେପରି ମନୋହର ସେହିପରି ଶିକ୍ଷାପ୍ରଦ, ଥରେ ଆରମ୍ଭ କଲେ ଶେଷ ନ କରି ଉଠିପାରିବେ ନାହିଁ । ଏହା ବାଳକ, ବାଳିକା, ସ୍ତ୍ରୀ, ପୁରୁଷ, ବୃଦ୍ଧ, ଯୁବା ସମସ୍ତଙ୍କର ପାଠ୍ୟ । ୨ୟ ଖଣ୍ଡ ଶୀଘ୍ର ପ୍ରକାଶିତ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଓ ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ

## ଶସ୍ତା ମୂଲ୍ୟ, ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱ ବିଷୟରେ ଅତୁଳନୀୟ !!



ବିଜ୍ଞାପନର ଚାକଚକ୍ୟରେ ମୋହିତ ହୁଅ ନାହିଁ । ଘଡ଼ି ଜଗତର ଅର୍ଥର ହସ୍ତ- ଯୁକ୍ତ ବ୍ୟବହାର କରିବାକୁ ଗର୍ବ ତେବେ ନିମ୍ନଲିଖିତ ଘଡ଼ିମାନଙ୍କ ମଧ୍ୟରୁ ଗୋଟିଏ କିଣ । ନିଶ୍ଚୟତା ସମ୍ବନ୍ଧରେ ଗ୍ୟାରେଣ୍ଟି ଦିଆଯାଏ (ଲିଖିତପତ୍ର) ମୂଲ୍ୟ ଅତ୍ୟନ୍ତ ଶସ୍ତା, ଏହା ଅପେକ୍ଷା କମଦରରେ ଅନ୍ୟତ୍ର ମିଳିବ ନାହିଁ ।

ନିକେଲ ଘଡ଼ି ।

୧ । ନିକେଲ ନିର୍ମିତ ଗୋଲ ମୂର୍ତ୍ତି ଚାବିହୀନ କେଲର୍ଓସେ ସମୟ ରଖେ ଟ ୪।
୨ । " " " ଛତ୍ରରେ ଗୋ ୨ ରତ୍ନ ଟ ୨
୩ । " " ଉଚ୍ଚିଷ୍ଟ ପ୍ରକାରର ଛତ୍ରରେ ଗୋ ୪ ଟି ରତ୍ନ ଟ ୮।
୪ । " " ହାତ କବଜାରେ ବାନ୍ଧିବା ପାଇଁ ଗୋଟିଏ ଟ ୧ ଙ୍କ
୫ । ନୂତନ ପ୍ରକାର ଷ୍ଟୋପ, ଘଡ଼ି ଟ ୫

ନେ: ୨ ମେଡ଼ାଲ ଘଡ଼ୀ ସହିତ ଟ ୨।

ରୂପାର ଘଡ଼ି ।

୭ । ରୌପ୍ୟ ନିର୍ମିତ, ଗୋଲ ମଧ୍ୟ ଚାବିହୀନ ଟ ୭।
୮ । " ଦୁଇ କବଜାର ସହିତ ଟ ୮।
୯ । ରୌପ୍ୟ ନିର୍ମିତ, ଗୋଲ ଉଚ୍ଚିଷ୍ଟପ୍ରକାର ଟ ୧
୧ । " " ଅତିସୁନ୍ଦର ଛତ୍ରରେ ଗୋ ୪ ଟି
୧୦ । " ଅର୍ଦ୍ଧସ୍ପର୍ଶ ଘଡ଼ି ଘଣ୍ଟା ଛତ୍ରରେ ଗୋ ୧୫ ଟି ରତ୍ନବିଶିଷ୍ଟ ଟ ୧୨। (ରତ୍ନବିଶି ଟ ୧୫।
୧୧ । " ଅତିକାମୁକ, ଚାମଡ଼ାର ହାତ କବଜାରେ ବନ୍ଧା ହେବାର ଉପଯୋଗୀ, ଟଙ୍କା ପର୍ଯ୍ୟନ୍ତ, ଚମଡ଼ାର
୧୨ । " ଉଚ୍ଚତ୍ତର ଟ ୧୦। [ସୁନାର ପଟି ସହିତ ଟ ୮

J. G. ANDREW & Co,
12 College Square ( U ) Calcutta

Digitized by srujanika@gmail.com

## Air Rifle

### ହାଓା ପାସର ବନ୍ଧୁକ ।

ବ୍ୟବହାର କରନ୍ତୁ । ଏହା ବ୍ୟବହାର କଲେ ବାରୁଦ ଅଥବା ଟୋଟାର ଆବଶ୍ୟକ ହୁଏ ନାହିଁ ପବନ ବଳରେ ପ୍ରାୟ ୨୦୦ଫୁଟ ପର୍ଯ୍ୟନ୍ତ ସହୋରେ ଏହାର ଗୁଳି ଗୁଳିବ । ଏହା ଦ୍ୱାରା ଛେଳି, ବଣି, ସମସ୍ତ ପ୍ରକାର ପଶୁ ପକ୍ଷୀ ଏବଂ ଲକ୍ଷମାନ ମଣ୍ଷ୍ୟ ଶିକାର କରାଯାଏ । ମନୁଷ୍ୟକୁ ମାରିଲେ ପ୍ରାଣର ହାନି ହୁଏ ନାହିଁ ସତ୍ୟ କିନ୍ତୁ ସାଂଘାତିକରୂପେ ଜଖମ କରାଯାଏ ଅତଏବ ସାଧାରଣଙ୍କ ନିକଟରେ ବନ୍ଧୁକ ନ ଥିବାରୁ ଚୋର, ଡକାଏତ ଓ ବଦମାସମାନଙ୍କ ହସ୍ତରୁ ଧନ ସମ୍ପତ୍ତି ଏବଂ ପରିବାର ବର୍ଗଙ୍କର ମାନ, ସମ୍ଭ୍ରମ ରକ୍ଷାକରିବା ଅତ୍ୟନ୍ତ କଷ୍ଟକର କିନ୍ତୁ ଏହି ବନ୍ଧୁକ ଗୋଟିଏ ଘରେ ଥିଲେ ଆଉ ସେ ଭୟ ଥିବ ନାହିଁ । ଏହି ବନ୍ଧୁକ ଘରେ ରଖିବାକୁ ବା ବ୍ୟବହାର କରିବାକୁ ପୁଲିସର ଲାଇସେନ୍ସ ନେବାକୁ ହୁଏ ନାହିଁ ଏବଂ ନିର୍ଭୟପଦରେ ବ୍ୟବହାର କରାଯାଏ ।

| | | |
|---|---|---|
| ମୂଲ୍ୟ "ଭିଂ" ବନ୍ଧୁକ | ୧ | ଟ ୧୦ ୧ |
| "ଲୁଇଜ" ଟ ୧୨ ୧ ଓ ସ୍ପାଇଲ | | ଟ ୧୨ |
| ଲଇସ ଟ ୫ ୧ ଗ୍ରେନ | | ଟ ୫ |

ପ୍ୟାକିଂ ଓ ପୋଷ୍ଟେଜ ଟ ୧। ଅଣା ।

ପ୍ରତ୍ୟେକ ବନ୍ଧୁକ ସହିତ ୧ କୌଟା ଗୁଳି ଓ ବ୍ୟବହାରର ନିୟମାବଳୀ ବିନାମୂଲ୍ୟରେ ଦିଆଯାଏ ।

ପ୍ରାପ୍ତିସ୍ଥାନ

ମେସାର୍ଶ, ମହନ୍ତ, ଏଣ୍ଡ ରବର୍ଟସ୍

୪୭।୫ ମିର୍ଜାପୁର ଷ୍ଟ୍ରିଟ

କଲିକତା

---

ଗବର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ

ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ଶାସ୍ତ୍ରୀୟ ଓ ଧାତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବଂ ସଚିକ୍କଣ ହୁଏ, ନୂତନ କେଶ ପ୍ରଚୁର ପରିମାଣରେ ବହୁତ କେଶ ଜନ୍ମ ହୁଏ, ମସ୍ତକର ରୁକ୍ଷ୍ୟ ନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଶିରଃ, ମସ୍ତିଷ୍କ ଦୌର୍ବଲ୍ୟ ଆନୁଷଙ୍ଗିକ ଶୂଳବେଦନା ଭ୍ରମ, ଶିରୋଘୂର୍ଣ୍ଣନ, ଚକ୍ଷୁ ଦୌର୍ବଲ୍ୟ ଏ ସାଉର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପ୍ୟାକିଂ ଓ ଡାକମାସୁଲ ଟ ୦ ।/

# ପ୍ରମେହ ବନ୍ଧୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ । କାନକ୍ରନ୍ତ, ମୂତ୍ର ଦାହ ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସନ୍ତାନୋତ୍ପାଦକ ଶକ୍ତି ଏବଂ ଶୁକ୍ର ଦୁର୍ବଳତାର ପ୍ରଧାନ ଔଷଧ । ବସ୍ତୀ ପୁରୁଷ କିମ୍ବା ତରୁଣୀ ଶୀଘ୍ର ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା ପୂର୍ବକ ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧।

ଡାକମାସୁଲ　　ଟ ୦ ।୶

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ରକ୍ତ ଅନାର୍ତ୍ତବ ବେଦନା, ଗର୍ଭଗ୍ରହଣର ଅକ୍ଷମତା, ପ୍ରସବାନ୍ତରେ ସ୍ତନରୋଗ ପ୍ରଭୃତି ଅଶେଷ ଉପକାର କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧।

ଡାକ ମାସୁଲ　　ଟ ୦ ।୶

### ଅମୃତ ବଲ୍ଲୀ କଷାୟ ।

ପାରଦୋଷ, ନାଗର ଓ ଉପଦଂଶର ପରୀକ୍ଷିତ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧।　　ଡାକମାସୁଲ ଟ ୦ ।୶

---

### ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅବ୍ୟର୍ଥ ପ୍ରତିକାରକ ମହୌଷଧ । ଦୁଇ ସପ୍ତାହ ବ୍ୟବହାରେପରେ ଏ ଔଷଧର ମୂଲ୍ୟ ଟ ୪　　ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନାବୃତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁତ୍ସିତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାରେ ଦେହର ସାର, ଶୋଣିତର ସାର, ଶୁକ୍ରର ଅପଚୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତେଲ ଓ ଗୁଳି କୌଟା ବଟିକା ଟ ୪

ଡାକମାସୁଲ ପ୍ରଭୃତି ଟ ୦।

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ

ମୂଲ୍ୟ ଟ ୧　ଡାକମାସୁଲ ଟ ୦ ।୶

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ

କଟକର ଏକମାତ୍ର ଏଜେଣ୍ଟ

ବାଲୁବଜାର, ଚାନ୍ଦନୀଚୌକ, କଟକ

ଅଥବା ନଗେନ୍ଦ୍ରନାଥ ସେନ କବିରାଜ

୧୮।୧ ଓ ୧୯ ଲୋୟରଚିତପୁର ରୋଡ଼

କଲିକତା

---

# ବିଜ୍ଞାପନ ।



## ଶ୍ରୀଲାଲମୋହନ ସାହା ଶଙ୍ଖନିଧିର

### ଯୁଟବ୍ରୀ ବ୍ୟାପିତ

# ସର୍ବଜ୍ୱର ଗଜସିଂହ ।

୩ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ସମ୍ପ୍ରାକ ରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧। ମଧ୍ୟମ ଟ ୧୯ ଛୋଟ ଟ ୦ ।୵

ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ।୶

# କର୍ଣ୍ଣ ଦାବାନଳ ।

ନାଲି ଆଦ ଖଉରୋଗ ବିନା କ୍ଳେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୶ ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ।୶

# ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଜାଡୁଆଦ ଚର୍ମରୋଗ ବିନା ଜ୍ୱାଳାରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୶ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦୶

ଏହି ନକଲ ହୋଇଅଛି ଖରିଦଦାର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି କ୍ରୟ କରିବେ । ଏହା ସକଳ ଜିଲାର ବଡ଼ ବଡ଼ ଦୋକାନରେ ପାଇବେ ନ ପାଇଲେ ପୁସ୍ତକର ଯେ କୌଣସି ଠାବରୁ ବେଶ କେହି ବ୍ୟକ୍ତି ସ୍ୱାକ୍ଷରରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱ ଲରେ ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି

ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଧାରଣୀପ୍ରସାଦ ବନ-ର୍ଜିଙ୍କ ନିକଟ ପ୍ରାପ୍ତ ହେବେ ।

Lal Mohan Saha Sankhanidhi
Baburbazar, Dacca.

---

### କୃପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଶ୍ୟକୀୟ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶ୍ୱଲରେ କାହାରି ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ତୁଇପଇସିଆ ଷ୍ଟାମ୍ପଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରି ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

| | |
|---|---|
| କୃପଦବନ୍ଧୁ ଔଷଧାଳୟ<br>ଚଉଧୁରୀବଜାର, କଟକ<br>୩୦।୫।୧୯୦୪ | ଶ୍ରୀ ବାଳକୃଷ୍ଣଦାସ<br>କବିରାଜ<br>ଶ୍ରୀ ରାମକୃଷ୍ଣ ମିଶ୍ର<br>ମାନେଜର |

---

### IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.


Split by PDF Splitter
Digitized by srujanika@gmail.com

Split by PDF Splitter



# ନବରତ୍ନ ।



"ଏହା ବହୁସମ୍ପନ୍ନ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଆଡ଼ମ୍ବର ନିଷ୍ପ୍ରୟୋଜନ ।

୧ । ଧନ୍ୱନ୍ତରୀ ବଟିକା—ପ୍ରକୃତରେ ଧନ୍ୱନ୍ତରୀ । ଏହାଦ୍ୱାରା ପାଳି, ଏକୁଅ, କମ୍ପ, ଦେହ ଓ ଶୀର୍ଷଜ୍ୱର, ପ୍ଳୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ପୁରାତନ ଓ ନୂତନ, ସମସ୍ତପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନଂ ୧ ମ୍ବର ଡବା ( ୧୫ ବଟିକା ) ଟ ୦ ॥/ ନଂ ୨ ମ୍ବର ଡବା ( ୩୦ ବଟିକା ) ଟ ୧/ । ନଂ ୩ ମ୍ବର ଡବା ( ୫୦ ବଟିକା ) ଟ ୧॥/ ।

୨ । ଦଦ୍ରୁ ଦାଉକେନ୍ଦୁ—ଏହା ଦାଉଆ, ବିଖୁଡ଼ିଆ, ଖୋଚ୍ଚ ବା ଉପଦଂଶ ଓ ଅଶ୍ରାବଜ ପ୍ରଭୃତି ସର୍ବପ୍ରକାର ଚର୍ମରୋଗ ପରୀକ୍ଷିତ ଓ ଅମୋଘ, ଜାଳା ଯନ୍ତ୍ରଣା ଶୂନ୍ୟ, ଅଶୁଫଳ ପ୍ରଦ ଓ ମୂଲର ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରିବାର ଭୟ ନାହିଁ । ମୂଲ୍ୟ—୧ ଡବା ଟ ୦ । ଡାକ ଟ ୵୨

୩ । କର୍ଣ୍ଣ ଜାଲାନଳ—ଏଥିରେ କାନ୍ଥୁ କର୍ଣ୍ଣ ପ୍ରଭୃତି ନାନା ପ୍ରକାର କର୍ଣ୍ଣରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ କାନ୍ଥୁରେ ଥିବା କୀଟାଣୁଗଣ ଅବିଳମ୍ବେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତି ଡବା ଟ ୦ ।, ପ୍ରତି ଡାକ ଟ ୵୫ ।

୪ । ଶିରଶୂଳାନ୍ତକ—ଏଥିରେ ସର୍ବପ୍ରକାର ଶିରଃ ପୀଡ଼ା; ସର୍ଦ୍ଦି, ଯିଙ୍ଗାଭଲ ବା ପ୍ରଭୃତି ଦୃଷ୍ଟିକ୍ଷତ ଅତି ସହଜରେ ଓ ଅତି ଅଳ୍ପକାଳରେ ଆରୋଗ୍ୟ ହୁଏ । ବିଦ୍ୟାର୍ଥୀମାନଙ୍କର ଶିରଃପୀଡ଼ା ଶିର ଘା ଦାଗ ବା ଦଗ୍ଧ ଓ ରକ୍ତ ଘା ଉପରେ ମର୍ଦ୍ଦନ କରେ । ମୂଲ୍ୟ—୧ ଡବା ଟ ୦ । ଓ ଡାକ ଟ ୵୨

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡବା ଟ ୧; ପ୍ରତି ଡାକ ଟ ୧୵ ଜା

୬ । ପ୍ରମେହକୁଠାରୀ—ଶୌକୀନ ବୈଧ ଅବସ୍ଥାରେ ପ୍ରମେହ ରୋଗ ଧରିବାର ଘଟନା ଏହି ରୋଗକୁ ଅନ୍ଧମଣ କରେ ଜୀବନ୍ମୃତ ପରି ନଷ୍ଟ କରେ ଲୋକ ସ୍ୱାସ୍ଥ୍ୟ ମୂଳରୁ ଏହି ଭୀଷଣ ରୋଗର ହାତରୁ ରକ୍ଷା ପାଇବା ପାଇଁ ଏକ ମାତ୍ର ଔଷଧ ପ୍ରମେହକୁଠାରୀ । ଏଥିରେ ରୋଗର ଶୀଘ୍ର ଭେଷଜ ଶୁକ୍ର ଦୋଷଗୁଡ଼ିକ ନଷ୍ଟ ହୁଏ ଓ ୨୧ ଦିନ ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ରୋଗ ଆରୋଗ୍ୟ ଓ ବଳଧାରଣ କରାଇବା ସହିତ ପୁଣି ଯୌବନ ଦେଇ ଅଗ୍ନିବୃଦ୍ଧି ଓ ଅନ୍ୟ ବ୍ୟାଧିର ଅତି ଅବ୍ୟର୍ଥ ଅଟେ; ଅଶୁଫଳପ୍ରଦ ଔଷଧ । ମୂଲ୍ୟ—୧ ଡବା ଟ ୧; ପ୍ରତି ଡାକ, ଟ ୧।(ଜା

୭ । କର୍ଣ୍ଣାମୃତତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର କାନପାକ ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ଛୋଟ ଶିଶି—ଟ ୦ ।/; ବଡ଼ ଶିଶି ଟ ୪( ଜା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ନୂତନ ଓ ପୁରାତନ ରୋଗର ଅତ୍ୟନ୍ତ ଅଶୁଫଳପ୍ରଦ ଔଷଧ । ଅଜୀର୍ଣ୍ଣ ମନ୍ଦ ଏଥିରେ ଅନନ୍ତୁଳି, ଜାଣ୍ଡିସ ପାଣ୍ଡୁ ରୋଗ, ଗ୍ରହଣୀ, ଅତିସାର, କାସ, ଛର୍ଦ୍ଦି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ ୦ ୩ ଓ ଡାକ ଟ ୫ ଜା

୯ । ଭାସ୍କରତୈଳ—ଏହା ଅଶ୍ୱାସ, ଅଣ୍ଡକୋଷ ଅନ୍ତବାଇ ଓ ଅଶାଢ଼ ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦୫, ବାର ଶିଶି ଟ ୫( ଜା

ଉପରୋକ୍ତ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପିପରୁ ମୂଳ ଅର୍କ ପ୍ରତି ଶିଶି | ଟ ୦୫ | ବାରଶିଶି | ଟ ୫( |
| ପାନମହୁରି ଅର୍କ | „ | ଟ ୦୫ | „ | ଟ ୫( |
| ଅମୃତାଦି ପାଚନ | „ | ଟ ୧୫ | „ | ଟ ୧୫( |
| ମାଳତୀକୁସୁମ ତୈଳ | „ | ଟ ୦୩/ | „ | ଟ ୨( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକର ଚନ୍ଦ୍ର ଦାସ ବାଲେଶ୍ୱର

# ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାସୁଲାଦି ଟ ୦ ।/

ଉଦ୍ଭିଜ୍ଜାତ ମହୌଷଧ ସେବନରେ ପେଟ ଫାମୁଡ଼ ପେଟ ଜଳକଳ କରିବା ଓ ଶୂଳ ଇତ୍ୟାଦି ନାନା ରୋଗାଦି ସବୁ ଶୀଘ୍ର ଆରୋଗ୍ୟ ହୁଏ ।

ଲୋଡ଼ୁଥିଲେ ବା ସଙ୍ଗେ ନେବ । **ସୁଧାଇଚ୍ଛାଣ୍ଡି** ଅମୋଘ ଔଷଧ

ସେବନରେ ପୁଷ୍ଟ ଲକ୍ଷ ଦୂର୍ବଳରେ ଜ୍ୱାଳା ଯନ୍ତ୍ରଣା ଅତି ତୁରନ୍ତ ଶାନ୍ତ ହୁଏ, ଶୀ ସୁସ୍ଥ ଲକ୍ଷ ପ୍ରଦାୟକ ସ୍ୱାସ୍ଥ୍ୟ ଦେବା ହେବାରେ ଆରୋଗ୍ୟକର ହୁଏ, ୭ ଦିନ ମଧ୍ୟରେ ଚମତ୍କାର ଫଳ ଦେଖାଯାଏ ।

ମୂଲ୍ୟ ଏକପାକେଟ ୨୪ ଖା ର, ଡି, ଟ ୦ ।/ ।

## ସର୍ବସ୍ୱିତାନ୍ତକମଲମ୍

( ଘାଉଦାଦ ଭୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାକୁ ୨୧ ଖା ର, ଡି, ଟ ୦ ।/

କଠିନ ଉପଦଂଶ ବା ନାସୂର ଓ ସର୍ବବିଧ କ୍ଷତାଦି ଘା ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ନପୁଂସକ ପୁରୁଷ ସବଳ, ସୁସ୍ଥ ମେହ ଶାନ୍ତ, ଶୁକ୍ର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ । ଖାଦ୍ୟ କାଳରେ ସେବନ କଲେ ଅଲୌକିକ ଫୂର୍ତ୍ତି ଓ ଚଳାଚଳ ଚାର ବୃତ୍ତାନ୍ତ ସୁଖ ଅନୁଭବ କରିବ ଦିବ୍ୟ ଔଷଧର୍ତ୍ତ ଏକ କୌଟାର ମୂଲ୍ୟ ଭିଃ ପିଃ ମାସୁଲ ସମେତ ଟ ୧ ୩ ଏଥିରେ ଭଙ୍ଗ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ କବିରାଜ

ବୈଦ୍ୟମଠ, ଗୋଦଳା ୭ କାଶୀଧାମ

# ବିଜ୍ଞାପନ ।

## ପ୍ରଜାବନ୍ଧୁ ।

ଉତ୍କଳର ଉତ୍ତରରେ ସମ୍ପାଦିତ, ସର୍ବଜନ ପ୍ରଶଂସିତ ମୂଲ୍ୟ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ଗ୍ରାହକ ଉତ୍କଳରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତନାମା ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକ ସଂଖ୍ୟା ନମୁନା ସ୍ୱରୂପ ପଠାଯିବ । ଅଗ୍ରୀମ ବାର୍ଷିକ ମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଉତ୍କଳମଧୁପ" ମାସିକ ପତ୍ରିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଘଟର ଓସ୍ତାଦ ଅନାକୁଡ଼ ମୂଲ; ଘଡ଼ିବାଲାନ; ଟ ୩ ଖା; ଉସ୍ତାନିକ ଓସ୍ତାଦ ଟ ୩୮; ରେଲ୍‌ୱେ ରେଗୁଲେଟର ଓସ୍ତାଦ ଟ ୪; କୋରଘଉସାର କୋଂ ଓସ୍ତାଦ ଟ ୧୨ ରୁ ଟ ୪୦ ଖା ପର୍ଯ୍ୟନ୍ତ; ବାଜା ଟାଇମପିସ ( ଘଣ୍ଟା ଓ ଘଣ୍ଟା ବଜା ବାଜେ ) ଟ ୫ ଖା । ପ୍ରତ୍ୟେକ ଘଡ଼ିର ଗ୍ୟାରେଣ୍ଟି ଦିଆଯାଏ ଓ ମାସୁଲାଦି ସ୍ୱତନ୍ତ୍ର ଲାଗେ ।

ଅଉ ଆପଣଙ୍କର ପ୍ରୟୋଜନ; —ସଙ୍ଗୀତର ଗତବୃଦ୍ଧ୍ୟ ( ତୌବାୟ ) ନୂଆ ଅବସ୍ଥାର ୬୫ ଟ ୧୯; ୧୨୫ ଟ ୨୩;

କେଉଁସଂଖ୍ୟକ ସାରୁକ ଗୋଟିକୁ ଟ ୦ ।/, ଡଜନକୁ ଟ ୧ ଖା, ଖୋଲପ୍ରକାର ଦ୍ରବ୍ୟଯୁକ୍ତ ଜୁତା ଗୋଟିକୁ ଟ ୨୩ ହାର୍ମୋନିକ ବାକ୍ସ ( ପାଖ ଲଗେ ନାହିଁ ) ଟ ୩୮; ପକେଟ ପ୍ରେସ ସହ ୨ ଓ ୩; ଜଳଖିଆ ( ଏକପ୍ରସ୍ଥ ୧୦ × ୬ ଇଞ୍ଚ ) ଟ ୦ /୭; ସୁନାର ସୂତାର ଖେଳନା ଟ ୦ । ଅଣାଠାରୁ ଟ ୧୦ ଖା ପର୍ଯ୍ୟନ୍ତ; ନାଟକ ଲଣ୍ଠନ ଟ ୧୨ ଠାରୁ ଟ ୧୦ ଖା ପର୍ଯ୍ୟନ୍ତ ମାସୁଲାଦି ସ୍ୱତନ୍ତ୍ର ୭ ଏହାବ୍ୟତୀତ ନାନା ପ୍ରକାରର ବସ୍ତ୍ର ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଚିଠି ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦି ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ସପ୍ଲାଇ କୋଂ, ନ ୧୯ ବଳରାମ ଘୋଷ ଷ୍ଟ୍ରିଟ ଶ୍ୟାମବଜାର କଲିକତା ।

## ଉପନିଷତ୍ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଲବକାର କାଠକ, ତୈତ୍ତିରୀୟ, ମାଣ୍ଡୂକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷତ୍ ସମୂହ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୩ ଡାକମାସୁଲ ଟ ୦ / ଉତ୍କଳ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ ମହାଭାରତାନ୍ତର୍ଗତ ଖିଳ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ଜଗନ୍ନାଥ ଭାଗବତ ବୃତ୍ତରେ ଅନୁବାଦିତ ମୂଲ୍ୟ ପ୍ରତିଖଣ୍ଡ ଟ ୧ ଖା ଡାକମାସୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଏହି ଉତ୍କଳଦୀପିକା ସହର କଟକ ଦଗ୍‌ଧାବଜାର ପ୍ରିଣ୍ଟିଂକମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C 81

409

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

# THE UTKAL DIPIKA.

ଶ୍ରୀ ୪୦ ଭାଗ | CUTTACK, SATURDAY THE 2nd September 1905. | ଅଗ୍ରିମ ଟ ୩୧
ସଂ ୩୫ ସଂଖ୍ୟା | ତା ୧୯ ଭାଦ୍ର ସନ ୧୩୧୨ ସାଲ ଶନିବାର | ପଶ୍ଚାଦେୟ ଟ ୬୧

ସହର କଟକ ଦରଘାଟ ବଜାର ଗୌରୀଶଙ୍କର ରାୟଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ସକାଶେ ଧାଡ଼ିପ୍ରତି ଟ ୦ ।୶ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୧ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ସଂଖ୍ୟା ଟ ୦ ।୵ ଠାରୁ ଉଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

### BENGAL POLICE OFFICE.

THE Inspector-General of Police, L. P., is prepared to receive applications for appointments as Sub-Inspectors of Police, from young men of respectable parentage, who have passed the Entrance Examination of the Calcutta, Allahabad, or Punjab University, or who have passed the final examinations of the "B" and "C" classes of the Calcutta University. Preference will be given to graduates and undergraduates and to natives of a Commissioner's Division in filling up the appointments allotted to it. A limited number of applicants who have obtained the B.L. degree, will be appointed to a higher grade, and if they subsequently give proof of special aptitude for conducting prosecutions, may look for special promotion to the post of Court Inspector.

No person will be deemed qualified who does not satisfy the following conditions :—

I.—That he has no disease, constitutional affection or bodily infirmity unfitting him, or likely to unfit him, for Police duties, and that he is not less than 5 feet 3 inches in height and 30 inches round the chest.

(NOTE.—"Stuttering or stammering" is a constitutional defect, and represents a physical disqualification.)

II.—That he is of good moral character.

III.—That he belongs to a respectable family and is of good social standing.

IV.—That he will be over 21 and under 25 years of age on 1st January 1906.

Printed forms of applications are obtainable in the office of all Superintendents of Police, and of the Deputy Commissioner of Police, Calcutta. Applications should be submitted through the Superintendent of Police and Magistrate of the district within which the candidate resides, or through the Commissioner of Police if he resides in Calcutta. Applications must reach the office of the Inspector-General of Police not later than the 30th September 1905.

Selected candidates will undergo a 42 weeks' course of instruction, commencing from 2nd January 1906, at the Bhagalpur Police Training School. This course will include drill, riding, gymnastics, instruction in taking finger-prints and Police portraits, elementary surveying and training in conducting prosecutions in Magistrates' Courts, and in other practical duties of an investigating officer.

At the end of the 42 weeks, candidates obtaining a certificate of proficiency will be posted to districts as probationers for two years. If at the end of that period they are pronounced competent and fit, they will be confirmed as Sub-Inspectors. During the period of instructions they will be subject to the rules and regulations of the Training School, and will receive Rs. 25 a month as salary. On being passed out of the Training School, they will receive the full salary of the grade to which they are appointed.

The position of selected candidates in the Range lists, from which promotions are made, will be determined by the places obtained at the final examination held at the conclusion of the Training School term.

K. B. THOMAS,
*Personal Assistant.*

## ବିଜ୍ଞାପନ ।

ଢେଙ୍କାନାଳ କଷ୍ଟାର ଗୋପାଳ ଚୀରା ପ୍ରଭୃତି କାର୍ଯ୍ୟ ... [illegible] ... ଅବେଦନକାରୀ ... ମେଡ଼ିକେଲ ସ୍କୁଲର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ... [illegible] ... ମାସ ତା ୨୦ ରିଖ ସୁଦ୍ଧା ... [illegible] ।

ଢେଙ୍କାନାଳ ଗଡ଼
୨୮।୮।୦୫ } Janardan Singh Deo
ରଜା । ବା । ଢେଙ୍କାନାଳ ।

### ବଙ୍ଗୀୟ ଆକ୍ଟ ... [illegible] ... ଅନୁସାରେ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କାଠଯୋଡ଼ି ନଦୀ ପାଢ଼ରେ ... [illegible] ... ସୀମା ମଧ୍ୟରେ ... [illegible] ... କରିବେ ନାହିଁ ।

ଯଥା ।

୧ । ଧୋବାମାନେ ଲୁଗା କାଚିବେ ନାହିଁ ।

୨ । ଘୋଡ଼ା ଗାଈ, ବଳଦ ପ୍ରଭୃତି ଜନ୍ତୁମାନଙ୍କୁ ଗାଧୁଆଇବେ ନାହିଁ ।

୩ । ମଇଳା ... [illegible] ... ରେ ଧୋଇବେ ନାହିଁ ।

୪ । ... [illegible] ... ପକାଇବେ ନାହିଁ ।

୫ । ... [illegible] ... ପାଣି ଖାଇବେ ନାହିଁ ।

... [illegible] ...

Cuttack
28-8-05 } Ram Sankar Roy
*Chairman.*

Digitized by srujanika@gmail.com

# ବିଜ୍ଞାପନ ।

## NERVE-VIGOR
## ସ୍ନାୟୁଶକ୍ତି ବର୍ଦ୍ଧନ

ଡାକ୍ତର ହାରଣୀର ସାହେବଙ୍କର ଅନୁମତି ଏହ




ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡିଏ ବର୍ଷ ହେଲା ସ୍ନାୟବିକ ରୋଗର ଅତ୍ୟନ୍ତ ନିର୍ଦ୍ଦୋଷ ଏବ ବିଶେଷ ଗୁଣକାରୀ ମହୌଷଧରୂପେ ତାହାର ଉପକାରିତା ପ୍ରମାଣ କରାଇ ଦେଉଅଛି;— ନିମ୍ନଲିଖିତ ରୋଗମାନଙ୍କର ନାମ ଯଥା;—

୧ ଅତ୍ୟଧିକ ପରିଶ୍ରମଜନିତ ମାନସିକ ଅବସାଦ ଅସ୍ୱାସ୍ଥ୍ୟକର ଜଳବାୟୁ, ଉତ୍ସାହ, ଦୋଷ, ଅତ୍ୟାଗ୍ରହ ବା ଯୌବନଜନିତ ଦୋଷ ହେତୁ ସ୍ନାୟବିକ ଦୁର୍ବଳତା, ଶରୀର ଲକ୍ଷଣ ହାନି, କ୍ଲାନ୍ତି, ନାଡ଼ୀ ବା ଶାରୀରିକ ଶୈଥିଲ୍ୟ, ମସ୍ତିଷ୍କ ଘୂର୍ଣ୍ଣନ, ସ୍ମରଣ ଶକ୍ତିର ହାନି, ମାନସିକ ବୈଲକ୍ଷଣ୍ୟ, ଭୟଙ୍କର ସ୍ୱପ୍ନ, ଅନିଦ୍ରା, ଦୃଷ୍ଟିଶକ୍ତିହ୍ରାସ, କୋଷ୍ଠବଦ୍ଧ, ଅଥବା କୌଣସି କାର୍ଯ୍ୟ କରିବାରେ ଅକ୍ଷମତା, ମାଂସପେଶି ଏବ ଅଙ୍ଗ ବିଶେଷର ଶୈଥିଲ୍ୟ, ଅକାଳବାର୍ଦ୍ଧକ୍ୟ, ଜୀବନୀ ଶକ୍ତିର କ୍ଷୀଣତା, ଧ୍ୱଜଭଙ୍ଗ ଉନ୍ମାଦ—ସ୍ନାୟବିକ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣସମ୍ପନ୍ନ ଔଷଧ ଅଶୁ କ୍ରିୟାକାରକ ଏବ ଚିରସ୍ଥାୟୀ ଫଳପ୍ରଦ;

ରୋଗର ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅଦୃଶ୍ୟ ଅଦୃଶ୍ୟ ହୁଏ ଏହା ବାସ୍ତବରେ ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏକପ୍ରକାର ବ୍ୟବହାର ପରେ ଶାରୀରିକ ସ୍ୱଚ୍ଛନ୍ଦତା, ବଳ ଏବଂ ସ୍ଫୂର୍ତ୍ତିର ସହିତ ସ୍ୱାସ୍ଥ୍ୟ ଏବଂ ମାନସିକ ଶକ୍ତିର ବୃଦ୍ଧି ସାଧିତ ହେବାର ଅନୁଭବ କରି ବ ଧନ ତାହା ହଠାତ ଅନୁଭବ କରେ ।

୨ ଦୁଇସପ୍ତାହ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ୫ ଟ ।

ଜାଲିଅନୁକରଣର ପ୍ରତାରଣା ନିବାରଣ ନିମନ୍ତେ ପ୍ରତ୍ୟେକ ବୋତଲି ଦେଖିଲେ ଆମ୍ଭର ନାମ ଏବଂ ଠିକଣା ଛପା ହୋଇଥିବା ଦେଖିଲେ କରିବ । ଔଷଧ ଡାକିକା ମଗାନ୍ତୁ ।

ଠିକଣା—ଇ, ପି, ଏଣ୍ଡ କୋ, ଓ୍ୱାର୍କସ୍, ଇଣ୍ଟାଲି କଲିକତା ।

The E. P. & Co. Works,
Intally CALCUTTA.



## NOTICE

Royalty on green-timbers has been temporarily reduced to six pice per cubic-foot. Gentlemen willing to take in large numbers may apply for particulars.

| | |
|---|---|
| Pal Lahera, Manager's office 15-8-05 | Syam Sunder Nanda Manager.. |

କଞ୍ଚାକାଠ ଯାଇ କଷା ମୂଲ୍ୟ କାଠର ମାସୁଲ ପ୍ରତିଘନଫୁଟ ଛଅ ପଇସା ଧାର୍ଯ୍ୟ କରା ହୋଇଅଛି । ସବିଶେଷ ବିବରଣ ଜାଣିବାପାଇଁ ପତ୍ର ଲେଖିଲେ ଯଥାଶୀଘ୍ର ଉତ୍ତର ଦିଆ ହେବ ।

| | |
|---|---|
| ପାଲଲହଡ଼ା ମେନେଜରଅଫିସ ତା ୧୫।୮।୦୫ ମସିହା | ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ମେନେଜର୍ । |


# ଉତ୍କଳଦୀପିକା ।

ଗତମାସ ତା ୨୪ ରିଖରେ ଶେଷ ହେବା ସାପ୍ତାହିକ ରିପୋର୍ଟ ଅନୁସାରେ କେବଳ ବରମାଉପକୂଳ, ବଙ୍ଗପ୍ରଦେଶ ଏବ ବେଲୁଚି ସ୍ଥାନରେ ସାମୟିକ ବୃଷ୍ଟିର ପରିମାଣ କିଛି ଅଧିକ ଥିଲା ନଚେତ୍ ଭାରତର ଅନ୍ୟ ସକଳ ସ୍ଥାନରେ ଊଣା ଥିଲା । ଗତମାସର ଅଧେ ଗଲାଣି ଆଉ କେବେ ସୁଯୋଗ ହେବ ?

ପେଲେଗ ପୁଣି ଭାରତରେ ବଢ଼ିବାର ଦେଖାଯାଏ । ଗତ ତା ୧୯ ରିଖରେ ଶେଷ ହେବା ସପ୍ତାହରେ ସେହି ରୋଗରେ ୧୬୪୦ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୧୩୬୨ ଥିଲା । ୧୬୪୦ ମୃତ୍ୟୁ ମଧ୍ୟରୁ ଏକା ବମ୍ବାଇର ଅଙ୍କ ୧୨୭୪ ଏବଂ ମାନ୍ଦ୍ରାଜର ଅଙ୍କ ୧୪୦ । ଅନ୍ୟାନ୍ୟ ଏଣେ ଏକ ପ୍ରଦେଶର ମୃତ୍ୟୁ ଏକଶହରୁ ଊଣା ମାତ୍ର ବର୍ମା ଏବଂ ହାଇଦରାବାଦ ଛଡ଼ା ଆଉ ସକଳ ପ୍ରଦେଶରେ ପୂର୍ବ ସପ୍ତାହଠାରୁ ବଢ଼ିଥିଲା ।

ବାଲେଶ୍ୱର ଜିଲ୍ଲାର ଭଦ୍ରକ ଥାନା ଓ ପାଣ୍ଡି ଏବଂ ବାଲେଶ୍ୱର ନିଯୁକ୍ତ ହୋଇଥିବା ଅନେକ ପଞ୍ଚାୟତ ଦଳର ପ୍ରେସିଡେଣ୍ଟମାନଙ୍କ ମାଧ୍ୟମରେ ବଙ୍ଗର ଲେପ୍ଟେନାଣ୍ଟ ଗଭର୍ଣ୍ଣର ସାହେବ ଆଇନର ଧା ୨୫, ୧୨୭ ଓ ୧୨୮ ଧାରା ଲିଖିତ କ୍ଷମତାମାନ ବଳ ୩ ବର୍ଷ ପାଇଁ ପ୍ରଦାନ କରିଅଛନ୍ତି । ସେହି କ୍ଷମତାମାନ ପାଇଥିବା ପ୍ରେସିଡେଣ୍ଟମାନଙ୍କର ନାମ ଗତ ତା ୨୩ ରିଖର କଲିକତା ଗେଜେଟରେ ବାହାରିଅଛି । ବିଶେଷ କ୍ଷମତା ପାଇବା ବ୍ୟକ୍ତିଙ୍କ ସଂଖ୍ୟା ମାଜିଷ୍ଟ୍ରେଟଙ୍କ ସୁପାରିଶ ବଳି ଗଲା । କେତେଦୂର ଦାୟିତ୍ୱସଙ୍ଗତରୂପେ ପରିଚାଳିତ ହେବ ଯଥାକାଳରେ ଜଣାପଡ଼ିବ ।

ମାନ୍ୟବର ଲେପ୍ଟେନାଣ୍ଟ ଗଭର୍ଣ୍ଣରଙ୍କ ପୁଣି ମିଉନିସିପାଲିଟିରେ ମିଉନିସିପାଲ ଆଇନର ଧା ୨୪୯ର ସେହି ମିଉନିସିପାଲିଟିର କମିଶନରମାନଙ୍କର ଅନୁରୋଧମତେ ନାଲି କରିବାକୁ ଇଚ୍ଛା କରି କଲିକତା ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି ଯେ ଯେଉଁ ତାରିଖରେ ଏ ବିଷୟର ବିଜ୍ଞାପନ ପୁରୀ ମିଉନିସିପାଲିଟିରେ ପ୍ରଚାରିତ ହେବ ସେହି ତାରିଖଠାରୁ ଏକମାସ ମଧ୍ୟରେ ସେହି ଧାରା ଜାରି ବିରୁଦ୍ଧରେ କେହି ଉପଯୁକ୍ତ ହେତୁ ଦର୍ଶାଇଲେ ସେ ବିଷୟ ଧାରାକୁ ଜାରି କରିବେ । ଉକ୍ତ ଧାରା ପ୍ରଚାରିତ ନାଲିଶର ଅନୁମତି ଦେବା ବିଷୟକ ଅଟେ ।

ବମ୍ବାଇଠାରେ ଯାଦୁଘର ନାହିଁ ବୋଲି ... ଆମ୍ଭମାନଙ୍କର ସ୍ଥାନକ ଭାରତବର୍ଷକୁ ଆସୁଥିବାରୁ ତାହା ଚିରସ୍ମରଣୀୟ କରିବା କାରଣ ସେଠାରେ ଗୋଟିଏ ଯାଦୁଘର ସ୍ଥାପନ କରିବାର କଥା ପଡ଼ିଲେ ବମ୍ବେର ଜଣେ ବ୍ୟବସାୟୀ ଜରମନୀୟ ଏବ୍ରାହିମ ସାହେବ ଏଥି ସକାଶେ ତିନିଲକ୍ଷଟଙ୍କା ଦାନ କରିଅଛନ୍ତି । ଏ ଦାନ ଅତି ପ୍ରଶସ୍ତ ଅଟେ । ଏହାକୁ ଯୋଗ ସାର୍ଦ୍ଧ ତିନିଲକ୍ଷଟଙ୍କା ଉଠିଲାଣି ଏବଂ ଆହୁରି ଟଙ୍କା ସଂଗ୍ରହ କରିବାର ଯତ୍ନ ଲାଗିଅଛି । ପ୍ରସ୍ତାବିତ ଯାଦୁଘର ଓ ତହିଁ ଲଗ୍ନ ପୁସ୍ତକଶାଳା ଏବଂ ଉଦ୍ୟାନ ପ୍ରଭୃତି ସ୍ଥାପନ କରିବାରେ ଆଉ କିଛି ସନ୍ଦେହ ନାହିଁ ।

'ଉତ୍କଳ ଷ୍ଟାର' ରୁ ଅବଗତ ହେଲୁ ଯେ ଜେନାପଡ଼ା ମୁନସଫି ଅଦାଲତରେ ଗୋଟିଏ ଉକିଲ, ଜଣେ ମୁକ୍ତାର ଏବଂ ଜ ୧୧୮ ଣ ଟରଣୀ କାର୍ଯ୍ୟ କରନ୍ତି । ଏହି ଉକିଲର କେତେ ବ୍ୟବସାୟ ଯେ ତାହା ପାଖରେ ଜ ୨୦ । ୩୦ ଣ ମୋହରର ପୋଷା ହେଉଅଛନ୍ତି । ଅନୁମାନ ହୁଏ ଯେ ସେ ମୋହରର ଟରଣୀ ଅଟନ୍ତି ଏବଂ ତାହାହେଲେ ଉକିଲମାନେ ଟରଣୀର ସହାୟତା କରୁଅଛନ୍ତି ବୋଲିବାକୁ ହେବ । ଆମ୍ଭମାନଙ୍କର ବିଶ୍ୱାସ ଯେ ଜିଲ୍ଲା ଜଜ ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କର ଏହି ଘଟଣାପ୍ରତି ଦୃଷ୍ଟିପଡ଼ିଅଛି ଏବଂ ପ୍ରତିକାର ନିମନ୍ତେ ହାଇକୋର୍ଟକୁ ରିପୋର୍ଟ କରିଅଛନ୍ତି ।

ଓଲାଉଠାର ଉପଦ୍ରବରେ ଲୋକେ ହାତର ହୋଇ ହିନ୍ଦୁମାନେ ଭାଗବତ ପାଠ, ଦେବୀପୂଜା ଏବଂ ନଗରକୀର୍ତ୍ତନ ଏବଂ ମୁସଲମାନମାନେ ସମାଜେ ସହିତ ଧର୍ମପୁସ୍ତକ ପାଠ କରି ବୁଲୁଅଛନ୍ତି । ବିପଦ ସମୟରେ ରକ୍ଷା ନିମନ୍ତେ ବିପଦଭଞ୍ଜନ ପରମେଶ୍ୱରଙ୍କୁ ଡାକିବା ଛଡ଼ା ଉପାୟ ନାହିଁ । କିନ୍ତୁ ସବୁଦିନେ ଡାକିଲେ କେତେ ମଙ୍ଗଳ ହୁଅନ୍ତା । ଦେଖା ଜଣେ ଭକ୍ତ କହିଅଛନ୍ତି କି " ଦୁଃଖମେ ସବ୍ ହରି ଭଜେ ସୁଖମେ ନ ଭଜେ କୋୟ । ସୁଖମେ ଜବ୍ ହରି ଭଜେ ଦୁଃଖ କାହେକୁ ହୋୟ! " ଏହି ଦୋହାଟି ଅତି ମୂଲ୍ୟବାନ୍ ଅଟେ ଏବଂ ସର୍ବଦା ସମସ୍ତଙ୍କର ସ୍ମରଣ ରଖିବା ଉଚିତ ।

ଗତମାସର ଅଧେ ମାଲିକାଳ ଏପର୍ଯ୍ୟନ୍ତ ଓଡ଼ିଶାର ସକଳସ୍ଥାନରେ ନିୟମିତ ବୃଷ୍ଟି ହେଲା ନାହିଁ । ଏଣୁ କ୍ଷେତରେ କିଛି ଜଳ ବୃଷ୍ଟି ହେବାରୁ ଚଉଡ଼ା ଚୋପାସ ଉଭି ହୋଇଅଛି ଏବଂ କୃଷକମାନେ ବେଉଷଣ କରୁଅଛନ୍ତି । ମାତ୍ର ଅନ୍ୟ ଅନେକ ସ୍ଥାନରେ ଗଛମୂଳ ପୋଡ଼ିଗଲା କଥା ଏବ ପଡ଼ୁଛି ଜଳ ନ ପଡ଼ିବାରୁ ରୁଆ ବେଙ୍ଗଡ଼ା ହୋଇ ପାରୁ ନାହିଁ । ଏ ନଗରରେ ଏପର୍ଯ୍ୟନ୍ତ କୂଅରେ ଜଳ ହୋଇ ନାହିଁ । ଆଉ ଏହିସପ୍ତାହରେ

Digitized by srujanika@gmail.com

Split by PDF Splitter



ସ୍ଥାନୀୟ ହେବ ଏ ସେ ପର୍ଯ୍ୟନ୍ତ ଏହି ଖଣ୍ଡପାଣିଟ ରହିଲେ କୃଷିର ଅବସ୍ଥା ବଡ଼ ମନ୍ଦ ହେବ । ଦୁର୍ଭିକ୍ଷ ନ ହେଲେହେଁ ଦୁର୍ମୂଲ୍ୟତା ଲୋକଙ୍କୁ କଷ୍ଟର କାରଣ । ଏପର ଅପାଳକ ବନ୍ଧୁହାଲି ହେଲ ଦେଖା ନ ଥିଲା ।

ରୁଷ ଜାପାନ ସନ୍ଧିକଥା ଠିକ ହେଲା ବୋଲି ସମ୍ବାଦ ଆସିଅଛି । କ୍ଷତିପୂରଣ ଦେବାକୁ କୌଣସିମତେ ରୁଷିୟା ସମ୍ମତ ନ ହେବାରୁ ଜାପାନ ତାହା ଛାଡ଼ିଦେଲେ ଏବଂ ଶାଖାଲିନ ଦ୍ୱୀପର ଅର୍ଦ୍ଧେ ଛାଡ଼ିଦେବାକୁ ମଧ୍ୟ ରାଜି ହେଲେ । ଏପର ରୁଷିୟାର ନୌବଳ ଏବଂ ଜାହାଜ ସେନ ଯେଉଁ ହ୍ରାସ ଥିଲା ତହିଁରେ ମଧ୍ୟ ଜାପାନ ରୁଷର କଥା ରଖିଲେ, ସୁତରାଂ ସନ୍ଧିର ସକଳ ଆପତ୍ତି ମୀମାଂସା ହୋଇଗଲା । ଏଣିକି ପ୍ରତିନିଧିମାନେ ସନ୍ଧିପତ୍ରର ବିସ୍ତାରିତ ନିୟମମାନ ଚଠା କରି ବିଧିମତେ କାର୍ଯ୍ୟ ସମ୍ପାଦନ କରିବେ ଏବଂ ଆପାତତଃ ଯୁଦ୍ଧ ସ୍ଥଗିତ ହେବ । ଜାପାନ ଯୁଦ୍ଧରେ ଯେମନ୍ତ ବୀରତ୍ୱ ସନ୍ଧିରେ ମଧ୍ୟ ସେହିପରି ମହାମନ୍ତ୍ୱ ଦେଖାଇ ସଂସାରକୁ ବିସ୍ମୟସାଗରରେ ମଗ୍ନ କରିଅଛନ୍ତି ଏବଂ ସମସ୍ତେ ଜାପାନକୁ ଧନ୍ୟ ୨ କହୁଅଛନ୍ତି ।

ଗତପୂର୍ବ ସୋମବାର ରାଞ୍ଚି କଲେଜ କମିଟୀର ଏକ ଅଧିବେଶନ ହୋଇଥିଲା, ମାନ୍ୟବର ଲେଫ୍ଟନାଣ୍ଟ ସାହେବ ଆସନ ଗ୍ରହଣ କରିଥିଲେ । ଏପର୍ଯ୍ୟନ୍ତ ସର୍ବସୁଦ୍ଧା ୩ ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ଚାନ୍ଦା ସ୍ୱାକ୍ଷରିତ ହୋଇଥିବାର ଜଣାଗଲା । ଏ ସମସ୍ତ ଟଙ୍କା କେବଳ ଛାତ୍ରାବାସରେ ବ୍ୟୟ ହେବ । ମାନ୍ୟବର ମହୋଦୟ ବୁଝାଇଦେଲେ ଯେ କେବଳ ବଡ଼ଲୋକଙ୍କ ସନ୍ତାନେ ରାଞ୍ଚି କଲେଜ ସ୍ଥାପନ ହେବାର ଯେ କଥା ଉଠିଅଛି ତାହା ଭ୍ରମାତ୍ମକ ଅଟେ । ରାଞ୍ଚି କଲେଜର ଉନ୍ନତି ସଙ୍ଗେ ୨ ପ୍ରେସିଡେନ୍ସି, ପାଟନା ଏବଂ ଢାକା କଲେଜ ସମୂହର ଉନ୍ନତି ବିଧାନ ହେଉଅଛି । ସୁତରାଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାର କଥା ନାହିଁ । ଏ ସମସ୍ତ ଭ୍ରମକଥା । ମାତ୍ର ଓଡ଼ିଶା ରେଭେନସା କଲେଜର କଥା ଯାହା ଏ ସମୟରେ ମାନ୍ୟବର ମହୋଦୟଙ୍କ ମନରେ ନ ପଡ଼ିଲା ଏତିକି ଦୁଃଖ ଆମ୍ଭମାନଙ୍କର ମନରେ ରହିଗଲା ।

କଲିକତା ବିଶ୍ୱବିଦ୍ୟାଳୟର ଅଧୀନ କଲେଜମାନ ପରିଦର୍ଶନ ନିମନ୍ତେ ଦୁଇଟି କମିଶନ ନିଯୁକ୍ତ ହୋଇଅଛି ଅର୍ଥାତ୍ ଗୋଟିଏ କଲିକତାର କଲେଜ ସମୂହ ନିମନ୍ତେ ଓ ଗୋଟିଏ ମୋଫସଲ କଲେଜ ସମୂହ ନିମନ୍ତେ । କଲିକତା କଲେଜ ସମୂହ ପରିଦର୍ଶନ କମିଶନର ସଭ୍ୟ ହୋଇଅଛନ୍ତି ଶ୍ରୀଯୁକ୍ତ କୁଚଲର, ଶ୍ରୀଯୁକ୍ତ ଜେମସ, ମାନ୍ୟବର ବିଚାରପତି ଶାରଦାଚରଣ ମିତ୍ର ଓ ମାନ୍ୟବର ବାବୁ ଭୂପେନ୍ଦ୍ରନାଥ ବୋଷ । ଏମାନେ ଏହିମାସ ତା ୧ ରିଖଠାରୁ କାର୍ଯ୍ୟ ଆରମ୍ଭ କରିବେ । ମୋଫସଲର କଲେଜମାନ ଦେଖିବା କମିଶନର ସଭ୍ୟ ହୋଇଅଛନ୍ତି ଶ୍ରୀଯୁକ୍ତ କୁଚଲର, ଶ୍ରୀଯୁକ୍ତ ଉଡ଼ ଏବଂ ବାବୁ ବ୍ରଜେନ୍ଦ୍ରନାଥ ଶିଲ । ଏମାନେ ଅସନ୍ତା ନବମ୍ବର ମାସ ଆଦ୍ୟରୁ ଗସ୍ତରେ ବାହାରିବେ । କୁଚଲର ସାହେବ ପ୍ରେସିଡେନ୍ସି କଲେଜର ଜଣେ ଅଧ୍ୟାପକ ଅଟନ୍ତି ଏବଂ ସେ ଏହା ଉଭୟ କମିଶନର ଜଣେ ସଭ୍ୟ ଅଟନ୍ତି । ପରିଦର୍ଶନର ଫଳ ଯଥାସମୟରେ ଜଣାଯିବ ।

ସନ ୧୯୦୪ ସାଲରେ ଭାରତର ସମସ୍ତ ରେଲବାଟର ଦୁର୍ଘଟଣାରେ ନ ୪୦ ଜଣ ହତ ଓ ନ ୨୦୧ ଜଣ ଆହତ ହୋଇଥିଲେ । ତହିଁ ପୂର୍ବ ବର୍ଷର ଅଙ୍କ ଯଥାକ୍ରମେ ୨୨ ଓ ୨୧୮ ଥିଲା । ମାତ୍ର ରେଲ କର୍ମଚାରୀ ଅଥବା କଣ୍ଟ୍ରାକ୍ଟରମାନଙ୍କର ମୃତ୍ୟୁ ଓ କୁଲିମାନେ ରେଲବାଟରେ କାର୍ଯ୍ୟ କରୁଥିବାବେଳେ, ସଜହର ଯାତ୍ରିମାନେ ରେଲବାଟ ଡେଇଁଯିବାବେଳେ ଏବଂ ଅନ୍ୟାନ୍ୟ ପ୍ରକାର ଦୁର୍ଘଟଣାରେ ଏବଂ ରେଲବାଟରେ ଆତ୍ମହତ୍ୟାରେ ଯେତେ ଲୋକ ମରିଅଛନ୍ତି ସେ ସମସ୍ତ ମିଶାଇଲେ ସନ ୧୯୦୪ ସାଲରେ ନ ୧୨୩୦ ଜଣ ହତ ଏବଂ ନ ୧୩୭୫ ଜଣ ଆହତ ହୋଇଥିଲେ । ଭାରତ ଗବର୍ଣ୍ଣମେଣ୍ଟ ସେ ସମସ୍ତ ଛାଡ଼ିଦେଇ କେବଳ ଯାତ୍ରୀ କଥା ଧରି କହୁଅଛନ୍ତି ଯେ ରେଲବାଟ ପୂର୍ବବର୍ଷଠାରୁ ୭୦୦ ମାଇଲ ଅର୍ଥାତ୍ ଶତକଡ଼ା ୨.୭ ବୃଦ୍ଧି ହୋଇଥିବା ଏବଂ ରେଲ ଦୁର୍ଘଟଣାର ସଂଖ୍ୟା ୫୮୧ ବଢ଼ିଥିବା ସ୍ଥଳେ ହତ ଓ ଆହତ ସଂଖ୍ୟା ୨୨ ଓ ୨୧୮ ରୁ ୪୦ ଓ ୨୦୧ କୁ ଖସିଆସିବା ଅତ୍ୟନ୍ତ ସନ୍ତୋଷଜନକ ଅଟେ ।

ପୁରୀର ଅତିରିକ୍ତ ମୁନସଫ ଓଲାଉଠାର ଆକ୍ରମଣ ଉତ୍ପାତ ପ୍ରତି ଦୃଷ୍ଟି ନ କରି ସାକ୍ଷୀ ନ ଆସିବା ଦୋଷରେ କଠୋର ଭାବରେ ଅତିରିକ୍ତ ମକଦ୍ଦମା ଖାରଜ କରିବା ପ୍ରସଙ୍ଗ ଏଥିପୂର୍ବେ ଲେଖିଥିଲୁଁ । ସେହି ଉପଲକ୍ଷରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ସନ ୧୯୦୪ ସାଲର ନ ୩୨୦ ନମ୍ବର ସରେହୋ ମୋକଦ୍ଦମାରେ ମୁନସଫ ବାହାଦୁର ଗତ ତା ୧୫ ରିଖରେ ମହାଜନଙ୍କୁ ମନ୍ଦିଲରି ଦେବା କାରଣ ଥରକେ ଟ ୩ ଙ୍କା ଲେଖାଏଁ ତିବଲ ମୁଲତବି ଖରଚ୍ଚ ଦେଇଥିଲେ । ଏହିଦିନରେ ଏହି ମୋକଦ୍ଦମାରେ ଏହି କୋର୍ଟଠାରୁ ତୃତୀୟଥର ମୂଲତବି ଖରଚ୍ଚ ଦେବା ନୂତନ ପରି ଜଣାଯାଉଅଛି । ଗରିବ ମାମଲତକାରଙ୍କ ପକ୍ଷରେ ଏଥିର ପ୍ରତିକାର ପାଇବା ସହଜ ନୁହେ । ଆମ୍ଭେମାନେ ବିଷୟ ସହିତ ଆମ୍ଭମାନଙ୍କର ସୁଯୋଗ୍ୟ ଡିଷ୍ଟ୍ରିକ୍ଟ ଜଜସାହେବଙ୍କର ମନୋଯୋଗ ଆକର୍ଷଣ କରୁଅଛୁଁ । ଆଶା କରୁଁ ସେ ପୁରୀ ଅତିରିକ୍ତ ମୁନସଫଙ୍କର ଶୈରସ୍ତା ଏହି କ୍ଷୁଦ୍ରାଶ ସମ୍ବନ୍ଧରେ ଉଚିତ କରି ବହୁତ ଆଦେଶ ପ୍ରଦାନ କରିବେ ।

ଗତ ତା ୨୩ ରିଖର 'ପ୍ରଜାବନ୍ଧୁ'ରେ ପାଠ କଲୁଁ ଯେ ସେହି ମାସ ତା ୧୫ ଓ ୧୬ ରିଖରେ ଖଲିକୋଟ ବ୍ରାହ୍ମଣସମିତିର ୨ୟ ଅଧିବେଶନ ବସିଥିଲା ଏବଂ ତହିଁରେ ଅନେକଗୁଡ଼ିଏ ସାମାଜିକ ପ୍ରସଙ୍ଗ ଅବଧାରିତ ହୋଇଥିଲା । ମାନ୍ୟବର ଖଲିକୋଟର ରାଜା ସଭାପତିର ଆସନ ଗ୍ରହଣ କରିଥିଲେ । ଆଠଗଡ଼ର ବ୍ରାହ୍ମଣମାନେ ଯୋଗଦେବାରୁ ଏହି ସମିତିର ନାମ ଖଲିକୋଟ ଆଠଗଡ଼ ବ୍ରାହ୍ମଣସମିତି ରଖାଗଲା । ତା ୧୬ ରିଖରେ ଖଲିକୋଟରାଜାଙ୍କ ସ୍ଥାପିତ ବାଳିକାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ବିଦ୍ୟାଳୟ ସ୍ଥାପନ ମାତ୍ରେ ନ ୪୫ ଜଣ ବାଳିକା ଭର୍ତ୍ତି ହେବାର ରାଜା ମହୋଦୟଙ୍କର ବକ୍ତୃତାରୁ ଜଣାଗଲା ଖୁସିର ବିଷୟ ଅଟେ । ପୁଣି ଗତ ତା ୧୭ ରିଖରେ ରମ୍ଭାଠାରେ ଏକ ସଭା ହୋଇ ଆଗାମୀ ଡିସେମ୍ବର ମାସ ଶେଷ ସପ୍ତାହରେ ଗଞ୍ଜାମ ଜାତୀୟସମିତିର ୨ୟ ଅଧିବେଶନ ହେବାର ସ୍ଥିର ହୋଇ ତହିଁର ବ୍ୟୟ ନିର୍ବାହାର୍ଥେ ଚେଷ୍ଟା ଆରମ୍ଭ ହେଉଅଛି । ଏ ସଭା ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କର ବସାରେ ହୋଇଥିଲା ଏବଂ ସେ ତହିଁର ପ୍ରଧାନ ଉଦ୍ୟୋଗୀ ବୋଲି ବୋଧ ହୁଏ ।

ଓଲାଉଠାର ପ୍ରକୋପ ଏ ନଗରରେ କ୍ରମେ ବଢ଼ିବାର ଦେଖାଯାଏ । ଗତ ସପ୍ତାହରେ ଏ ରୋଗରେ ନ ୬୯ ଜଣ ଆକ୍ରାନ୍ତ ଏବଂ ନ ୩୨ ଜଣ ହତ ହୋଇଥିବାର ଏବଂ ପୂର୍ବଠାରୁ ଅଧିକ ଥିବାର ଲେଖିଥିଲୁଁ । ଏ ସପ୍ତାହରେ ନ ୮୯ ଜଣ ଆକ୍ରାନ୍ତ ଏବଂ ନ ୪୮ ଜଣ ହତ ହୋଇଥିବାର ଅବଗତ ହୋଇଅଛୁଁ । ଅନେକ ଲୋକ ଭୟରେ ସହରରୁ ଅନ୍ୟତ୍ର ଯାଉଅଛନ୍ତି ଏବଂ ଅନେକ ବିଦେଶୀୟ ଛାତ୍ର ସ୍କୁଲ ପିଲା ସହର ଛାଡ଼ି ଆପଣା ୨ ଘରକୁ ପଳାଉଅଛନ୍ତି । ହୋଲା ନମାଜଙ୍କର କାଳୀବଟା ବସ୍ତର ଉଣା ପଡ଼ୁଅଛି ଏବଂ ସମ୍ବଲପୁର ପ୍ରଭୃତିରୁ ଏ ସମୟରେ ଯେ ପରିମାଣ ଡଙ୍ଗା ପ୍ରତିବର୍ଷ ଆସେ ତାହା ଦେଖା ନାହିଁ । ଗୁରୁତର ଆମଦାନି ଉଣା ପଡ଼ିବା ହେତୁ ଦ୍ରବ୍ୟର ମୂଲ୍ୟ କ୍ରମେ ବଢ଼ୁଅଛି । ପୁଣି ଏ ସମୟରେ ମିଉନିସିପାଲ ଟିକସ ଅଯଥା ବୃଦ୍ଧି ସାମାନ୍ୟ ଅବସ୍ଥାର ଲୋକଙ୍କ ପକ୍ଷରେ ଅଧିକ କଷ୍ଟକର ହୋଇଅଛି । ଜଣେ ପତ୍ରପ୍ରେରକ ଅନ୍ୟାୟ ଟିକସ ବୃଦ୍ଧି ପାପରୁ ଏହି ସମସ୍ତ ଉତ୍ପାତଘଟି-

Digitized by srujanika@gmail.com

Split by PDF Splitter



ବାର ମୂଳକାରଣ ବୋଲି ଲେଖିଅଛନ୍ତି । ସ୍ଥାନାଭାବରୁ ସେ ପତ୍ର ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

'ଓ୍ୱେଲ୍‌ଡସ ରେକର୍ଡର' ନାମରେ ଖଣ୍ଡିଏ ନୂତନ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର କଲିକତାରୁ ଏହିମାସ ଆରମ୍ଭରୁ ବାହାରିବାର ଆରମ୍ଭ ହୋଇ ଅଛି ଏବଂ ଆମ୍ଭେମାନେ ପ୍ରଥମାବଧି ଏପର୍ଯ୍ୟନ୍ତ ଏହାର ସଂଖ୍ୟା ଯଥାକାଳରେ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହାର ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ଏକଟଙ୍କା ମାତ୍ର ଏବଂ ଆକାର ମଲାଟ ସହିତ ଠିକ ଉତ୍କଳଦୀପିକାପତ୍ର ଅଟେ । ଏତେ ସୁଲଭ ମୂଲ୍ୟରେ ଇଂରାଜୀ ସାପ୍ତାହିକପତ୍ର ଆଉ କେବେ ଦେଖା ନ ଥିଲା । ବାସ୍ତବରେ ଏହା ଗୋଟିଏ ଆଶ୍ଚର୍ଯ୍ୟ ଘଟଣା ପରି ବୋଧ ହେଉଅଛି । ଏଥିରେ ଯେବେ ଏହାର ଅନେକ ଗ୍ରାହକ ନ ହେବେ ତେବେ ଅଧିକ ଆଶ୍ଚର୍ଯ୍ୟର ବିଷୟ ହେବ । ଚତୁର୍ଥସଂଖ୍ୟାରେ ଲେଖାଅଛି କି ପ୍ରାୟ ଲକ୍ଷେ ଲୋକ ଗ୍ରାହକ ହେବାକୁ ଲେଖିଅଛନ୍ତି ଏବଂ ସେମାନଙ୍କମଧ୍ୟରୁ କେତେସହସ୍ର ଲୋକ ଅଗ୍ରୀମ ମୂଲ୍ୟ ପଠାଇଅଛନ୍ତି । କଥିତ ଅଛି ଉତ୍କଳବାସୀ ସୁପରିଚିତ ଶ୍ରୀଯୁକ୍ତ ପି; ଏଲ, ମହାନ୍ତିଙ୍କ ଉଦ୍ୟମରେ ଏ ପତ୍ରିକା ବାହାରିଅଛି । ଅତଏବ ଉତ୍କଳରେ ଏହାର ଅଧିକ ଗ୍ରାହକ ହେବାର ଆଶା କରୁଁ । ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରନ୍ତି ସେମାନଙ୍କୁ ଅଗ୍ରୀମ ମୂଲ୍ୟ ଏକଟଙ୍କା ସହିତ ନ ୧୨..୧ ମ୍ୟର୍ ଓ୍ୱେଲିଂଟନ ଷ୍ଟ୍ରିଟ କଲିକତା ଠିକଣାରେ ପତ୍ର ଲେଖିବାକୁ ଅନୁରୋଧ କରୁଅଛୁଁ ।

ବଙ୍ଗପ୍ରଦେଶର ଡାକସ୍ଥାଲିୟ ସମ୍ବନ୍ଧୀୟ ସନ ୧୯୦୪ ସାଲର ବିବରଣୀ ସମ୍ବନ୍ଧରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଦେଖାଉଅଛନ୍ତି କି ସନ ୧୮୮୮ ସାଲଠାରୁ ସନ ୧୯୦୩ ସାଲ ପର୍ଯ୍ୟନ୍ତ ଏ ୧୦ ବର୍ଷରେ ବଙ୍ଗପ୍ରଦେଶରେ ସର୍ବସାଧାରଣଙ୍କ ବ୍ୟବହାରରେ ପ୍ରତିଷ୍ଠିତ ଡାକସ୍ଥାଲିୟ ସଂଖ୍ୟା ୨୨୩ ରୁ ୫୮୩ କୁ ଏବଂ ବାକ୍ସପାଡାଳବାସୀ ସେଭି ୨୨,୪୬୮ ରୁ ୪୧,୧୬୨ କୁ ଏବଂ ବାହାରଚିଠି ୯ ଲକ୍ଷ ୧୫ ହଜାରଠାରୁ ପ୍ରାୟ ୪୩ ଲକ୍ଷକୁ ବୃଦ୍ଧି ହୋଇଅଛି । ଡାକସ୍ଥାଲିୟ ସମ୍ବନ୍ଧୀୟ ଆୟ ମଧ୍ୟ ୪୫ ଲକ୍ଷଠାରୁ ୧୬ ଲକ୍ଷ ଟଙ୍କାକୁ ବଢିଅଛି ଏବଂ ତହିଁମଧ୍ୟରେ ଲୋକଙ୍କର ଦଣ୍ଡ ନେଇ ଟ ୧,୩୩,୭୪୮୯ ରୁ ଟ ୫,୦୩,୧୧୭୯ କାକୁ ବଢିଅଛି । ମାନ୍ୟବର ବଙ୍କେଲର କହୁଅଛନ୍ତି କି ଏଥିରୁ ଉନ୍ନତି ଦେଖାଯାଉଅଛି ଏବଂ ଅନ୍ୟାନ୍ୟ ପ୍ରଦେଶର ତୁଳନାରେ ଏହା ଉତ୍ତମ ଅଟେ । ତଥାପି ଅଧିକ ଉନ୍ନତିର ପ୍ରୟୋଜନ ଅଛି ଏବଂ କି ପରିମାଣ ସ୍ଥାନୀୟ ସାହାଯ୍ୟ ପ୍ରାପ୍ତ ହେଲେ ନୂଆ ଡାକସ୍ଥାଲିୟ ସ୍ଥାପନ ହେବ ଗବର୍ଣ୍ଣମେଣ୍ଟ ସେ କଥା ବିଚାର କରୁଅଛନ୍ତି । ଆମ୍ଭମାନଙ୍କର କ୍ଷୁଦ୍ର ବିବେଚନାରେ ସ୍ଥାନୀୟ ଚାନ୍ଦା ଉପରେ ବିଶେଷ ଧ୍ୟାନ ନ କରି ଡାକସ୍ଥାଲିୟ ବଢ଼ାଇବା ଜିଲ୍ଲାବୋର୍ଡର ଗୋଟିଏ ପ୍ରଧାନ ଚେଷ୍ଟା ହେବା ଉଚିତ । ଜିଲ୍ଲାର ଏକ ଏକ ଅଂଶ ଏପରି ଅଛି ଯେ ସେଠାରେ ସଙ୍ଗତିପନ୍ନ ଲୋକ ଅତି ଅଳ୍ପ ଅଥଚ ଅସ୍ୱାସ୍ଥ୍ୟକର । ସେପରି ସ୍ଥାନ ସକାଶେ ଗବର୍ଣ୍ଣମେଣ୍ଟ ଅବଶ୍ୟ ବିହିତ ନିୟମ କରିବେ ।

ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି ସେ ସବଡିଭିଜନ ଇଲାକା ଅନ୍ତର୍ଗତ ପ୍ରଗଣା ଜଗନ୍ନାଥପୁର ଓ ଯାଜପୁର ଥାନାର ସନ୍ନିକଟ ଗୋଖାନା ନାମକ ସ୍ଥାନରେ କେଳା ଜାତୀୟ ଏକ ସମ୍ପ୍ରଦାୟ ଲୋକ ବାସ କରନ୍ତି । ସାଧାରଣତଃ ସେମାନଙ୍କୁ ଲୋକେ କର୍ଣ୍ଣପିଶାଚ ବୋଲି ଜାଣନ୍ତି । ଉକ୍ତ ସମ୍ପ୍ରଦାୟର ପୁରୁଷମାନେ ମୁଣ୍ଡରେ ଜଟା ଓ ଶ୍ମଶ୍ରୁ ଧାରଣ କରି ଦେହରେ ପାଉଁଶ ବୋଳି କୌପୀନ ପରିଧାନ କରି ମଫସଲକୁ ଯାଇ [illegible] ବାବାଜୀ ବୋଲି ପରିଚୟ ଦିଅନ୍ତି । କୌଣସି ପ୍ରକାରେ ଲୋକମାନଙ୍କୁ ଠକାଇ ଅର୍ଥ ଉପାର୍ଜନ କରିବା ସେମାନଙ୍କର ପ୍ରଧାନ ବ୍ୟବସାୟ ଅଟେ । ସେମାନେ ଜଣେ ଜଣେ ଗ୍ରାମକୁ ଯାଇ କପଟ ଦେଖାଇ ଧନ ପୁତ୍ରାଦି ମନ୍ତ୍ରବଳରେ ହେବାର କହି ଠକନ୍ତି । ଅଳ୍ପଦିନ ହେଲା ଜଗନ୍ନାଥପୁରର ଚେମା ସିଂହ ନାମକ ଉକ୍ତ ସମ୍ପ୍ରଦାୟର ଏକ ଲୋକ ମଧୁପୁର ଇଲାକା ଏକ ଲୋକର ଘରଠାରେ ପହଞ୍ଚି ସେ ଗରିବ ଥିବାରୁ ତାକୁ ବହୁ ଧନ ହେବାର ବିଶ୍ୱାସ ଦେଖାଇ ତାହାଠାରେ ସୁନା ବା ରୂପାର ଧାତୁ ଦ୍ରବ୍ୟ ଥିଲେ ସେ ତାକୁ ଦ୍ୱିଗୁଣ କରିଦେବାର କହିବାରୁ ତାହାଠାରେ ମୋଟରେ ଛଅଗୋଟି ଟଙ୍କା ଛଡ଼ା ଆଉ କିଛି ନ ଥିବାର ପ୍ରକାଶ କଲା । ବାବାଜୀ ଉକ୍ତ ଛଅଟଙ୍କାକୁ ମନ୍ତ୍ରବଳରେ ଛ ଟଙ୍କା କରି ଦେବାର କହି ଏକ କଳସ ମଧ୍ୟରେ ଭରି କରି ଏକ ନିର୍ଜନ ଘର ମଧ୍ୟରେ କବାଟ ବନ୍ଦ କରି ତହିଁ ପୂଜା ଆରମ୍ଭ କରିବାକୁ ଲାଗିଲେ । ରାତ୍ର ପ୍ରାୟ ଏକ ପ୍ରହର ଗତ ହେଲାରୁ ବାବାଜୀଙ୍କର କୌଣସି ସ୍ୱର ଶବ୍ଦ ନ ପାଇ ମନରେ ସନ୍ଦେହ ହେଲାରୁ ସେ କବାଟ ଖୋଲି ବାବାଜୀ ଚମ୍ପା କଳଶରେ ଟଙ୍କା ନ ଥିବାର ଦେଖି ଗ୍ରାମବାସିଙ୍କୁ ଡାକି ଉପରୋକ୍ତ ଘଟଣା ଜଣାଇଲା । ଗ୍ରାମବାସୀମାନେ ସେହି ରାତ୍ରରେ ଅନେକ ସ୍ଥାନରେ ଖୋଜତଲାସ କଲେ ମାତ୍ର ସେ ବାବାଜୀର ଦେଖା ପାଇଲେ ନାହିଁ । ଚୌକିଦାର ଓ ଦଫାଦାରମାନେ ଖୋଜୁ ଖୋଜୁ ତହିଁ ଆରଦିନ ସେଠାରୁ ଛଅକୋଶ ଦୂର ଯେକାପୁରଠାରେ ବାବାଜୀକୁ ଦେଖି ପୁଲିଶରେ ଏତଲା ଦେଲାରୁ ଧର୍ମଶାଳାର ପୁଲିଶ କର୍ମଚାରୀ ଦଣ୍ଡବିଧି ଆଇନର ଦ ୪୨୦ ଧା ଅନୁସାରେ ଉକ୍ତ ଚେମା ସିଂହକୁ ଚାଲାଣ ଦେଲା । ବିଚାରରେ ତାକୁ ଛଅମାସ ପରିଶ୍ରମ ସହ କାରାଦଣ୍ଡ ଓ ଉକ୍ତ ଛଅମାସ ମଧ୍ୟରୁ ଏକ ସପ୍ତାହ ନିର୍ଜନ କାରାବାସର ଆଦେଶ ହୋଇଅଛି । ମାତ୍ର ଏମାନେ ଯେ କେତେ ଲୋକଙ୍କ ଜାତିଧ୍ୱଂସ କରୁଅଛନ୍ତି ତାହାର ଇୟତ୍ତା ନାହିଁ ।

ମ୍ୟୁନିସିପଲ ଦୁର୍ଦ୍ଦଶା ।

ଗତ ଓଡ଼ିଆ ଓ ନବସମ୍ବାଦରେ ଏକଜଣର ମିଉନିସିପାଲିଟିର କେତେକ ତ୍ରୁଟି ଏଠାର ଜଣେ ପତ୍ରପ୍ରେରକ ଖଣ୍ଡିଏ ଇଂରାଜୀପତ୍ରରେ ଦେଖାଇ ଦେଇଅଛନ୍ତି । ସେ ଲେଖିଅଛନ୍ତି କି; ଆସେସରଙ୍କର ଅନ୍ୟାୟ ଟିକସ ବନ୍ଦୋବସ୍ତ ସାଧାରଣତଃ ବାହାଲ ରଖିବା, ଗଙ୍ଗାମଣ୍ଡଳ ଘାଟର ଲଙ୍କା କାନ୍ଥ ପଡି ବାବୁ ନୀଳମଣି ସିଂହ ଘୋରମାୟ ରୂପେ ମଗପଡିବା, ଫଙ୍କାରତଣ୍ଡୁଠାରେ ଆଉ ଗୋଟିଏ ଲଙ୍କା ପଡ଼ାକାନ୍ଥ ପଡି ଏପର୍ଯ୍ୟନ୍ତ ଦୃଷ୍ଟି ନ ପଡିବା, ଆଲୁଅମାନ ଚନ୍ଦ୍ର ଉଦୟ ପୂର୍ବରୁ ଲିଭିଯିବା ଏବଂ ନିତାନ୍ତ କ୍ଷୀଣ ହେବା, ପାଣି ମାହାଲମାନ ଯଥା ସମୟରେ ପରିଷ୍କାର ନ ହେବା ଓ କେଉଁଠାରେ ଯୋଡା ପଡିଲେ ଯଥାସମୟରେ ଛଡ଼ାଇ ନ ଦେବା, ଗରିବ ଲୋକ ବାସ କରୁଥିବା ଗଳିର ମଇଳା ସପ୍ତାହକରେ ଥରେ ସୁଦ୍ଧା ମେହନ୍ତରମାନେ ନ ଝାଡିବା ଏବଂ କଂସାଇଖାନାର ମାଉଁସ ଡାଲିମାନ ଡାକ୍ତରଖାନାର ମୁର୍ଦ୍ଦା: ବାଲିଜାରେ ସର୍ବସାଧାରଣଙ୍କର ଦୃଷ୍ଟି ସ୍ଥାନରେ ପରୀକ୍ଷା ହେବା ଏବଂ ଉପଯୁକ୍ତରୂପେ ନ ପୋଡ଼ାଇ କଳାଇରେ ଫେରିଯିବା । ଏହି ସମସ୍ତ ବିଷୟ ମିଉନିସିପାଲିଟିର କର୍ତ୍ତାମାନଙ୍କର କାର୍ଯ୍ୟପଟୁତା ଏବଂ ଦାୟିତ୍ୱ ବୋଧ ଧରାଇ ଦେଉଅଛି । ଆଲୁଅ ସମ୍ବନ୍ଧରେ ମତଭେଦ ଘଟିପାରେ । ଅନ୍ୟ ତ୍ରୁଟିମାନ ଅମୂଳକ ବୋଲି ଆମ୍ଭେମାନେ କହି ନ ପାରୁଁ । ବରଂ କେତେକଟା ଗୁରୁତର ଅଟେ । ନୀଳକଣ୍ଠସିଂହର ମୁକ୍ତ ହେବାରୁ ମିଉନିସିପାଲିଟି ନାମରେ କ୍ଷତିପୂରଣର ନାଲିସ ହୋଇ ନାହିଁ ଏହାର ଆଶ୍ଚର୍ଯ୍ୟ । କେତେକ ଗଳିର ପାଣିନାହାଲରେ ଏପର୍ଯ୍ୟନ୍ତ କୋଡ଼ି ନ ବାହାରର ଏବଂ ମେହନ୍ତରମାନେ ମଇଳାପାଣିଭୁଣ୍ଡର ଜଳ ବେଲେ ଗାଡିରେ ନ ଭରି ସେହିଠାରେ

Digitized by srujanika@gmail.com

Split by PDF Splitter



ଖାଲରେ ଢାଳଦେବାର ଦେଖାଯାଉଅଛି । ମାଂସ ଡାଲମାନ ଉଚିତରୂପେ ନ ଘୋଡ଼ାଇ ସଡ଼କରେ ଯାଉଥିବାର ମଧ୍ୟ ଅନେକ ସମୟରେ ଦେଖାଯାଏ । ଆଶା କରୁଁ ମିଉନିସିପାଲିଟି ଏ ସମସ୍ତ ଗୁହାରିର ବହୁତ ପ୍ରତିକାର କରିବେ । ମିଉନିସିପଲ କର୍ତ୍ତାମାନେ ଦାୟିତ୍ୱ ବୁଝି କାର୍ଯ୍ୟ କରୁ ନାହାନ୍ତି ଏମନ୍ତ କହି ନ ପାରୁଁ । ଯେତେ ସତର୍କ ହେଲେ କର୍ମ୍ମଚାରୀଙ୍କ ଉପରେ ସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖିବା ସହଜ କଥା ନୁହେ । ଏବଂ ସେମାନଙ୍କର ହେଳାର ସମ୍ବାଦ ପାଇବା ସକାଶେ ସହରବାସିଙ୍କର ସାହାଯ୍ୟ ଆବଶ୍ୟକ । ଉଅର୍ଡ କମିଶନର-ମାନେ ଯେବେ ଆପଣା ଏଲକା ସମ୍ବନ୍ଧରେ ତ୍ରୁଟି ଦେଖି ଏବଂ ଲୋକଙ୍କର ଗୁହାରି ଶୁଣି ଚେଅରମାନ ବା ଭାଇସଚେଅରମାନଙ୍କୁ ଜଣାଇବେ ତେବେ କର୍ମଚାରୀମାନେ ଶାସନରେ ରହିବେ । ଆପଣା୨ ଗୁହାରି ସ୍ୱତନ୍ତ୍ରରୂପେ ଅଥବା ଏକ୨ ପଡ଼ାର ଲୋକେ୨ ସମ୍ମାନସ୍ଥ ବ୍ୟକ୍ତି ସାଧାରଣରୂପେ ମିଉନିସିପଲ କଚେରୀକୁ ଲେଖି ପଠାଇଲେ କର୍ମଚାରୀ ବିଶେଷର ଦୋଷ ଧରିବାର ସୁବିଧା ହେବ । ମିଉନିସିପାଲିଟିର କର୍ତ୍ତାମାନଙ୍କର ଏ ବିଷୟରେ ଲୋକଙ୍କୁ ଉତ୍ସାହ ଦେବା ଉଚିତ ।

## କଲିକତାର ଉନ୍ନତି ।

ଗତ କଲିକତା ଗେଜେଟରେ କଲିକତା ସହରର ଉନ୍ନତି ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ପତ୍ର ବାହାରିଅଛି । ସେକ୍ରେଟେରି କମିଟିର ଅଦେଶାନୁସାରେ ସନ ୧୮୯୬ ସାଲରେ କଲିକତାର ସ୍ୱାସ୍ଥ୍ୟଘଟିତ ଅବସ୍ଥାର ଅନୁସନ୍ଧାନ ତେଜଣ ଡାକ୍ତରଙ୍କଦ୍ୱାରା ହୋଇଥିଲା । ସେମାନେ ଦେଖିଲେ ଯେ ସହରର ଉତ୍ତରଭାଗରେ ଏତେ ଲୋକର ବସତି ଅଛି ଯେ ଗୋଟିଏ ମହଲ୍ଲାରେ ଏକରଗ୍ରାମାଇ-ଲରେ ଏକଲକ୍ଷ ୪୫ ହଜାର ଲୋକ ବାସ କରନ୍ତି ଅଥଚ ଲଣ୍ଡନନଗରରେ ପ୍ରତି ବର୍ଗ-ମାଇଲରେ ୩୬,୦୦୦ ଲୋକ ବାସ କରନ୍ତି । ଏପରି ଯେତେ ସ୍ଥାନ ଘରବାଡ଼ି ସକାଶେ ମିଳି ପାରେ ତହିଁର ଶତକଡ଼ା ୮୦ କେବଳ କୋଠାଘରରେ ପରିପୂର୍ଣ୍ଣ । ଅତ୍ୟନ୍ତ ସଂକୀର୍ଣ୍ଣ ସ୍ଥାନରେ ଏତେ କୋଠାଘର ଏବଂ ଲୋକ ସ୍ୱାସ୍ଥ୍ୟ ପ୍ରତି କୌଣସିରୂପେ ଅନୁକୂଳ ନୁହେ ଏବଂ ତହିଁର ପ୍ରତିକାର ସ୍ୱରୂପ ନୂତନ ସଡ଼କ-ମାନ ଫିଟାଇବା ଏବଂ ମୁକୁଳା ସ୍ଥାନମାନ ରଖିବା ଆବଶ୍ୟକ । ଏ ପରିମାଣ କାର୍ଯ୍ୟ ହେବ, ତହିଁରେ ବ୍ୟୟ କେତେ ହେବ ଏବଂ ଟଙ୍କା କାହୁଁ ଆସିବ ସନ ୧୮୮୨ ସାଲଠାରୁ ଏପର୍ଯ୍ୟନ୍ତ କ୍ରମାଗତ ୯ ବର୍ଷଯାଏ ବିଚାର ହୋଇ ବର୍ତ୍ତମାନ ସର୍ବସାଧାରଣଙ୍କ ଜାଣିବା ସକାଶେ ପ୍ରକାଶ ହୋଇଅଛି ଏବଂ ସଭା ସମିତି ଓ ବ୍ୟକ୍ତିବିଶେଷର ମତ ଜାଣିବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛା ପ୍ରକାଶ କରିଅଛନ୍ତି । ଯେ ଯେ କାର୍ଯ୍ୟ ଯେଉଁ ବ୍ୟୟରେ ହେବ ତହିଁର ସଂକ୍ଷେପ ବିବରଣ ନିମ୍ନେ ପ୍ରକାଶିତ ହେଲା ଯଥା—

ଉତ୍ତର ଦକ୍ଷିଣ ଏବଂ ପୂର୍ବ ପଶ୍ଚିମ ଲମ୍ବବନ୍ଧ ସଡ଼କମାନ ପ୍ରସ୍ତୁତ ହେବ । ସେ ସଡ଼କ ୬୦ ଫିଟ ଚୌଡ଼ା ଏବଂ ସର୍ବସୁଦ୍ଧା ମା ୧୫ ଇଲ ଲମ୍ବ ହେବ, ମୋଟ ଖରଚ ଟ ୫୦୦ ଲକ୍ଷ

| | |
|---|---|
| ମୁକୁଳା ସ୍ଥାନ ସକାଶେ ଯେସମସ୍ତ ଜମି କ୍ରୟ ହେବ ତହିଁର ମୂଲ୍ୟ | ଟ ୧୬୨ ଲକ୍ଷ |
| ଅଧିକା ଲୋକଙ୍କ ସକାଶେ ସ୍ଥାନ ଯୋଗାଇବା କାରଣ ଜମି ଖରି-ଦର ମୂଲ୍ୟ | ଟ ୧୦୦ ,, |
| ସେହି ଜମିର ଉନ୍ନତିରେ ଖରଚ ହେବ | ଟ ୫୦ ,, |
| ମୋଟ | ଟ ୮୧୨ ,, |

ଅର୍ଥାତ୍ ସର୍ବସୁଦ୍ଧା ୮ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟ ହେବ । ଏଥିରୁ ସମ୍ମୁଖସ୍ଥ ଜମିର ମାଲି-କଙ୍କଠାରୁ ଆଦାୟ ହେବ ୩୩୬ ଲକ୍ଷ, ସରକାର ଦେବେ ୫୦ ଲକ୍ଷ ଏବଂ ଅବଶିଷ୍ଟ ୪୩୬ ଲକ୍ଷ ଟଙ୍କା ଋଣ କରିବାକୁ ହେବ । ଋଣ ଏବଂ ତହିଁର ବାର୍ଷିକ ସୁଧ ଆଦାୟ ନିମନ୍ତେ କେତେ-ଗୁଡ଼ିଏ ନୂତନ ଟିକସ ବସିବ । ଯଥା—ଷ୍ଟୋରର ମୂଲ୍ୟ ଉପରେ ଶତକଡ଼ା ୨୦ । ଲେଖାଏଁ, ଇନକମ ଟିକସ ଅଧିକା ୨ଙ୍କା ପ୍ରତି ଅଧପାଇ ଲେଖାଏଁ, ଘର ଟିକସ ଉପରେ ଅଧିକା ଶତ-କଡ଼ା ଟ ୧ ୧ଙ୍କା ଲେଖାଏଁ, ଗବାଦ ପଶୁ ଟିକସ, କାଠ ଟିକସ ଏବଂ ଔଷଧ ଟିକସ ଏହି ସବୁ ଟିକସ କେବଳ କଲିକତାରେ ନିଯୁକ୍ତ ହେବ ଏବଂ ସମସ୍ତ ଟଙ୍କା ଆଦାୟ ପର୍ଯ୍ୟନ୍ତ ଚାଲୁଥିବ । କାର୍ଯ୍ୟ ଶେଷ ହେବାକୁ ପ୍ରାୟ ୨୦ ବର୍ଷ ଲାଗିବ । କଲିକତାର ସ୍ୱାସ୍ଥ୍ୟସଂସ୍କାର ଉନ୍ନତି ବିଶେଷ ଆବଶ୍ୟକ ସନ୍ଦେହ ନାହିଁ । ମାତ୍ର ଯେପ୍ରକାରେ ତାହା କରିବାର ପ୍ରସ୍ତାବ ହୋଇଅଛି ତାହା ବହୁ ବ୍ୟୟସାଧ୍ୟ ଏବଂ ତହିଁପାଇଁ ଅଧିକା ଟିକସ ଦେବାଦ୍ୱାରା ଲୋକେ ବ୍ୟତିବ୍ୟସ୍ତ ହୋଇଯିବେ । ପରନ୍ତୁ ଆଠକୋଟି ଟଙ୍କା ବ୍ୟୟ ହେବାର ସ୍ଥିର କରି ଗବର୍ଣ୍ଣମେଣ୍ଟ କେବଳ ଅର୍ଦ୍ଧକୋଟି ଅର୍ଥାତ୍ ଟଙ୍କାରେ ଏକଅଣା ମାତ୍ର ସାହାଯ୍ୟ ଯାଚିଅଛନ୍ତି ଏହା ବଳ ବେଶି ନାହିଁ । ଟିକସ ଭୟରେ ବୋଧ ହୁଏ ସହର ଛାଡ଼ି ଅନେକ ମୋଫସଲରେ ରହିବାର ଚେଷ୍ଟା କରିବେ ।

## ଦେଶୀ ଦ୍ରବ୍ୟର ବ୍ୟବହାର ଚିନ୍ତା ।

ଭାରତବାସିଙ୍କର ଦୁରବସ୍ଥାର ନାନା କାରଣ ମଧ୍ୟରେ ଦେଶଜାତ ଦ୍ରବ୍ୟ ଛାଡ଼ି ବିଲାତି ବା ବିଦେଶୀ ଦ୍ରବ୍ୟର ବ୍ୟବହାର ଗୋଟିଏ ପ୍ରଧାନ କାରଣ ଅଟେ ଏକଥା କେତେକ ବର୍ଷ ହେଲା ଭାରତବାସିମାନେ ଉତ୍ତମରୂପେ ବୁଝି ପାରିଅଛନ୍ତି ଗତ କେତେକ ବର୍ଷ ହେଲା ଜାତୀୟ ମହାସମିତି ଦେଶୀୟ ଦ୍ରବ୍ୟର ଉତ୍ସାହ ଓ ପ୍ରଚାର ନିମନ୍ତେ ବାର୍ଷିକ ଅଧିବେଶନ ସଙ୍ଗେ ପ୍ରଦର୍ଶନୀ ଯୋଗ କରିଅଛନ୍ତି ଏବଂ ଜନସାଧାରଣ ଓ ଗବର୍ଣ୍ଣମେଣ୍ଟ-ଙ୍କୁ ଶିଳ୍ପ ବ୍ୟବସାୟ ପ୍ରତି ମନୋଯୋଗୀ ହେବା କାରଣ ଅନୁରୋଧ କରୁଅଛନ୍ତି । ଅନ୍ୟ ସଭା ସମିତି ଏବଂ ହିତୈଷୀ ବ୍ୟକ୍ତିମାନେ ସେ ବିଷୟ-ରେ ଉଦାସୀନ ନାହାନ୍ତି । ମାତ୍ର ବଙ୍ଗ ବିଭାଗର ସରକାରୀ ଆଦେଶରେ ବ୍ୟାକୁଳ ହୋଇ ବଙ୍ଗ-ବାସିମାନେ ଦେଶୀୟ ଦ୍ରବ୍ୟ ବ୍ୟବହାର ପ୍ରତି ଯେପରି ଦୃଢ଼ ସଙ୍କଳ୍ପ କରିବାର ଦେଖାଯାଏ ସେପରି କେବେ ଦେଖା ଯାଇ ନ ଥିଲା । ସମସ୍ତ ବଙ୍ଗ ପ୍ରଦେଶରେ ଅଲ୍ପ କାଳ ଦେଶୀୟ ଦ୍ରବ୍ୟ ବ୍ୟବହାରର ସ୍ରୋତ ବହୁଅଛି ଏବଂ ସହର ମୋଫସଲ ସକଳ ସ୍ଥାନରେ ଏହି ଚିନ୍ତା ସର୍ବୋଚ୍ଚ ସ୍ଥାନ ପାଇଅଛି । ଯେବେ ପୂର୍ବରୁ ଏହିପରି ଦେଶୀୟ ଦ୍ରବ୍ୟ ପ୍ରତି ମମତା ଜାତ ହୋଇଥାନ୍ତା ତେବେ କେତେ ଉପକାର ହୋଇଥାନ୍ତା । ଏବେ ମଧ୍ୟ ଏହା ସ୍ଥାୟୀ ହେଲେ ଅଚିରେ ସୁଫଳ ଲାଭ ହେବ ସନ୍ଦେହ ନାହିଁ । ଦେଶର ବଡ଼୨ ଧନୀ ଓ ମାନ୍ୟ ଗଣ୍ୟ ବ୍ୟକ୍ତିମାନଙ୍କର ଏ ବିଷୟରେ ଉତ୍ସାହ ଓ ମନୋଯୋଗ ଦେଖି ସ୍ଥାୟୀ ଫଳର ଆଶା ହେଉଅଛି । ଗତ ଶନିବାର ବଙ୍ଗୀୟ ଜମିଦାର ସଭାର ଏକ ଅଧିବେଶନ କଲିକତାରେ ହୋଇଥିଲା ଏବଂ ବଙ୍ଗାଳ ଏବଂ ମାରୱାଡ଼ି ସମାଜର ବଡ଼୨ ପ୍ରଧାନ ଲୋକମାନେ ଉପସ୍ଥିତ ଥିଲେ । କାସିମ ବଜାରର ମହାରାଜା ସଭାପତିର ଆସନ ଗ୍ରହଣ କରିଥିଲେ । ସମ୍ପାଦକ ଯୁକ୍ତ ଏ, ଚୌଧୁରୀ ସଭାର ଉଦ୍ଦେଶ୍ୟ ଜଣାଇ କହିଲେ କି ଇଂରେଜର ରାଜତ୍ୱ ପୂର୍ବେ ଏ ଦେଶର ଲୋକମାନେ ବଙ୍ଗଳା ଅସଂଖ୍ୟ ନ ଥାଇ ଲୁଗା ବୁଣି ନିଜେ ପିନ୍ଧୁଥିଲେ ଏବଂ ସମସ୍ତ ପୃଥିବୀକୁ ପଠାଉଥିଲେ । ବର୍ତ୍ତମାନ ଏପରି ଅସହାୟ ହୋଇଅଛନ୍ତି ଯେ ପିନ୍ଧିବା ଲୁଗା ସକାଶେ ବିଦେଶକୁ ଚାହିଁ ବସିଅଛନ୍ତି । ନିଜ ଗ୍ରାମ ବା ଦେଶର ତନ୍ତବୁଣା ଦୁର୍ଭିକ୍ଷ ଯାଉଅଛି ସେ ଆଗରୁ ଦୃଷ୍ଟି ଅଦୌ ନାହିଁ କିନ୍ତୁ ଲକ୍ଷ୨ ଟଙ୍କାର ବିଲାତି ଲୁଗା ଅଜାଣୁଆରେ କଣି ପିନ୍ଧୁଅଛନ୍ତି । କୌଣସି ଦୁର୍ଘଟଣାରେ ଦୂର ସମୁଦ୍ରପାର ବିଦେଶୀ ଲୁଗା ଆମଦାନୀର ବାଧା ଘଟିଲେ ବଙ୍ଗଳା

Digitized by srujanika@gmail.com

Split by PDF Splitter



ହୋଇ ବସି ରହୁଥିବେ । ସେ ଦିଗରୁ ଅଟେର୍ଦ୍ଧୀ ତାହାର ଚିନ୍ତା ଯାଉ ନାହିଁ । ଏ ଦେଶରେ କଳ ଏବଂ ହାତତନ୍ତଦ୍ୱାରା ଲୁଗା ବୁଣିବାର ଉପାୟ କରିବା ବହୁତ ପ୍ରଶଂସାର ଅଟେ । ସମ୍ପ୍ରତି ଦଶଲକ୍ଷ ଟଙ୍କା ମୂଳଧନରେ କାର୍ଯ୍ୟାରମ୍ଭ କରିବା ଏବଂ କ୍ରମେ ତାହା ପ୍ରଚାର କରିବାର ପ୍ରସ୍ତାବ କଲେ । ସଭାରେ ପ୍ରସ୍ତାବ ଧାର୍ଯ୍ୟ ହୋଇ ତାହା କାର୍ଯ୍ୟରେ ପରିଣତ କରିବାକାରଣ କେତେଜଣ ବଙ୍ଗାଳି ଓ ମାରୱାଡ଼ଙ୍କୁ ନେଇ ଗୋଟିଏ କମିଟୀ ଗଠିତ ହେଲା । ସେହି ସଭାରେ ମଇମନସିଂହର ମହାରାଜା ଏବଂ କାସିମ ବଜାରର ମହାରାଜା ପଞ୍ଚାଶ ହଜାର ଲେଖାଏଁ ଏବଂ ଅନ୍ୟ କେତେ ଜଣ ବଙ୍ଗାଳି ଜଣକେ ପଚିଶ ହଜାରଠାରୁ ପାଞ୍ଚଶ ପର୍ଯ୍ୟନ୍ତ ମୋଟରେ ପ୍ରାୟ ଅଢ଼େଇଲକ୍ଷ ଟଙ୍କା ଦେବାକୁ ଅଙ୍ଗୀକାର କଲେ ଏବଂ ଆଉ ଦୁଇଲକ୍ଷ ଟଙ୍କା ଉଠାଇବାର ଭାର ଜମିଦାର ସଭା ନେଲେ । ମାରୱାଡ଼ିମାନେ ଛଲକ୍ଷ ଟଙ୍କା ସଂଗ୍ରହ କରିବେ । ଏପରି ଦଶଲକ୍ଷ ଟଙ୍କାରେ ଲୁଗାକଳ ବସିବ ଏବଂ ନାନା ସ୍ଥାନରେ ଏ ଦେଶୀୟ ତନ୍ତିଙ୍କୁ ଲୁଗାବୁଣା ଶିଖାଇ ଦିଆଯିବ ଯେ ସେମାନେ ତହିଁରେ ଲୁଗାବୁଣା ଲାଭକର ଦେଖି ତନ୍ତ ବସି ଅଥବା ବଡ଼ କଳ ବ୍ୟବସାୟ କରିବେ ଓ ସୁଲଭ ମୂଲ୍ୟରେ ଲୁଗା ଯୋଗାଇବାକୁ ସମର୍ଥ ହେବେ । ଏହି ଅନୁଷ୍ଠାନ ଶୀଘ୍ର ସଫଳ ହେବାର ଅମ୍ଭେମାନେ କାମନା କରୁଅଛୁଁ ।

---

## ଉତ୍କଳ ବଙ୍ଗୀୟ ଯୁବକସଭା ।

ଗତ ରବିବାର ଅପରାହ୍ନ ସମୟରେ ଏ ନଗରର ୪ ନୂଆଅଗ୍ରୁକ ଦତ୍ତ ଡେପୁଟୀମାଜିଷ୍ଟ୍ରେଟଙ୍କ ଦ୍ୱିତଳ ଗୃହରେ ଏତଦ୍ଦେଶୀୟ ବଙ୍ଗୀୟ ଯୁବକସଭାର ବାର୍ଷିକ ଅଧିବେଶନ ହୋଇଥିଲା । ନ ୫୦।୬୦ ଜଣ ତହିଁମଧ୍ୟରେ ସଭ୍ୟ ଛଡ଼ା ଅନ୍ୟ କେତେକ ଜଣ ଭଦ୍ରଲୋକ ଉପସ୍ଥିତ ଥିଲେ । ବାଲେଶ୍ୱରର ରାଜା ଶ୍ରୀ ବୈକୁଣ୍ଠନାଥ ଦେ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତିଙ୍କ ଆଦେଶମତେ ସଭାର ସମ୍ପାଦକ ବାବୁ ଶଶୀଭୂଷଣ ବସୁ ବି, ଏଲ, ବାର୍ଷିକ ରିପୋର୍ଟ ପାଠ କରିଥିଲେ । ସଭାର ପ୍ରଧାନ ଉଦ୍ଦେଶ୍ୟ ଏହି କଥାରେ ଏତଦ୍ଦେଶୀୟ ବଙ୍ଗାଳିଙ୍କ ଦୁର୍ଦ୍ଦଶା ମେଣ୍ଟିବା । ଏତନ୍ନିବନ୍ଧନ ସେମାନଙ୍କ ମଧ୍ୟରୁ ଉପଯୁକ୍ତ ପଣ୍ଡିତଲୋକଙ୍କୁ ଡେପୁଟୀ ମାଜିଷ୍ଟ୍ରେଟ ପ୍ରଭୃତି କାର୍ଯ୍ୟ ଦେବା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କଠାରେ ଆବେଦନ କରିବା, ସହାୟହୀନ ବାଳକମାନଙ୍କର ଉଚ୍ଚ ଶିକ୍ଷାରେ ସାହାଯ୍ୟ ଦେବା, ବୟୋଜ୍ୟେଷ୍ଠ ସକ୍ଷମ ଜାତି ଭାଇଙ୍କଠାରୁ ସାହାଯ୍ୟ ଓ ସହାନୁଭୂତି ପାଇବାର ଚେଷ୍ଟା କରିବା ପ୍ରଭୃତି ସଭାର କାର୍ଯ୍ୟ ଥିଲା । ସଭା ଏକବର୍ଷ ହେବ ସ୍ଥାପିତ ହୋଇଅଛି । ବର୍ଷକ ମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଡେପୁଟି ମାଜିଷ୍ଟ୍ରେଟ କାର୍ଯ୍ୟରେ ଏତଦ୍ଦେଶୀୟ ଉପାଧିଧାରି ବଙ୍ଗାଳି ଯୁବକଙ୍କୁ ନିଯୁକ୍ତ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟକୁ ଦରଖାସ୍ତ ପ୍ରେରିତ ହୋଇଥିଲା, କେତେଗୁଡ଼ିଏ ପ୍ରବନ୍ଧ ପାଠ କରାଯାଇଥିଲା, ପୂର୍ବବର୍ଷରେ ବାହାରିଯାଇଥିବା ନଅଜଣ ପ୍ରବେଶିକା ପରୀକ୍ଷାର୍ଥୀଙ୍କୁ ଶିକ୍ଷାଦାନରେ ସାହାଯ୍ୟ ଦିଆଯାଇଥିଲା ଓ ସେମାନଙ୍କ ମଧ୍ୟରୁ ନ ୩ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏକଜଣ ଏହି ସମ୍ପ୍ରଦାୟର ଯୁବକ ବାବୁ ମହେଶ୍ୱର ବସୁ ଯେ କି ଶିଳ୍ପଶିକ୍ଷା ସକାଶେ ଜାପାନକୁ ପଠାଯାଇଅଛନ୍ତି ତାହା ଏହି ସଭାର ଅନ୍ୟ ଗୋଟିଏ କାର୍ଯ୍ୟ ଅଟେ । ସମ୍ପାଦକଙ୍କ ରିପୋର୍ଟ ପଠିତ ହେଲା ଉତ୍ତାରେ କେତେଗୁଡ଼ିଏ ନିର୍ଦ୍ଧାରଣ ଆଗତ ହୋଇ ସର୍ବମତରେ ଧାର୍ଯ୍ୟହୋଇ ଥିଲା । ତନ୍ମଧ୍ୟରେ ଡେପୁଟିମାଜିଷ୍ଟ୍ରେଟି ପଦରେ ଏତଦ୍ଦେଶୀୟ ବଙ୍ଗୀୟ ଉପାଧିଧାରି ଯୁବକ ବାବୁ ଜ୍ଞାନେନ୍ଦ୍ରଚନ୍ଦ୍ର ବକ୍ସି ଓ ବାବୁ ତ୍ରୈଲୋକ୍ୟନାଥ ମିତ୍ରଙ୍କ ଦାବି କବୁଲ କରିବା ନିମନ୍ତେ ଓଡ଼ିଶା କମିଶନର ସାହେବଙ୍କୁ ପ୍ରାର୍ଥନା କରିବା ଗୋଟିଏ ନିର୍ଦ୍ଧାରଣ ଥିଲା । ପରିଶେଷରେ ସଭାପତି ମହୋଦୟ ଯୁବକମାନଙ୍କ ଉତ୍ସାହରେ ପ୍ରୀତ ହେବା ଓ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ମର୍ମରେ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତା ଶେଷ ହୁଅନ୍ତେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହୋଇଥିଲା ।

କେତେଜଣ ଯୁବା ମଣି ସ୍ୱଧର୍ମ୍ମ, ଜାତୀୟ ଏବଂ ନିଜର ଉନ୍ନତି ଚିନ୍ତା କରୁଅଛନ୍ତି ଏବଂ ତହିଁପାଇଁ କଷ୍ଟ ହେଲେ ଯତ୍ନ ଓ ପରିଶ୍ରମ କରୁଅଛନ୍ତି ଅବଶ୍ୟ ସୁଖର ବିଷୟ ଅଟେ । ଏ ସଭାର ସଭ୍ୟ କେତେଜଣ, ସଭାପତି କିଏ, ନିୟମିତ ବ୍ୟୟ କେତେ ଏବଂ ତାହା କରୁଁଯେ ନିର୍ବାହ ହୁଅଇ ଏ ସମସ୍ତ ରିପୋର୍ଟରୁ ଜଣାଗଲା ନାହିଁ । ଜ୍ୟେଷ୍ଠମାନଙ୍କର ସାହାଯ୍ୟ ଓ ସହାନୁଭୂତି ନୋହୁଥିବାରୁ ଅନୁମାନ ହେଉଅଛି କି ବୟୋଜ୍ୟେଷ୍ଠବ୍ୟକ୍ତି ଏ ସଭାରେ କେହି ନାହାନ୍ତି । ଯେବେ ଏ କଥା ଠିକ ହୁଏ ତେବେ ସହାନୁଭୂତି ପାଇବାର ଆଉ କି ଉପାୟ ଅବଲମ୍ବନ କରିଅଛନ୍ତି ତାହା ରିପୋର୍ଟରେ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା । ଜ୍ୟେଷ୍ଠମାନଙ୍କର ସହାନୁଭୂତି ନ ଥିବାର ମଧ୍ୟ ଅନୁମାନ କରି ନ ପାରୁଁ । ଏହି ବାର୍ଷିକସଭାର କମଲ୍ଲିମେଣ୍ଟ ପାଇଁ ଜ୍ୟେଷ୍ଠଦଳର କେତେକ ଜଣ ସଭାରେ ଉପସ୍ଥିତ ହେବାର ପ୍ରତ୍ୟକ୍ଷ ଦେଖିଲୁଁ । ମାତ୍ର କେବଳ ବାର୍ଷିକ ସଭାର ଜ୍ୟେଷ୍ଠମାନଙ୍କୁ ନେଇବା ବିଷୟରେ ନିର୍ଦ୍ଧାରଣ ସ୍ଥିର କରିବା ଯଥେଷ୍ଟ ନୁହେ । ଯେପରି କନିଷ୍ଠ ଏବଂ ଜ୍ୟେଷ୍ଠଙ୍କ ମଧ୍ୟରେ ଗାଢ଼ ସମ୍ବନ୍ଧ ସ୍ଥାପନ ହେବ ତହିଁର ଯତ୍ନ କରିବା ଆବଶ୍ୟକ । କନିଷ୍ଠମାନେ ଯେ ପରିମାଣରେ କାର୍ଯ୍ୟତଃ ଜ୍ୟେଷ୍ଠମାନଙ୍କୁ ଭକ୍ତି ଓ ସମ୍ମାନ ଦେଖାଇବେ ସେ ପରିମାଣରେ ଜ୍ୟେଷ୍ଠମାନଙ୍କର ସ୍ନେହ ଓ ସହାନୁଭୂତି ଲାଭ କରିବାକୁ ସମର୍ଥ ହେବେ । ଏହାର ଏ ଦେଶର ରୀତି ହେଉଅଛି । ପାଶ୍ଚାତ୍ୟ ରୀତି ଅନୁସାରେ ସମାଜର ସମସ୍ତ ବ୍ୟକ୍ତି ସମାନ ଓ ସ୍ୱାଧୀନ ଏବଂ ତଦନୁସାରେ ଚଳିଲେ ଜ୍ୟେଷ୍ଠ କନିଷ୍ଠର ସମ୍ପର୍କ ନାହିଁ । ଏହି ଦୁଇ ରୀତିର ସାମଞ୍ଜସ୍ୟ ରକ୍ଷା କରି ଚଳିବା ସୁବୁଦ୍ଧିର କାର୍ଯ୍ୟ ଅଟେ ।

---

## ବରୋଦାର ବିବରଣୀ ।

ବରୋଦା ରାଜ୍ୟର ସନ ୧୯୦୨-୦୩ ଓ ୧୯୦୩-୦୪ ସାଲର ବାର୍ଷିକ ଶାସନ ବିବରଣୀ ପ୍ରାୟ ୫ ମାସ ହେଲା ପ୍ରକାଶିତ ହୋଇଅଛି ଏବଂ ଆମ୍ଭେମାନେ ଏକଖଣ୍ଡ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବରୋଦାରେ ସରକାରୀ ବର୍ଷ ତା ୧ ରିଖ ଅଗଷ୍ଟରୁ ଗଣାଯାଏ । ଏହା ଏହି ଓଡ଼ିଶା ପ୍ରଚଳିତ ସୁନିଆଁ ସଙ୍ଗେ ପ୍ରାୟ ସମାନ । ସୁତରାଂ ଏହି ବିବରଣୀର ବିଷୟମାନ ସନ ୧୯୦୨ ସାଲ ଅଗଷ୍ଟ ମାସ ତା ୧ ରିଖଠାରୁ ସନ ୧୯୦୪ ସାଲ ଜୁଲାଇ ମାସ ତା ୩୧ ରିଖ ପର୍ଯ୍ୟନ୍ତ ସମୟ ସମ୍ବନ୍ଧରେ ଅଟେ । ଆମ୍ଭେମାନେ ଏହି ବିବରଣୀ ପାଠ କରି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ପ୍ରକୃତରେ ଏହା ଖଣ୍ଡିଏ ଆଦର୍ଶ ବିବରଣୀ କିଂବା ଖଣ୍ଡିଏ ଉତ୍କୃଷ୍ଟ ପୁସ୍ତକ ଅଟେ । ଶ୍ରୀଯୁକ୍ତ ଆର, ସି, ଦତ୍ତ ପେନସନପ୍ରାପ୍ତ ସିଭିଲିୟାନ ଯେ କି ଓଡ଼ିଶାର ଜଣେ ଭୂତପୂର୍ବ କମିଶନର ସ୍ୱରୂପ ଏ ପ୍ରଦେଶରେ ସୁପରିଚିତ ଏବଂ ଜଣେ ବିଖ୍ୟାତ ଲେଖକ ଓ ଗ୍ରନ୍ଥକାର ବୋଲି ସର୍ବତ୍ର ବିଖ୍ୟାତ ସେ ଏହି ବିବରଣୀର ରଚୟିତା ଅଟନ୍ତି ସରକାରୀ ବାର୍ଷିକ ବିବରଣୀମାନ ଏବଂ ସେହି ଅନୁକରଣରେ ଲିଖିତ କେତେକ ଦେଶୀୟ ରାଜ୍ୟର ବିବରଣୀମାନ ସାଧାରଣତଃ ବଡ଼ ନିରସ ଓ ଅଙ୍କମାଳାରେ ପୂର୍ଣ୍ଣ ଥିବାର ଦେଖାଯାଏ ଓ ନୀରସ ବୋଲି ପଢ଼ିବାକୁ ମନ ହୁଅଇ ନାହିଁ । ମାତ୍ର ଏହି ବିବରଣୀ ସେ ସମସ୍ତର ଠିକ ବିପରୀତ ଅଟେ । ଏଥିରେ ଗୋଟିଏ ପୃଷ୍ଠା ବଡ଼ ନିରସ ନାହିଁ ଅଥଚ ରାଜ୍ୟର ଯେ ସମସ୍ତ ସମ୍ବାଦ ଜଣାଯାଏ ସେ ସମସ୍ତ ଏହି ବିବରଣୀରେ ଅଛି ଏବଂ ମନୋହରରୂପେ ଲେଖା ହୋଇଅଛି ଯେ ପଢ଼ିବାକୁ ଭଲ ଲାଗୁଅଛି ଏବଂ ପ୍ରତ୍ୟେକ ବିଭାଗର କାର୍ଯ୍ୟର ରୀତି ଏବଂ ଫଳାଫଳ ସହଜରେ ହୃଦ-

Digitized by srujanika@gmail.com

Split by PDF Splitter



ସୃଷ୍ଟମ ହେଉଅଛି । ଏହା ଏହି ବିବରଣୀର ପ୍ରଧାନ ଗୁଣ ଅଟେ ଏବଂ ଆମ୍ଭେମାନେ ମନେ କରୁଁ କି ସରକାରୀ ଓ ବେସରକାରୀ ସକଳ ସିରସ୍ତାରୁ ଏହି ଆଦର୍ଶରେ ବିବରଣୀମାନ ଲିଖିତ ହେଲେ ବଡ଼ ଭଲ ହେବ ।

ବରୋଦାର ବର୍ତ୍ତମାନ ମହାରାଜା ଜଣେ ପ୍ରଧାନ ସୁଶିକ୍ଷିତ, ସାଧାରଣ ଉତ୍ସାହୀ ଏବଂ ବିଚକ୍ଷଣ ଶାସନକର୍ତ୍ତା ରୂପରେ ବିଖ୍ୟାତ । ସ୍ୱରାଜ୍ୟର ରାଜକାର୍ଯ୍ୟ ଉନ୍ନତ ପ୍ରଣାଳୀରେ ନିର୍ବାହ କରିବା କାରଣ ସେ ଉଚ୍ଚ ବେତନରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସକଳ ବିଭାଗର ପ୍ରଧାନ କର୍ମଚାରୀ ପଦରେ ନିଯୁକ୍ତ କରିଅଛନ୍ତି । ସେମାନେ ଅଧିକାଂଶ ଦେଶୀୟ ଲୋକ, ଭାରତୀୟ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିଧାରୀ ଏବଂ କେହି କେହି ବିଲାତ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଅଟନ୍ତି ଅଥବା ୟୁରୋପରେ ଭ୍ରମଣ କରି ବିଷୟ ବିଶେଷରେ ବହୁଦର୍ଶିତା ଲାଭ କରିଅଛନ୍ତି । ସର୍ବୋପରି ମହାରାଜା ମାନ୍ୟାସ୍ପଦ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତଙ୍କୁ ଅମାତ୍ୟ ପଦରେ ନିଯୁକ୍ତ କରି ଗୁଣଗ୍ରାହିତା ଏବଂ ସମୁଚିତ ମାତ୍ରାରେ ରାଜକାର୍ଯ୍ୟ ନିର୍ବାହ କରିବାର ଏକାନ୍ତ ବ୍ୟଗ୍ରତା ଦେଖାଇଅଛନ୍ତି । ସେ ଏଥିମଧ୍ୟରେ ହେତେଗୁଡ଼ିଏ ସୁନୀତି ଚଳାଇଅଛନ୍ତି ବା ଚଳାଇବାର ଚେଷ୍ଟା କରୁଅଛନ୍ତି ଯାହା କି ଇଂରାଜ ଗବର୍ଣ୍ଣମେଣ୍ଟ ଏ ପର୍ଯ୍ୟନ୍ତ ଚଳାଇ ପାରି ନାହାନ୍ତି । ବିଚାର ଏବଂ କାର୍ଯ୍ୟ ବିଭାଗର ପାର୍ଥକ୍ୟ ସେ ସମ୍ପୂର୍ଣ୍ଣରୂପେ ସାଧନ କରିଅଛନ୍ତି, ବହୁକାଳରୁ ଲୋପ ପାଇଥିବା ଗ୍ରାମ୍ୟ ପଞ୍ଚାଏତ ପ୍ରଥା ପୁନର୍ବାର ଜାଗ୍ରତ କରିବା, ପ୍ରତିନିଧି ପ୍ରଣାଳୀରେ ବ୍ୟବସ୍ଥାପକ ସଭା ଗଢ଼ିବା ଏବଂ ଭୂରାଜସ୍ୱର ସ୍ଥିରତା ସମ୍ପାଦନ କରିବାର ବହୁତ ଉପାୟ ଅବଲମ୍ବନ କରିଅଛନ୍ତି । ଏହି ସମସ୍ତ ବିଷୟ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ମହାଶୟ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ପୁନଃପୁନଃ ଉପଦେଶ ଦେଇ ଏ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇ ନାହାନ୍ତି । ବର୍ତ୍ତମାନ୍ ବରୋଦାରେ ସେହି ଉପଦେଶାନୁସାରେ କାର୍ଯ୍ୟାରମ୍ଭ ହୋଇ ଏବଂ ସଫଳ ହେବାର ସୁଲକ୍ଷଣ ଦେଖା ଯାଉଅଛି । ଆମ୍ଭେମାନେ ଆଶା କରୁଁ ଅଳ୍ପ କାଳରେ ଏହି କାର୍ଯ୍ୟମାନ ସାଧିତ ହେବ ଏବଂ ଏ ସମସ୍ତ ସୁନୀତି ସ୍ୱରାଜ୍ୟରେ ଚଳାଇବା ବିରୁଦ୍ଧରେ ଇଂରାଜ ଗବର୍ଣ୍ଣମେଣ୍ଟ ଆଉ କିଛି ଯୁକ୍ତିସଙ୍ଗତ ହେତୁ ଦେଖାଇ ପାରିବେ ନାହିଁ ।

ବରୋଦା ରାଜ୍ୟର ଆୟତନ ୮୦୯୯ ବର୍ଗ ମାଇଲ ଅର୍ଥାତ୍ କଟକ ବାଲେଶ୍ୱର ଓ ପୁରୀ ଏହି ତିନଜିଲ୍ଲାର ମୋଟଆୟତନ ଏତିକି ସଙ୍ଗେ ସମାନ ଏବଂ ଲୋକସଂଖ୍ୟା ୧୯ ଲକ୍ଷ ୫୨ ହଜାର ଅଥବା କଟକ ଜିଲ୍ଲାର ଲୋକସଂଖ୍ୟାରୁ ଏତେଲକ୍ଷ ୧୦ ହଜାର ଊଣା ଅଟେ । ସନ ୧୯୦୩।୦୪ ର ମୋଟ ଆୟ ଏକକୋଟି ୫୮ ଲକ୍ଷ ଟଙ୍କା ମଧ୍ୟରେ ଭୂମି ରାଜସ୍ୱ ଏକକୋଟି ଦୁଇଲକ୍ଷ ଏବଂ ଅବଶିଷ୍ଟ ଅନ୍ୟାନ୍ୟ ଆୟ ଥିଲା । ଅନ୍ୟାନ୍ୟ ଆୟ ମଧ୍ୟରେ ଅଫୁ ୧୫ ଲକ୍ଷ ଅବକାରୀ ୮ ଲକ୍ଷ କଷ୍ଟମ ୬ଲକ୍ଷ ଏବଂ ଷ୍ଟାମ୍ପ ୪ ଲକ୍ଷ ଥିଲା । ମୋଟ ବ୍ୟୟ ଏକ କୋଟି ୩୨ ଲକ୍ଷ ଟଙ୍କା ମଧ୍ୟରେ ରାଜବାଡ଼ିର ଖରଚ ୨୬ଲକ୍ଷ ୨୧ ହଜାର, ଶିକ୍ଷାଦାନ ୬ଲକ୍ଷ ୮୬ହଜାର, ଡାକ୍ତରଖାନାର ୧୧ଲକ୍ଷ ୨୦ହଜାର, ସେନା ଓ ପୁଲିଶ ୨୮୫ ଲକ୍ଷ ଏବଂ ଚନ୍ଦସ ୧ ଲକ୍ଷ ୬୦ ହଜାର ଟଙ୍କା ଥିଲା । ଦେବସ୍ଥାନ ଏବଂ ଧର୍ମସମ୍ବନ୍ଧୀୟ ଦାନରେ ୨ଲକ୍ଷ ୨୮ହଜାର ଟଙ୍କା ଖରଚ ହୋଇଥିଲା । ଆୟ ପୂର୍ବ ବର୍ଷଠାରୁ ୭୫ ଲକ୍ଷ ଟଙ୍କା ବଢ଼ିଥିଲା ଏବଂ ବ୍ୟୟ ପୂର୍ବ ବର୍ଷଠାରୁ ପ୍ରାୟ ୨୪ ଲକ୍ଷ ଊଣା ପଡ଼ିଥିଲା । ଖରଚ ଊଣା ପଡ଼ିବାର ପ୍ରଧାନ କାରଣ ପୂର୍ବ ବର୍ଷ ରାଜକୁମାରଙ୍କର ବିବାହରେ ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ବର୍ଷ ଶେଷରେ ୫୨ ଲକ୍ଷ ୩୬ ହଜାର ଟଙ୍କା ତହବିଲରେ ଜମା ଥିଲା ।

---

# ସାପ୍ତାହିକ ସମ୍ବାଦ ।

## କଲିକତାଗେଜେଟ ।

ପୁରୀର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଦେବେନ୍ଦ୍ରନାଥ ଘୋଷ ପୁରୀନଗର ଟୋଲ୍‌ବାର ଚେୟାରମାନର କାର୍ଯ୍ୟ ଗ୍ରହଣ କରିବା କାରଣ ନିଯୁକ୍ତ ହେଲେ ।

କଟକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଏସ୍ ମାଲେସୁନ୍ ସ୍ମିଥ ବାଉନ୍ଦ ଜଲର ସଦର ମହକୁମାକୁ ବଦଳି ହେଲେ ।

ବାଙ୍କୁଡ଼ାର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କ୍ଷେତ୍ରଚନ୍ଦ୍ର ବାନର୍ଜି କଟକ ଜିଲାର ସଦର ମହକୁମାକୁ ବଦଳି ହେଲେ ।

ମିଃ ପୂର୍ଣ୍ଣଚନ୍ଦ୍ର ମିତ୍ର ମାଜିଷ୍ଟ୍ରେଟ ଓ କଲେକ୍ଟରଙ୍କର ୨ୟ ଶ୍ରେଣୀରେ ବାହାଲ ହେଲେ ।

ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଉଦଲର ଉଦର୍ଣ୍ଣର ୨ୟ ଶ୍ରେଣୀକୁ ଉଠିବାର ନିମନ୍ତେ ଅନୁମତି ପାଇଲେ ।

ଅନୁଗୁଳର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମିଃ ଅର୍, ଜ୍ଞାନ ଦୁଇ ମାସ ଛୁଟୀ ପାଇଲେ ।

ବାଲେଶ୍ୱରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ୍, ଜେ, ଜେନର ଏକମାସ ଛୁଟୀ ପାଇଲେ ।

ଡେପୁଟୀ ଓ ସବଡେପୁଟୀ କଲେକ୍ଟରଙ୍କର ଆଗାମୀ ଷାଣ୍ମାସିକ ବଙ୍ଗଭାଷା ପରୀକ୍ଷା ଆଗାମୀ ନଭେମ୍ବର ମାସ ତା ୨୭ ରିଖ ଓ ତତ୍ପରବର୍ତ୍ତୀ ଦିନମାନଙ୍କରେ ଗୃହୀତ ହେବ ।

୧ମ ଶ୍ରେଣୀର ସୁପରଭାଇଜର ବାବୁ ନୈରେଣ୍ଡନାଥ ମଜୁମଦାର ଜଣେ ଦେଶରକ୍ଷୀ ଓ ଦେଶୀ ବନ୍ଧୁକୁ ବଦଳି ହେଲେ ।

ଡାକ୍ତରମାନଙ୍କର ଆଗାମୀ ଷାଣ୍ମାସିକ ପରୀକ୍ଷା ଓଡ଼ିଶା ମେଡ଼ିକାଲସ୍କୁଲରେ ଆଗାମୀ ଅକ୍ଟୋବର ମାସ ତା ୨୪ ଓ ୨୫ ରିଖରେ ଗୃହୀତ ହେବ ।

ବାବୁ ଶ୍ୟାମସୁନ୍ଦର ଦାସ କଟକରେ ବୋଡର ନିମନ୍ତେ କେନ୍ଦ୍ରାପଡ଼ା ଲୋକେଲବୋର୍ଡର ସଭ୍ୟ ହୋଇଅଛନ୍ତି ।

---

ଓଡ଼ିଶାର ମାନନୀୟ କମିଶନର ଶ୍ରୀଯୁକ୍ତ ଜ, ଏଚ୍ ଗାଇସ ଅଙ୍ଗେ ଭଲ କରିଅଛନ୍ତି । ଅଦ୍ୟ ସୁଦ୍ଧା ଗମନ କରିବେ ଓ ସେଠାରେ ତ ୩ । ୪ ଦିନ ରହି ଫେରି ଆସିବେ ।

ଦୁଃଖର ସହିତ ଜଣାଉ ଅଛୁଁ ଯେ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ଅନନ୍ତଚରଣ, ଦାସଙ୍କ ସ୍ତ୍ରୀ ଓ ଏଠା କମିଶନରି ଅଫିସର ବଦନ ବାବୁ ହରିନାରାୟଣ ଦାସ ଗତ ବୁଧବାର ଓଲାଉଠା ରୋଗରେ ମୃତ୍ୟୁ ଲଭିଲେ ।

ଗତ ସପ୍ତାହରେ ଆକାଶ ମେଘାଚ୍ଛନ୍ନ ଓ କେଟ୍ୟ ବୃଷ୍ଟି ମାତ୍ର ଗତ ବୁଧବାର ରାତ୍ରରେ ଏକଅଣା ଖାଣ ବୃଷ୍ଟି ହୋଇଥିଲା ।

ଗତ ସୋମବାରଠାରୁ ଏଠାର ଇନ୍ସ୍ପେକ୍ଟର କନ୍ଦଳ ଦଳର ଅରମ୍ଭ ହୋଇ ଚଳୁଁରେ ୩ ଗୋଟି ମୋକଦ୍ଦମା କମ୍ବିନ କରି ଗତ ଶୁକ୍ରବାର ଶେଷ ହୋଇଅଛି ।

ନିରୋଲ ଇଲାକା ଜଗନ୍ନାଥପୁର ନେଡ଼ାଖନ୍ଦ ନାମକ ୧୧୧ ବର୍ଷର ବାଳକକୁ ସେହି ମଉଜାର ସବେଇ ପଣ୍ଡା ପୁତ୍ରଣ କେଳି ଗହଣା ଲୋଭରେ ରଞ୍ଜି ଦଉି ମାରିବା ସମୟରେ ବାଳକଟିର ଚିତ୍କାରରେ ନିକଟସ୍ଥ ଲୋକେ ଦଉଡ଼ି ଆସିବାରୁ ସେ ରକ୍ଷା ପାଇ ଅଛି । ଆସାମୀ ହାଜତରେ ଅଛି ।

ଏଠାର ବାଡ଼ଯୋଡ଼ୀ ନଗରରେ ଗୋଟିଏ ଲୋକ ଗତ ବୁଧବାର ସନ୍ଧ୍ୟା ସମୟରେ ଅବଶ ହୋଇଯାଇ ବୁଡ଼ି ମରି ଥିଲା । ଗଣେଶଘାଟ ନ ଜଣଦାଇନ ମୋହନ ବାବୁ ନିଜ ଦୁଇଖଣ୍ଡ ସାନ ଡଙ୍ଗୀ ଦେଇ ସେ ଲୋକକୁ ରକ୍ଷା କରିଅଛି ।

ଏ ନଗରର ଡାକ୍ତରଖାନା ଡାକ୍ତରଖାନାର ଦର୍ଶକ ଡାକ୍ତରଖାନାରୁ ନଦୀ ପର୍ଯ୍ୟନ୍ତ ସଡ଼କର ଦୁଇପାର୍ଶ୍ୱରେ ମହନ୍ତମାନଙ୍କ ଜଳ ପଡ଼ିଥିବା ସଡ଼କର କିନାରେ ଥିବା କେତେକ ଗୁହାଳର ଗୋବର ଇତ୍ୟାଦି ଜମା ହେଉଥିବା ଯୋଗୁଁ ସଡ଼କଟି ଦୁର୍ଗନ୍ଧ ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇଅଛି ।

କେନ୍ଦ୍ରାପଡ଼ା ଥାନା ତ୍ରିପୁରାଥ ନାମକ ଜଣେ ପ୍ରଦୀପ ଦାବୀ ଉଦ୍ଧାର କାରଣ ଧାରିଣୀ କରି ଗହଣା ଛଡ଼ାଇ ନେଇଥିବାରୁ ଗତ ତା ୨୫ ରିଖ ଦଉରା ଅଦାଲତରେ ଜାହାଗ୍ରନ୍ଥ ପରିଶ୍ରମସହିତ ୨ ବର୍ଷ ଜେଲ ଦଣ୍ଡ ହୋଇଅଛି ।

ଏଠା ମହମ୍ମଦୀୟମାନେ ମହରମରେ ଡାକ୍ତର ଭଣ୍ଡାରରେ ବନ୍ଦୀ କରୁଥିବା ଅପରାଧରେ ମାସ ୨ ସ ଜେଲ ଓ ୫୦ ଟଙ୍କା ଅର୍ଥଦଣ୍ଡ ପାଇଅଛି ।

ଗତ ଶୁକ୍ରବାର ଅଦାଲତ କଚେରୀ ବାରଣ୍ଡାରେ ଜଣେ ସାକ୍ଷୀକୁ ଓଲଉଠା ଧରିବାରୁ ସେ ଚଳନ ପଡ଼ିଗଲା । ଅନେକ ଲୋକ ଭିଡ଼ ହୋଇ କଚେରୀ ଛାଡ଼ିଗଲେ ଏବଂ ଶ୍ରୀଯୁକ୍ତ ଜଜ ସାହେବ ସ୍ୱୟଂ ଶୁଣିବା ମାତ୍ରେ କଚେରୀ ବନ୍ଦ କରି ବାହାରିଗଲେ ।

ପଟ୍ଟାମୁଣ୍ଡାଇ ଥାନା ଖସୁଡ଼ିପୁରର ଗୁହଗେଡ଼ିକର ଭଣ୍ଡାର ତାହାର ସ୍ୱାମୀ ଲୋକ ରଘୁନାଥ ମିଶ୍ରଙ୍କ କାଳଜାଲ ସହଜ ପାଇ ଥାନାକୁ ଆଣିଥିବା ଅପରାଧରେ ଦଣ୍ଡିତ ହୋଇଥିଲା । ଶ୍ରୀଯୁକ୍ତ ଜଜ ସାହେବଙ୍କ ନିକଟରେ ଗତ ତା ୩୦ ରିଖ ଆପିଲ ଡିସମିସ୍ ହୋଇଅଛି ।

କେନ୍ଦ୍ରାପଡ଼ା ଥାନା ଚନ୍ଦ୍ରବଇଅ ଅଧୀନ ଗ୍ରାମର ସୁଧ ଜଳ ନଷ୍ଟ ନାମରେ ବଳାତ୍କାର ନାଲିଶ କରିଥିଲା । ମୋକଦ୍ଦମା ଦିଦ୍ଧା ପ୍ରମାଣ ହେବାରୁ ଦଣ୍ଡବିଧି ଆଇନର ଧାରା ୨୧୯ ମତେ ଶ୍ରୀ ହେଡ଼ଚଉଧୁରୀଙ୍କ ଦ୍ୱାରା ବିଚାର ହୋଇ ଗତ ତା ୩୧ ରିଖ ଜଜ ସାହେବଙ୍କ ଦରବାରରେ ୨ ବର୍ଷ କାରାଦଣ୍ଡ ପାଇଅଛି ।

## ଗଞ୍ଜାମ-ସମ୍ବାଦ ।

ଗତ ସପ୍ତାହ ଏ ଅଞ୍ଚଳରେ ଏକଅଣା ମାତ୍ର ବୃଷ୍ଟି ହୋଇଥିଲା ମାତ୍ର ଦୁର୍ଭିକ୍ଷର ଭୟ ନାହିଁ ।

ଇତିପୂର୍ବେ ପ୍ରକାଶିତ ହେଲେ ଗଞ୍ଜାମ ସମ୍ବାଦରେ ଅଛି ଯେ ହିଁ ସମ୍ଭଲପୁର ଲୋକଙ୍କ ଦୁର୍ଦ୍ଦଶା ନାହିଁ କି ଜନକ ଉଠିଲେ ?

Digitized by srujanika@gmail.com

ଯେ ୪୭ ସଂଖ୍ୟା ହିତବାଦିନୀରେ ଜଣେ ପତ୍ରପ୍ରେରକଙ୍କ ଜାସି—ସାହସୀ ପାଇଁ ଯାଉଥିବାର ଲେଖିଅଛନ୍ତି ଏହାର ଉକ୍ତିର ବୃତ୍ତାନ୍ତଟା ସତ୍ୟ କି ?

ମହାମାରୀ ଦେବୀ ଏ ଅଞ୍ଚଳକୁ ଅପାଙ୍ଗ ଦୃଷ୍ଟି ପକାଇ-ଅଛନ୍ତି ଦେଖାଯାଉ ନ ଥିବେ । ମାତ୍ର ଅଟଇ ଚିକି-ତ୍ସା ବଡ଼ଗୀ ପ୍ରଭୃତି ସ୍ଥାନରେ ଦ୍ୱିଗୁଣ ଦେଖାଦେଉଅଛନ୍ତି ।

ଧାନ୍ୟ ଦର ଯା ୧୪ ଅଢେ ସେଗ ୮ ଣୀ ମିଳୁଅଛି ।

ଅମ୍ଭ ନଥ ଏଠା କୋର୍ଟର ଗୋଟିଏ ବୃକ୍ଷରେ ଫଳିଅଛି ।

ଜାଜପୁର ଉପ୍ଥରର ଜଣେକ ବ୍ରାହ୍ମଣୀ ଯୁବତୀ ଏକ ପାଣ ଯୁବକ ସଙ୍ଗରେ ପାଲାଇ ଯାଇଥିବାର ସ୍ୱପ୍ନରେ ସ୍ୱୀକାର କରି ସମ୍ପ୍ରତ ସମାଜରୁ ଚ୍ୟୁତ ହୋଇଅଛନ୍ତି ।

## ଯାଜପୁର ସମ୍ବାଦ ।

କଟକର ଜଜସାହେବ ମହୋଦୟ କାଇଲେଷ୍ଟଲ ବେଳାର ବାଟେ କେନାଲରେ ଗତ ତା ୨୫ ରିଖ ଶୁକ୍ରବାର ଏଠାରେ ପହଞ୍ଚିଲେ । କେନାଲ କୂଳଠାରୁ ଅଦାଲତ କଚେରି ପର୍ଯ୍ୟନ୍ତ ଘୁଇଗୋଟା ପଟ୍ଟ ପ୍ରସ୍ତୁତ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ଦେବଦାରୁ ପତ୍ର ଓ ପତାକାରେ ଶୋଭିତ ହୋଇଥିଲା । ମୁନସଫ ବାବୁ ଓ ତାଙ୍କର ଅମଲା ଏବଂ କେତେକ ଜଣ ଓକିଲ କେନାଲ କୂଳରେ ଓହ୍ଲାଇବାମାତ୍ରେ ବମ ବାଜେ ମାଲ୍ୟ ଦାନର ଅଭ୍ୟର୍ଥନା କରିଥିଲେ । ସେ ଦିନ ଅପରାହ୍ନ ଘ ୧୨ ଘଡ଼ିଠାରୁ ୩ ଘଣ୍ଟା ପର୍ଯ୍ୟନ୍ତ ମୁନସଫୀ ରେକର୍ଡ଼ ତଦନ୍ତକର କେତେକ ଉକ୍ତ କୋର୍ଟରେ ଦସ୍ତଖତ ପ୍ରସ୍ଥାନ କଲେ ସେ ଯିବା ସମୟରେ ମଧ୍ୟ ବମ ପଟୁର ହୋଇଥିଲା ।

ଭାଦ୍ରମାସ ଅର୍ଦ୍ଧେକ ଗତ ହେଲା ଅଦ୍ୟ ପର୍ଯ୍ୟନ୍ତ ଉପଯୁକ୍ତ ଲଗାଣ ଜଳ ବରଷା ନ ହେବାରୁ ଏ ଅଞ୍ଚଳର ଚାଷୀମାନେ ବେଉଷଣ କରି ନ ପାରି ମୁଣ୍ଡରେ ହାତ ଦେଇ ବସିଅଛନ୍ତି ।

ଓଲାଉଠା ପୂର୍ବ ପ୍ରାୟ ଲଭିଅଛି ଲୋକଙ୍କ ତାକୁ ଚବଗା କହୁଅଛନ୍ତି ।

ଜଳଅଭାବରୁ ଧାନ ଚାଉଳର ଦର କ୍ରମଶଃ ବୃଦ୍ଧି ହେଉ-ଅଛି ସେଥିଁ ମୋଟ ଚାଉଳର ଦର ଟଙ୍କାରେ ସେ ୧୩।୧୫ ସେର ଥିଲା । ବର୍ତ୍ତମାନ ସେ ୧୨।୧୩ ଉଛେ ମୁଦ୍ଧା ମିଳୁ ନାହିଁ ।

## ପୁରୀ-ସମ୍ବାଦ ।

ଓଲାଉଠା ବିଶେଷ ପରିମାଣରେ ଚାଲୁ ଅଛି ମାତ୍ର ସମସ୍ତେ ୨ ଦୁଇ ଏକଜଣ ମାରା ପଡ଼ୁଥିବାର ଶୁଣାଯାଏ ।

ସିଂହଦ୍ୱାର ନିକଟରେ ଶାନ୍ତିର ନିମନ୍ତେ ମଣ୍ଡପ ନିର୍ମିତ ହୋଇ ସ୍ଥାନୀୟ ଓ ଶାସ୍ତ୍ରଜ୍ଞ କର୍ମକାଣ୍ଡୀ ବ୍ରାହ୍ମଣମାନଙ୍କ-ଦ୍ୱାରା ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଗାରଦିନ ମଧ୍ୟରେ ୧୦୮ ପଣ୍ଡିତ ଘିଅ ହୋମ ହୋଇଅଛି । ସାଧାରଣ ଭକ୍ତିଭାବ ଏହି ମହତ୍‌କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଓଲାଉଠା ଉପଦ୍ରବ ନିବାରଣାର୍ଥ ପୂର୍ବରେ କେବେ ୨ ଦେବୀ କାର୍ଯ୍ୟ ହୋଇଥିଲା ସେଥିରେ ୨୦।୨୫ ହଜାର ଟଙ୍କା ବ୍ୟୟ ହୋଇଥିବାର ଅନୁମିତ ହୁଏ । ଏପର୍ଯ୍ୟନ୍ତ ମଧ୍ୟ ଦେବୀ କାର୍ଯ୍ୟାନୁଷ୍ଠାନ ହେଉଅଛି ।

ଗତ ମଙ୍ଗଳବାର ସନ୍ଧ୍ୟାରେ ଜାଳସାହିରେ ଅଗ୍ନି ଲାଗି ଅନେକଗୁଡ଼ିଏ ଘର ପୋଡ଼ିଯାଇଅଛି ।

ପୁରୀ ମିଉନିସିପାଲିଟି "ମାର୍କେଟ" ସ୍ଥାପନେ ଉତ୍କଳ-ଦର୍ଶର ଘାଟ ଓ ତଳଭାପଢ଼ା ସାହି ପାନବାଲାମାନଙ୍କ ନିର୍ଦ୍ଧାରିତ ମୂଲ୍ୟ ଦେଇ ଅନୁମତି ସମୟମଧ୍ୟରେ ଉଠିଯିବା ସକାଶେ ନୋଟିସ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ମଧ୍ୟରେ ପାନବାଲାମାନେ ଉଠି ନ ଯିବାରୁ ଡେପୁଟି ମାଜିଷ୍ଟ୍ରେଟ ସାହେବ ସ୍ୱୟଂ ଉପସ୍ଥିତ ଥାଇ ସମସ୍ତ ଘରମାନ ଉଠାଇଦେଇଅଛନ୍ତି ।

ଗତ ଶନିବାର ରାତ୍ର ଓ ରବିବାର ଦିବାଭାଗରେ ଏଠାରେ ବୃଷ୍ଟି ହୋଇଥିଲା ମାତ୍ର ଲଗାଣ ବୃଷ୍ଟି ନ ହେବାରୁ ଚାଷୀମାନେ ଅକାଶକୁ ଚାହିଁ ବସିଅଛନ୍ତି ।

ପଥଭ୍ରଷ୍ଟ ସପ୍ତାହବ୍ୟାପକ ସମାପ୍ତ ହେବା ଦିନ ଦେବଦାଳ ସହିତ ଲାଗି ଲୁଇବା ସମୟରେ ଜଣେ ଟୋକା ବନ୍ଧୁକ ମାରିବା ସକାଶେ ହାତରେ ଦେଇ ଯାଉଥିଲା

ବୈମାତ୍ର ଅଗ୍ନି ଦ୍ୱିଗୁଣିତ ଦାହାର ସହିତ ଯୋଗଦେଇ ଏବଂ ଅନ୍ୟ ଜଣେ ଲୋକର ସାମାନ୍ୟ ଅଘାତ ହୋଇଥିଲା ପ୍ରଥମୋକ୍ତ ଟୋକା ଦୁଇ ଏକଦିନ ପରେ ମରି ଯାଇଅଛି ଏବଂ ଅପରଟି ଡାକ୍ତରଖାନା ଚିକିତ୍ସା ଆରୋଗ୍ୟ ହେଉଅଛି ।

ଓଲାଉଠା ବିଷୟରେ ଯେଉଁମାନେ ସହର ଛାଡ଼ି ପଳାଇ-ଥିଲେ ସେମାନେ ପ୍ରାଦୁର୍ଭାବ ଊଣା ପଡ଼ିବାରୁ ସେମାନେ କ୍ରମଶଃ ଫେରି ଆସୁଅଛନ୍ତି ।

ଫ୍ରାନ୍ସଦେଶର ରଣତରୀମାନ ସମ୍ରାଟଙ୍କ ରାଜତ୍ୱରେ ରହି ପ୍ରଭୃତି ଆମୋଦପ୍ରମୋଦ ପରେ ଗତମାସ ତା ୧୪ ରିଖରେ ପ୍ରତ୍ୟାବର୍ତ୍ତନ କରିଥିବାର ସମ୍ବାଦ ମିଳିଅଛି । ଏତଦ୍ୱାରା ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ସେ ସୌହାର୍ଦ୍ଦ୍ୟ ବଢ଼ିଅଛି ଏଥିରେ ସନ୍ଦେହ ନାହିଁ ଏବଂ ଫ୍ରାନ୍ସର ସମ୍ବାଦପତ୍ରମାନ ଇଂଲଣ୍ଡର ଅଭ୍ୟର୍ଥନାରେ ଅନେକ ପ୍ରଶଂସା କରିଅଛନ୍ତି ।

ପାରସ୍ୟସଙ୍ଗେ ରୁଷିଆର ବାଣିଜ୍ୟ ବଢ଼ାଇବା ଉଦ୍ଦେଶ୍ୟରେ ଓଡ଼େଶାର ଉଚ୍ଚକମଣ୍ଡ ଦକ୍ଷିଣ ପାରସ୍ୟରେ ଗୋଟିଏ ବାଙ୍କ ସ୍ଥାପନ କରିବା ଏବଂ ପାରସ୍ୟର ବନ୍ଦରମାନଙ୍କୁ ଅଟକି ଅଧିକଥିଲ ତାହାର ଉଦ୍ଧାରିତ କରିବାର ପ୍ରସ୍ତାବ କରିଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ !

ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ବାଧିତ କରିବେ ।

ସନ ୧୯୦୫ ମସିହା ଅଗଷ୍ଟମାସ ତା୨୨ରିଖ ଯଜିକାର ଦଳ ଜଙ୍ଗଲର ପ୍ରସିଦ୍ଧ ଦେବତା ଶ୍ରୀ ଶ୍ରୀ ବନୋଦବିହାରୀ ଜଉ ଠାକୁରଙ୍କ ମନ୍ଦିରରେ ନବଦିନାଟ ହୋଇଥିଲା ( ଅର୍ଥାତ୍ ଶ୍ରୀମଦ୍ଭାଗବତ ଦ୍ୱାଦଶସ୍କନ୍ଧ, ଶ୍ରୀମଦ୍ଭଗବଦ୍‌ଗୀତା, ବିଷ୍ଣୁ ସହସ୍ର-ନାମ, ଶିବସହସ୍ରନାମ, ଚଣ୍ଡୀପାଠ ପ୍ରଭୃତି ଓ ଯଜ୍ଞ ଉତ୍ତମ ବେଦାନ୍ତୀ ବ୍ରାହ୍ମଣଙ୍କଦ୍ୱାରା ଏହ ଦଶଦିନରେ ଶେଷ । ) ଏପର ନାମ ସଂକୀର୍ତ୍ତନ, ଭଗବଦ୍‌ଭୋଗ ସ୍ତୁତିଙ୍କ ନାମ କୀର୍ତ୍ତନ, ସାଧୁମାନଙ୍କ ଧର୍ମସ୍ଥାପନ, ବ୍ରାହ୍ମଣ ଓ ଦୀନ ଦୁଃଖିମାନଙ୍କ ନିଷ୍କାମଭୋଜନ ଓ ବସ୍ତ୍ରଦାନ ହୋଇଥିଲା । ଭକ୍ତମାନେ ଆନନ୍ଦସାଗରରେ ନିମଗ୍ନ ହୋଇ ଅନିର୍ବଚନୀୟ ସୁଖ ଭୋଗ କରିଥିଲେ । ଏହି ଐଶ୍ୱରିକ କାର୍ଯ୍ୟଟି ଅତି ସମାରୋହରେ ନିଷ୍ପନ୍ନ ହୋଇଥିଲା ।

ପ୍ରକାଶ ଥାଉ କି ଏ ବର୍ଷ ୩୭୪ ଜଣ ବିଷ୍ଣୁ-ଭକ୍ତ ପୂଜା ଦେଇଥିଲେ । ଉକ୍ତ ପୂଜାର

| | |
|---|---|
| ମୋଟ | ଟ ୧୮୫ ୩୦ ୩ ପା । |
| ନବଦିନାଟରେ ଖର୍ଚ୍ଚ | ଟ ୧୮୨ ୪୦ ୯ ପାଇ |
| ବାକି ଅତରିକ୍ତ ଖର୍ଚ୍ଚ ଅଛି । | ଟ ୨ ୪୬ ୬ ହୋଇ- |

ବଶମ୍ବଦ
ଶ୍ରୀ ରଘୁନାଥ ଦତ୍ତ
ବାଲୁବଜାର
କଟକ ।
ତା ୨୮।୮।୦୫

ମହାଶୟ !

ନିମ୍ନଲିଖିତ ବିଷୟଟିକୁ ସହର ସାଧାରଣଙ୍କ-ମାନଙ୍କର ବିଶେଷ ସମ୍ବନ୍ଧ ଜଡ଼ିତ ଥିବାରୁ ବିଦିତ କଲି । ଆପଣଙ୍କର ସୁବିଖ୍ୟାତ ପତ୍ରିକାର ଏକ ଅଂଶରେ ସ୍ଥାନ ଦାନ କରି ବାଧିତ କରିବେ ।

ଏଠାରେ ଏକ୍‌ଟ୍ରାନ୍ସ ସ୍କୁଲ ଅନେକ ଦିନରୁ ସ୍ଥାପିତ ହୋଇଅଛି, ଏହି ସ୍କୁଲ ଲକ୍ଷ୍ମଣ ନାଥର ସୁଖ୍ୟାତ ଜମିଦାର ଶ୍ରୀଯୁକ୍ତ ବାବୁ ଦରେନ୍ଦ୍ର-ନାରାୟଣ ରାୟ ମହାଶୟ ଏମ୍ ଏ ଙ୍କର ବିଶେଷ ଯତ୍ନ ଏବଂ ଆନୁକୂଲ୍ୟରେ ସର୍ବତୋଭାବେ ପରି-ଚାଳିତ ହେଉଅଛି । ବାବୁ ଗୋବିନ୍ଦଚନ୍ଦ୍ର ସରକାର ଏହି ସ୍କୁଲରେ ପ୍ରାୟ ୧୪ ବର୍ଷ ହେଲା ହେଡ଼-ମାଷ୍ଟରୀ କରୁଅଛନ୍ତି । ଏ ଜଣେ ନିଷ୍ଠାବାନ୍ ସୁଦକ୍ଷ ଓ ବହୁଦର୍ଶୀ ଶିକ୍ଷକ । ଏହାଙ୍କର ନିମ୍ନସ୍ଥ ଶିକ୍ଷକମାନେ ମଧ୍ୟ ତଦନୁରୂପ । ସ୍କୁଲ ହଷ୍ଟେଲରେ ଗୋଟିଏ ଛାତ୍ରାବାସ ଅଛି । ହେଡ଼ମାଷ୍ଟର ମହୋଦୟ ଏହାର ତତ୍ତ୍ୱାବଧାରକ । ମହାଶୟଙ୍କ ଉପଯୁକ୍ତ ତାଲିମର ଦକ୍ଷ ବ୍ୟୟରେ ଛାତ୍ରମାନଙ୍କର ଅବସ୍ଥା କରନ୍ତି, ବୋର୍ଡ଼ିଂଘରର ଓ ସ୍କୁଲର ବେତନ ଆଶାନୁରୂପ କମ । କେତେକ ଗରିବ ଛାତ୍ରଙ୍କର ବ୍ୟୟଭାର ମହାଶୟ ନିଜେ ବହନ କରନ୍ତି । ଏହି ସ୍କୁଲଟି ବଙ୍ଗ ଓ ଉତ୍କଳର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଥିବାରୁ ଉଭୟ ପ୍ରଦେଶର ଛାତ୍ରମାନେ ଏଠାରେ ଅଧ୍ୟୟନ କରନ୍ତି । ବାବୁ ହରେନ୍ଦ୍ର ନାରାୟଣ ରାୟ ମହାଶୟ ଏମ, ଏ, କଟକର ସୁଖ୍ୟାତ ଓକିଲ ବାବୁ ବିଶ୍ୱନାଥ ସିଂହ ଓ ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡ଼ମାଷ୍ଟର ବାବୁ ଉପେନ୍ଦ୍ରନାଥ ଗୁପ୍ତ ପ୍ରଭୃତି ଏହି ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ସ୍କୁଲର ଗୌରବ ଘୋଷଣା କରୁଅଛନ୍ତି, ପ୍ରତିବର୍ଷ ଏହି ସ୍କୁଲର ଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଅଛନ୍ତି । ଏହା ଶିକ୍ଷକମାନଙ୍କର ବିଶେଷତଃ ହେଡ଼ମାଷ୍ଟର ମହାଶୟଙ୍କର ଶିକ୍ଷା ନୈପୁଣ୍ୟ ଓ ବହୁଦର୍ଶିତାର ପରିଚାୟକ ଅଟେ ୨୪।୮।୦୫ ତାରିଖରେ ସ୍କୁଲ ଇନସ୍ପେକ୍ଟର ମହାଶୟ ଏହି ସ୍କୁଲ ପରିଦର୍ଶନ କରି ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରୁ ପାଠକମାନେ ସମସ୍ତ ବିଷୟ ଅବଗତ ହୋଇ ପାରିବେ ।

The 24th August 1905 I inspected this School to-day ***** The class a promotions have been made with pro-per care. The time table seems to be working out satisfactorily. Home exercises are being attended to. In-fact I have been struck, more than ever, with the pains-taking delegence of the Head Master. Every detail of work Seems to be controlled by him and his supervison is close. I

Split by PDF Splitter
Digitized by srujanika@gmail.com

Split by PDF Splitter



wish in Orissa I had more Head Masters as competent and devoted as he is * * *

(Sd) Herbert A Stark B. A.
Inspector of Schools Orissa

LAKSHMANNATH 28-8-1905 } MRITYUNJOY BASU

---

ମହାଶୟ !

ନିମ୍ନ ଲିଖିତ କେତୋଟି ପଂକ୍ତି ଆପଣଙ୍କର ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

କଟକ ସୂତାହାଟରେ ମୋହର ଗୋଟିଏ ଛୋଟ କୋଠା ଘର ଅଛି, ଅନେକୁ ପ୍ରାୟ ୮।୯ ବରଷ ହେବ ବାବୁ ରାଜମୋହନ ବୋଷ ଏହି ଘରେ ଟ ୭ ଟଙ୍କା ଓ ଟ ୮ ଟଙ୍କା ଭଡ଼ାରେ ରହି ଆସୁଥିଲେ, ବର୍ତ୍ତମାନ ବାବୁ କ୍ଷେତ୍ରମୋହନ ରୁଦ୍ର ମାସିକ ଟ ୮ ଟଙ୍କା ଭଡ଼ାରେ ରହୁଅଛନ୍ତି, ଏଥିରୁ ନୂତନ ନିୟମ ଅନୁସାରେ ମ୍ୟୁନିସିପାଲିଟୀର କରଧାର୍ଯ୍ୟକର୍ତ୍ତା ବାର୍ଷିକ ଟ ୧୯ ଟଙ୍କା କରଧାର୍ଯ୍ୟ କରିଅଛନ୍ତି । କର ଧାର୍ଯ୍ୟ କର୍ତ୍ତା ଯେ ମୋହର ଘର ଦେଖି କିମ୍ବା ବାବୁ କ୍ଷେତ୍ରମୋହନ ରୁଦ୍ରଙ୍କଠାରୁ ଭଡ଼ା ବିଷୟ ଜାଣି ଅନୁମାନ କରିଅଛନ୍ତି ଏହା କହିବା ନୁହେ କାରଣ ସେ ଘରର ଭଡ଼ା ଟ ୮ ଟଙ୍କା ମାସ ତାହାର ଟିକସ ଟ ୧୯ ଟଙ୍କା କିପରି ହୋଇପାରେ । ସହର ମଧ୍ୟରେ ଅନେକ ଏପରି ବଡ଼ ଘର ଅଛି ଯାହାର ଘରଭଡ଼ା ମୋହ ଘରଠାରୁ ଅଧିକ ହୋଇପାରେ ତାହାର କର କେବଳ ଟ ୧୬।୧୭ ଟଙ୍କା ସ୍ଥଳେ ମୋହ ଘରର ଟିକସ କେବଳ ଟ ୬।୭ ଟଙ୍କା ହେବାର ଉଚିତ । ନୋଟିସ ଗତମାସ ତା ୧୭ ରଖରେ ଯାଇ ମୁ ହଜରଣାସ୍ତ ଦେଇଅଛି, ଏପର୍ଯ୍ୟନ୍ତ କୌଣସି ନୋଟିସ ମ୍ୟୁନିସିପାଲିଟୀରୁ ପାଇ ନାହିଁ ଫଳରେ କଣ ହେବ କ ନାହିଁ ମୁ କହି ନ ପାରେ ମାତ୍ର ଏପରି କର ଧାର୍ଯ୍ୟ କରିବା ବଡ଼ ଅନ୍ୟାୟ । ଅଥଚ ଯହିଁରୁ ଅବ୍ୟାହତି ପାଇବାର କୌଣସି ଆଶା ନାହିଁ ଆଶା ଥିଲେ ମଧ୍ୟ ଅମ୍ଭ ପରି ପରାଧୀନ ବିଦେଶୀ ପକ୍ଷେ ବଡ଼ କଷ୍ଟସାଧ । କରଧାର୍ଯ୍ୟ କର୍ତ୍ତା ଆପଣାର କର୍ତ୍ତବ୍ୟ କର୍ମ କରି ଯାଇଅଛନ୍ତି ନ୍ୟାଯ୍ୟ ହେଉ ବା ଅନ୍ୟାୟ ହେଉ ସେଥିର ଦାୟୀ ସେ ନୁହନ୍ତି ଗଭର୍ଣ୍ଣମେଣ୍ଟ ମାନେ ଅରଣ୍ୟେଣ୍ଟର ବେତନ ବଳ ପ୍ରାପ୍ତ ହେବ ମ୍ୟୁନିସିପାଲିଟୀଙ୍କୁ ଜଣାଇ ଦେଇ, ଗଲେ ଯେ ପୂର୍ବାପେକ୍ଷା କର ଅନେକ ପରିମାଣରେ ବୃଦ୍ଧି କରି ଦେଇଅଛନ୍ତି ତାହାର ସର୍ବ ଭାର ହେଲେ ଏ ବିଷୟଟି ଡାକ୍ତର ବୁଝିବାର ଅନାବଶ୍ୟକ । ଘର ଭଡ଼ାକୁ କେତେ ଲାଭ ନିମ୍ନ ଲିଖିତ ହିସାବରୁ ପାଠକମାନେ ଅନାୟାସେ ବୁଝିପାରିବେ ।

| | |
|---|---|
| ଘର ଭଡ଼ା ବାର୍ଷିକ | ଟ ୯୬ ଟଙ୍କା ସେହିଁରୁ |
| ଜମିଦାର ଖଜଣା | ଟ ୨୦ ଟଙ୍କା |
| ମ୍ୟୁନିସିପାଲିଟୀ ଟିକସ | ଟ ୧୯ ଟଙ୍କା |
| ଘରମରାମତି ଓ ଛପର-ବନ୍ଧ ଓ ଖେର ବାର୍ଷିକ | ଟ ୪୦ ଟଙ୍କା |
| ବାଡ଼ିବନ୍ଧ ଓ ଅନ୍ୟାନ୍ୟ ବ୍ୟୟ ବାର୍ଷିକ | ଟ ୫ ଟଙ୍କା |
| ଏକୁଣ ମୋଟ | ଟ ୮୪ ଯାଇ |
| ବାକି ଲାଭ | ଟ ୧୨ ମାତ୍ର ଥାଏ |

ଏଥିରୁ ପାଠକମାନେ ଅନାୟାସେ ବୁଝିପାରିବେ ସେ ପଡ଼ାଗ୍ରାମରେ ଘରଭଡ଼ା କେତେ ଊଣା । ସୁତରାଂ ଟ ୨୦୦୦ ଟଙ୍କା ବ୍ୟୟ କରି ବାର୍ଷିକ ଟ ୧୨ ଟଙ୍କା ମାତ୍ର ଲାଭ ଆଶାରେ କୋଠାଘର କରାଇବାଠାରୁ ବ୍ୟାଙ୍କରେ ଟଙ୍କା ଜମାକଲେ ଅନ୍ତତଃ ବାର୍ଷିକ ଟ ୬୦ ଟଙ୍କା ସୁଧ ମିଳିପାରେ । ଆଉ କୋଠାଘର କରାଇବା ନିମନ୍ତେ ଲୋକଙ୍କର ଏତେ ଆଗ୍ରହ କାହିଁକି ? କ୍ରମଶଃ—

୨୯।୮।୦୫ } ଶ୍ରୀ ଜଗମୋହନ ସେଠ
ନୂଆବଜାର
କଟକ

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ମିଷ୍ଟ୍ରି ସେଟେଲ ଲହୁଷ୍ଟ ଡାକଘର | ଟ ୧ |
| ବାବୁ ଶ୍ରୀ କୃଷ୍ଣଚରଣ ପଣ୍ଡା ଜେନାବନ | ଟ ୩ |
| „ ତ୍ରିଲୋଚନ ଷଡ଼ଙ୍ଗୀ ବୁଲଙ୍ଗ | ଟ ୧୨ |
| „ ଚନ୍ଦ୍ରଶେଖର ମିଶ୍ର କଣ୍ଟାପଡ଼ା | ଟ ୩ |
| „ କାଶୀନାଥ ମହାନ୍ତି ଭୋଗପୁର | ଟ ୩ |
| „ ଗୀଧିକ ଦାସ ସତ୍ୟବାଦୀ | ଟ ୧ |
| „ ଲକ୍ଷ୍ମୀଧର ସାହୁ ଭୂମପଡ଼ା | ଟ ୧ |
| „ ଗୋପ ଚନ୍ଦ୍ର, ସ ମନ୍ତରୀ ଭଗବୀ ଡାକ ସୁନ୍ଦ | ଟ ୧୪ |
| „ ବାସୁଦେବ ମ ଶ ହା ଇ ସ୍କୁଲ ସାକ୍ଷୀଗୋପାଳ | ଟ ୩ |
| ରାଜା । ବ । ଜଗନ୍ନାଥପୁର | ଟ ୩ |
| ଶ୍ରୀବାବୁ ବୀରଙ୍କ ମହାପାତ୍ର । ଡ । କାନ୍ତୁନଗୋ ନାରସୁର | ଟ ୩ |
| „ ବୃନ୍ଦାବନଚନ୍ଦ୍ର, ଦେ ହା ଇ ସ୍କୁଲ କେନ୍ଦ୍ରାପଡ଼ା | ଟ ୧ |
| „ ବଇଦ୍ୟନାଥ ମହାନ୍ତି ଚଉଷଠିପଡ଼ା କଟକ | ଟ ୧ |

## ପ୍ରଜାବନ୍ଧୁ ।

ଉତ୍କଳ ଭାଷାରେ ସମ୍ପାଦିତ, ସଦାଜନ ପ୍ରଶଂସିତ ଏକଟି ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ଦାକ୍ଷିଣାତ୍ୟ ଉତ୍କଳରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତନାମା ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଂଖ୍ୟା ନମୁନା ସ୍ୱରୂପ ପଠାଯିବ। ଅଗ୍ରିମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ "ଉତ୍କଳମଧୁପ" ମାସିକ ପତ୍ରିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

---

# ନିଲାମ ।

ନିମ୍ନ ଲିଖିତ ଜଙ୍ଗଲମାନଙ୍କରେ ସ୍ୱର୍ଣ୍ଣ କାଠଣକାଠ ଗଛ ଓ ଖେର ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ରଖରେ ଖୋରଧା ମହକମ ଜଙ୍ଗଲ ଅଫିସଠାରେ ନିଲାମ ବସୁଥିବ ତହିଁର ହେତମାନ ସେହି ତାରିଖରେ ଶୁଣାଯିବ ।—

| | | |
|---|---|---|
| ଟାଙ୍ଗି | ୪୨ | ଏକର |
| ତେନ୍ତୁଳିଆ | ୨୪୨ | |
| ବାଙ୍ଗୁଡ଼ିଆ | ୨୪୨ | „ |
| ଚନ୍ଦକାଠ | ୩୦ | „ |
| ଗାଡ଼ଗଡ଼ | ୬୮ | „ |
| କନ୍ଧୁର | ୪୪ | „ |
| ମୁହାଣ | ୨୨୫ | |
| ଭରତପୁର | ୧୫ | „ |
| ରାମପୁର | ୩୭ | „ |
| ରସୁର | ୨୭ | „ |
| ମେଣ୍ଢାଶାଳ | ୨୪,୭ | „ |
| ମାଳଣା | ୧୩ | „ |
| ଚନ୍ଦନଗର | ୧୦ | „ |
| ଝାଡ଼ାପଡ଼ୀ | ୭୫ | „ |
| ଡରବାଣ | ୪୮ | „ |

ସେମାନେ ନିଲାମ ଡାକ କରିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରଖ ପୂର୍ବରୁ ଜଙ୍ଗଲ ଅଫିସ ଓ ଥାନାମାନଙ୍କରେ ସର୍ତ୍ତ ଜାଣିପାରନ୍ତି । ପରେ ଡାକର ଅଧିକର ଜଙ୍ଗଲ ବନ୍ଧା କୌଣସି ନିଲାମଡାକ ମଞ୍ଜୁର କରିବାକୁ ବାଧ୍ୟ ନୁହନ୍ତି ।

T. H, MONTEATH.
*Deputy Conservator fo forests*
*Puri Division*
*23-3-05*

---


## ଶସ୍ତା ମୂଲ୍ୟ, ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱ ବିଷୟରେ ଅତୁଳନୀୟ !!



ଇଣ୍ଡିଆନର ଘଡ଼ିକାରରେ ମୋହର ତୁଲ୍ୟ ନାହିଁ । ଯତ ଛଅଟି ଏମିତି ଚିହ୍ନ ମାନଙ୍କ ମଧ୍ୟରୁ ଗୋଟିଏ ଜଣ । ଚିତ୍ତହିତା ସମ୍ବନ୍ଧରେ ସାରଙ୍କ ବଧଯାଏ (ବିଜ୍ଞାପନ) ମୂଲ୍ୟ ଅତ୍ୟନ୍ତ ଶସ୍ତା, ଏହା ଅପେକ୍ଷା କମଦରରେ ଅନ୍ୟତ୍ର ମିଳିବ ନାହିଁ ।

ଘଡ଼ିର ମୂଲ୍ୟ ।

୧ । ନିକେଲ ନିର୍ମିତ ଗୋଲ ମୁଣ୍ଡି ଷ୍ଟକଣ୍ଟ ଜେନେଭାରେ ସମସ୍ତ ଭଲ ଟ ୪୨
୨ । „ „ „ ଛାପରେ ଗୋ ଲଭ ଟ ୭
୩ । „ „ ଛକ୍ତି ପ୍ରକାରର କ୍ଷୁଦ୍ରରେ ଗୋ ୩ ଲଭ ଟ ୮
୪ । „ „ ହାତ କଳାରେ ବାନ୍ଧିବା ପାଇଁ ଗୋଟିଏ ଟ ୧୦

ଘେଟ୍ ଚମଡ଼ାର ପଟି ସହିତ ଟ ୨୫
୫ । ନୂତନ ପ୍ରକାର ଷ୍ଟପ, ଘଡ଼ି ରୂପାର ସହ । ଟ ୨୪
୭ । ରୌପ୍ୟ ନିର୍ମିତ, ଗୋଲ ମୁହଁ ଲୁଭଞ୍ଚିନ ଟ ୫୫
୬ । ରୌପ୍ୟ ନିର୍ମିତ, ଗୋଲ ସ୍ଥିଙ୍ଗ ପ୍ରକାର ଟ ୯
୮ । „ ହଣ୍ଟିଂ ଲର୍ଭର୍ଷିନ ସ୍ପିଙ୍ଗର ଟ ୧୫
୯ । „ „ ଅଟୋମେଟିକ ରତ୍ନରେ ଗୋ ୪ ଟ
୧୦ । „ ଅର୍ଦ୍ଧଗୋଲ ଲଭାଇ ଉଦ୍ଧାର ମୁଣ୍ଡିରେ ଗୋ ୧୪ ଟି ଭାସିବା ଟ ୧୨ (ଭାସିବା ୮ ୧୦
୧୧ । „ ଅବକାଶରେ, ବାଜିବା ହାତ କବଜାରେ ବନ୍ଧା ହେବାର ଉପଯୋଗୀ, ଟଙ୍କା ଘର ସୁନ୍ଦ, ଚମଡ଼ାର ପଟି ସହିତ ଟ ୧୦
୧୨ । „ ରୁଥବୁକର

J. G. ANDREW & Co,
12 College Square (Calcutta)


Digitized by srujanika@gmail.com

Split by PDF Splitter



## Air Rifle
### ହାଓ୍ୱା ପାସର ବନ୍ଧୁକ ।

ବ୍ୟବହାର କରନ୍ତୁ । ଏହା ବ୍ୟବହାର କଲେ ବାରୁଦ ଅଥବା ଟୋଟାର ଆବଶ୍ୟକ ହୁଏ ନାହିଁ ପବନ ବଳରେ ପ୍ରାୟ ୨୦୦ ଫୁଟ ଦୂରନ୍ତ ସଙ୍କୋଚରେ ଏହାର ଗୁଳି ଚାଲିବ । ଏହା ଦ୍ୱାରା ଚଢ଼େଇ, ବଣି, ସମସ୍ତ ପ୍ରକାର ପଶୁ ପକ୍ଷୀ ଏବଂ ଶିକାରମାନ ମଧ୍ୟ ଶିକାର କରାଯାଏ । ମନୁଷ୍ୟଙ୍କୁ ମାରିଲେ ପ୍ରାଣର ହାନି ହୁଏ ନାହିଁ ସତ୍ୟ କିନ୍ତୁ ସାଂଘାତିକ ରୂପେ ଆଘାତ କରାଯାଏ ଅନେକାନେକ ସାଧାରଣଙ୍କ ନିକଟରେ ଦୃଢ଼ ନ ଥିବାରୁ ଚୋର, ଡକାଏତ ଓ ବଦମାସମାନଙ୍କ ହସ୍ତରୁ ଧନ ସମ୍ପତ୍ତି ଏବଂ ପରିବାର ବର୍ଗଙ୍କର ମାନ, ସମ୍ଭ୍ରମ ରକ୍ଷା କରି, ଅନ୍ୟନ୍ତ ନିଶ୍ଚିନ୍ତ ରହିବା ଏହି ବନ୍ଧୁକ ଗୋଟିଏ ପାଖରେ ଥିଲେ ଆଉ କୌଣସି ଭୟ ଥିବ ନାହିଁ । ଏହି ବନ୍ଧୁକ ରଖିବା ନିମନ୍ତେ ଲାଇସେନ୍ସ ଆବଶ୍ୟକ ହୁଏ ନାହିଁ ଏବଂ ନିର୍ଭୟରେ ବ୍ୟବହାର କରାଯାଏ ।

| | | |
|---|---|---|
| ମୂଲ୍ୟ "ଡଂ" ନମ୍ବର | ୧ | ଟ ୧୦ ୮ |
| "କ୍ୟୁରଙ୍ଗ" ଟ ୧୨ ୮ ଓ୍ୱାଲର | | ଟ ୧୨ |
| ବୁଲେଟ ଟ ୫ ୮ ଗ୍ରେନ୍ | | ଟ ୫ |
| ପ୍ୟାକିଂ ଓ ପୋଷ୍ଟେଜ ଟ ୧। ଅଣା । | | |

ପ୍ରତ୍ୟେକ ବନ୍ଧୁକ ସହିତ ୧ କୌଟା ଗୁଳି ଓ ବ୍ୟବହାରର ନିୟମାବଳୀ ବିନାମୂଲ୍ୟରେ ଦିଆଯାଏ ।

ପ୍ରାପ୍ତିସ୍ଥାନ
ମେସର୍ସ, ମଲିନ୍, ଏଣ୍ଡ ରବର୍ଟସ୍
୪୭।୫ ମିର୍ଜାପୁର ଷ୍ଟ୍ରିଟ
କଲିକତା

---

ଗବର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ
ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।
ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ନବାବିଷ୍କୃତ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ଜନ୍ମେ କେଶ ନରମ ହୁଏ, ମସ୍ତକର ଉତ୍ତାପ ନିବାରଣ ହୁଏ, ଓ କେଶ, ପତନ ନିବାରିତ ହୁଏ । ଅଳ୍ପ, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବିକ ଦୁର୍ବଳତା ନୟନ ମୂର୍ଚ୍ଛା ରୋଗ, ଉଚ୍ଚରକ୍ତଚାପ, ଦୃଷ୍ଟି ଦୌର୍ବଲ୍ୟ ଓ ମାଥାର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ଟ୍ରିଭଲୋଭଲ ଟ ୧ ପ୍ୟାକିଂ ଓ ଡାକମାସୁଲ ଟ ୦।/

## ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ । ... ମୂତ୍ର ସହ ସମ୍ବନ୍ଧୀୟ ସବୁ ରୋଗ ମେଣ୍ଟି, ମୂତ୍ରଭଳ ... ଯନ୍ତ୍ରଣାଦାୟକ ଫୁଲା ଏବଂ କ୍ଷତ ପ୍ରଭୃତିର ପ୍ରଧାନ ... । ରୋଗୀ ଯେତେ ହିଁ ଜଟିଳ ଅବସ୍ଥା ହେଉ ଆରୋଗ୍ୟ ଲାଭ ... । ... ସବିଶେଷ ବିବରଣ ଲେଖିଲେ ପରୀକ୍ଷା ... ଉପଯୁକ୍ତ ଔଷଧ ପଠାଯିବ ।

... ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୪
... ମାସୁଲ ଟ ୦ ୴/

## ଅଶୋକାରିଷ୍ଟ ।

... ସ୍ତ୍ରୀ ରୋଗର ମହୌଷଧ । ... ବେଦନା, ଗର୍ଭସ୍ରାବ, ... ଅକ୍ଷମତା, ... କରେ ।
... ଏକ ଟୌଠା ବଟିକାର ମଲ୍ୟ ଟ ୧॥
ଡାକ ମାସୁଲ ଟ ୦ ।/

ଅମୃତ ... ଲସାୟୁ ।
... ଓ ... ମହୌଷଧ
... ମଲ୍ୟ ଟ ୧୷  ଡାକମାସୁଲ ଟ ୦ ୵/

---

ଶୋଣିତ ଶୋଧକ ।

ବାତ ରକ୍ତ ଓ ଦୁଷ୍ଟ ରୋଗର ଅଶ୍ୱ ଦ୍ରୁତକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରରେ ଏ ଶୀ ଔଷଧର ମୂଲ୍ୟ ଟ ୩ ଡାକମାସୁଲ ଟ ୧

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ ବ୍ୟବହୃତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପଚୟ ପୁନଃ ପ୍ରଦାନ କରେ ।

ଏକ କୌଟାର ତୈଳ ଓ ଦୁଇ କୌଠା ବଟିକା ଟ ୩
ଡାକମାସୁଲ ପ୍ରଭୃତି ଟ ୦୵

## ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ
ମୂଲ୍ୟ ଟ ୧ ଡାକମାସୁଲ ଟ ୦ ୵/

ପ୍ରାପ୍ତି ସ୍ଥାନ
କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ
ବାଲୁବଜାର, ଚାନ୍ଦନୀଚୌକ, କଟକ
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋୟରଚିତପୁର ରୋଡ଼
କଲିକତା

---

## ବିଜ୍ଞାପନ ।

### ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପୃଥିବୀ ବ୍ୟାପିତ

## ସର୍ବଜ୍ୱର ଗଜସିଂହ ।

୬ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।
ମୂଲ୍ୟ ବଡ଼ ଟ ୧। ମଧ୍ୟମ ଟ ୧୯ ଛୋଟ ଟ ୦ ୵/
ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ।/

## ଜଣ୍ଡ୍ର ଦାବାନଳ ।

ଦାଦ୍ରୁ ଆଦି ଚର୍ମରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।
ମୂଲ୍ୟ ଟ ୦ ।/ ଡାକମାସୁଲ ୧ଠାରୁ ୭ ଶିଶି ଟ୦।/

## ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଦାଦୁଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।
ମୂଲ୍ୟ ଟ ୦ ।/ ଡାକମାସୁଲ ୧ଠାରୁ ୧୨ ଶିଶି ଟ୦।/

ଏହି ।ନକଲ ହୋଇଅଛି ଖରିଦାର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଖରିଦ କରିବେ । ଏହା ସକଳ ଜିଲାର ବଡ଼ ଦୋକାନରେ ପାଇବେ ନ ପାଇଲେ ପୁସ୍ତକାର ସେ କୌଣସି ସ୍ଥାନକୁ ଭି ... ଲେଖିଲେ ଭି, ପି, ପାର୍ଶ୍ୱ

ଲରେ ପଠାଉଅଛୁଁ । ଏହି ସମସ୍ତ ଔଷଧରେ ଅଟଗୁଣ ହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର
କଟକ ... ବାବୁ ... ଶ୍ରୀଯୁକ୍ତ ... ମିଷ୍ଟର ... ଗୁପ୍ତ ...
Lal Mohan Saha Sankhanidhi
Baburbazar, Dacca.

---

### ଜଗବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିର୍ଣ୍ଣିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା-ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ଯେଉଁଠାରେ ଷ୍ଟିମର ଓ ରେଲୱେ ନାହିଁ ଏପରି ସ୍ଥଳ ଭିନ୍ନ ଭି, ପି, ପାର୍ଶ୍ୱଲରେ ସମସ୍ତଙ୍କୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଡୁଆପଇସିଆ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

| | |
|---|---|
| ଜଗବନ୍ଧୁ ଔଷଧାଳୟ<br>ଚଉଧୁରୀବଜାର, କଟକ<br>୩୦।୫।୧୯୦୫ | ଶ୍ରୀ ବାଳକୃଷ୍ଣଦାସ<br>କବିରାଜ<br>ଶ୍ରୀ ରାମକୃଷ୍ଣ ମିଶ୍ର<br>ମାନେଜର |

---

### IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholerol, specific tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.

Digitized by srujanika@gmail.com

Split by PDF Splitter



# ନବରତ୍ନ ।



"ଏହା ବହୁସମ୍ବଲକ୍ସ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବାଗାଡ଼ମ୍ବର ଅନାବଶ୍ୟକ ।

୧ । ଶକ୍ରନାଶୀ ବଟିକା—ପ୍ରକୃତରେ ଧନ୍ୱନ୍ତରୀ । ଏହାଦ୍ୱାରା ଗାଉ, ଏକୁଅ, କମ୍ପ, ପେଟ ଓ ଗାଣ୍ଠିଜର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ପୁରାତନ ଓ ପାଳିଜ୍ୱର, ସ୍ତ୍ରୀଲୋକମାନଙ୍କର ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନ ୧ ଶିଶି ବଡ଼ା (୧୫ ବଟିକା) ଟ ୦।୶ ନ ୨ ଶିଶି ବଡ଼ା (୩୦ ବଟିକା) ଟ ୧୶ । ନ ୩ ଶିଶି ବଡ଼ା (୫୦ ବଟିକା) ଟ ୧।୶ ।

୨ । ଦନ୍ତ ଡାକବେଲୁ—ଏହା ଡାକ୍ତର, ବୈଦ୍ୟ ଓ କବିରାଜମାନଙ୍କ ଦ୍ୱାରା ପରୀକ୍ଷିତ ଓ ଅନୁମୋଦିତ, ଦାନ୍ତ ଯନ୍ତ୍ରଣା ଦୂର କରେ, ଅଶ୍ୱର୍ଥଳ ପ୍ରଭୃତି ଓ ମୂଳର ଔଷଧ । ଏଥିରେ ଲେପନ କଲେ ସମ୍ପୂର୍ଣ୍ଣ ଭଲ ହେଲେ ଦୋହାର ହୁଏ ନାହିଁ । ମୂଲ୍ୟ—୧ ଡବା ଟ ୦ । ଡାକ ଟ ୨୩

୩ । କଣ୍ଡୁକାଳାନଳ—ଏଥିରେ ଗାଳୁ ଦ୍ରଣ ଓ ପ୍ରଭୃତି ନାନାପ୍ରକାର ଚର୍ମରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ ଗାଳୁରେ ଥିବା କୀଟାଣୁଗଣ ଅଚଳରେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତି ଡବା ଟ ୦।, ପ୍ରତି ଡାକ ଟ ୬୪ ।

୪ । ଛତକୁଳାନ୍ତକ—ଏଥିରେ ସର୍ବପ୍ରକାର ଘା ଯଥା; ଶର୍ମ, ବିଗାଡ଼ଲ ଘା ପ୍ରଭୃତି ଦୁଷ୍ଟସତ ଅତି ସହଜରେ ଓ ବିନା ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ଚିକିତ୍ସକଙ୍କର ସ୍ତ୍ରୀଚିକିତ୍ସା ଲାଗି ଘା ଦଳାଇ ବା ଦଳା ଶୀ ଓ ଉଠ ଘା ଉପରେ ମନ୍ଥନ କର୍ମ କରେ । ମୂଲ୍ୟ—୧ଟ ଡବା ଟ ୦ । ଓ ଡାକ ଟ୨

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ବକ୍ଷଶୂଳ ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡବା ଟ ୧।; ପ୍ରତି ଡାକ ଟ ୧୨ ଙ୍କା

୬ । ପ୍ରମେହସୁଧା—ଶୌଖିନର ଦୋଷମାନଙ୍କରେ ପ୍ରମେହ ରୋଗର ଉପଶମନ । ଏହା ସମ୍ବନ୍ଧରେ ଅନେକ କହିଲେ ଶିକାରୀ ଉଦ୍ଧାର ଜାଣି ନଷ୍ଟ କରେ ଏପରି ସ୍ଥିତି ହେଲେ ବଳକୁ ଉଷ୍ଣ ପାଇବାପାଇଁ ଏକ ଶ୍ରେଷ୍ଠ ଔଷଧ ପ୍ରମେହସୁଧା । ଏଥିରେ ରୋଗର ବଳ ସମ୍ପୂର୍ଣ୍ଣ ଭୂପେ ଦେହକୁ ନଷ୍ଟ ହୁଏ ଓ ୨୧ ଦିନ ମଧ୍ୟରେ ଭୁଲାଇ ଦେଇ ସକାଳେ ହୁଏ । ଏହା ଦେହର ଆରୁଗ୍ୟ ଓ ବଳ ଚରିତ୍ର ଶକ୍ତି ଧାତୁ ଦୌର୍ବଲ୍ୟ ଏବଂ ଅଗ୍ନିମାନ୍ଦ୍ୟ ଓ ଅନ୍ୟ ସ୍ୱାହାର ଭାବ ଅନ୍ୟାନ୍ୟ ଅଶାନ୍ତି; ଅଗ୍ନିବର୍ଦ୍ଧକ ଅବୋଧ ଔଷଧ । ମୂଲ୍ୟ—୧ଡବା ଟ ୧୨; ଡାକ ଟ ୧୫ ଙ୍କା

୭ । କର୍ଣ୍ଣାମୃତତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର କାନପଚା ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ପ୍ରତି ଶିଶି—ଟ ୦ ।୶; ବାରଶିଶି ଟ ୪( ଙ୍କା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ଦୁର୍ବଳତା ଓ ଜୀର୍ଣ୍ଣତା ରୋଗର ଅତ୍ୟନ୍ତ ଅଗ୍ନିଫଳପ୍ରଦ ଔଷଧ । ଅଳ୍ପ ମାତ୍ରା ଏଥିରେ ଅମ୍ଳଶୂଳ, ଜୀର୍ଣ୍ଣଜ୍ୱର ପାଇଲେ ଖାଦ୍ୟ, ଗ୍ରହଣୀ, ଅତିସାର, କାଶ, ଗର୍ଭ ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ୦।୶ ଓ ଡାକ ଟ୬ ଙ୍କା

୯ । ଭାସ୍କରତୈଳ—ଏହା ଅଶାଧର, ଅଣ୍ଡବୃଦ୍ଧି ଅମ୍ଳବାତ ଓ ଅସାଡ଼ ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦୫, ବାର ଶିଶି ଟ ୪( ଙ୍କା

ନବରତ୍ନ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପିପର ଶୀ ଅଳ ପ୍ରତି ଶିଶି | ଟ ୦୩ | ବାରଶିଶି | ଟ ୪( |
| ପାନମହୁରି ଅର୍କ | " | ଟ ୦୫ | " | ଟ ୪( |
| ଅମୃତାଦ୍ୟ ଶାଳସା | " | ଟ ୧୩ | " | ଟ୧୯( |
| ମାଳତୀକୁସୁମ ତୈଳ | " | ଟ ୦।୶ | " | ଟ ୭( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକରଚନ୍ଦ୍ର ଦାସ ବାଲେଶ୍ୱର

# ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାମୂଲତ ଟ ୦ ।୶

ରକ୍ତମାଂଶଯୁକ୍ତ ମହୌଷଧ ସେବନରେ ପେଟକାମୁଡ଼ା ପେଟ କନ୍‌କନ୍ କରିବା ଓ ଝାଡ଼ା ଦୋଷାଦି ବ୍ୟାପାର ଉତ୍ତମାଂଶ ଶୀଘ୍ର ଆରୋଗ୍ୟ ହୁଏ ।

ଜେଠାଇମା ବା ସ୍ୱପ୍ନ ମେହ । **ସୁଧାରଶ୍ମି** ଅମୋଘ ଔଷଧ

ସେବନରେ ପୁଣ ଉକ୍ତ ପ୍ରମାଦତର ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ, ସୀ ସ୍ୱପ୍ନଦୋଷ ବଜେଠାଇମା କ ସ୍ୱପ୍ନ ମେହ ସ୍ୱାଭାବିକରେ ଆରୋଗ୍ୟ ହୁଏ, ୩।୪ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାତ୍ରକ ଟଙ୍କ ୧।୯ ଙ୍କା ଭି, ପି, ୨ ।୶ ।

## ସର୍ବଶ୍ୱଁତାନ୍ତକମଲମ

( ଘାଉଦାଦ ଦୂରୀକରଣ ଚୂର୍ଣ୍ଣ )

ମୂଲ୍ୟ ଏକ କୌଟାକୁ ୧ ଙ୍କା ଭି, ପି ୨।୶

କଠିନ ଉପଦଂଶ କ୍ୟାନସର ଓ ସର୍ବବିଧ ଦୁଃସାଧ୍ୟ ଘା ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ

## ରସାୟନ ।

ଏହା ସେବନରେ ନଷ୍ଟ ଇନ୍ଦ୍ରିୟ ସବଳ, ସ୍ନାୟୁ ମେଦ ଶାନ୍ତ, ଶୁକ୍ର ତାରଲ୍ୟ ଓ ଧାରଣା ଶକ୍ତି ବୃଦ୍ଧି ହୁଏ । କୃଶ ଦୁର୍ବଳ ଶରୀର ସ୍ଥୂଳ (ମୋଟା) ଓ ବଳିଷ୍ଠ ହୁଏ । ଅଳ୍ପକାଳରେ ସେବନ କଲେ ଅଲୌକିକ ଶୁଦ୍ଧି ଓ କାନ୍ତି ଧାର ବୃଦ୍ଧି ସୁଖ ଅନୁଭବ କରିବ ଦ୍ୱିବିଧ ଔଷଧପୂର୍ଣ୍ଣ ଏକ କଉଟାର ମୂଲ୍ୟ ଭିଃ ପିଃ ମାସୁଲ ସମେତ ଟ ୧ ୩ ଏଥିରେ ଭୁଙ୍ଗ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ କବିରାଜ
ହିତମତ, ରେବଙ୍ଗା ୪ କାଶୀଧାମ

# ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| କଳ୍ପପଞ୍ଚାଧ୍ୟାୟୀ ଅର୍ଥାତ୍ ଦରିଜଙ୍କ କଥା | ଟ ୦୶ |
| ମସ୍ତିମଣ୍ଡଳଗୀତା | ଟ ୦୷ |
| ଧର୍ମପୁରାଣ | ଟ ୦।/ |
| କୃଷ୍ଣଲୀଳା | ଟ ୦୷ |
| ସ୍ତୁତ୍ୟାବଳୀ | ଟ ୦/ |
| କୁପାକଳ୍ପ ଜଣାଣ | ଟ / |

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ

## ଆରବ୍ୟକୁସୁମ

ବା

ଆରବ୍ୟଉପନ୍ୟାସର ଓଡ଼ିଆ ଅନୁବାଦ ।

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ଗ୍ରାହକମାନଙ୍କ ସୁବିଧାର୍ଥେ ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହେଉଅଛି ।

୧ ମ ଖଣ୍ଡର ମୂଲ୍ୟ ଟ ୦। ଡାକମାସୁଲ ଟ ୦ ୭ ଏପରି ପୁସ୍ତକ ଓଡ଼ିଆଭାଷାରେ ଏହି ପ୍ରଥମ । ଉପନ୍ୟାସ ଯେପରି ମନୋହର ସେହିପରି ଶିକ୍ଷାପ୍ରଦ, ଥରେ ଆରମ୍ଭ କଲେ ଶେଷ ନ କରି ରହିପାରିବେ ନାହିଁ । ଏହା ବାଳକ, ବାଳିକା, ସ୍ତ୍ରୀ, ପୁରୁଷ, ବୃଦ୍ଧ, ଯୁବା ସମସ୍ତଙ୍କର ପାଠ୍ୟ । ୨ୟ ଖଣ୍ଡ ଶୀଘ୍ର ପ୍ରକାଶିତ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଓ ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ

## ଉପନିଷଦ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଳବକାର କାଠକ, ତୈତ୍ତିରୀୟ; ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷଦ ଗୁଡ଼ିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦୩ ଡାକମାସୁଲ ୦/ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ

## ମହାଭାରତାନ୍ତର୍ଗତ

## ଖିଲ ହରିବଂଶ ପର୍ବ ।

ଅତି ବୃହତ୍ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତି ଲେଖକଙ୍କ ... ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ... ଡାକମାସୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED No. C 81

421

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.


ଭାଗ ୪୦ । ସଂଖ୍ୟା ୩୬

CUTTACK, SATURDAY THE 9th September 1905.

ତା ୨୨ ଭ ଭାଦ୍ର ସନ ୧୩୧୨ ସାଲ ଶନିବାର

ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୯ / ପଶ୍ଚାଦ୍ଦେୟ ଟ ୬୯


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ପ୍ରକାଶେ ପ୍ରତି ଧାଡ଼ି ଟ° ୶ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୯ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୯ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଖର୍ଚ୍ଚା ଟ° ୷ ଠାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ;

## NOTICE.

Wanted two unpaid apprentices for the Orissa Commissioner's Office. Applications will be received by the undersigned up to the 15th Instant. Candidates plucked in the B. A. Examination will be preferred. The applicants should be below the age of 25 and able to write a neat and legible hand.

Orissa Commissioner's Office, 1-9-1905 — J. M. Das, Personal Assistant to Commissioner.

## ADVERTISEMENT.

Wanted for the Baripada High English School, a certificated Vernacular Master as Second Pandit and Drawing Master, on a salary of Rs. 15 rising to Rs. 20, by biennial increment of Re. 1. None need apply who has not passed the final Examination from the Cuttack Training School and does not hold a Drawing certificate. The selected candidate will have to join at once.

Apply to

Baripada, 2-9-05 — S. N. Chakravertty, offg. Suprintendent of Education, Mourbhanj State.

## FOR SALE

The property of

Mr. W. H. P. Driver,

CUTTACK.

Two yong hounds aged six months (Rampore Grey Hound) are already beginning to tackle.

Price Rs. 50 each.

A Cabuli Gilding 15 hands. 6 years of age. Price Rs. 500. Believed sound and has been regularly driven by a lady.

Apply to

Abdul Kader

Jockey

Dewan Bazar, Cuttack

## ବିଜ୍ଞାପନ ।

କୁଞ୍ଜୋଙ୍ଗ ଗଡ଼ଜାତ ମୋଗଲ ଶିକ୍ଷକ ପଦବୀ କାର୍ଯ୍ୟ ଚଳାଇବା ନିମନ୍ତେ ମାସିକ ଟ ୧୫ ( ... ବେତନରେ ଜ ୧ ଣ ଡାକ୍ତର ଆବଶ୍ୟକ । ଆବେଦନକାରୀ କଟକ ମେଡ଼ିକେଲ ସ୍କୁଲର ଶେଷ ପରୀକ୍ଷାରେ କୃତାର୍ଥ ହୋଇ ଚିକିତ୍ସାକାର୍ଯ୍ୟରେ କଛି ଅଭିଜ୍ଞତା ଲାଭ କରିଥିବେ । ଆବେଦନ ପତ୍ରମାନ ପ୍ରଶଂସାପତ୍ରର ନକଲ ସହିତ ଆସନ୍ତା ସେପ୍ଟେମ୍ବର ମାସ ତା ୨୦ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଇତି ।

କୁଞ୍ଜୋଙ୍ଗ ଦୁର୍ଗ, ୨୮ । ୮ । ୦୫ — Janardan Singh Deo, ରଜା । କ । କୁଞ୍ଜୋଙ୍ଗ ।

## NERVE-VIGOR

## ସ୍ନାୟୁଶକ୍ତି ବର୍ଦ୍ଧକ




ଡାକ୍ତର ହାରଗ୍ରୀଭ ସାହେବଙ୍କର ଆବିଷ୍କୃତ ଏହି ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସ୍ନାୟୁବୀୟ ରୋଗର ଅତ୍ୟନ୍ତ ନିର୍ଦ୍ଦୋଷ ଏବଂ ଅବ୍ୟର୍ଥ ଗୁଣ-ଯୁକ୍ତ ମହୌଷଧରୂପେ ଭାରତର ଭୁବନବ୍ୟାପି ବିସ୍ତାର ଲଭିଅଛି;— ସ୍ନାୟୁବୀୟ ରୋଗମାନଙ୍କର ନାମ ଯଥା;—

୧ ଅତ୍ୟଧିକ ପରିଶ୍ରମଜନିତ ମାନସିକ ଅବସାଦ ଅସ୍ୱାସ୍ଥ୍ୟକର ଜଳବାୟୁ, ଇନ୍ଦ୍ରିୟ ଦୋଷ, ଅତ୍ୟାଚାର ବା ବଂଶାନୁକ୍ରମିକ ଦୋଷ ହେତୁ ସ୍ନାୟବୀୟ ଦୁର୍ବଳତା, ଶରୀର ଭିତ୍ତର ଦାହ, ଚାପ୍ତ, ମାନସିକ ବା ଶାରୀରିକ ଶୈଥିଲ୍ୟ, ମସ୍ତିଷ୍କଘୂର୍ଣ୍ଣନ, ସ୍ମରଣ ଶକ୍ତିର ହ୍ରାସ, ମାନସିକ ବୈଲକ୍ଷଣ୍ୟ, ଭୟଙ୍କର ସ୍ୱପ୍ନ, ଅନିଦ୍ରା, ଦୃଷ୍ଟି ଶକ୍ତିହ୍ରାସ, ମେଦ୍ୟାଲ, ଅଧ୍ୟୟନ ବା କୌଣସି କାର୍ଯ୍ୟ କରିବାରେ ଅକ୍ଷମତା, ମାଂସପେଶି ଏବଂ ଅଙ୍ଗ ବିଶେଷର ଶୈଥିଲ୍ୟ, ଅକାଳକ୍ଷୟ, ଜୀବନୀ ଶକ୍ତିର କ୍ଷୀଣତା, ଧ୍ୱଜଭଙ୍ଗ ରୋଗାଦି—ସ୍ନାୟୁବୀୟ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣସମ୍ପନ୍ନ ଔଷଧ ଅଶୁ କ୍ରିୟାକାରକ ଏବଂ ଚିରସ୍ଥାୟୀ ଫଳପ୍ରଦ;

ରୋଗର ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅବିଳମ୍ବେ ଅଦୃଶ୍ୟ ହୁଏ ଏହା ଚାପ୍ତବରେ ସାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏହାର ବ୍ୟବହାର ପରେ ଶାରୀରିକ ସୁସ୍ଥତା, ବଳ ଏବଂ ଶକ୍ତି ସହିତ ସ୍ନାୟବୀୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ ବହୁକାଳ ଅନୁଭବ କରି ନ ଥିଲ ତାହା ହଠାତ୍ ଅନୁଭବ କରେ ।

ତୃତୀୟପ୍ରାପ୍ତ ବ୍ୟବସ୍ଥାର୍ଥ ଏକବୋତଲର ମୂଲ୍ୟ ଟ ୧୷

ଜାଲିଅନୁକରଣର ପ୍ରତାରଣା ନିବାରଣ ନିମନ୍ତେ ପ୍ରତ୍ୟେକ ବୋତଲ ଦେହରେ ଆମ୍ଭର ନାମ ଏବଂ ଠିକଣା ଛପା ହୋଇଥିବା ଦେଖିନେବା ଉଚିତ । ଔଷଧ ଡାକରେ ମଗାନ୍ତୁ ।

ଠିକଣା,—ଇ; ପି; ଏଣ୍ଡ କୋଂ ଓ୍ୱାର୍କସ୍, ଇଣ୍ଟାଲି କଲିକତା

The E. P. & Co. Works, Intally CALCUTTA.

Split by PDF Splitter

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

*In re Case No. 279 of 1905.*

କେନ୍ଦ୍ରାପଡ଼ା ମୁନସଫି ଅଦାଲତ

ନ ୨୭୯ ନମ୍ବର ସନ ୧୯୦୫

୧ ବୃନ୍ଦାବନ ଜେନା ଓ ୨ ପରମାନନ୍ଦ ଜେନା ଓ ୩ ଦଶରଥ ଜେନା ଓ ୪ କେଳେଇ ପଧାନ ଓ ୫ ମ:ଗୁଣି ଦାସ ଓ ୬ ବଇଜୁ ଦାସ ଓ ୭ଯୋଗୀ ସାହୁ ଓ ୮ଗନ୍ଧେଇ ଧଳ ଓ ୯ନନ୍ଦେଇ ଧଳ ଓ ୧୦ ନାଥ ଧଳ ଓ ୧୧ ମଦନା ଧଳ ଓ ୧୨ ସଦେଇ ଧଳ ଓ ୧୩ ବନମାଳୀ ଧଳ ଓ ୧୪ ଶଙ୍କର ପଣ୍ଡା ଓ ୧୫ ହୁରୁସ ଦାସ । ସା । ଝାଡ଼ିକଟା । ତ । ଥଲ ବାଦୀମାନେ

( ବନାମ )

ନ ୧ ଦୋଲ ସାମଲ । ସା । ଝାଡ଼ିକଟା । ତ । ଥଲ ଓ ନ ୨ ମହାରାଜା ବୃନ୍ଦାବନ ଦେବ । ସା । ଦୋଳାପଡ଼ା । ତ । ଥଲ

ପ୍ରତିବାଦୀମାନେ

ଉପରଲିଖିତ ନମ୍ବର ମୋକଦ୍ଦମାରେ ବାଦୀମାନେ ସମସ୍ତ ଗ୍ରାମବାସିଙ୍କ ପକ୍ଷରେ ପ୍ରତିବାଦୀମାନଙ୍କ ବିରୁଦ୍ଧେ ଅର୍ଜି ଦାଖଲ କରିବାରୁ ଏତ ନୋଟିସଦ୍ୱାରା ସମସ୍ତ ଗ୍ରାମବାସିମାନଙ୍କୁ ଜଣାଇ ଦିଆ ଯାଉଅଛି କି ବାଦୀମାନେ ଯେଉଁ ଗତାୟାତ ରାସ୍ତା ସମ୍ବନ୍ଧେ ସତ୍ତ୍ୱ ସାବ୍ୟସ୍ତର ନାଲିସ ଦାଏର କରିଅଛନ୍ତି, ଉକ୍ତ ନାଲିସ ସମ୍ବନ୍ଧେ କାହାର କୌଣସି ଆପତ୍ତି ଥିଲେ ଏହି ନୋଟିସ ଜାରିର ଦି ୭ ନ ମଧ୍ୟରେ ଏତ ଅଦାଲତରେ ଦର୍ଶାଇବ; ନଚେତ୍ ତୁମ୍ଭ ଅନୁପସ୍ଥିତରେ ବିଚାର ହୋଇଯିବ ।

ଦାଗ । ବା । ରାସ୍ତାର ବିବରଣ ।

ଛିଲି ଡଟକ ସଃ ତଃ କେନ୍ଦ୍ରାପଡ଼ା ଥାନା, ଥଲ । ତ । ଅଲ । ମୌ । ଝାଡ଼ିକଟା ଇତ୍ୟାଦି ଭିତରେ ଥିବା ନିମ୍ନଲିଖିତ ଖସଡ଼ା ନମ୍ବର ଓ ଚଉହଦୀ ଅନୁସାରେ ମୋଟ ଏ ୦।୪୯ ଜମି ଉକ୍ତ ଝାଡ଼ିକଟା ହିନ୍ଦି ହତ ମଙ୍ଗଳପୁର ବଡ଼-ଯୋର ନୂଁ ଓଗେର ମଣ୍ଡଳାବାନଙ୍କର ଗ୍ରାମ ବାସିମାନଙ୍କର ଗତାୟାତ ରାସ୍ତା ଜମିଥିବ, ସାବ୍ୟସ୍ତ ପୂର୍ବକ ତହିଁରେ ସେମାନଙ୍କର ଗମନାଗମନ ନିମନ୍ତେ ଉକ୍ତ ରାସ୍ତା ଜମି ଖୋଲସା ପାଇବା ଓ ହାଲ ବନ୍ଦୋବସ୍ତ କାଗଜାତରୁ ଉକ୍ତ ଦାଗ । ବା । ଏ ୦।୪୯ ଜମି ପ୍ରତି ଖାମ ଖାରଜରେ ଉକ୍ତ ଏ ୦।୪୯ ଜମି ଗ୍ରାମ ରାସ୍ତା ଜମି ଥିବା ବୋଲି ଦରଜ ହେବାର ଯୋଗ୍ୟ ଥିବାର ପ୍ରକାଶ କରାଯିବା ଇତ୍ୟାଦି ଦାଗ । ବୀ । ନାଲିସ ଜମିର ମୂଲ୍ୟ ଟ ୫୯ ଙ୍କା ଅର୍ଥାତ ପ୍ରାର୍ଥିତ ଉପକାରର ମୂଲ୍ୟ ଟ ୫୯ ଙ୍କା ଉପରେ କୋର୍ଟଫି ଦାଖଲ ।

Kendrapara } Rasik Mohan Bhattacharya
7-9-1905. } *Offg. Munsif.*

## ଉତ୍କଳଦୀପିକା ।

ଏ ସପ୍ତାହରେ ଏ ନଗରରେ ଓଲାଉଠା ରୋଗରେ ନ ୪୯ ଣ ଆକ୍ରାନ୍ତ ଏବଂ ନ ୨୫ ଣ ହତ ହୋଇଥିଲେ । ଗତ ସପ୍ତାହର ୮୯ ଆକ୍ରମଣ ଏବଂ ୪୮ ମୃତ୍ୟୁ ସଙ୍ଗେ ତୁଳନା ଦେଖିଲେ ଏ ସପ୍ତାହରେ ରୋଗ ଊଣା ପଡ଼ିବାର ଜଣାଯାଏ । ପ୍ରକୃତରେ ଏ ସପ୍ତାହର ପ୍ରଥମ ପାଞ୍ଚଦିନରେ ଦୈନିକ ମୃତ୍ୟୁ ୩ରୁ ଅଧିକ ନ ଥିଲା ମାତ୍ର ଗତ ବୁଧବାର ୫ ଓ ଗୁରୁବାର ୭ ମୃତ୍ୟୁ ହେବାରୁ ପୁଣି ରୋଗ ବଢ଼ିବାର ଶଙ୍କା ହେଉଅଛି ।

---

ଉତ୍କଳସମ୍ମିଳନୀର ସମ୍ପାଦକଙ୍କ ଅନୁରୋଧକ୍ରମେ ପ୍ରକାଶ କରୁଅଛୁଁ କି ସେ ଏଥିପୂର୍ବେ ଉତ୍କଳସମ୍ମିଳନୀର ସାହାଯ୍ୟ ନିମନ୍ତେ ଯେତେ ଚାନ୍ଦା ପାଇବାର ସ୍ୱୀକାର କରିଥିଲେ ତହିଁ-ଉତ୍ତାରୁ ନିମ୍ନଲିଖିତ ମହାଶୟମାନଙ୍କଠାରୁ ସେମାନଙ୍କର ନାମର ପାର୍ଶ୍ୱଲିଖିତ ଚାନ୍ଦା ପାଇ-ଅଛନ୍ତି । ଯଥା ଃ—

ବାବୁ ବ୍ରହ୍ମାନନ୍ଦ ଦାସ ବି,ଏଲ, ଯାଜପୁର ଟ ୧୦୯
ଶ୍ରୀ ରାଜା କଟେଶ ଧରକୋଟ ଟ୨୦୦୯
ବାବୁ ଗୌରୀଶଙ୍କର ରାୟ କଟକ ଟ ୨୦୦୯

---

ଗତ ତା ୨୬ ଉଣରେ ଶେଷ ହେବା ସାପ୍ତାହିକ ବିବରଣ ଅନୁସାରେ ଭାରତର ପ୍ଲେଗଜ ମୃତ୍ୟୁ ସେ ସପ୍ତାହରେ ୨୦୫୦ ଅର୍ଥାତ ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୧୭୪୦ ରୁ ୩୧୦ ବଢ଼ିଥିଲା । ତହିଁମଧ୍ୟରୁ ଏହା ବମ୍ବେଇ ପ୍ରଦେଶର ବୃଦ୍ଧି (୧୨୭୪ରୁ ୧୪୬୭) ୧୯୩ ଅଟେ । ଏପରି ବଙ୍ଗରେ ୧୬, ଯୁକ୍ତପ୍ରଦେଶରେ ୩୫, ମଧ୍ୟପ୍ରଦେଶରେ ୧୯, ହାଇଦରାବାଦରେ ୯୯ ଏବଂ ମଧ୍ୟ ଭାରତରେ ୧୧ ବଢ଼ିଥିଲା । ଅନ୍ୟ ଦିଗରେ କେବଳ ପଞ୍ଜାବରେ ୧୬, ମହୀଶୂର-ରେ ୧୦ ଓ ମାନ୍ଦ୍ରାଜରେ ୫, ଊଣା ପଡ଼ିଥିଲା ।

---

ପରସ୍ପର ଋଣଦାନ ସମ୍ବନ୍ଧୀୟ ଗ୍ରାମ୍ୟସମିତି-ସମୂହକୁ ସରକାର ଯେଉଁ ନିୟମରେ ଋଣ ଦେବେ ତାହା ଗତ ତା ୩୦ ଉଣର କଲିକତା ଗେଜେଟରେ ଛପା ହୋଇଅଛି । ସେ ସମସ୍ତ ନିୟମର ସଂକ୍ଷେପ ମର୍ମ ଏହି କି କୌଣସି ସମିତିକୁ ତାହାର ମୂଳଧନରୁ ଅଥବା ଟ୨୦୦୦ଙ୍କାରୁ ଅଧିକ ଋଣ ଦେବେ ନାହିଁ । ସେହି ଋଣ ଉପରେ ତ ୩ ବର୍ଷ ପର୍ଯ୍ୟନ୍ତ କିଛି ସୁଧ ନିଆଯିବ ନାହିଁ ଏବଂ ତହିଁ ଉତ୍ତାରୁ ଶତକଡ଼ା ବାର୍ଷିକ ଟ ୪ ଙ୍କା ଦରରେ ସୁଧ ନିଆଯିବ । ଋଣ ପାଇବା ନିମନ୍ତେ ଜିଲ୍ଲା କଲେକ୍ଟରଙ୍କଦ୍ୱାରା ସମିତିସମୂହର ରେଜିଷ୍ଟ୍ରାରଙ୍କ ନିକଟକୁ ଆବେଦନ କରିବାକୁ ହେବ ।

---

ଅମ୍ଭମାନଙ୍କର ଯୁବରାଜ ମହୋଦୟଙ୍କ କଲିକତାରେ ଅବସ୍ଥାନ କାଳରେ ଯେଉଁ ଆତସବାଜି ହେବ ତହିଁର ବାଇନା ବାବତର ଏକ ଲକ୍ଷଟଙ୍କାର ଏଷ୍ଟିମେଟ ଦିଆଯାଇ ଅଛି । ଯୁବରାଜ ବିଲାତର ଆତସବାଜି ଦେଖି ନାହାନ୍ତି ବୋଲି ଏରୂପ ହେଉଛି କି ? ଯେଉଁ ଦେଶକୁ ସେ ଆସୁଅଛନ୍ତି ସେହି ଦେଶର କାରିଗରମାନେ ଏ ବିଷୟରେ କେତେଦୂର ଉନ୍ନତ କରିଅଛନ୍ତି ତାହା ଦେଖାଇବା କାରଣ ଦେଶୀୟ ଆତସବାଜିର ଆୟୋଜନ କରିବା ସକାଶେ କୌଣସି ଦେଶୀୟ ଲୋକଙ୍କୁ ବାଇନା ଦିଆ ଯାଇଥିଲେ ଆମ୍ଭେମାନେ ଆନନ୍ଦିତ ହୋଇ ଥାନ୍ତୁ ।

---

ହିନ୍ଦୁପେଟ୍ରିଅଟରେ ପାଠ କଲୁଁ କି କଲିକତାର ସନ୍ନିକଟ ଉତ୍ତରପଡ଼ାର ଖ୍ୟାତ ରାଜା ପ୍ୟାରୀମୋହନ ମୁଖାର୍ଜ୍ଜୀ ଯେମନ୍ତ, ତାହାଙ୍କର ସୁଯୋଗ୍ୟ ପୁତ୍ର କୁମାର ରାଜେନ୍ଦ୍ରଲାଲ ମୁଖାର୍ଜ୍ଜୀ ସେମନ୍ତ ଦେଶୀୟ ଦ୍ରବ୍ୟ ପ୍ରଚଳନ ବିଷୟରେ ଆନ୍ତରିକ ଚେଷ୍ଟା ଓ ଯତ୍ନ କରୁଅଛନ୍ତି । ସ୍ଥାନୀୟ ଦୋକାନଦାରମାନଙ୍କୁ ଦେଶୀୟ ଦ୍ରବ୍ୟ ଛଡ଼ା ଅନ୍ୟ କିଛି ନ ବିକିବାର ସୂଚନା କରିଦେବ କାରଣ ଏଥିମଧ୍ୟରେ ଏକଦିନ କୁମାର ମହୋଦୟ ଦୋକାନଦାରମାନଙ୍କ ନିକଟରେ ଥିବା ସମସ୍ତ ବିଲାତି ଲୁଣ କିଣିନେଇ ଦରିଦ୍ରମାନଙ୍କୁ ବାଣ୍ଟିଦେଲେ । ବିଲାତିଲୁଣ ଆଉ କେହି ଦୋକାନଦାର ଆଣୁ ନାହାନ୍ତି ଓ ସର୍ବତ୍ର ଦେଶୀୟ ଲୁଣ ବିକ୍ରୟ ହେଉଅଛି ।

---

ରୁଷିୟାର ସମ୍ରାଟ ସାଧାରଣ ଲୋକଙ୍କୁ କ୍ଷମତା ଦେଇ ପ୍ରତିନିଧି ନିର୍ବାଚନ ପୂର୍ବକ ଗୋଟିଏ ଦରବାର ସ୍ଥାପନର କଳ୍ପନା କରି ସେ ସମ୍ବନ୍ଧରେ ଯେଉଁ ନିୟମାବଲୀ ପ୍ରସ୍ତୁତ କରି ଅଛନ୍ତି ତାହା ରାଜ୍ୟର ସ୍ଥାନେ ୨ ପଠିତ ହୋଇଅଛି ମାତ୍ର ନିର୍ବାଚକମାନଙ୍କ ବୟସ ଏବଂ ଆୟର ପରିମାଣ ଯାହା ନିର୍ଦ୍ଧାରିତ ହୋଇଅଛି ତାହା ଅତ୍ୟନ୍ତ ଥିବା ହେତୁ ଅତି ଅଳ୍ପଲୋକ କ୍ଷମତା ପାଇଥିବାରୁ ସମସ୍ତ ରାଜ୍ୟରେ ଅସନ୍ତୋଷ ଜାତ ହୋଇଅଛି । ସୁତରାଂ ସମ୍ରାଟଙ୍କର ଆଦେଶ ପାଠ ହେବା ମାତ୍ରେ ଲୋକେ ବିଦ୍ରୋହ ସୂଚକ କାର୍ଯ୍ୟମାନ କରି ଗୋଳମାଳ ଲଗାଇ ଅଛନ୍ତି । ରୁଷିୟାର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନୁହେଁ । ଦେଶ ମଧ୍ୟରେ ଯେଉଁ ଋଣ ସଂଗ୍ରହ କରିବାର ଚେଷ୍ଟା ହୋଇଥିଲା ତାହା ସଫଳ ହୋଇ ନାହିଁ ।

Digitized by srujanika@gmail.com

ଗତ ତା ୫ ରଖର ତାରସମ୍ବାଦରୁ ଜଣାଯାଏ ଯେ ସନ୍ଧିପତ୍ରର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି ଏବଂ ରୁଷ ଓ ଜାପାନର ପ୍ରତିନିଧିମାନେ ତହିଁରେ ସ୍ୱାକ୍ଷର କରି ଯେ ଯାହା ସ୍ଥାନକୁ ବିଦାୟ ହୋଇଅଛନ୍ତି । ଆମେରିକାର ଯୁକ୍ତରାଜ୍ୟର ସଭାପତିଙ୍କର ଚେଷ୍ଟାରେ ଏହି ସନ୍ଧି ହେଲା ଏବଂ ଅନେକ ମହାପ୍ରାଣୀନାଶ ବନ୍ଦ ହେଲା ଏଥିପାଇଁ ସେ ସମସ୍ତ ପୃଥିବୀର କୃତଜ୍ଞତାଭାଜନ ହୋଇଅଛନ୍ତି । ତାହାଙ୍କର ଏ ଯଶ ଚିରକାଳ ରହିବ ଏବଂ ଭବିଷ୍ୟତରେ ଅନ୍ୟମାନଙ୍କ ପକ୍ଷରେ ଶ୍ରେଷ୍ଠ ଚମତ୍କାର ଉଦାହରଣ ହେବ । ରୁଷିୟା ପର ଜାପାନ ହଟ ବାନ୍ଧିଥିଲେ ସନ୍ଧି ହେବା କଷ୍ଟ ହୋଇଥାନ୍ତା ମାତ୍ର ଜାପାନ ତାହା ନ କରି ଯେପରି ମହତ୍ତ୍ୱ ଦେଖାଇଅଛି ତାହା ଅତୀବ ପ୍ରଶଂସନୀୟ ଏବଂ ଏଥିପାଇଁ ଜଗତରେ ଧନ୍ୟ ଧନ୍ୟ ପଡ଼ିଅଛି ।

---

ଆଖିରେ ଛାନି ବା ପରଳ ପଡ଼ିବା ରୋଗର ଚିକିତ୍ସା ଡାକ୍ତରମାନେ କରି ପାରିବା ବିଷୟରେ ଜନ ସାଧାରଣଙ୍କର ବିଶ୍ୱାସ ଏ ପର୍ଯ୍ୟନ୍ତ ବଡ଼ ଦୁର୍ବଳ ଅଛି ଏବଂ ଏ ପ୍ରକାର ଅନେକ ରୋଗୀ ଡାକ୍ତରଖାନାକୁ ନ ଯାଇ ଅଶିକ୍ଷିତ ବୈଦ୍ୟ ବା କୁଟୋ ଉପରେ ନିର୍ଭର କରନ୍ତି । ଚକ୍ଷୁଃଚିକିତ୍ସା ସମ୍ବନ୍ଧୀୟ ଗତ ବର୍ଷର ସରକାରୀ ରିପୋର୍ଟରେ ଦେଖିଲୁଁ ଯେ ସେ ବର୍ଷ ୬୬୦୦ ଲୋକର ଆଖିରେ ଅସ୍ତ୍ର ପ୍ରୟୋଗ ହୋଇଥିଲା ଏବଂ ଶତକରା ୮୦ଟା ସଫଳ ହୋଇଥିଲା । ଆମ୍ଭେମାନେ ଆଶାକରୁଁ ଏହି ଶୁଭଫଳ ଅବଗତ ହୋଇ ଏହି ଶ୍ରେଣୀର ରୋଗିମାନେ ଡାକ୍ତରଖାନାର ଆଶ୍ରୟ ନେବାକୁ ତତ୍ପର ହେବେ । ଏନଗଇର ଜେନେରଲ ହାସପାତାଲରେ ଏହି ଚିକିତ୍ସାର ବିଶେଷ ବନ୍ଦୋବସ୍ତ ହୋଇଅଛି ।

---

ଅନୁଗୁଳ ଟାଉନ ନିବାସୀ ଶ୍ରୀଯୁକ୍ତ ବାଳାମ୍ବର ମିଶ୍ର ଏକ ଶିଶି ଓଲାଉଠାର ଔଷଧ ବିତରଣାର୍ଥେ ଆମ୍ଭମାନଙ୍କ ନିକଟକୁ ପଠାଇଅଛନ୍ତି । ତାହା ଏକସପ୍ତାହରୁ ଅଧିକ ହେଲା ଆମ୍ଭେମାନେ ପାଇଥିଲେହେଁ ଏପର୍ଯ୍ୟନ୍ତ କୌଣସି ରୋଗିକୁ ଖୁଆଇ ଦେଇ ପାରି ନାହୁଁ । ତହିଁର କାରଣ ଏହି କଟକ ମ୍ୟୁନିସିପାଲିଟି ଦ୍ୱାରା ଗଞ୍ଜ ଡାକ୍ତରଖାନା ଖୋଲା ରହିଅଛନ୍ତି ଏବଂ ଅନେକ ଡାକ୍ତର ନିଯୁକ୍ତ କରିଅଛନ୍ତି । ଯେଉଁମାନେ ଔଷଧ ଖାଇବାକୁ ସମ୍ମତ ସେମାନଙ୍କୁ ଔଷଧ ମିଳିବାର କଷ୍ଟ ନାହିଁ । ଆଉ ଯେଉଁମାନେ ଡାକ୍ତରଙ୍କର ଔଷଧ ଖାଇବାକୁ ଅସମ୍ମତ, ସେମାନେ ଔଷଧ ନେଉ ନାହାନ୍ତି ଏବଂ ଅଧିକାଂଶ ରୋଗୀ ଏହି ଶ୍ରେଣୀର ଅଟନ୍ତି । ଯଦ୍ୟପି କେହି ଏହି ଔଷଧ କରିବାକୁ ଇଚ୍ଛା କରନ୍ତି ତାହାଙ୍କୁ ଦେବାକୁ ଆମ୍ଭେମାନେ ପ୍ରସ୍ତୁତ ଅଛୁଁ ।

---

ସାମୟିକ ବୃଷ୍ଟିର ଅବସ୍ଥା ଗତ ତା ୩୧ ରଖରେ ଶେଷ ହେବା ସପ୍ତାହରେ ତହିଁ ପୂର୍ବ ସପ୍ତାହରୁ ଭଲ ନ ଥିଲା । କେବଳ ବରମା ଓ ଉତ୍ତର ପୂର୍ବ ଭାରତରେ ନିୟମିତ ପରିମାଣ ବରଂ ତହିଁରୁ କିଛି ଅଧିକ ବୃଷ୍ଟି ହୋଇଥିଲା ମାତ୍ର ଭାରତର ଅନ୍ୟାନ୍ୟ ସକଳ ସ୍ଥାନରେ ଊଣା ଥିଲା । ତହିଁ ମଧ୍ୟରେ ପଞ୍ଜାବ ଓ ଜୟପୁରର କେତେକ ଅଂଶରେ ଊଣା ପରିମାଣ ଶତକଡ଼ା ୭୦ ବା ତତୋଧିକ ଥିଲା । ଜଳ ଅଭାବହେତୁ ଭାରତର ଅନେକ ସ୍ଥାନରେ ଅନ୍ନକଷ୍ଟର ଆଶଙ୍କା ହୋଇଅଛି ଏବଂ ଏଥି ମଧ୍ୟରେ ଏକ ସ୍ଥାନରେ ସରକାରୀ ସାହାଯ୍ୟ ଦାନ ଆରମ୍ଭ ହୋଇଅଛି । ଗତ ତା ୨୬ ରଖରେ ଶେଷ ହେବା ସପ୍ତାହରେ ମାନ୍ଦ୍ରାଜ ପ୍ରଦେଶର ଅନନ୍ତପୁର ଜିଲ୍ଲାରେ ଜ ୬୧୬ ଣ, ବମ୍ବେଇ ପ୍ରଦେଶର ବେଲଗାଁ ଓ ବିଜାପୁର ଜିଲ୍ଲାରେ ଜ ୧୯୩୫ ଣ ଏବଂ ଗଜସ୍ଥାନାରେ ଜ ୮୦୯୮ ଣ ସାହାଯ୍ୟ ପାଇଥିଲେ ।

---

ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଅଧୀନସ୍ଥ ସରକାରୀ କୁଇନାଇନ ଗଛ ବଗିଚ୍ ଏବଂ କୁଇନାଇନ ପ୍ରସ୍ତୁତ କରିବା କାରଖାନାର ଆୟ ସନ ୧୯୦୪।୦୫ ସାଲରେ ଟ ୨,୪୮,୨୬୨୩ ହୋଇଥିଲା ତହିଁରୁ ସମସ୍ତ ବ୍ୟୟ ଯାଇ ୩୧ ହଜାର ଟଙ୍କା ଲାଭ ହୋଇଥିଲା । ଗତବର୍ଷରେ ଲାଭ ୧୬ ହଜାର ୭ଶତ ଟଙ୍କା ଥିଲା ଏ ବର୍ଷର ଲାଭ ୨ଗୁଣରୁ ଅଧିକ ଏବଂ ଏତେ ଲାଭ ପୂର୍ବେ କେବେ ହୋଇ ନ ଥିଲା । ପୂର୍ବବର୍ଷମାନଙ୍କଠାରୁ ଏବର୍ଷ ଅନେକ ଅଧିକ କୁଇନାଇନ ବିକ୍ରୀ ହେବା ତହିଁର ହେତୁ ଅଟେ । କୁଇନାଇନର ଆଦର ସହର ମୋଫସଲ ସବୁଆଡ଼େ ବଢ଼ିବାର ଦେଖାଯାଏ । ଡାକ ଘରମାନଙ୍କରେ ପଇସାଦିଆ ପୁଡ଼ିଆ ଯୋଗେ ଗତବର୍ଷ ୩,୧୧୪ ପାଉଣ୍ଡରୁ ଏବର୍ଷ ୪,୨୬୦ ପାଉଣ୍ଡ କୁଇନାଇନ ବିକ୍ରୟ ହୋଇଥିଲା ଓ ତହିଁର ମୂଲ୍ୟ ଟ ୪୮,୩୭୨ ଥିଲା । ଜ୍ୱରପ୍ରଧାନ ବଙ୍ଗଦେଶରେ କୁଇନାଇନ ଅଧିକ ବିକ୍ରୀ ହେବାର ଆଶା କରଯାଏ ଏବଂ ସ୍ପଷ୍ଟ ଜଣାଯାଉଅଛି ଯେ ଜନସାଧାରଣ ତହିଁର ଉପକାରିତା କ୍ରମେ ବୁଝୁଅଛନ୍ତି ।

---

ବଙ୍ଗପ୍ରଦେଶର ଦେଶୀୟ ଖ୍ରୀଷ୍ଟୀୟାନ ସମିତି ଗତ ମାସ ତା ୨୮ ରଖର ସାଧାରଣ ଅଧିବେଶନରେ ଅଧିକାଂଶ ସଭ୍ୟଙ୍କ ମତରେ ଧାର୍ଯ୍ୟ କରିଅଛନ୍ତି ଯେ ବଙ୍ଗର ବିଭାଗସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟର କଳ୍ପନା ପ୍ରତି ସେ ସଭାର ଘୋର ଆପତ୍ତି ଅଛି ଏବଂ ବିଭାଗ ବିରୁଦ୍ଧରେ କଲିକତା ଏବଂ ଅନ୍ୟାନ୍ୟସ୍ଥାନରେ ଯେଉଁ କଳ୍ପନା କରୁଛନ୍ତି ଯେ ସମସ୍ତ ସଭା ହୋଇଥିଲା ତହିଁରେ ସମିତିର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ଏପର ଦେଶୀୟ ଦ୍ରବ୍ୟ ସାଧ୍ୟମତେ ବ୍ୟବହାର କରିବାର ଯେ ସଂକଳ୍ପ ହୋଇଅଛି ତହିଁରେ ମଧ୍ୟ ସମିତିର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ଏବଂ ଏ ବିଷୟରେ ଅନ୍ୟାନ୍ୟ ସଭା ସହିତ ଏହି ସମିତି ଯୋଗ ଦେବାକୁ ମନସ୍ଥ କରିଅଛନ୍ତି । ଆମ୍ଭେମାନେ ଦେଶୀୟ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଏହି ନିର୍ଦ୍ଧାରଣମାନ ପାଠ କରି ଅତ୍ୟନ୍ତ ପ୍ରୀତ ହେଲୁଁ । ସେମାନେ ବିଲକ୍ଷଣ ବୁଝିଅଛନ୍ତି ଯେ ଧର୍ମବିଶ୍ୱାସ ଯାହାର ଯାହା ହେଉ ଦେଶର ସୁଖ ଦୁଃଖର ଭାଗୀ ଦେଶବାସୀ ସମସ୍ତେ ଅଟନ୍ତି ଏବଂ ଯହିଁରେ ଦେଶର ଦୁଃଖ ଦୂର ହେବ ତହିଁପାଇଁ ସମସ୍ତେ ଏକଯୋଗରେ କାର୍ଯ୍ୟ କରିବା କର୍ତ୍ତବ୍ୟ ।

---

ଏଡ୍ଭୋକେଟ ଗଜେଟରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କଲିକତାର ଡାକ୍ତର ବଏସଙ୍କର ମତ ଏହି କି ତାମ୍ର ( ତମ୍ବା ) ଓଲାଉଠାରୋଗର ଉତ୍କୃଷ୍ଟ ପ୍ରତିଷେଧକ ଅଟେ ଏବଂ ଅନ୍ୟାନ୍ୟ ଅନେକ ଡାକ୍ତର ଏହି ମତର ପୋଷକତା କରନ୍ତି । ଓଲାଉଠା ରୋଗର ଉପଦ୍ରବ ସମୟରେ ହୋମିଓପାଥି ଡାକ୍ତରମାନେ କପ୍ରମ ନାମକ ଔଷଧ ୧୦ ଟୋପା ଅର୍ଦ୍ଧଛଟାଙ୍କ ଜଳରେ ପ୍ରତି ଦିନ ସକାଳେ ଖାଇବାର ବ୍ୟବସ୍ଥା ଦିଅନ୍ତି ଯେ ତଦ୍ୱାରା ରୋଗର ଆକ୍ରମଣ ନିବାରିତ ହେବ । କପ୍ରମ ତମ୍ବାରୁ ପ୍ରସ୍ତୁତ ହୁଏ । ତମ୍ବାର ରୋଗ ନିବାରକ ଗୁଣ ଅଛି ଏହା ଭାରତବାସିଙ୍କଠାରେ ନୂତନ କଥା ନୁହେଁ । ପ୍ରାଚୀନକାଳରୁ ପୂଜା ଅର୍ଚ୍ଚନା ବେଳେ ତମ୍ବାପାତ୍ରରେ ଜଳ ବ୍ୟବହାର କରିବା ଏବଂ ପାଦୋଦକ ରଖି ପାନ କରିବା ରୀତି ପ୍ରଚଳିତ ଅଛି । ଅଧୁନା ନିମନ୍ତେ ତମ୍ବା ମାଦୁଳି ଧାରଣ ପ୍ରଭୃତିର ପାନ କରି ଫଳ ପାଇବାର ମଧ୍ୟ କେତେସ୍ଥଳେ ଦେଖା ଯାଇଅଛି । ବୋଧ ହୁଏ ଏହି ଗୁଣ ବୁଝିପାରି ତମ୍ବା କୁଣ୍ଡରେ ଦେବତାର ପାଦୋଦକ ରଖିବା ଏବଂ ତାହା ପାନଦ୍ୱାରା ଅକାଳମୃତ୍ୟୁ ହରଣ ହେବାର ପ୍ରବାଦ ଅଛି ।

---

ଓଡ଼ିଶାରେ ଅନେକ ସଭା ସମିତି ଅଛି । ସେମାନେ ନିଷ୍କ୍ରିୟ ନ ଥାଇ ସମୟରେ ଅଧିବେଶନ କରି ନାନା ହିତକର ବିଷୟରେ ବକ୍ତୃତା ଦିଅନ୍ତୁ ଏବଂ ଉପଦେଶ ପ୍ରଦାନ କରିବାର ସମ୍ବାଦପତ୍ରମାନଙ୍କରୁ ଜଣାଯାଏ । ଲୋକେ ଏକତ୍ରେ ବସି ଆପଣା ଅଭାବ ଓ ଉନ୍ନତିର କଥା ଯେତେ ଭାବନ୍ତି ସେତେ ଭଲ ମାତ୍ର

Split by PDF Splitter



କେବଳ ଖାଇବା ଯଥେଷ୍ଟ ନୁହେ, କାର୍ଯ୍ୟରେ ପ୍ରବୃତ୍ତ ହେବା ଆବଶ୍ୟକ । ବଙ୍ଗଦେଶରେ ଅଳ୍ପ କାଳ ସକଳ ସଭା ସମିତି ଏକମତରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଦୃଢ଼ ସଙ୍କଳ୍ପ କରି ନିଜେ ତଦନୁଯାୟୀ କାର୍ଯ୍ୟ କରିବା ଏବଂ ଦୂରଦେଶୀଙ୍କୁ ପ୍ରବର୍ତ୍ତାଇବାକୁ ଯେମନ୍ତ ବ୍ୟସ୍ତ ଅଛନ୍ତି ଓଡ଼ିଶାର ସଭା ସମିତିମାନଙ୍କୁ ସେମନ୍ତ ହେବାକାରଣ ଆମ୍ଭେମାନେ ଅନୁରୋଧ କରୁଅଛୁଁ । ଏଥିର ସୁଫଳ ସେମାନଙ୍କୁ ବୁଝାଇ ଦେବାର ପ୍ରୟୋଜନ ନାହିଁ । ସେମାନେ ତାହା ଉତ୍ତମରୂପେ ବୁଝିଅଛନ୍ତି । ଯାହା କର୍ତ୍ତବ୍ୟ ତହିଁରେ ବିଳମ୍ବ କରିବା ଉଚିତ ନୁହେ । ଦଶହରା ସନ୍ନିକଟ । ଏ ସମୟରେ ଦେଶୀୟ ଲୁଗା ଓ ଅନ୍ୟାନ୍ୟ ଯେ ସମସ୍ତ ଦେଶୀୟ ଦ୍ରବ୍ୟ ମିଳେ ସେ ସମସ୍ତ ବ୍ୟବହାର ଲୋକେ କେତେଦୂର କରୁଅଛନ୍ତି ସଭାସମିତି ତହିଁପ୍ରତି ଦୃଷ୍ଟି ରଖିଲେ ବଡ଼ ସୁଖର ବିଷୟ ହେବ ।

ଗତ ତା ୨୭ ରିଖର ' ଗଡ଼ଜାତବାସିନୀ ' ରେ ତାଳଚେରର ବ୍ରାହ୍ମଣ ସମିତିର ୨ୟ ଅଧିବେଶନର ବୃତ୍ତାନ୍ତ ବାହାରିଅଛି । ସଭା ଅନେକ ତର୍କ ବିତର୍କ ଉତାରୁ ଧାର୍ଯ୍ୟ କରିଅଛନ୍ତି କି (୧) ତାଳଚେରର ରଜା ମହୋଦୟ ନିଜଗଡ଼ ଏବଂ ମୋଫସଲରେ ଯେ ସମସ୍ତ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ବ୍ରାହ୍ମଣମାନେ ନିଜ ଅଧୀନସ୍ଥ ବାଳକମାନଙ୍କୁ ପଢ଼ାଇବାକୁ ସାମାଜିକ ନିୟମାନୁସାରେ ବାଧ୍ୟ ଅଟନ୍ତି (୨) ଶୁଭାଶୁଭ କାର୍ଯ୍ୟରେ ଶକ୍ତି ଅନୁସାରେ ବ୍ୟୟ କରିବେ, ଜମି ବନ୍ଧକ ବା ବିକ୍ରୟ ବା ଅନ୍ୟ ପ୍ରକାର ଋଣ କରି ପାରିବେ ନାହିଁ ଏବଂ (୩) ବିନା ଆମନ୍ତ୍ରଣରେ କେହି ଭୋଜନାର୍ଥେ କାହାର ଘରକୁ ଯିବେ ନାହିଁ । ଏହି ନିୟମ ସକଳର ଅନ୍ୟଥା ଆଚରଣ କଲେ ସମାଜରୁ ବାରିତ ହୋଇ ରହିବେ । ରଜାଙ୍କ ବିଦ୍ୟାଳୟରେ ନ ପଢ଼ାଇଲେ ସମାଜଚ୍ୟୁତ ହେବାର ମର୍ମ ବୁଝା ଯାଉ ନାହିଁ । ଯାହାର ଶକ୍ତି ବା ଅବକାଶ ଅଛି ସେ ଆପଣା ପିଲାଙ୍କୁ ଘରେ ପଢ଼ାଇଲେ କି ଚଳିବ ନାହିଁ ? ପଢ଼ିବା ଓ ପଢ଼ାଇବା ବ୍ରାହ୍ମଣର ନିତ୍ୟକର୍ମ ତହିଁରେ ଯେ କଷ୍ଟକରେ ସେ ବ୍ରାହ୍ମଣ ବୋଲି ସମ୍ମାନିତ ହେବାର ଯୋଗ୍ୟ ନୁହେ । ରଜାଙ୍କର ଏ ବିଷୟରେ ତୀକ୍ଷ୍ଣ ଦୃଷ୍ଟି ରହିଲେ ଅବଶ୍ୟ ସୁଫଳ ହେବ । ବ୍ରାହ୍ମଣ ସକଳବର୍ଣ୍ଣର ଗୁରୁ ଏବଂ ସକଳବର୍ଣ୍ଣର ଲୋକଙ୍କୁ ଜ୍ଞାନଶିକ୍ଷା ଦେବା କାରଣ ପଢ଼ାଇବା କର୍ତ୍ତବ୍ୟ ଅଟେ ।

ଯାଜପୁର ସଦର ବଙ୍ଗାଳା-ନାଗପୁର ରେଲଷ୍ଟେସନଠାରୁ ପ୍ରା ୧୪ ମାଇଲ ଅନ୍ତର ମାତ୍ର ଭଲ ସଡ଼କ ନ ଥିବାରୁ ସର୍ବସାଧାରଣର ଯାତାୟାତର ବଡ଼ କଷ୍ଟ ହୁଅଇ । ଯାଜପୁର ରୋଡ଼ ଷ୍ଟେସନଠାରୁ ଯାଜପୁରପର୍ଯ୍ୟନ୍ତ କଟକ ଜିଲ୍ଲା ବୋର୍ଡ଼ ଗୋଟିଏ ସଡ଼କ ନିର୍ମାଣ କରିବାକୁ ଅନେକ ଦିନୁ ଚେଷ୍ଟା କରୁଅଛନ୍ତି ଏବଂ ପ୍ରାୟ ମାଇଲ ବାଟ ନିର୍ମାଣ କରିଅଛନ୍ତି ମାତ୍ର ଏ ବାଟ ସୁସାଧ ହୋଇ ପାରି ନାହିଁ । ତେଣୁ ବ୍ୟାସସରୋବର ରେଲଷ୍ଟେସନଠାରୁ ଯାଜପୁରକୁ ଗୋଟିଏ ଭଲ ସଡ଼କ ନିର୍ମାଣ କରିବାର ସ୍ଥିର ହୋଇ ତହିଁର ବ୍ୟୟ ୩୨ ହଜାର ଟଙ୍କା ଇଷ୍ଟିମେଟ ହୋଇଅଛି ଏବଂ ଏତେ ଟଙ୍କା ଯୋଗାଇବାକୁ ଏଠା ବୋର୍ଡ଼ର ସଙ୍ଗତି ନାହିଁ । ଏ ବିଷୟ କେତେଜଣମାନ ଫିସର ସାହେବ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ସାହାଯ୍ୟ ପ୍ରାର୍ଥନା କରିଥିଲେ । ଆନନ୍ଦସହିତ ଅବଗତ ହେଲୁଁ ଯେ ମାନ୍ୟବର ବଙ୍ଗେଶ୍ୱର ୧୪ହଜାର ଟଙ୍କା ସାହାଯ୍ୟ ଦେଇଅଛନ୍ତି ଏବଂ ବୋର୍ଡ଼ ନିଜ ତହବିଲରୁ ୧୬ ହଜାର ଟଙ୍କା ଦେଇ କାର୍ଯ୍ୟାରମ୍ଭ କରିଅଛନ୍ତି । ଆଶା ହୁଅଇ ଅର୍ଦ୍ଧେ ବାଟ ଏହି ବର୍ଷ ନିର୍ମାଣ ହୋଇଯିବ ଏବଂ ଆଗାମୀ ବର୍ଷ ଗଭର୍ଣ୍ଣମେଣ୍ଟ ଅନ୍ତତଃ ଏହିପରିମାଣ ସାହାଯ୍ୟ ଦେଲେ କାର୍ଯ୍ୟଟି ଶେଷ ହେବ ଏବଂ ଯାଜପୁରକୁ ସୁଗମ୍ୟ ବାଟ ମିଳିଯିବାଦ୍ୱାରା ଜନସାଧାରଣର ବିଶେଷ ଉପକାର ହେବ ।

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଖଣ୍ଡପଡ଼ାର ବୃଦ୍ଧ ରଜା ଶ୍ରୀ ନଟବର ମର୍ଦ୍ଦରାଜ ଭ୍ରମରବର ସିଂହ ଦେଓ ଗତ ତା ୩ ରିଖ ରବିବାର ପରଲୋକ ଗମନ କଲେ । ବୃଦ୍ଧ ରଜାଙ୍କର ପୁତ୍ର ନ ଥିବାରୁ ତାଙ୍କର ମଧ୍ୟମ ପିତୃବ୍ୟ ଗୋପୀନାଥ ଶ୍ରୀଚନ୍ଦନଙ୍କ ପୌତ୍ର ଶ୍ରୀମାନ୍ ରାମଚନ୍ଦ୍ର ସିଂହଙ୍କୁ ପୋଷ୍ୟ ପୁତ୍ର କରିବାନିମନ୍ତେ ପାଟରାଣୀଙ୍କୁ ଅନୁମତି ଦେଇ ଯାଇଥିଲେ । ରାଣୀମହୋଦୟା ତଦନୁସାରେ ତାଙ୍କୁ ପୋଷ୍ୟ ପୁତ୍ର ଗ୍ରହଣ କରି ଗାଦିରେ ବସାଇଲେ ଓ ତାହାଙ୍କର ଆଦେଶମତେ ଶବ ଦାହ କ୍ରିୟାଦି ସମ୍ପାଦିତ ହୋଇଥିଲା । ଗଡ଼ଜାତ ରଜାମାନଙ୍କ ମଧ୍ୟରେ ଖଣ୍ଡପଡ଼ାର ବୃଦ୍ଧରଜା ବୟୋଜ୍ୟେଷ୍ଠ ଥିଲେ । ତାଙ୍କର ବୟସ ୭୨ ହୋଇଥିଲା । ରଜାମହୋଦୟ ନବ୍ୟଶିକ୍ଷିତ ଦଳର ନ ଥିଲେ ମାତ୍ର ପ୍ରଚଳିତ ପ୍ରଣାଳୀରେ ସ୍ୱରାଜ୍ୟର ଉନ୍ନତିରେ ବଡ଼ ମନୋଯୋଗୀ ଥିଲେ । ଅନେକ ବାଗ ବଗିଚା ଓ ସଡ଼କ କରିଥିଲେ । ସେ ଜଣେ ସୁନ୍ଦର ଓ ଶକ୍ତିମାନ୍ ଶାସନକର୍ତ୍ତା ଥିଲେ । ଶିକାର, ସଙ୍ଗୀତ, ମଲ୍ଲକ୍ରୀଡ଼ା ଇତ୍ୟାଦିରେ ତାହାଙ୍କର ବିଶେଷ ଅନୁରାଗ ଥିଲା ଏବଂ ନିଜେ ସଙ୍ଗୀତରେ ପରିଶ୍ରମ କରିଥିଲେ । ସାହିତ୍ୟ ଚର୍ଚ୍ଚା ଓ ଶିକ୍ଷାଦାନରେ ତାହାଙ୍କର ହେଳା ନ ଥିଲା ମାତ୍ର ରକ୍ଷଣଶୀଳ ହେଲେ ଇଂରାଜୀ ଶିକ୍ଷାରେ ପ୍ରବେଶ କରିବାକୁ ସକ୍ଷମ ହୋଇ ନ ଥିଲେ ତାଙ୍କର କନିଷ୍ଠ ପିତୃବ୍ୟଙ୍କ ପୁତ୍ର ପଠାଣିସାମନ୍ତଙ୍କ ନାମ କାହାରକୁ ଅବିଦିତ ନାହିଁ ସେ ଏହି ଖଣ୍ଡପଡ଼ା ରାଜ୍ୟରେ ଥାଇ ପ୍ରଚଳିତ ଶିକ୍ଷା ପ୍ରଣାଳୀରେ ଶିକ୍ଷିତ ହୋଇ ଯେଉଁ ଯଶ ଲାଭ କରି ଯାଇଅଛନ୍ତି ତାହା ଅନ୍ୟ କାହାର ଭାଗ୍ୟରେ ମିଳିବା ଦୁଷ୍କର । ସେହି ଖଣ୍ଡପଡ଼ା ରାଜ୍ୟର ବୃଦ୍ଧରଜା ଓ ପ୍ରାତଃ ସ୍ମରଣୀୟ ୰ପଠାଣିସାମନ୍ତଙ୍କ ଭ୍ରାତା ପରଲୋକ ଗମନ କରିଅଛନ୍ତି । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ତାଙ୍କର ଆତ୍ମାର କୁଶଳ କାମନା କରୁଅଛୁଁ ।

### ସ୍କୁଲ ପରୀକ୍ଷାର ଫଳ ।

ବଙ୍ଗପ୍ରଦେଶର ଏଥର ୧୯୦୫ ସାଲର ସ୍କୁଲ ପରୀକ୍ଷା ଦେବା କାରଣ କାବ୍ୟ ଓ ବ୍ୟାକରଣରେ ନ ୨,୫୩୦ ଣ ଏବଂ ଉଚ୍ଚ ବିଷୟରେ ନ ୪୩୪ ଣ ଉପସ୍ଥିତ ହୋଇଥିଲେ ଏବଂ ଯଥାକ୍ରମେ ନ ୭୪୯ ଓ ନ ୯୭ ଣ ପାସ କରିଥିଲେ ଅତଏବ ମୋଟରେ ପରୀକ୍ଷା ଦେଇଥିବା ନ ୨୯୬୪ ଣ ମଧ୍ୟରୁ ନ ୮୪୬ ଣ ଅର୍ଥାତ ଶତକଡ଼ା ନ ୨୮ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଓଡ଼ିଶାର ତିନି ସମିତିର ଯେତେ ଛାତ୍ର-ମଧ୍ୟରୁ ଯେତେ ପାସ କରିଅଛନ୍ତି ତହିଁର ଅଙ୍କ ନିମ୍ନେ ଲେଖାଗଲା ଯଥା;—

| | ଉପସ୍ଥିତ | | ପାସ | |
|---|---|---|---|---|
| | କାବ୍ୟ ଓ ବ୍ୟାକରଣ | ଉଚ୍ଚ ବିଷୟ | କାବ୍ୟ ଓ ବ୍ୟାକରଣ | ଉଚ୍ଚ ବିଷୟ |
| ଓଡ଼ିଶା ସମ୍ମିଳିତ | ୭୨ | ୧୧ | ୩୨ | [illegible] |
| ବାଲେଶ୍ୱର „ | ୪୮ | ୯ | ୨୭ | ୨ |
| ପୁରୀଜଗନ୍ନାଥ „ | ୩୭ | ୩ | ୨୩ | ୩ |
| | ୧୫୭ | ୨୩ | ୮୨ | ୧୫ |

ଅତଏବ ଓଡ଼ିଶାର ମୋଟ ପରୀକ୍ଷାର୍ଥୀ ନ ୧୮୦ ଣ ମଧ୍ୟରୁ ନ ୧୦୨ ଣ ଅର୍ଥାତ ଶତକଡ଼ା ୫୭ ପାସ କରିବ ବଡ଼ ସନ୍ତୋଷ ଫଳ ବୋଲିବାକୁ ହେବ ।

ଓଡ଼ିଶା ବିଭାଗର ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇ ଅଛନ୍ତି । ଯଥା;—

ପ୍ରଥମ ପରୀକ୍ଷା

| | | |
|---|---|---|
| ୧ ଅନନ୍ତ ମିଶ୍ର | ରାମକୃଷ୍ଣ ହୋତା ଓଡ଼ିଆମଠ, ପୁରୀ | ପୁରୀ |
| ୨ ବାସୁଦେବ ମିଶ୍ର | ଏଜନ | ଏଜନ |
| ୩ ଚନ୍ଦ୍ରଶେଖର ମିଶ୍ର | ଖଣ୍ଡପଡ଼ା କଣ୍ଠିଲୋ | କଟକ |
| ୪ ଗଣନାଥ ମିଶ୍ର | ତେଲାଙ୍ଗ | ଓଡ଼ିଶା, ଗଡ଼ଜାତ |
| ୫ ବାଳକୃଷ୍ଣ ନନ୍ଦ | ଏଜନ | ଏଜନ |
| ୬ କାଳକୃଷ୍ଣ ଦାସ | ଗୁଜରଗ୍ରାମ | କଟକ |
| ୭ ସର୍ବେଶ୍ୱର ଷଡ଼ଙ୍ଗୀ | ବଲରାମଗୋପାଳ ଟୋଲ ଭଦ୍ରକ | ବାଲେଶ୍ୱର |
| ୮ ସଦାଶିବ ମିଶ୍ର | ବୈଦ୍ୟନାଥ ଟୋଲ ହରଡ଼ପୀ | ସାକ୍ଷୀ ଗୋପାଳ |
| ୯ ଅପର୍ତ୍ତି ମିଶ୍ର | ପଦ୍ମନାଭ, ଗଞ୍ଜା | କଟକ |
| ୧୦ ପୁରୁଷୋତ୍ତମ କାବ୍ୟତୀର୍ଥ | ଗଉରାଙ୍ଗ ଟୋଲ ଭଦ୍ରକ | ବାଲେଶ୍ୱର |
| ୧୧ ଜଗନ୍ନାଥ ଷଡ଼ଙ୍ଗୀ | ପ୍ରତାପପୁରୁଷୋତ୍ତମପୁର | ପୁରୀ |

Digitized by srujanika@gmail.com

୨ୟ ପରୀକ୍ଷା

୧ ରାମଚନ୍ଦ୍ର ମହାପାତ୍ର ପଟ୍ଟନାଇ, ଗଞ୍ଜା    କଟକ
୨ ସ୍ୱାମୀକୃଷ୍ଣ ମିଶ୍ର ଭଦ୍ରକସ୍କୁଲ, ଉର୍ଦ୍ଧ    ବାଲେଶ୍ୱର
୩ ଜଗନ୍ନାଥ ମହାପାତ୍ର ରାମଚନ୍ଦ୍ର ସ୍କୁଲ    ପୁରୀ

ସନ ୧୯୦୪ ସାଲ ସ୍କୁଲ ପରୀକ୍ଷାରେ ଓଡ଼ିଶା ବିଭାଗର ନିମ୍ନଲିଖିତ ଶିକ୍ଷକମାନେ ବୃତ୍ତି ପାଇଅଛନ୍ତି ।

ପ୍ରଥମ ପରୀକ୍ଷା

୧ ଦାମୋଦର ବଂଶୀଭୂଷଣ    ଝଣ୍ଡପଡ଼ା    କଟକ
୨ ଜଗନ୍ନାଥ ମିଶ୍ର ରାମକୃଷ୍ଣସ୍କୁଲ ଓଡ଼ିଆମଠ ପୁରୀ    ପୁରୀ
୩ ଅନନ୍ତ ବିଦ୍ୟାଭୂଷଣ ଟ୍ରେନିଂ ଜିଲା    ଗଡ଼ଜାତ
ଓଡ଼ିଶାଟ୍ରେନିଂ    କଟକ
୪ ବଇନାଥ ମହାପାତ୍ର ବଇନାଥସ୍କୁଲ ଦେଉଳିଆଁସ୍ଥି ପୁରୀ
୫ ଲୋକନାଥ କାବ୍ୟତୀର୍ଥ    ମୟୂରଭଞ୍ଜ    ବାଲେଶ୍ୱର
୬ ଗଙ୍ଗାଧର କାବ୍ୟତୀର୍ଥ ପଟ୍ଟନାଇକ ଟୋଲ    କଟକ
୭ ଭୁବନେଶ୍ୱର ମହାପାତ୍ର    ବାଲେଶ୍ୱର    ବାଲେଶ୍ୱର
୮ ଯୋଗେନ୍ଦ୍ର କାବ୍ୟବିଶାରଦ ସଂସ୍କୃତ ସ୍କୁଲ ପୁରୀ    ପୁରୀ

୨ୟ ପରୀକ୍ଷା

୧ ନାରାୟଣ ତର୍କପଞ୍ଚାନନ ଉର୍ଦ୍ଧ    ବାଲେଶ୍ୱର
୨ ଅଭିମାନ ବେଦରତ୍ନ ରାମଚନ୍ଦ୍ର ଟୋଲ ବାଲେଶ୍ୱର ବାଲେଶ୍ୱର
୩ ମୁକୁନ୍ଦ କାବ୍ୟତୀର୍ଥ ପଟ୍ଟନାଇକ, ଗଞ୍ଜା    କଟକ
୪ ଯଜ୍ଞେଶ୍ୱର ମିଶ୍ର ବଳଦେବଜୀ    କଟକ
୫ ଗଦାଧର ତ୍ରିପାଠୀ ବୀରନନ୍ଦନ ଟୋଲ    ପୁରୀ
୬ ଜଗନ୍ନାଥ ମିଶ୍ର    ଶ୍ରୀଧର    କଟକ
୭ କୃତ୍ତିବାସ ନନ୍ଦ ଅନର୍ଘ ଟୋଲ ମଧୁବନଗର ବାଲେଶ୍ୱର
୮ ବୈଦ୍ୟନାଥ ମିଶ୍ର ସଂସ୍କୃତ ସ୍କୁଲ, ପୁରୀ    ପୁରୀ

## ବଙ୍ଗବିଭାଗର ଘୋଷଣାପତ୍ର ।

ଗତମାସ ତା ୧ ରଖର ଇଣ୍ଡିଆ ଗେଜେଟରେ ବଙ୍ଗବିଭାଗ ସମ୍ବନ୍ଧୀୟ ଦୁଇଟି ଘୋଷଣାପତ୍ର ବାହାରିଅଛି ।

ପ୍ରଥମ ଘୋଷଣାପତ୍ରର ମର୍ମ ଏହି କି ୧ ସାଲର ଇଣ୍ଡିଆନ କାଉନସିଲ ଆକ୍ଟମାନେ ଅନୁସାରେ ସମ୍ରାଟ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ବର୍ତ୍ତମାନ ଆସାମର ଚିଫକମିଶନରଙ୍କ ଶାସନରେ ଥିବା ରାଜ୍ୟସମୂହକୁ ଗୋଟିଏ ପ୍ରଦେଶ ବୋଲି ଗଠନ କଲେ । ତହିଁରେ ଉକ୍ତ ଆଇନ ଅନୁସାରେ ଶାନ୍ତିରକ୍ଷା ଓ ସୁଶାସନ ବିଷୟକ ଆଇନ କରିବାର ଅଧିକାରମାନ ପ୍ରଚଳିତ ହେବ । ସେହି ପ୍ରଦେଶର ନାମ ପୂର୍ବବଙ୍ଗ ଓ ଆସାମପ୍ରଦେଶ ରଖାଗଲା ଏବଂ ଆସାମର ଚିଫକମିଶନର ମାନ୍ୟବର ଶ୍ରୀଯୁକ୍ତ ଜେ, ବି, ଫୁଲର, ସି, ଏସ୍, ଆଇ, ସି, ଆଇ, ଇ, ତହିଁର ପ୍ରଥମ ଲେପ୍ଟେନାଣ୍ଟ ଗବର୍ଣ୍ଣର ପଦରେ ନିଯୁକ୍ତ ହେଲେ । ଆସନ୍ତା ଅକ୍ଟୋବର ମାସ ତା ୧୬ ରଖଠାରୁ ଉକ୍ତ ଆଇନର ବିଧିମାନ ଏହି ନୂତନ ପ୍ରଦେଶରେ ପ୍ରଚଳିତ ହେବ ଏବଂ ଲେପ୍ଟେନାଣ୍ଟ ଗବର୍ଣ୍ଣର ଆଇନ ପ୍ରଣୟନ ବିଷୟରେ ତାହାଙ୍କର ସାହାଯ୍ୟ ନିମନ୍ତେ ନ ୧୫ ଣ ସଦସ୍ୟ ନିଯୁକ୍ତ କରିପାରିବେ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଅଧିକ ପ୍ରକାଶ କରୁଅଛନ୍ତି କି ସେ ପୂର୍ବବଙ୍ଗ ଓ ଆସାମ ପ୍ରଦେଶ ଗଢ଼ା ହେବାରୁ ଢାକା, ମଇମନସିଂହ, ଫରିଦପୁର, ବାଖରଗଞ୍ଜ, ଟିପରା, ନୁଆଖାଲି, ଚଟ୍ଟଗ୍ରାମ, ଚଟ୍ଟଗ୍ରାମର ପାର୍ବତ୍ୟଖଣ୍ଡ, ରାଜସାହି, ଦିନାଜପୁର, ଜଲପାଇଗୋଡ଼ି, ରଙ୍ଗପୁର, ବୋଗରା, ପାବନା ଓ ମାଲଦା ଜିଲ୍ଲାମାନ ଯେ ସମସ୍ତ କି ବର୍ତ୍ତମାନ ବଙ୍ଗପ୍ରଦେଶର ଅନ୍ତର୍ଗତ ଅଛି ସେ ସମସ୍ତ ବଙ୍ଗରୁ ବାହାରିଯାଇ ପୂର୍ବବଙ୍ଗ ଓ ଆସାମ ପ୍ରଦେଶର ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କର ରାଜ୍ୟର ସୀମାଭୁକ୍ତ ହେବ ।

୨ୟ ଘୋଷଣାପତ୍ରର ମର୍ମ ଏହି କି ସନ ୧୮୬୫ ସାଲର ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଆଇନର ଧା ୪ଂଗ ଅନୁସାରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ପ୍ରକାଶ କରୁଅଛନ୍ତି କି ଜିଲ୍ଲା ସମ୍ବଲପୁର (ଚନ୍ଦ୍ରପୁର-ପଦ୍ମପୁର ଜମିଦାରୀ ଏବଂ ଫୁଲଝର ଜମିଦାରୀ ଛଡ଼ା) ଯାହା କି ବର୍ତ୍ତମାନ ମଧ୍ୟପ୍ରଦେଶର ଏକଅଂଶ ଅଟେ ତାହା ସେହି ପ୍ରଦେଶରେ ନ ରହି ସନ ୧୯୦୫ ସାଲ ଅକ୍ଟୋବରମାସ ତା ୧୬ ରଖଠାରୁ ବଙ୍ଗପ୍ରଦେଶର ସୀମା ମଧ୍ୟରେ ରହିବ ।

ଉପରଲିଖିତ ଦୁଇ ଘୋଷଣାପତ୍ର ସଙ୍ଗେ ଆଉ ଗୋଟିଏ ବିଜ୍ଞାପନ ବାହାରିଅଛି । ତହିଁର ମର୍ମ ଏହି କି ଭାରତୀୟ ହାଇକୋର୍ଟ ବିଷୟକ ସନ ୧୮୬୫ ସାଲର ଆଇନର ଧା ୩ ଗ ଅନୁସାରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ବଙ୍ଗପ୍ରଦେଶର ହାଇକୋର୍ଟକୁ ଏହି କ୍ଷମତା ଦେଲେ କି ଉକ୍ତ ହାଇକୋର୍ଟ ବଙ୍ଗପ୍ରଦେଶରେ ଯେ ସମସ୍ତ ଅଧିକାର ଚଳାଉଅଛନ୍ତି ଏବଂ ସମୟେ ସମୟେ ଯେ ସମସ୍ତ କାର୍ଯ୍ୟ ନିର୍ବାହର ନିୟମ କରିବେ ସେ ସମସ୍ତ ସନ ୧୯୦୫ ସାଲର ଅକ୍ଟୋବରମାସ ତା ୧୬ ରଖଠାରୁ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ସମସ୍ତ ରାଜ୍ୟଖଣ୍ଡରେ (ଚନ୍ଦ୍ରପୁର-ପଦ୍ମପୁର ଜମିଦାରୀ ଏବଂ ଫୁଲଝର ଜମିଦାରୀ ଛଡ଼ା) ଚଳାଇବେ ।

ଲର୍ଡ କର୍ଜନ ଇସ୍ତଫା ଦେବା ଏବଂ ପାରଲିଆମେଣ୍ଟ ସଭାରେ ବିଶେଷ ସମ୍ବାଦ ଆସିଲେ ବଙ୍ଗର ବିଭାଗବିଷୟକ କଥାର ଶେଷ ହୋଇ ନ ଥିବାରୁ ବଙ୍ଗର ବିଭାଗ ଆଦେଶ କାଗଜରେ ବାହାରିବ ନାହିଁ ବୋଲି ଯାହା ମନେ ହେଉଥିଲା ତାହା ମନେ ରହିଗଲା । ଲର୍ଡ କର୍ଜନ ଯେପରି ଜବରଦସ୍ତ ବ୍ୟକ୍ତି କି ସେ ନିଜର ଆଦେଶ ପୂର୍ଣ୍ଣ ନ କରି ଛାଡ଼ିବାର ପାତ୍ର ନୁହନ୍ତି । କାର୍ଯ୍ୟ ତ୍ୟାଗ କରି ଏମନ୍ତ ଗୁରୁତର ବିଷୟରେ ହାତ ହେବାଦ୍ୱାରା ଦୃଢ଼ତା ଦେଖାଇଅଛନ୍ତି ଅଥବା ଲଜ୍ଜିଅଛନ୍ତି କି ଯେ ବଙ୍ଗର ଆଦେଶ ବିଷୟରେ ଶୀଘ୍ର ଘୋଷଣ ହୋଇଗଲେ ବଙ୍ଗବାସୀମାନେ ଏ ବିଷୟ ସେଠି ଅଉ ଆନ୍ଦୋଳନ କରିବେ ନାହିଁ, କପାଳରେ ହାତ ମାରି ଚୁପ ହୋଇ ରହିବେ । ପ୍ରକୃତରେ ଯେବେ ସେପରି ପାଣ୍ଟିଥାନ୍ତି ତେବେ ଏତେ ବୋଲିଯିବ ଏଥର ଆନ୍ଦୋଳନର ଗମ୍ଭୀରତା ସେ ଏପର୍ଯ୍ୟନ୍ତ ହୃଦୟଙ୍ଗମ କରିପାରି ନାହାନ୍ତି । ଯେପରି ଦେଖାଯାଉଅଛି କଲିକତା ପାରଲିଆମେଣ୍ଟ ସଭାର ଶେଷ ନିଷ୍ପତ୍ତି ପର୍ଯ୍ୟନ୍ତ ଆନ୍ଦୋଳନ ଥମିବ ନାହିଁ । ବିଶେଷତଃ ଯେତେବେଳେ ତହିଁ ସଙ୍ଗେ ବିଲାତଦ୍ରବ୍ୟ ଛାଡ଼ିବାର ପ୍ରତିଜ୍ଞା ରହିଅଛି ତେତେବେଳେ ଶାନ୍ତ ହେବାର କଥା ନୁହେ । ଶାନ୍ତ ହେଲେ ଜଗତରେ ନିତାନ୍ତ ଅପଦାର୍ଥ ବୋଲି ପ୍ରମାଣିତ ହେବେ । ଚତୁର ବଙ୍ଗାଳିମାନେ ଏହା ଅବଶ୍ୟ ବୁଝି ପାରୁଅଛନ୍ତି ।

## ଉତ୍କଳୀୟ ବଙ୍ଗାଳିଙ୍କର ଦାବି ।

ଓଡ଼ିଶାରେ ସ୍ଥାୟୀରୂପେ ବାସ କରୁଥିବା ବଙ୍ଗାଳିଙ୍କର ଉଚ୍ଚ ପଦବୀ ପାଇବାର ଆନ୍ଦୋଳନ ଉପଲକ୍ଷରେ 'ଶ୍ରୀ ମୁଣ୍ଡିବନ୍ଧା' ସ୍ୱାକ୍ଷରିତ ଖଣ୍ଡି ଏ ପ୍ରେରକପତ୍ର ସ୍ଥାନାନ୍ତରେ ପ୍ରକାଶ କଲୁଁ । ପତ୍ରପ୍ରେରକ ଯଥାର୍ଥ କହିଅଛନ୍ତି କି ଯେତେବେଳେ ଓଡ଼ିଶାରେ ସ୍ଥାୟୀଭାବରେ ବାସ କରୁଥିବା ଭିନ୍ନ ଭିନ୍ନ ଜାତି ଓ ଧର୍ମର ଲୋକମାନେ ଦେଶ ଲେଖାରେ ଗଣା ହେଉଅଛନ୍ତି ସେ ସ୍ଥଳେ ସରକାର ଅମୁକ ଦାବକୁ ପଦବୀ ଦେଲେ ଅମୁକ ଘୋଷିଲୁ ଦେଲେ ନାହିଁ ଏପରି କହିବା ଈର୍ଷାମୂଳକ ଓ ଅନ୍ୟାୟ ଓ ଏଥିର ପରିଣାମ ଅନିଷ୍ଟ କର ବ୍ୟତୀତ ଛଡ଼ା ଅନ୍ୟ କିଛି ନୁହେ । ଏହି କାରଣରେ ସେ ଉତ୍କଳୀୟ ବଙ୍ଗାଳିଙ୍କର ଉଚ୍ଚ ପଦବୀ ସକାଶେ ଆନ୍ଦୋଳନ କରିବା ଅନ୍ୟାୟ ବୋଲି ଦେଖାଇ ଦେବାକୁ ଚେଷ୍ଟା କରିଅଛନ୍ତି । ଏଥିରୁ ସ୍ପଷ୍ଟ ବୁଝା ଯାଉଅଛି ଯେ ସେ ବଙ୍ଗାଳିମାନଙ୍କର ଆନ୍ଦୋଳନର ପ୍ରକୃତ ମର୍ମ ବୁଝିପାରି ନାହାନ୍ତି ଅଥବା ବୁଝିବାକୁ ଚେଷ୍ଟା କରି ନାହାନ୍ତି ତାହା କରିଥିଲେ ସେ ଦେଖିପାରିଥାନ୍ତେ ଯେ ବଙ୍ଗାଳିଙ୍କର ଅନ୍ୟ ଉତ୍କଳବାସୀଙ୍କ ସଙ୍ଗେ କିଛି କଳି ନାହିଁ କେବଳ କଳି ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ଏବଂ ନିଜର ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଉତ୍ତମରୂପେ ବୁଝାଇ ଦେଇ ସୁବିଚାର ଲାଭ ନିମନ୍ତେ କଳି ବା ଅଳି କରୁଅଛନ୍ତି । ପୁଣି ତାହା ଗବର୍ଣ୍ଣମେଣ୍ଟଙ୍କର ପ୍ରକାଶିତ ନିୟମ ବା କାର୍ଯ୍ୟପ୍ରଣାଳୀକୁ ବାହାନା ଅଛି । ପତ୍ରପ୍ରେରକ ଯେବେ ତାହା ଉତ୍ତମରୂପେ ବୁଝିବାକୁ ଇଚ୍ଛା କରନ୍ତି ତେବେ ତାହାଙ୍କୁ ଗତବର୍ଷର ତା ୧୩ ଭାଗ ଅଗଷ୍ଟର ଉତ୍କଳଦୀପିକାରେ ଏ ବିଷୟରେ ଯାହା ଲେଖାଅଛି ତାହା ପାଠ କରିବାକୁ ଅନୁରୋଧ କରୁଁ । ସେଥିରେ ଦେଖିବେ ଯେ ଗବର୍ଣ୍ଣମେଣ୍ଟ ପ୍ରତିବର୍ଷ କେତେଜଣ ପ୍ରତିଯୋଗିତା ପରୀକ୍ଷାରେ

Digitized by srujanika@gmail.com

ଉକ୍ତ ସ୍ଥାନ ଲଭିବା ବ୍ୟକ୍ତିଙ୍କୁ, କେବେଳେ ସେହି ପରୀକ୍ଷାରେ ଏକଚତୁର୍ଥାଂଶ ବା ତତୋଧିକ ଅଙ୍କ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ବାସସ୍ଥାନ, ବଂଶମର୍ଯ୍ୟାଦା ଇତ୍ୟାଦି ଯୋଗ୍ୟତା ବିବେଚନାରେ ମନୋନୀତ କରିବାହାର ଡେପୁଟି ଓ ସବ୍ ଡେପୁଟି ପଦରେ ନିଯୁକ୍ତ କରୁଥିବା ଏବଂ ଓଡ଼ିଶାର ସ୍ଥାୟୀ ବଙ୍ଗାଳିମାନଙ୍କୁ ଓଡ଼ିଆ ବୋଲି ସ୍ୱୀକାର କରୁଥିବା ସ୍ଥଳେ ଓଡ଼ିଶାରୁ ପରୀକ୍ଷା ଦେଇଥିବା ଜ ୨୨ ଣ ବ୍ରାହ୍ମଣ କରଣ ପ୍ରଭୃତିଙ୍କ ମଧ୍ୟରୁ ଜ ୧୩ ଣ ଡେପୁଟି ଓ ସବଡେପୁଟି ମନୋନୀତ ହୋଇଥିଲେ ମାତ୍ର ଜ ୧ ଣ ବଙ୍ଗାଳୀ ମଧ୍ୟରୁ କାହାର ଭାଗ୍ୟରେ ତାହା ଘଟିଲା ନାହିଁ । ଅଥଚ ଉଭୟ ଶ୍ରେଣୀର ପରୀକ୍ଷାର୍ଥୀଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଉପାଧିଧାରୀ, ବଂଶମର୍ଯ୍ୟାଦାସମ୍ପନ୍ନ ଏବଂ ଅନ୍ୟ ପ୍ରକାରେ ସମାନ ବରଂ କେବେ କେବେ ବଙ୍ଗାଳିଶ୍ରେଣୀର ସରସ ଯୋଗ୍ୟ ବ୍ୟକ୍ତିମାନେ ଥିଲେ । ପତ୍ରପ୍ରେରକ ଯେବେ କହିପାରନ୍ତି କି ପ୍ରତ୍ୟେକ ବର୍ଷରେ ଓଡ଼ିଶାରୁ ଯେଉଁମାନେ ମନୋନୀତ ହୋଇଥିଲେ ସେମାନଙ୍କ ମଧ୍ୟରେ ଓଡ଼ିଶାର ବଙ୍ଗାଳିଙ୍କଠାରୁ ଅପର ଶ୍ରେଣୀର ପ୍ରାର୍ଥୀମାନେ ଉତ୍କୃଷ୍ଟ ଥିଲେ ତେବେ ବଙ୍ଗାଳିମାନଙ୍କର ଗୁହାରି କରିବା ଅନ୍ୟାୟ ବୋଲି କହିପାରନ୍ତି । ମାତ୍ର ତାହା ସେ ଦେଖାଇ ପାରିବେ ନାହିଁ ଏବଂ ପ୍ରକୃତ ଅବସ୍ଥା ତାହା ନୁହେ । କେହି କେହି ସ୍ୱାର୍ଥବାନ୍ କ୍ଷମତାପନ୍ନ ବ୍ୟକ୍ତି ବିଭାଗୀୟ କମିଶନର ଏବଂ ତାହାଙ୍କ ଯୋଗେ ଗବର୍ଣ୍ଣମେଣ୍ଟଙ୍କୁ ଉତ୍କଳୀୟଙ୍କ ମଧ୍ୟରେ ଶ୍ରେଷ୍ଠ ଏବଂ ନିକୃଷ୍ଟ ବୋଲି ଦୁଇଦଳର କଥା ବୁଝାଇଦେଇ ଉତ୍କଳୀୟ ବଙ୍ଗାଳିଙ୍କୁ ନିକୃଷ୍ଟ ଦଳରେ ପକାଇଦେବାରେ ସେମାନଙ୍କ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଶୁଭଦୃଷ୍ଟି ପଡ଼ିଲା ନାହିଁ ସେହି ଭ୍ରମ ଭାଙ୍ଗିଦେବାକାରଣ ବଙ୍ଗାଳିମାନେ ଏତେ ଆନ୍ଦୋଳନ କରୁଅଛନ୍ତି । ଏଥିରୁ ପତ୍ରପ୍ରେରକ ଦେଖିବେ ଯେ ଏହି ଆନ୍ଦୋଳନର ମୂଳକାରଣ ବଙ୍ଗାଳିମାନେ କି ଆଉ ଅନ୍ୟ ଲୋକମାନେ ଅଟନ୍ତି ଏବଂ ଏଥିରୁ ଯେ ବଡ଼ ଅନିଷ୍ଟ ପତ୍ରପ୍ରେରକ ଆଶଙ୍କା କରନ୍ତି ତହିଁ ନିମନ୍ତେ ସେହି ଲୋକମାନେ ଦାୟୀ । ସୁଖର ବିଷୟ ଯେ ଆନ୍ଦୋଳନ ଏତେକାଳେ ସଫଳ ହୋଇଅଛି । ଓଡ଼ିଶାର ବର୍ତ୍ତମାନ୍ କମିଶନର ଶ୍ରଦ୍ଧାସ୍ପଦ ମିଷ୍ଟର ମାଉଡ଼୍ ସାହେବ ଉତ୍କଳର ସ୍ଥାୟୀ ବଙ୍ଗାଳିସମ୍ପ୍ରଦାୟ ପ୍ରତି ଅବିଚାର ହୋଇଥିବାର ହୃଦୟଙ୍ଗମ କରି ନିରପେକ୍ଷ ନ୍ୟାୟବିଚାର ମୂଳକ ଗବର୍ଣ୍ଣମେଣ୍ଟଙ୍କ ପ୍ରକୃତ ନିୟମାନୁସାରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମନୋନୀତ କରିବାର ଆରମ୍ଭ କରିଅଛନ୍ତି ଏବଂ ତାହା ସକଳ ଶ୍ରେଣୀ ଉତ୍କଳୀୟଙ୍କ ପ୍ରତି ସନ୍ତୋଷଜନକ ହେବାରୁ ଈର୍ଷା, ଦ୍ୱେଷ ଇତ୍ୟାଦିର ମୂଳ ଉତ୍ପାଟିତ ହୋଇଅଛି । ଏଣିକି ଆଉ ଆନ୍ଦୋଳନର ପ୍ରୟୋଜନ ନାହିଁ ଏବଂ କଲେ ତାହାକୁ ଧୃଷ୍ଟତା ଭିନ୍ନ ଅଉ କିଛି ବୋଲିହେବ ନାହିଁ । ଏଣିକି ସକଳ ଶ୍ରେଣୀର ଉତ୍କଳୀୟମାନେ ସମ୍ମିଳିତଭାବରେ ଯୋଗ୍ୟତା ଲାଭ କରିବାକୁ ଏକାନ୍ତ ଯତ୍ନବାନ୍ ହେବେ ଏବଂ ସଂସାରର କାର୍ଯ୍ୟକ୍ଷେତ୍ରରେ ସଫଳତା ଓ ସୁଖ୍ୟାତି ଅର୍ଜନ କରି ମାତୃଭୂମିର ମୁଖୋଜ୍ଜ୍ୱଳ କରିବେ ଏହାହିଁ ଆମ୍ଭେମାନେ ଅନ୍ତରର ସହିତ କାମନା କରୁଅଛୁଁ ।

## ଦେଶୀୟ ଦ୍ରବ୍ୟର ଗୁଣ ।

ବିଦେଶୀ ବା ବିଲାତି ଦ୍ରବ୍ୟର ମନୋହର ରୂପ ଓ ସସ୍ତାଦରରେ ଅମ୍ଭେମାନେ ଭୁଲି ଯେ ପରିମାଣରେ ତହିଁର ଆଦର ଏବଂ ଦେଶୀ ଦ୍ରବ୍ୟର ଅନାଦର କରୁଅଛୁଁ ସେ ପରିମାଣରେ ଆମ୍ଭମାନଙ୍କର ଦରିଦ୍ରତା ବଢ଼ୁଅଛି । ଏ କଥା ଅମ୍ଭେମାନେ କେତେକ ବର୍ଷ ହେଲା କ୍ରମେ ବୁଝିବାକୁ ସକ୍ଷମ ହୋଇଥିଲେ ସୁଦ୍ଧା ପିଲାମାନେ ଖେଳିବା ଦ୍ରବ୍ୟରେ ରତ ହେଲେ ପ୍ରାୟ ବିଲାତି ଦ୍ରବ୍ୟର ମାୟା ଛାଡ଼ି ପାରୁ ନାହୁଁ ଏବଂ ଆମ୍ଭମାନଙ୍କର ହେଲାରେ କ୍ରମେ କ୍ରମେ ଦେଶୀ ଦ୍ରବ୍ୟ ସମସ୍ତ ଲୋପ ପାଉଅଛି ଓ ସଙ୍ଗେ ସଙ୍ଗେ ଦେଶୀ କାରିଗରମାନଙ୍କର ବଂଶ ଯଦା ହେଉଅଛି । ଘରଶୋଳକୁ ; ଗଡ଼ାଇମାଇ ଯେ ପରକୁ ଯୋଟେପ ତାହାକୁ କେହି ଭଲ କହନ୍ତି ନାହିଁ । ଏ କଥା ପ୍ରାୟ କାହାରକୁ ଅଜଣା ନାହିଁ ମାତ୍ର ଅମ୍ଭେମାନେ ଜାଣି ଶୁଣି କାର୍ଯ୍ୟତଃ ତାହାର କରୁଅଛୁଁ । ସକଳ ଭାରତବାସୀ ଏ ଦୋଷରେ ଦୋଷୀ ମାତ୍ର ତହିଁ ମଧ୍ୟରେ ବଙ୍ଗବାସିମାନେ ଅଧିକ । ବଙ୍ଗାଳିମାନେ ସ୍ୱଭାବତଃ ବାବୁ ଏବଂ ବେଶଭୂଷା ବାବୁଗିରିର ପ୍ରଧାନ ଲକ୍ଷଣ । ସରୁ ଅନ୍ନ, ସରୁ ବସ୍ତ୍ର, ସକଳପ୍ରକାର ସୂକ୍ଷ୍ମ ଓ ସୁରଞ୍ଜିତ ପଦାର୍ଥ ବାବୁଗିରିର ଅଙ୍ଗ ଅଟେ । ବଙ୍ଗାଳୀ ବାବୁଙ୍କ ରୁଚି ଦେଖି ବଙ୍ଗଳାର ନାନାସ୍ଥାନରେ ଉତ୍କୃଷ୍ଟ ଦ୍ରବ୍ୟମାନ ପ୍ରସ୍ତୁତ ହେଉଥିଲା ଓ ତାହା ସ୍ୱଦେଶର କାରିଗରମାନେ ପୃଥିବୀରେ ବିଖ୍ୟାତ ଥିଲେ । ଇଉରୋପୀୟମାନେ ବିଶେଷତଃ ଇଂରାଜମାନେ ଭାରତ ଅଧିକାର କରି ବୁଦ୍ଧି କୌଶଳରେ ନିଜ ଦେଶରେ ଭାରତୀୟ ଦ୍ରବ୍ୟର ଅନୁକରଣରେ ସୂକ୍ଷ୍ମ ଦ୍ରବ୍ୟମାନ ପ୍ରସ୍ତୁତ କରି ଅଳ୍ପ ମୂଲ୍ୟରେ ଭାରତରେ ବିକ୍ରୟ କରିବାଦ୍ୱାରା ବଙ୍ଗାଳୀ ବାବୁମାନଙ୍କ ମନକୁ ଅଧିକତର ଭୁଲାଇଲେ ଏବଂ ଇଂରାଜୀ ଶିକ୍ଷା ସଙ୍ଗେ ଇଂରାଜୀ ବିଳାସଦ୍ରବ୍ୟର ଏତେ ପକ୍ଷପାତୀ ହେଲେ ଯେ କ୍ରମେ ସାହେବ ପାଲଟି ଗଲେ ଓ ବିଲାତି ଦ୍ରବ୍ୟ ବିନା ଅନ୍ୟ କିଛି ସେମାନଙ୍କୁ ରୁଚିଲା ନାହିଁ । ବିଲାତି ଦ୍ରବ୍ୟର ପକ୍ଷପାତିତା କ୍ରମେ ଏତେ ବୃଦ୍ଧି ହେଲା ଯେ ବଡ଼ ବଡ଼ ବାବୁମାନେ ସାହେବ ଛଡ଼ା ଦେଶୀ ଦୋକାନଦାରଙ୍କୁ ପସନ୍ଦ କଲେ ନାହିଁ ଏବଂ କେତେ କେତେ ଦେଶୀ ଦୋକାନଦାର ବ୍ୟବସାୟ ବଢ଼ାଇବା ସକାଶେ ନିଜ ନିଜ ନାମ ଅଳ୍ପ ଥିକ ବଦଳାଇ ସାହେବୀ ନାମ ଧାରଣ କଲେ । ସଂକ୍ଷେପରେ ବିଲାତିଦ୍ରବ୍ୟର ଅନୁରାଗ ବଙ୍ଗଳାରେ ଯେତେ ଦେଖାଯାଏ ଭାରତର ଅନ୍ୟ କୌଣସି ପ୍ରଦେଶରେ ନାହିଁ । ବାସ୍ତବରେ ବଙ୍ଗାଳିଙ୍କର ଗୁଣ ଦେଖି ଅନ୍ୟାନ୍ୟ ପ୍ରଦେଶର ଲୋକମାନେ କ୍ରମେ ସେମାନଙ୍କର ଅନୁଗାମୀ ହେଉଅଛନ୍ତି ଏବଂ ଦେଶୀୟ ଦ୍ରବ୍ୟ ପ୍ରତି ବିତୃଷ୍ଣା ଜନ୍ମୁଅଛି । ବିଦେଶୀୟ ଦ୍ରବ୍ୟରେ ଭୂଷିତ ହୋଇ ସଭ୍ୟତା ଦେଖାଇବା, ଧୋବାଘରୁ ଲୁଗା ଭଡ଼ା ନେଇ ଧୋବଧାଉଳିଆ ବେଶରେ ଯାହା ଦେଖିଯିବା ସଙ୍ଗେ ଠିକ ସମାନ ବୋଲିବାକୁ ହେବ । ଯେଉଁମାନେ ତାହା ବୁଝି ପାରନ୍ତି ସେମାନେ ମଧ୍ୟ ଅଭ୍ୟାସ ବଶତଃ ତହିଁରୁ ବିରତ ହେବାକୁ କୁଣ୍ଠିତ । ଏତେବଡ଼ ପ୍ରଗାଢ଼ ପ୍ରବୃତ୍ତି ବଦଳାଇବା ଅବଶ୍ୟ କଠିନ ବ୍ୟାପାର । ମାତ୍ର ଈଶ୍ୱରଙ୍କର ଇଚ୍ଛା ହେଲେ କିଛି କଠିନ ନୁହେ । ଅମ୍ଭେମାନେ ମନେକରୁଁ ଯେ ଭାରତର ଦୁର୍ଗତି ଦେଖି ଈଶ୍ୱରଙ୍କର ଦୟା ହୋଇଅଛି ଏବଂ ତେଣୁ ଲର୍ଡ କର୍ଜନ ବଙ୍ଗବିଭାଗର ବ୍ୟବସ୍ଥା କରି ବଙ୍ଗବାସିଙ୍କ ମନରେ ଦାରୁଣ ଶେଲ ବ୍ୟାଘାତ କରିଅଛନ୍ତି । ବଙ୍ଗବାସିଙ୍କର କ୍ଷମତା ଖର୍ବ କରିବା କାରଣ ସେ ଏ କଥା କରିଥିବାର କଥିତ ହୁଏ । ମାତ୍ର ଏଥିରୁ ବିଲାତି ଦ୍ରବ୍ୟ ପରିହାର ପ୍ରତିଜ୍ଞା ଉଦୟ ହୋଇଥିବାରୁ ଅମ୍ଭେମାନେ ଏହାକୁ ଶୁଭକର ମନେ କରୁଅଛୁଁ । କଥାରେ ଯାହା କହନ୍ତି କି 'ତପେ ବର ବା କୋପେ ବର' ଏଠାରେ ତାହା ପ୍ରତ୍ୟକ୍ଷ ଅନୁଭବ ହେଉଅଛି । ବିଲାତିଦ୍ରବ୍ୟ ପରିହାର କଥାଟା ହିଂସାମୂଳକ ଏବଂ ଅମ୍ଭେମାନେ ତାହା ଅନୁମୋଦନ କରି ପାରୁ ନାହୁଁ । କିନ୍ତୁ ତହିଁରୁ ଯେ ସାର କଥା ବାହାରିଅଛି କି ଆପଣାର ସମସ୍ତ ପ୍ରୟୋଜନ ଦେଶୀୟ ଦ୍ରବ୍ୟରେ ପୂରଣ କରିବାର ଚେଷ୍ଟା କରିବ ଏବଂ ନିତାନ୍ତ କଷ୍ଟ ନ ହେଲେ ବିଦେଶୀଦ୍ରବ୍ୟ ଛୋଇବ ନାହିଁ ଏହା ସର୍ବାଂଶରେ ହିତକର ଏବଂ ସମସ୍ତଙ୍କର ଏ ନିୟମ ଦୃଢ଼ରୂପେ ପାଳିବା ଏକାନ୍ତ କର୍ତ୍ତବ୍ୟ । ବଙ୍ଗଭ୍ରାତାମାନେ ଏ ବିଷୟରେ ଯଥୋଚିତ [illegible] ସହର ମୋଫସଲ [illegible] ଉଦ୍ଦେଶ ଦେଉଅଛନ୍ତି ଏବଂ ଅ[illegible]ର ବିଷୟ ଏହି କି ସେମାନଙ୍କର ଉତ୍ସାହ ଏବଂ ଅନୁଷ୍ଠାନ ଯୁକ୍ତିସଙ୍ଗତ ବିବେଚନା କରି ବମ୍ବେର ଓ ମାନ୍ଦ୍ରାଜବାସିମାନେ ସେହି ନୀତି ଅବଲମ୍ବନ କରିବାକୁ ଅଗ୍ରସର ହୋଇଅଛନ୍ତି । ବାସ୍ତବରେ ଯେ ପର୍ଯ୍ୟନ୍ତ ଅମ୍ଭେମାନେ ଆତ୍ମନିର୍ଭରତା ଶିକ୍ଷା ନ କରିବୁଁ ସେପର୍ଯ୍ୟନ୍ତ ପୃଥିବୀରେ ଗୋଟିଏ ଜୀବନ୍ତ ବା ସବଳ ଜାତି ବୋଲି ଗଣିତ ହେବୁ ନାହିଁ । ଶକ୍ତି ଥାଉ ଥାଉଁ ପର ଉପରେ ଯେ ନିର୍ଭର କରେ ତାହାକୁ ମନୁଷ୍ୟ ବୋଲି କିଏ ଗଣେ ? କେତେକ କହନ୍ତି ଯେ ଦେଶରେ ନିତ୍ୟପ୍ରୟୋଜନୀୟ ସକଳଦ୍ରବ୍ୟ ସହଜରେ ପ୍ରାପ୍ତ ହେଉ ନ ଥିବାସ୍ଥଳେ କିପରି ନିର୍ବାହ ହେବ ? କିନ୍ତୁ ଭାବି ଦେଖିଲେ ଏ କଥା ଠିକ ନୁହେ । ଦେଶରେ ମୋଟାଭାତ ଓ ମୋଟାଲୁଗାର ଅଭାବ

Split by PDF Splitter
Digitized by srujanika@gmail.com

ନୁହେ । ଦୁର୍ଭିକ୍ଷ ହେତୁ ସେଠିମାନେ ପ୍ରତାଡିତ ହେଲେ ସୁଦ୍ଧା ସୁହାଗ କରିଲେ ଟାଙ୍କି ସେମାନଙ୍କୁ ରକ୍ଷା କରିବ ସହଜ ନୁହେ ।

ଗ୍ରାଡେଷ୍ଟୋନ୍ ପଥାଡ—ଚନ୍ଦ୍ରଘାଟକୁ ଏବାଲୁ ଅପ୍ରକାଶ୍ୟ ପ୍ରଗାଢ଼ ଦୁଃଖକୁ ଅଶୌଚ ଭୁଲ୍ୟ ମନେ କରିବା ଅସଙ୍ଗତ ନୁହେ ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

## PRACTICAL BAR TO MEDICAL EDUCATION.

To the Editor of "Utkal Dipika"

Dear Sir,

How long we will remain silent for the nervousity of higher authorities towards the expansion of the Medical Education in the Utkal. It is nearly 2 months, I see, elapsed, of your leading article that appeared in the Utkal Dipika regarding the Medical education and the New rules for the admission of Cuttack Medical School which are now compulsorily in force. With best advantage, you described very graphically the ruined condition of the infant age of Cuttack Medical School which I calculate is verging on its 30 years. It is a matter of fact that still the school is not yet able to produce even 500 Diploma-Holders. Up to date about 446 students are passed out from the school which is the very lowest if compared with Campbel and Dacca Medical Schools. It is wonder to see that this year none from Orissa are admitted into the Cuttack Medical School owing to strict injunction of the rules which is said to have been based on equal footing with other Medical Schools of Bengal Proper. Is the ratiocination of the Inspector General correct or preposterous? Is it not the fact that in those places the education is more abroad than in Orissa who is now leading the infant life in every respect. The differentiation between Bengal proper and Orissa is very great. How can we see that the rule of admission is based with equal justice? There should have been some special concession for the Orissa students, so that there was every chance for the recruitment from Orissa including domiciled Bengalees. When there are none admitted this year for this strict injunction of rules, we see practically the Medical School is going to be stopped. Only 4 students of *Bengal* are admitted this year according to the standard rules which are in force, showing their requisite qualification which is above the average education of Orissa students. The late Civil Surgeon was disposing the cases very leniently in admitting every student testing the average knowledge of students that will suit to preliminary medical science. But the present Civil Surgeon says that "I cannot alter the Inspector General's rules which must be abided by". Of course the Civil Surgeon is right in every way in carrying out the order of Inspector General, but at the same time he should have tried to stamp-out the rule at least to some extent that will benefit poor Orissa.

Dear Sir, if such fatal obstacle will fall at such infant age of the school then it is hardly possible for the poor Orissa to utilize and develop those ideas of the *great man* who laid the foundation stone of the school. Want of statistical information compels me to stop here. I shall be obliged of your kindly giving space in your valuable paper *in original.*

Cuttack. 4—9—05

Yours faithfully
P. N. ROY
P. W. D.
Buxee Bazar CUTTACK.

---

ମହାଶୟ !

ଖାମଲ୍ପୁର ସ୍କୁଲର "ପ୍ରାଇଜ୍-ମିଟିଂ" ଗତ ଅଧିବେଶନ ପୂର୍ବାପେକ୍ଷା ଶୋଭନୀୟ ହୋଇ ଥିଲା । ଅନେକ ଗୁଡ଼ିଏ ସାରଗର୍ଭିତ ଶିକ୍ଷା ପ୍ରାପ୍ତ ହୋଇ ସଭ୍ୟମାନେ ଉତ୍ସାହିତ ହୋଇ ଥିଲେ । ଶ୍ରୀଯୁକ୍ତ ବାବୁ ସଧାବଳିଙ୍କ ପ୍ରଭୃ ସଭ୍ୟ କାର୍ଯ୍ୟ ସୁସମ୍ପନ୍ନ କରି ଧନ୍ୟବାଦର ପାତ୍ର ହୋଇ ଅଛନ୍ତି । ଇତି

ବଶମ୍ବଦ
ଶ୍ରୀ କୃପାମଣି ମହାନ୍ତି ।

---

ମହାଶୟ !

ଆଜି କାଲି ବଙ୍ଗର ଅଙ୍ଗଚ୍ଛେଦ ହେବାରୁ ଯେପରି ହାହାକାର ସମସ୍ତ ବଙ୍ଗଦେଶରେ ପଡ଼ିଅଛି ସେହିପରି କଟକରେ ମିଉନିସିପାଲିଟି ଅଦ୍ୟାପି ଟିକସ ବୃଦ୍ଧି କରିବାରୁ ଦୁଃଖର ସୀମା ନାହିଁ ମାତ୍ର ଏ କଥା ଶୁଣୁଛି କିଏ ? କଥାରେ ଅଛି ( ଆପଣା ହସ୍ତେ କହା ନେଇ, କେ ତାର ଅଛି ପ୍ରତିବାଦ ) ଆପଣା ହସ୍ତେ କଟକବାସିମାନେ ଏହା କରିଛନ୍ତି କହିବେ ତାହା କାରଣ ସେ ଯେଉଁମାନଙ୍କୁ ଆପଣାର ପ୍ରିୟପାତ୍ର ମନେ କରି ମିଉନିସପଲ କମିଶନର ପଦରେ ନିଯୁକ୍ତ କରାଇଥିଲେ ସେମାନେ ଏବେ ବେଳେ ବିପକ୍ଷ ହୋଇଅଛନ୍ତି । ତାହାର କଥା ଶୁଣିବାରୁ ନାହାନ୍ତି । ଏଥିରୁ ଜଣାଗଲା ଯେ କିଛପତି ଭଗବାନଙ୍କ ବିନା ଦୁଃଖୀ ପ୍ରଜାଙ୍କ ଗୁହାରି କେହି ଶୁଣିବାରୁ ନାହିଁ । ନିରୁପାୟ ହୋଇ ଅମ୍ଭେମାନେ ଭଗବାନଙ୍କ ଆଶ୍ରୟ ନେଇ ତାଙ୍କ ଉଠାରେ ଆତ୍ମସମର୍ପଣ ଓ ଦୁଃଖ ନିବେଦନ କରି ରହିଅଛୁଁ । ନିବଶଶ୍ୟଂମାଂ ଜଗଦୀଶ ରକ୍ଷ । ଇତି ।

ତା ୨।୯।୦୫
କଟକ

ବଶମ୍ବଦ
ଶ୍ରୀ ରଘୁନାଥ ଦତ୍ତ
ବାଲୁବଜାର

---

ମହାଶୟ !

ଧାମନଗର, ଥଲା, ଗୃହବାଲି ଓ ଭଦରଣ ଥାନା ସମୂହର ଯେଉଁ ସାରଧ ଧାନ୍ୟ ଫସଲ ହୋଇଥିଲା ତାହା କେବଳ ବୃଷ୍ଟି ନ ହେବାରୁ ମରିବା ଉପରେ ଅଛି ଆଉ ଏହିପ୍ରା ବୃଷ୍ଟି ନ ହେଲେ ସମୁଦାୟ ନଷ୍ଟ ହୋଇଯିବ ଏଣୁକରି ଫସଲ ନଷ୍ଟ ଦେଖିପ୍ରଜାମାନେ ନିତାନ୍ତ ମନୋଦୁଃଖରେ ଅଛନ୍ତି ପ୍ରଜାମାନେ ଆପଣାର ଖାଉଁବାର ବାସନ ବନ୍ଧକ କରି ଉକ୍ତ ଫସଲ ପ୍ରସ୍ତୁତ କରିଥିଲେ ଏଣୁକରି ସେମାନଙ୍କୁ ଯେପରି କଷ୍ଟ ତାହା ଈଶ୍ୱରଙ୍କୁ ଗୋଚର । ଧାନର ଭାଉ ପୂର୍ବେ ସେ ୨୮ ଣୀ ଥିଲା ବର୍ତ୍ତମାନ ସେ ୨୨ ଣୀ ହୋଇଗଲାଣି ଏହି ଭାଉରେ ଧାନ ଖରିଦ କରିବାକୁ ମିଳୁ ନାହିଁ ଏଣୁକରି ଲୋକମାନଙ୍କୁ ବହୁତ କଷ୍ଟ ହେଉଅଛି ।

ଆମ୍ଭମାନଙ୍କର ସମ୍ରାଟ ଯେଉଁ ପ୍ରେସିଡେନ୍‌ସି କର୍ମ ଗ୍ରାମସ୍ଥିତ ଲୋକମାନଙ୍କୁ ଦେଲେ ଏହି କର୍ମର କେତେକ ଲୋକମାନଙ୍କୁ ବହୁତ ଭଲ ଓ କେତେକ ଲୋକମାନଙ୍କୁ ବହୁତ କଷ୍ଟ କାରଣ ଯେଉଁ ଯେଉଁ ପ୍ରଧାନଲୋକ ଓ ଜମିଦାରମାନେ ମଫସଲରେ ଶକ୍ତି ଦେଖାଉଥିଲେ ସେମାନଙ୍କୁ ଏହି ପ୍ରେସିଡେନ୍‌ସି କର୍ମ ଗୋଟିଏ ଶୂଳବେମାର ପ୍ରାୟ ଜଣା ଯାଉଅଛି । ଏହି କର୍ମରେ ଗରିବ ଲୋକମାନଙ୍କୁ ବହୁତ ସୁବିଧା ଜଣା ଯାଉଅଛି ।

ବଶମ୍ବଦ ।
ଶ୍ରୀ ଯଶୋଦାନନ୍ଦନ ମହାପାତ୍ର ।
। ମୁ । କରଡ଼ୀ ।

---

ମହାଶୟ !

ଆପଣଙ୍କର ଜଗଦ୍ୱିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ନିମ୍ନଲିଖିତ କେତୋଟି ପଂକ୍ତିକୁ ସ୍ଥାନ ଦାନ କରି ଉପକୃତ କରିବା ହେବେ ।

କୌଣସି ଏକ ବ୍ରାହ୍ମଣ ସଂସାରଗତ ବିଷୟ ଭୋଗକର ମୃତପ୍ରାୟ ହେବା ପରେ ସମସ୍ତ ସମ୍ପତ୍ତି ପୁତ୍ରହସ୍ତେ ସମର୍ପଣ କରି ବୈଷ୍ଣବଧର୍ମାବଲମ୍ବନ ପୂର୍ବକ ଅନ୍ୟ ଏକସ୍ଥାନରେ ମଠ ନିର୍ମାଣ କରି ଅନାଜକ ୧୦ ବର୍ଷ ବାସ କରିଥିଲେ ଏହି ସମୟ ମଧ୍ୟରେ ତାଙ୍କର ଶିଷ୍ୟ କୁଟୁମ୍ବାଦି ତାଙ୍କ ନିକଟକୁ ଏବଂ ସେ ନିଜେ ହେବେ ପୂର୍ବାଶ୍ରମକୁ ଦର୍ଶନ ଅଭିଳାଷରେ ଯାଉଥାନ୍ତି—ପରେ ସେ ବୃନ୍ଦାବନ ଯାତ୍ରା କଲେ—ଫେରିବା ସମୟରେ ତାହାଙ୍କର ପଥମଧ୍ୟରେ ଦେହତ୍ୟାଗ ହେଲା । ତାଙ୍କର ପରଲୋକ ଗତ ସମ୍ବାଦ ପାଇ ମଠରେ ଥିବା ଏକ ଚେଲା ମହୋତ୍ସବାଦି ଅନ୍ତ୍ୟେଷ୍ଟିକ୍ରିୟା କଲା କିନ୍ତୁ ପୁତ୍ର କଥଣ କରିବ ତାହାର କୌଣସି ବ୍ୟବସ୍ଥା ନ ପାଇ ବଡ଼ ଚିନ୍ତିତ ଅଛି । ଅତ ଏବ ଅର୍ଯ୍ୟ ବ୍ରାହ୍ମଣମଣ୍ଡଳୀ ଅନୁକମ୍ପା ପ୍ରଦର୍ଶନପୂର୍ବକ କର୍ତ୍ତବ୍ୟ ଶାସ୍ତ୍ରୀୟ ସୁବ୍ୟବସ୍ଥା ପ୍ରମାଣସହ ଏହି ପତ୍ରିକାରେ ପ୍ରକାଶ

Split by PDF Splitter
Digitized by srujanika@gmail.com

Split by PDF Splitter



ଉଚିତ ତାହାହେଲେ ସେମାନଙ୍କଠାରେ ଅମ୍ଭେ ଚିର କୃତଜ୍ଞ ରହିବୁଁ । ଇତି ।

କୋରକ କଟକ ୨୭।୮।୦୫ — ଆପଣଙ୍କର ବଶମ୍ବଦ ଶ୍ରୀ ଶମ୍ଭୁନାଥ କର ଶର୍ମ୍ମା

ମହାଶୟ !

କୌଣସି ସମାଦପତ୍ରରେ Domiciled ବଙ୍ଗାଳୀମାନେ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ଉଚ୍ଚପଦ ଲାଭରୁ ବଞ୍ଚିତ ହେଉଥିବା ଓ ସେମାନଙ୍କର ତାହାର ଉଲ୍ଲେଖକାରି ବିଷୟ ଆନ୍ଦୋଳିତ ହେଉଅଛି—ଏ ଭଲକଥା, ଏଥିରେ ତାହାର କୌଣସି ଆପତ୍ତିର କାରଣ ନାହିଁ । କିନ୍ତୁ ବର୍ତ୍ତମାନ ଉକ୍ତିଭୁକ୍ତ ଦେଶରେ କେଉଁ ଶ୍ରେଣୀର Domiciled ବଙ୍ଗାଳୀମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ନ ଦେଇ ସ୍ୱତନ୍ତ୍ର ସମ୍ପ୍ରଦାୟର ଉପାଧି ଧାରଣ କରୁ ଥାଆନ୍ତି କି ? ଯଦି ସେମାନେ "ଓଡ଼ିଆ" ଜାତିଠାରୁ ସ୍ୱତନ୍ତ୍ର ବୋଲି ଭାବନ୍ତି ତାହା ହେଲେ ସେମାନଙ୍କୁ non-Utkalya କହିବାରେ ପ୍ରତ୍ୟବାୟ ଘଟୁ ଅଛି କି ? ଯଦି ସେମାନେ ଉତ୍କଳୀୟ ବୋଲି ଅଭିହିତ, ତାହା ହେଲେ ସରକାରିତ ଓଡ଼ିଆମାନଙ୍କ ମଧ୍ୟରୁ ଯୋଗ୍ୟବ୍ୟକ୍ତିଙ୍କୁ ନିଯୋଗ କରୁଅଛନ୍ତି । "ଓଡ଼ିଆ" ଜାତି ଅନେକ ସମ୍ପ୍ରଦାୟରେ ବିଭକ୍ତ; ଯଥା- ବ୍ରାହ୍ମଣ, କରଣ, ଓଡ଼ିଆ ଖ୍ରୀଷ୍ଟିୟାନ୍, ଉତ୍କଳୀୟ-ବଙ୍ଗାଳି ଇତ୍ୟାଦି । ଯଦି ପ୍ରତ୍ୟେକ ସମ୍ପ୍ରଦାୟ ସ୍ୱ ସ୍ୱ ଦଳ ଜନନ୍ୟେ ସ୍ୱତନ୍ତ୍ର ଭାବରେ ଦାବି କରିବସନ୍ତି ତାହାହେଲେ ଗବର୍ଣ୍ଣମେଣ୍ଟ ସମସ୍ତଙ୍କୁ ତୁଷ୍ଟ କରିବେ ବୋଲି ଆଶା କରି ଯାଇ ପାରେ କି ? ଓଡ଼ିଆଙ୍କ ଓ Domiciled ବଙ୍ଗାଳୀଙ୍କ ଲୋକସଂଖ୍ୟା ଅନୁପାତରେ ସରକାରୀ ଚାକିରିରେ; ଯଥା— ଅମଲା, ପୁଲିସ ହାକିମ, ଶାସନବିଭାଗ, ଡାକବିଭାଗ ପ୍ରଭୃତି ଦେଖିଲେ ଶ୍ରେଣୀୟ ଲୋକେ କି ନ୍ୟୂନ ପରିମାଣରେ ଅଛନ୍ତି ? ତାହା କଦାପି ନୁହେ । ଅମ୍ଭେ ଏଥିର ଅଙ୍କ ସଂଗ୍ରହ କରୁଅଛୁଁ ଓ ତାହା ଅଳ୍ପଦିନରେ ପ୍ରକାଶ କରିବୁଁ ବୋଲି ଆଶା କରୁଁ । ଅମ୍ଭେମାନେ ମଧ୍ୟ ଦେଶୀବାଦ ଓ ବ୍ୟାୟ୍ଯ ଯଦି ଗବର୍ଣ୍ଣମେଣ୍ଟଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ Domiciled ବଙ୍ଗାଳୀମାନଙ୍କ ମଧ୍ୟରୁ ଯୋଗ୍ୟଲୋକଙ୍କୁ ଉପଯୁକ୍ତ ପଦରେ ନିଯୁକ୍ତ କରନ୍ତୁ । ଏହା ଅମ୍ଭମାନଙ୍କର ଅଳ୍ପ ଭିନ୍ନ ମନର ଭାବ—କାରଣ କି 'ଅମୃତ' ଯୋଗ ବା ଅଦ୍ୱିତୀୟ ସମ୍ପ୍ରଦାୟର ଉପଯୁକ୍ତ ହେଲେ ଅମ୍ଭମାନଙ୍କର କ୍ଷୋଭିତ କୌଣସି ବିଶେଷ ଲାଭ ବା କ୍ଷତି ନାହିଁ । ଦୁଇ ଶହ ଜଣ ଓଡ଼ିଆ ବା Domiciled ବଙ୍ଗାଳୀ ଉପଯୁକ୍ତ ହୋଇ ଗଲେ ଦେଶ ଯେ ସ୍ୱର୍ଗକୁ ଉଠିଯିବ ଏହା ନୁହେ । ନାଗପୁରବାର ମୂଳ ଲାଭ ସାଧାରଣଙ୍କ ଦୁର୍ଭାଗ୍ୟ ହେବ ତାହାହିଁ ବିଶେଷ ଓ ଉଦ୍ଦେଶ୍ୟ । ସେଇଁ ଭାବରେ Domiciled ବଙ୍ଗାଳୀ ଭ୍ରାତାମାନେ ବର୍ତ୍ତମାନ ଆନ୍ଦୋଳନ କରୁଅଛନ୍ତି ତାହିଁରୁ ଓଡ଼ିଆମାନଙ୍କ ପ୍ରତି ନ୍ୟୂନ ଅଧିକ ପରିମାଣରେ ଈର୍ଷାଭାବର ଆଭାସ ମିଳୁ ନାହିଁ କି ? ଯାହାର କଦାପି ବାଞ୍ଛନୀୟ ନୁହେ ଓ ଯାହା ଏତଦ୍ଦେଶରେ ପ୍ରତ୍ୟବାୟ ଘଟାଇବାର ସମ୍ଭବ । Domiciled ବଙ୍ଗାଳୀ ଓ ଓଡ଼ିଆମାନେ ଉତ୍କଳ ସନ୍ତାନ ଅଟନ୍ତି ଓ ସେମାନେ ଭୂଇଁଆର ଯେଉଁ କାର୍ଯ୍ୟଦ୍ୱାରା ଉଭୟମାନଙ୍କ ମଧ୍ୟରେ ମନୋମାଳିନ୍ୟ ହେବାର ଆଶଙ୍କାଥାଏ ସେପରି କାର୍ଯ୍ୟ ସତତ ପରିହାର୍ଯ୍ୟ । କେହି ଦୋଷ ଦେଇ ପାରନ୍ତି ଯେ ଲେଖକ ଦ୍ୱେଷ ବା ସ୍ୱାର୍ଥପରବଶ ହୋଇ ଏହି ବିଷୟର ଅବତାରଣା କରିଅଛି କିନ୍ତୁ ତାହା କଦାପି ନୁହେ । ଆମର ଆପତ୍ତି ଏହି କି ଅମୃତର "ଦୋଷ" ଉପେକ୍ଷା ହେଲା ଅମୃତର "ଯୋଗ" ହେଲା ନାହିଁ ନାହିଁ କି,—ଏହି ପକ୍ଷରେ ଅଦୋନାହିଁ ଲଜ୍ଜାରେ ଉଦାରତା ଓ ସାମ୍ୟ ଭାବର ପରିଚୟ କିଛି ଭଲ ଦେଖାଯାଉ ନାହିଁ କି ? ଆଶାକରେଁ Domiciled ବଙ୍ଗାଳୀ ଭ୍ରାତାମାନେ ମୋତେ କ୍ଷମା ଦେବେ ଓ ଯହିଁରେ ଏକତା ଦୃଢ଼ୀଭୂତ ହୋଇ ଦେଶର ଓ ସାଧାରଣଙ୍କ ମଙ୍ଗଳ ସାଧିତ ହେବ ତାହା କରିବେ । ଇତି ।

ବଶମ୍ବଦ
ଶ୍ରୀ କୃଷ୍ଣ-ବନ୍ଧୁ
୨୬।୮।୦୫

ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ବଳରାମ ଦାସ ପାଟଣା | ୫ ୧ |
| " ମହାଦେବ ସିଂହ ଥାନେଦାର ... | ୫ ॥ |
| " ... ଦାସ ... ପାଟନା | ୫ ॥ |
| " ... ... ହେଡ଼ମାଷ୍ଟର | ୫ ॥ |
| " ... | ୫ ୧ |
| " ... | ୫ ॥ |
| " ... | ୫ ॥ |
| " ... | ୫ ॥ |
| " ... | ୫ ॥ |
| " ... | ୫ ॥ |
| " ... | ୫ ୧ |
| " ... | ୫ ॥ |
| ... | ୫ ୧ |
| ଶ୍ରୀ ବାବୁ ... | ୫ ୧ |
| " ... | ୨ ॥ |
| " ... | ୫ ୪ |
| " ... | ୫ ୧ |
| " ... | ୨ ୧ |
| " ... | ୫ ॥ |
| ଭାଗ ।... ... | ୫ ॥ |

## NOTICE

Is hereby given to the owners of carriages, horses ponies &c. that they will send their statements to the Municipal office within the first month of the second half year of 1905-06 *i. e.* within the month of October next, failing which action will be taken under Sec. 137 of Act III (B. C. of 1884) in which case they will be liable to fine to the extent of three times the amount payable by them exclusive of the amount so payable. Forms will be supplied to them within the first week of October next.

ଏତଦ୍ୱାରା ଗାଡ଼ି, ଘୋଡ଼ା ଓ ଟାଙ୍ଗୁ ଇତ୍ୟାଦିର ଅଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ସନ ୧୯୦୫।୬ ମସିହାର ଦ୍ୱିତୀୟ ଅର୍ଦ୍ଧ ବର୍ଷର ପ୍ରଥମ ମାସ ଅର୍ଥାତ୍ ଆଗାମୀ ଅକ୍ଟୋବର ମାସ ମଧ୍ୟରେ ମିଉନିସିପାଲିଟି ଅଫିସରେ ଫର୍ଦ୍ଦ ଦେବେ ନ ଦେଲେ ବେଙ୍ଗଲ ଆକ୍ଟ ସନ ୧୮୮୪ ମସିହାର ତୃତୀୟ ଆଇନ ୧୩୭ ଧାରାନୁସାରେ କାର୍ଯ୍ୟ କରାଯିବ । ଅର୍ଥାତ୍ ସେମାନେ ଦେୟ ଛଡ଼ା ଅଧିକ ତିନିଗୁଣ ଜରିମାନା ଦେବାକୁ ବାଧ୍ୟ ହେବେ । ଆଗାମୀ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ଫାରମ ଦିଆଯିବ ।

ତା ୭।୯।୧୯୦୫

Cuttack Municipality — Ram Sankar Roy, *Chairman.*

## ନୋଟିସ ।

ଏହି ମ୍ୟୁନିସିପାଲିଟିରେ ଯେଉଁମାନେ ଜଳକର ଦେଇଅଛନ୍ତି ... ଏହି ମ୍ୟୁନିସିପାଲିଟି ମଧ୍ୟରେ ... ସେମାନଙ୍କୁ ଜଣାଇ ଦିଆଯାଉଅଛି କି ଆଗାମୀ ଅକ୍ଟୋବର ମାସ ... ସେମାନେ ଆପଣା ଆପଣା ... ମ୍ୟୁନିସିପାଲ ଅଫିସରେ ସନ ୧୯୦୫।୬ ମସିହାର ... ଦେବେ । ଯେଉଁମାନେ ଉପରେକ୍ତ ଅନୁସାରେ କାର୍ଯ୍ୟ ନ କରିବେ ସେମାନଙ୍କୁ ସନ ୧୮୮୪ ସାଲର ବଙ୍ଗୀୟ ... ଅନୁସାରେ ଦଣ୍ଡ ଦିଆଯିବ ସେ ତାହା ହେଲେ ସେମାନଙ୍କ ... ତିନିଗୁଣ ପର୍ଯ୍ୟନ୍ତ ଅଧିକ ଜରିମାନା ଦେବାକୁ ହେବ । ତା ୭।୯।୧୯୦୫

Cuttack 7-9-05 — Ram Sankar Roy, *Chairman.*

ଏତଦ୍ୱାରା ମିଉନିସିପାଲିଟି ମଧ୍ୟରେ ଥିବା ସମସ୍ତ ବେଶ୍ୟା ... ସେମାନେ ଆପଣା ଆପଣା ... ନୂତନ ବର୍ଷ ସନ ୧୯୦୫।୬ ସାଲ ... ଦେବା ପାଇଁ ... ମାସ ତା ୧ ରଖ ... ମ୍ୟୁନିସିପାଲିଟି ଅଫିସରେ ... କରିବେ । ତା ୭।୯।୧୯୦୫

Cuttack Municipality — Ram Sankar Roy, *Chairman*

Digitized by srujanika@gmail.com

Split by PDF Splitter



ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଅମ୍ଭ ନିକଟରେ ନିମ୍ନଲିଖିତ ସବାରୀ ଓ ତାମ୍‌ଜାମ୍‌ ନାଲ୍‌କି ବିକ୍ରୀ ନିମିତ୍ତ ପ୍ରସ୍ତୁତ ଅଛି । ଯଥାଃ—

ବଡ଼ ସବାରି ଫୁ ୬ × ୩, ଦୋହରୀ ଜବାଟ ମଗର ଓ ଜଙ୍ଗଡ଼ାଗୋଡିଆ ଲଣ୍ଡନ, ଗଦି ଓ ଝାଲର ସହିତ ଏହା ଭିତର ଓ ଛାତରେ

ସାଟିନ ଲୁଗା ମଡ଼ା ଟ ୬୦୦୯
ଏକାଳ ଛିଟ ଲୁଗା ମଡ଼ା ଟ ୧୦୦୯
ସାଧାରଣ ସବାରୀ ଗମ୍ଭାରି କାଠର ସବାରି

ଲମ୍ବ ଫୁ ୬-୧୦ଇ × ଫୁ ୬-୯ଇ ଟ ୬୫୯
„ ୬-୬ × ୬-୭ ଟ ୬୦ ୯
„ ୬ × ୬-୭ ଟ ୧୭ ୯

ଏହା ଛଡ଼ା ଅନ୍ୟ ବାଟେ କାଠର ତିଆରି ଏହି ମାପର ହେଲେ ଟ ୬୫୯ଙ୍କା ସ୍ଥଳେ ଟ୬୮୯ ଟ୬୦୯ଙ୍କା ସ୍ଥଳେ ଟ୧୬୯ଙ୍କା ଏବଂ ଟ୧୬୯ଙ୍କା ସ୍ଥଳେ ୧୩୯ ଙ୍କାରେ ମିଳିବ । ଅଧିକନ୍ତୁ ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାରୀ ଓ ତାମଜାନ ଫରମାସ ହେବ ସେପରି ଶୀଘ୍ର ତିଆରି କରି ଦେବୁଁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୩୧୯୦୪ } ଶ୍ରୀ ମାଗୁଣି ମହାରଣା
କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ
ନିକଟ ଦରଘାବଜାର

ଗବର୍ଣ୍ଣମେଣ୍ଟ ମେଡ଼ିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବିରାଜୀ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସଚିକ୍କଣ ହୁଏ, କେଶ ବହୁଳ ପରିମାଣରେ ନୂତନ ଜନ୍ମ ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ ପତନ ନିବାରିତ ହୁଏ । ଟାକ, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବିକ ଦୁର୍ବଳତା ଜନିତ ମୁଣ୍ଡ ଘୂରା, ଚକ୍ଷୁଦାହ, ଦୃଷ୍ଟି ଦୌର୍ବଲ୍ୟ ଏ ସାରର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ଟଙ୍କା ଓ ଡାକମାସୁଲ ଟ ୦ ।/

## ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସପୁଣାତ୍ମକ ଘା ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସ୍ୱହସ୍ତ ଲିଖି ଅବସ୍ଥା ଜଣାଇ ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରି ଉପଯୁକ୍ତ ଔଷଧ ପଠାଯିବ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷
ଡାକମାସୁଲ ଟ ୦ ।୷

## ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ରକ୍ତଅନର୍ଗଳ ପେଟର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବକାଳରେ ପ୍ରବଳ ରୋଗର ଅକ୍ଷମତା ନଷ୍ଟ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷
ଡାକ ମାସୁଲ ଟ ୦ ।୷

ଅମୃତ ବଲ୍ଲୀ କଷାୟ ।

ପାରଦଷଦୋଷନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ବୋତଲ ମୂଲ୍ୟ ଟ ୧୷ ଡାକମାସୁଲ ଟ ୦ ।୷

ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅଶ୍ରୁ ପ୍ରତୀକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ ଲୁହରତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର ଶୋଣିତର ସାର, ଶୁକ୍ରର ଅପଚୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଦୁଇ କୌଟା ବଟିକା ଟ ୪
ଡାକମାସୁଲ ପ୍ରଭୃତି ଟ ୦୷

## ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ
ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।୷

ପ୍ରାପ୍ତି ସ୍ଥାନ

କଟକର ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ;
ବାଲୁବଜାର, ଚାନ୍ଦନୀଚୌକ, କଟକ
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋୟରଚିତପୁର ରୋଡ
କଲିକତା

## ବିଜ୍ଞାପନ ।

ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର
ପୃଥିବୀ ବ୍ୟାପିତ

## ସର୍ବଜ୍ୱର ଗଜସିଂହ ।

୨୪ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ସପ୍ତାହ ରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୷ ମଧ୍ୟମ ଟ ୧୯ ଛୋଟ ଟ ୦ ।୷
ଡାକମାସୁଲ ୧ଠାରୁ ୨ ଶିଶି ଟ ୦ ।୷

## କଣ୍ଡୁ ଦାବାନଳ ।

ଦାଦୁ ଆଦି ଚର୍ମରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୷ ଡାକମାସୁଲ ୧ଠାରୁ ୨ ଶିଶି ଟ ୦୷

## ସର୍ବଦନ୍ତ ହତାଶନ ।

୨୪ ଘଣ୍ଟାରେ ଜାଦୁଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୷ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦୷

ବହୁ ନକଲ ହୋଇଅଛି ଖରିଦ ବେଳେ ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଖରିଦ କରିବେ । ଏହା ସକଳ ସ୍ଥାନର ବଡ଼ ବଡ଼ ଦୋକାନରେ ପାଇବେ ନ ପାଇଲେ ପୃଥିବୀର ଯେ କୌଣସି ସ୍ଥାନକୁ ସେ କେହି ବ୍ୟକ୍ତି ସ୍ୱାକ୍ଷରରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱେଲରେ ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ ଦାସ-ଗୁପ୍ତ କବିରାଜ ।

Lal Mohan Saha Sankhanidhi
Baburbazar, Dacca,

ଜଗଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବ୍ୟର୍ଥ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ଫରଚିତ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶ୍ୱେଲରେ କାହାରି ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜୁଲପଇସିଆ ଷ୍ଟାମ୍ପଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍‌ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ପଇସା ମେନେଜରଙ୍କ ନାମରେ ପଠାଇବେ ।

ଜଗଦବନ୍ଧୁ ଔଷଧାଳୟ
ଚଉଧୁରୀବଜାର, କଟକ
୩୦।୫।୧୯୦୪ } ଶ୍ରୀ ବାଳକୃଷ୍ଣଦାସ
କବିରାଜ
ଶ୍ରୀ ରାମକୃଷ୍ଣ ମିଶ୍ର
ମାନେଜର

## ପ୍ରଜାବନ୍ଧୁ ।

ଉତ୍କଳ ଭାଷାରେ ସମ୍ପାଦିତ, ସୁଜନଙ୍କ ପ୍ରଶଂସିତ ମୂଲ୍ୟ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ଗ୍ରାହକଙ୍କ ଉତ୍କଳ-ରେ-ଏହା-ର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଗବେଷଣା-ଶୀଳ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକଖଣ୍ଡ ନମୁନା ସ୍ୱରୂପ ପଠାଯିବ- ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଉତ୍କଳମଧୁପ" ମାସିକ ପତ୍ରିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ

Digitized by srujanika@gmail.com

# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ଜେମାଇକା ସାଲସାର ତିଆର ।

କୌଣସି ପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ଦୋଷ ହରଣ କରିବାକୁ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ବୋତଲ ଟ ୧ ୧

# ମିତ୍ର ବଟିକା ।

ମ୍ୟାଲେରିଆ ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ପ୍ରତିପନ୍ନ ହୋଇଅଛି, ମ୍ୟାଲେରିଆ ଜନିତ ସର୍ବପ୍ରକାର ପ୍ଳୀହା ସମ୍ବଳିତ ଜ୍ୱରରୋଗ ବିନାଶର ଏମନ୍ତ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କରି ଶତସହସ୍ର ସୁସ୍ଥ ଓ ପ୍ଳୀହାସମ୍ବଳିତ ଜ୍ୱରାକ୍ରାନ୍ତ ରୋଗୀ ଏଯାବତ୍ ନିର୍ଦ୍ଦୋଷଭାବରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' ର ଅନୁରୂପ କହିଲେ ବୃଥା ଅତ୍ୟୁକ୍ତି ହେବ ନାହିଁ ।

ଏକଥର ବ୍ୟବହାର କରି ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହତ୍ତ୍ୱ ଏହି ଯେ ଏହା ସହଜ ଶରୀରରେ ମଧ୍ୟ ସେବନ କରାଯାଏ । ଏପରି ଜ୍ୱରଭାବର ଉପକ୍ରମ, ଚକ୍ଷୁ ଓ ହସ୍ତ ପଦ ଜ୍ୱାଳା, ଶରୀର, ହସ୍ତ, ପଦ ଭାରୀ ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଇତ୍ୟାଦି ଅବସ୍ଥାରେ ଏହା ତୁରନ୍ତ ବ୍ୟବହାର କରିବାକୁ ଆରମ୍ଭ କଲେ ମ୍ୟାଲେରିଆରୁ ରକ୍ଷିତ ରହି ହୁଏ ।

ମୂଲ୍ୟ ।

| | |
|---|---|
| ୧ କୌଟା ୨୪ ବଟିକା | ଟ ୦ ୮ |
| ୧ " ୫୦ " | ଟ ୧ ୧ |

ଡାକବ୍ୟୟ ପଠାଇଲେ ଟ ୦ ୵ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ୵ ଲାଗିବ ।

N. N. Mitras Ringworm ointment.

ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସି ପ୍ରକାର ଦୂଷିତ ଘାଆ ହେଉନା କାହିଁକି ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲ ମାତ୍ରେ ତାହା ଆରୋଗ୍ୟ ହେବ । ଅନେକ ବ୍ୟକ୍ତି ୮।୧୦ ବର୍ଷର ଯାବୁରୋଗୀ ଆମମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକକାଳକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ ୬ |
| ଡାକଖର୍ଚ୍ଚ | ଟ ୦ ୵ |
| ଭି, ପି, | ଟ ୦ ୵ |
| ଏକ ଡଜନକୁ | ଟ ୨୫/ |

ଡାକଖର୍ଚ୍ଚ ସ୍ୱତନ୍ତ୍ର

# N. N. Mitra's

ଦନ୍ତ ରୋଗର ମହୌଷଧ
ମିତ୍ରଙ୍କ ଦନ୍ତରୋଗର ମହୌଷଧ

ଏହା ଦୁଇଥର ଦାନ୍ତ ଉପରେ ଘଷିଲେ ଯେଉଁ ଏକ ଅଭି ଲଗାଇଲେ ଯନ୍ତ୍ରଣାରୁ ରକ୍ଷା ମିଳେ । ମୂଲ୍ୟ ଟ ୦ ।, ରସୁଅଣା

ଉପରୋକ୍ତ ଔଷଧ ଏବଂ ଅନ୍ୟାନ୍ୟ ପେଟେଣ୍ଟ ଔଷଧ ଏବଂ ଡାକ୍ତରି ଔଷଧ ଓ ଅସ୍ତ୍ରାଦି ଆମ୍ଭେମାନେ ପାଇକାରୀ ଦରରେ ସରବରାହ କରୁଥାଉଁ ।

ଆମ୍ଭେମାନେ ବିଲାତର ଇଉରୋପ ଓ ଆମେରିକାରୁ ସମସ୍ତ ପ୍ରକାର ଔଷଧ ଓ ଯନ୍ତ୍ରାଦି ଆମଦାନି କରି ଆଣାଇଥାଉଁ । ସେଥି ପାଇଁ ସର୍ବଦା ତାଜା ଓ ସୁଲଭ ମୂଲ୍ୟରେ ମଫସଲର ଗ୍ରାହକମାନଙ୍କୁ ସରବରାହ କରି ଥାଉ ।

ଆମ୍ଭେମାନେ ଅର୍ଡର ପାଇଲା ମାତ୍ରେ ଔଷଧ ଉତ୍ତମରୂପେ ପ୍ୟାକ କରି ସରବରାହ କରୁଥାଉ ।

ଏନ, ଏନ, ମିତ୍ର ଏଣ୍ଡ କୋଂ
ହୋଲସେଲ ଏବଂ ରିଟେଲ ଡ୍ରଗିଷ୍ଟ
ନ ୨୨୩ନମ୍ବର ବହୁବଜାର ଷ୍ଟ୍ରିଟ୍; କଲିକତା
N. N. Mitra & Co.
Wholesale & Retail Draggists
No. 223 Bowbazar Street
Calcutta
Agent
Biswanath Das, Mohorir
care of Kusum Kumar Sen Pleader
Cuttack.

# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମାତ୍ରୁଭରି ଟ ୦ ।୵

ରକ୍ତାମାଶୟର ମହୌଷଧ ସେବନରେ ପେଟକାମୁଡ଼ ପେଟ କରକର କରିବା ଓ ଶୂଳ ତରଳାଦି ବିକାର ରକ୍ତାମା ଶୀଘ୍ର ଶୀଘ୍ର ଆରୋଗ୍ୟ ହୁଏ ।

ଉନ୍ମୋଦିଆ ବା ସ୍ୱପ୍ନ ମେହ ! **ସୁଧାରତ୍ନ** ଅମୋଘ ଔଷଧ

ସେବନରେ ପୂଜ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ, ସ୍ତ୍ରୀ ପୁରୁଷଙ୍କ ଉନ୍ମୋଦିଆ ଓ ସ୍ୱପ୍ନ ମେହ ସଦ୍ୟବଳରେ ଆରୋଗ୍ୟଲାଭ ହୁଏ, ୩ ।୪ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାକେଟର ୨ ୧୪ ଙ୍କା ଭି, ପି, ୨ ୦ ।୵ ।

# ସର୍ବଷଷ୍ଠାନ୍ତକମଲମ

( ପାରଦାଦି ଦୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାକୁ ୧ ୧ ଙ୍କା ଭି, ପି, ୧ ୦ ।୵ କଠିନ ଉପଦଂଶ ବ୍ରଣାଦିର ଓ ସର୍ବବିଧ ଦୁଃସାଧ୍ୟ ଘା ଶୀଘ୍ର ଆରୋଗ୍ୟ ହୁଏ ।

# କାମକଳ୍ପତରୁ ରସାୟନ ।

ଏହା ସେବନରେ ଇନ୍ଦ୍ରିୟ ଉତ୍ତେଜନା, ସ୍ୱପ୍ନଦୋଷ, ମେହ ଶାନ୍ତ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ । ସ୍ୱାସ୍ଥ୍ୟକାଳରେ ସେବନ କଲେ ଅଲୌକିକ ଶୁକ୍ତି ଓ ବଳାଧିକାର ଅନୁଭବ କରିବେ ବିବିଧ ଔଷଧପୂର୍ଣ୍ଣ ଏକ କଳସୀର ମୂଲ୍ୟ ଭିଃ ପିଃ ମାସୁଲ ସମେତ ଟ ୧ ୨ ଏଥିରେ ଭାଙ୍ଗ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ କବିରାଜ
ଦିକ୍ଷିତ, ସୋନାରପୁରା ୮ କାଶୀଧାମ

ନିମ୍ନଲିଖିତ ପୁସ୍ତକମାନ ନୂତନ ଛାପା ହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| ଜଳ୍ପଣାଧ୍ୟାୟୀ ଅର୍ଥାତ୍ ଦଇବଜ୍ଞ କଥା | ଟ ୦୵ |
| ମଣିମଣ୍ଡଳଗୀତା | ଟ ୦୵ |
| ଧର୍ମପୁରାଣ | ଟ ୩।୵ |
| କୃଷ୍ଣଲୀଳା | ଟ ୦୵ |
| ଚୈତନ୍ୟ ଭାଗବତ ଦ୍ୱିତୀୟ ସଂସ୍କରଣ | ଟ ୦ ।୵ |
| ସଙ୍ଗୀତଚନ୍ଦ୍ରିକା " | ଟ ୦ ୵ |
| ଲବଣ୍ୟମଞ୍ଜରୀ " | ଟ ୦ ୵ |
| ଜଟଶାଳୀ ପାଠ " | ଟ ୦ ।୵ |
| ବଦଗୁପ୍ତଚନ୍ଦ୍ରାମଣି " | ଟ ୧୫ |
| ଗୀତିକଦାମ୍ବମାଳିକା " | ଟ ୦ ୨ |

# ଉପନିଷଦ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁକ୍ତିକ, ତଲବକାର, ବାଜେନ, ତୈତ୍ତିରୀୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷଦ୍ ଗୁଡ଼ିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୨ ଡାକମାସୁଲ ଟ ୦ ୵ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

# ହରିବଂଶ

# ମହାଭାରତାନ୍ତର୍ଗତ

# ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ନବଅକ୍ଷର ଭାଗବତ ବୃତ୍ତରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ଡାକମାସୁଲ ସମେତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି

ଆମ୍ଭ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଓ ଭୁବନେଶ୍ୱର ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଜଗନ୍ନାଥ ମିଶ୍ରଙ୍କ ପୁସ୍ତକ ଦୋକାନରେ ଅତ୍ୟନ୍ତ ସୁଲଭ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ବା ଭେଲ୍ୟୁପେବଲ ପାର୍ଶଲରେ ନେବାକୁ ହେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବଜନ୍ମ (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ ।୵ |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ୵ |
| ଏହାର ଦ୍ୱିତୀୟ ତରଙ୍ଗ | ଟ ୦ ୵ |
| ଏହାର ତୃତୀୟ ତରଙ୍ଗ | ଟ ୦ ୵ |
| ଏହାର ଚତୁର୍ଥ ତରଙ୍ଗ | ଟ ୦ ୵ |
| ଏହାର ପଞ୍ଚମ ତରଙ୍ଗ | ଟ ୦ ୵ |
| ଏହାର ଷଷ୍ଠ ତରଙ୍ଗ | ଟ ୦ ୵ |
| ସଙ୍ଗୀତ ସଂସାର | ଟ ୦ ୵ |
| ରସକେଳି ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ୵ |
| ପାରିଜାତମାଳା (ଶ୍ରୀମତୀ ଲକ୍ଷ୍ମୀ ଦେବୀ କୃ) | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ୵ |
| ବଙ୍ଗାଳୀ ବର୍ଣ୍ଣନା | ଟ ୦ ୧୯ |
| ସମରତରଙ୍ଗ | ଟ ୦ ୵ |
| ବାଲିଯାତ୍ରା | ଟ ୦ । |

ଶ୍ରୀ ଦାମୋଦର ପଟ୍ଟନାୟକ


☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81



ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଏ ୪୦ ଭାଗ | CUTTACK, SATURDAY THE 16th September 1905. | ଅଗ୍ରିମ ୧ ୩୧
ଇଂ ୧୬ ତାରିଖ ସନ ୧୩୧୩ ସାଲ ଶନିବାର |
୨ ୩୭ ସଂଖ୍ୟା | ସ୍ୱଦେଶ ଲୋକଙ୍କ ଦରବାରକାର ପ୍ରିଣ୍ଟିଂ ଓ୍ୱାର୍କ ଇନ୍‌ଷ୍ଟିଚ୍ୟୁଟ ସମ୍ପାଦକଙ୍କ ମୁଦ୍ରିତ ଓ ପ୍ରକାଶିତ | ପଶ୍ଚାଦ୍ଦେୟ ୧ ୨୨

ଉତ୍କଳଦୀପିକାର ଗ୍ରାହକ ହେବାକାରୀ ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ସକାଶେ ଅଗ୍ରିମ ୧।/ ଓ ଷାଣ୍ମାସିକ ୧୮ ବର୍ଷ ଶେଷ ଶୁଲ୍କ ୨ ମାତ୍ର ଦେଇଲେ ବାର୍ଷିକ ସେହି ଠାରେ ହେଲେହେଁ ଉତ୍ତର ସଙ୍ଖ୍ୟା ୫୦ ବାରୁ ଊଣା ହେବ ନାହିଁ। ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଅପେକ୍ଷା ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ। ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ। ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ।

Wanted three Uriya knowing Candidates who have passed the Entrance Examination as Postal Probationers on Rs. 15 a month to be employed in the Cuttack Postal Division. Candidates must not be above 22 years of age and must produce certificates of good character and conduct.

Apply to the office of the Postmaster General, Bengal, Calcutta.

Calcutta } E. A. DORAN,
25-9-1905. } Postmaster Genl. Bengal.

## WANTED

A Head Clerk and Sheristadar for the Narasingpur Raj Office on Rs. 40 per month. None need apply who has not passed the Entrance Examination. Preference will be given to the man who has experience in office work. Applications with the copies of the testimonials will be received by the undersigned up to 20th instant. The climate of the place is very good and the Gurh (Head quarter) is only 3 miles off from the river Mahanady.

Narsingpur Raj Office } Damodar Patnaik
Via Kantilo-P. O. } *Dewan*
6-9-1905.

# NOTICE.

## District Board, Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of Work. | Amount of work to be done in 1905-1906 |
|---|---|---|
| 1 | Repairs to Giridhari Deb Templein Dompara Gurh | Rs. 867 |
| 2 | Additional work in improving and metalling the road from Vyas Sarobar station to Jajpur. ... ... | Rs. 14000 |
| 3 | Reconstruction of a bridge on 39th mile Chandbali Road. ... ... ... | Rs. 3400 |

## RULES.

1 All tenders which must be on Form No. 1 obtainable at this office (price 0-8-0 each) must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 20th September 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

CUTTACK } N. N. MITRA,
7—9—1905 } *District Engineer*
CUTTACK

## ADVERTISEMENT.

Wanted for the Baripada High English School, a certificated Vernacular Master as Second Pandit and Drawing Master, on a salary of Rs. 15 rising to Rs. 20, by bienniel increment of Re. 1. None need apply who has not passed the final Examination from the Cuttack Training School and does not hold a Drawing certificate. The selected candidate will have to join at once.

Apply to

Baripada } S. N. CHAKRAVERTY
2-9-05 } offg. Superintendent of Education, MOURBHANJ STATE.

# FOR SALE

## The property of Mr. W. H. P. Driver, CUTTACK.

Two young hounds aged six months (RAMPORE GREY HOUND) are already beginning to tackle.

**Price Rs. 50 each.**

A Cabuli Gilding 15 hands. 6 years of age. Price Rs. 500. Believed sound and has been regularly driven by a lady.

Apply to

Abdul Kader
*Jockey*
Dewan Bazar, Cuttack

Digitized by srujanika@gmail.com

# ବିଜ୍ଞାପନ ।

ମାସିକ ସାଠଟଙ୍କା ବେତନରେ କଟକ ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟ ନିମନ୍ତେ ଜଣେ ଶିକ୍ଷୟିତ୍ରୀ ଆବଶ୍ୟକ । କିଣ୍ଡରଗାର୍ଟେନ୍ ପ୍ରଣାଳୀରେ ନିମ୍ନ ଶ୍ରେଣୀମାନଙ୍କରେ ପଢ଼ାଇବାକୁ ହେବ । ବଙ୍ଗଳାଭାଷାରେ ଜ୍ଞାନଥିବା ଏକାନ୍ତ ଦରକାର । ଆବେଦନାର୍ଥିନୀମାନେ ଚଳିତମାସ ଶେଷସୁଦ୍ଧା ନିଜ ନିଜ ସାର୍ଟିଫିକେଟର ନକଲସହ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଆବେଦନପତ୍ର ପ୍ରେରଣ କରିବେ ।

କଟକ ୧୪।୯।୦୫ } ଉମେଶଚନ୍ଦ୍ର ବସୁ, ସମ୍ପାଦକ, ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟ

ଚଳିତ ସନ ୧୯୦୫।୬ ମସିହା ସକାଶେ ଏ ଜିଲ୍ଲାର ଯେ ଚମଡ଼ା ପଟ୍ଟା ନିଲାମ ହୋଇଥିଲା ତହିଁରେ ଜରସମତ ଟ ୫୩୦୦ ଙ୍କା ପର୍ଯ୍ୟନ୍ତ ବଢ଼ିଥିଲା ଓ ଏତଦ୍ଦ୍ୱାରା ପଶୁମାନେ ବିଷପ୍ରୟୋଗଦ୍ୱାରା ନଷ୍ଟ ହେବାର ଆଶଙ୍କା ଜାତ ହେବାରୁ ପୂର୍ବ ନିଲାମ ରଦ କରାଯିବାର ମଞ୍ଜୁର ହୋଇଅଛି ଏବଂ ପୂର୍ବ ପଟ୍ଟାଦାର ଅପ୍ରେଲ ଓ ମଇ ମାସର ଚମଡ଼ା ନେଇଥିବାରୁ ଜୁନମାସଠାରୁ ଏପର୍ଯ୍ୟନ୍ତ ଯେଉଁ ପଶୁମାନେ ମୃତ ହୋଇଅଛନ୍ତି ସେମାନଙ୍କର ଚମଡ଼ା ଜିଲ୍ଲାର ଚୌକିଦାରମାନଙ୍କ ଜିମାରେ ପୋଲିସ ତତ୍ତ୍ୱାବଧାନରେ ରଖା ଯାଇଅଛି । ସୁତରାଂ ଯେଉଁମାନେ ଅବଶିଷ୍ଟ ସମୟ ସକାଶେ ଏ ଜିଲ୍ଲାର ଚମଡ଼ା ପଟ୍ଟା ନେବାକୁ ଇଚ୍ଛାକରନ୍ତି ସେମାନେ ଚଳିତ ମାସ ତା ୨୭ ରିଖ ବୁଧବାର ଏ ଗଡ଼ ମୁକାମ ସଦର କଚେରିରେ ଘ ୧୧ ଘଣ୍ଟା ସମୟରେ ସାନ ନିଲାମରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉ କି ନିର୍ଦ୍ଦିଷ୍ଟ ତାରିଖରେ ସାନ ନିଲାମ ପଟ୍ଟାଦାରଙ୍କୁ ଏକ ତ୍ରୈମାସିକର ଟଙ୍କା ଦାଖଲ କରିବାକୁ ହେବ ।

Narasingpur Raj Office 13-9-1905. } Damodar Patnaik Dewan.

# ଉତ୍କଳଦୀପିକା ।

ଏ ସପ୍ତାହରେ ଏ ନଗରରେ ଓଲାଉଠା ରୋଗରେ ନ ୨୧ ଣ ଆକ୍ରାନ୍ତ ଏବଂ ନ ୧୫ ଣ ହତ ହୋଇଅଛନ୍ତି । ଗତ ସପ୍ତାହରେ ନ ୪୯ଣ ଆକ୍ରାନ୍ତ ଓ ନ ୨୫ ଣ ହତ ହୋଇଥିଲେ ସୁତରାଂ ଏ ସପ୍ତାରେ ମୃତ୍ୟୁସଂଖ୍ୟା ଊଣା ଓ ରୋଗ ହ୍ରାସ ହେବାର ଜଣାଯାଏ ।

ଓଡ଼ିଆ ଓ ନବସମ୍ବାଦ ଜନରବ ଶୁଣିଅଛନ୍ତି କନିକାପତିର ରଜାଙ୍କ ବିରୁଦ୍ଧରେ ଯେଉଁ ମୋକଦମା ହୋଇଥିଲା ଗବର୍ଣ୍ଣମେଣ୍ଟ ତାହା ଏହି ଭାବରେ ନିଷ୍ପତ୍ତି କରିଅଛନ୍ତି କି ଅଠରମାସ ସକାଶେ ରଜାଙ୍କଠାରୁ ତାହାଙ୍କର ସମସ୍ତ କ୍ଷମତା କାଢ଼ି ନିଆଯିବ । ସବିଶେଷ ବିବରଣ ଜାଣିବା କାରଣ ସହଯୋଗୀ ବ୍ୟଗ୍ର ଅଛନ୍ତି । ଆଶା କରୁଁ ଶୀଘ୍ର ପ୍ରକାଶ କରିବାକୁ ସମର୍ଥ ହେବେ ।

ଗତ ତା ୨ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୨୩୩୦ ମୃତ୍ୟୁ ହୋଇଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୨୦୫୦ ଥିଲା । ବୃଦ୍ଧିଟା ବମ୍ବେରେ ଅଧିକ । ଏକା ସେହି ପ୍ରଦେଶର ମୃତ୍ୟୁ ୧୬୧୪ ଥିଲା । ମାନ୍ଦ୍ରାଜ, ବଙ୍ଗ, ଯୁକ୍ତପ୍ରଦେଶ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରେ ସାମାନ୍ୟ ବୃଦ୍ଧି ଏବଂ ମହୀଶୂର, ହାଏଦରାବାଦ ଓ ବରମାରେ ସାମାନ୍ୟ ଊଣା ପଡ଼ିଥିଲା ।

ବାଲେଶ୍ୱର ନଗରରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ବିଷୟରେ ଗତ ତା ୩ ରିଖରେ ଟାଉନ ହଲ ଗୃହରେ ଗୋଟିଏ ସଭା ହୋଇଥିଲା । ଜମିଦାର ଉକିଲ ଦୋକାନଦାର ଓ ଅନ୍ୟାନ୍ୟ ଶ୍ରେଣୀର ପ୍ରାୟ ଦୁଇଶତ ଲୋକ ଉପସ୍ଥିତ ହୋଇଥିଲେ ଏବଂ ବାବୁ ଭୁଞ୍ଜା ଅବଦୁସ ସୁଭାନ ଖାଁ ସଭାପତି ମନୋନୀତ ହୋଇ କାର୍ଯ୍ୟ ନିର୍ବାହ କରିଥିଲେ । ଦେଶୀୟ ଦ୍ରବ୍ୟ ସାଧ୍ୟମତେ ପ୍ରଚଳନ ସପକ୍ଷରେ ନିର୍ଦ୍ଧାରଣ ସ୍ଥିର ହୋଇଥିଲା । ସଭାରେ ଯେପରି ଉତ୍ସାହ ଦେଖାଗଲା କାର୍ଯ୍ୟରେ ସେହିପରି ଦେଖାଗଲେ ବଡ଼ ଆନନ୍ଦର ବିଷୟ ହେବ ।

ବଙ୍ଗୀୟ ସନ ୧୮୮୫ ସାଲର ପ୍ରଜାସତ୍ୱ ଆଇନର ଧା ୧୦୩ ଏ ଘ (ଖ) ଅନୁସାରେ ସର୍ଭେଲିପିର ଶେଷ ପ୍ରକାଶ ଉତ୍ତାରୁ ସେହି ଲିପିର ନମ୍ବର ସହିମୋହରସୀ ନକଲ ସକାଶେ ଉକ୍ତ ଆଇନର ବିଧାନ କ୍ରମେ ପ୍ରସ୍ତୁତ ଚଳିତ ହୋଇଥିବା ନିୟମାବଳୀ ଅନୁସାରେ ଯେଉଁ ଫିସ ନିଆଯାଏ ମହାମାନ୍ୟ ଗବର୍ଣ୍ଣର ଜେନରଲ ସନ ୧୮୭୦ ସାଲର କୋର୍ଟଫିସ ଆଇନର ଧା ୩୫ ଗ୍ର ଲିଖିତ କ୍ଷମତା ପରିଚାଳନଦ୍ୱାରା ତାହା ଛାଡ଼ି ଦେଇଅଛନ୍ତି । ଏଥିର ବିଜ୍ଞାପନ ଗତ ତା ୬ ରିଖର କଲିକତା ଗଜେଟରେ ବାହାରିଅଛି ।

ଗତ ତା ୨ ରିଖରେ ଶେଷ ହେବା ସପ୍ତାହର ଫସଲ ରିପୋର୍ଟରୁ ଜଣା ଯାଏ ଯେ ପୂର୍ବ ସପ୍ତାହର ରିପୋର୍ଟରୁ ବହୁ ଭଲ ନ ଥିଲା । ମନ୍ଦ ବୃଷ୍ଟି ହେତୁ ଅଧିକାଂଶ ସ୍ଥଳେ ଫସଲର ଆଶା କିଛି ବଢ଼ି ନାହିଁ ଏବଂ ମାନ୍ଦ୍ରାଜ, ବମ୍ବେଇ ଏବଂ ରାଜପୁତାନାରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ଉପରେ ଅଛି । ଗତ ତା ୫ ରିଖ ପର୍ଯ୍ୟନ୍ତ ସାମୟିକ ବୃଷ୍ଟିର ଖବର ଗତ ସପ୍ତାହର ଲକ୍ଷିତ ଅବସ୍ଥା ସଙ୍ଗେ ପ୍ରାୟ ସମାନ ଥିଲା । ମାତ୍ର ଗତ ତା ୧୦ ଓ ୧୧ ରିଖରେ ରାଜପୁତାନା, ପଞ୍ଜାବ ଆଖପାଖରେ ପ୍ରଚୁର ବୃଷ୍ଟିଦ୍ୱାରା ସୁଫଳ ଘଟିଥିବାର ସମ୍ବାଦ ଆସିଅଛି ।

ଓଡ଼ିଶାବିଭାଗ ଏବଂ ଓଡ଼ିଶା ଗଡ଼ଜାତରେ କାର୍ଯ୍ୟ କରୁଥିବା ସ୍କୁଲ ଡେପୁଟି ଇନସ୍ପେକ୍ଟର, ସବଇନସ୍ପେକ୍ଟର ଏବଂ ଇଂରାଜୀ ସ୍କୁଲର ଶିକ୍ଷକମାନଙ୍କ ମଧ୍ୟରୁ ଯେଉଁମାନେ କଲିକତା ବିଶ୍ୱବିଦ୍ୟାଳୟର ଆଗାମୀ ଏଫ, ଏ, ଏବଂ ବି, ଏ, ପରୀକ୍ଷା ଦେବାକୁ ଇଚ୍ଛା କରନ୍ତି ସେମାନଙ୍କ ସମ୍ବନ୍ଧରେ ଓଡ଼ିଶା ସ୍କୁଲ ସମୂହର ଇନସ୍ପେକ୍ଟର ଗୋଟିଏ ନିୟମାବଳୀ ପ୍ରସ୍ତୁତ କରି ଗତ ତା ୬ ରିଖର କଲିକତା ଗଜେଟରେ ପ୍ରଚାର କରିଦେଇଅଛନ୍ତି । ପରୀକ୍ଷାର୍ଥୀମାନେ ତଦନୁଯାୟୀ ତାହାଙ୍କ ନିକଟକୁ ସନ ୧୯୦୬ ସାଲ ଜାନୁଆରୀ ମାସ ତା ୫ ରିଖ ମଧ୍ୟରେ ଆବେଦନ ପତ୍ର ପଠାଇବେ । ସେହି ଗଜେଟରେ ବାହାର ଛାତ୍ରମାନଙ୍କର ପ୍ରବେଶିକା ପରୀକ୍ଷା ଦେବାର ନିୟମମାନ ମଧ୍ୟ ପ୍ରଚାରିତ ହୋଇଅଛି ।

ରୁଷ ଜାପାନ ସନ୍ଧିର ନିୟମମାନ ସ୍ଥିର କରି ଅନେକ ଦିନରୁ ବିଦାୟ ହୋଇଯାଇ ସେହି ନିୟମମାନ ପ୍ରତିପାଳନର ବନ୍ଦୋବସ୍ତ କରୁଅଛନ୍ତି । ଏଣେ ଜାପାନମାନେ ସନ୍ଧିର କଥା ଶୁଣି ସଶାଳିତ ହୋଇ ବିଦ୍ରୋହ ଉପସ୍ଥିତ କରିଥିଲେ ଏବଂ ୨୧୪ ଜଣ ହତ ଏବଂ ୨୦୦୦ ଆହତ ହୋଇଥିଲେ । ସେହିର କାରଣ ଏହି କି ଜାପାନ ଜୟୀ ହୋଇଥିବା ପ୍ରତ୍ୟକ୍ଷେ ଜାପାନ ସନ ରୁଷର ସବୁ ଟାଣ ଭାଙ୍ଗିଲେ ଏବଂ ତଦ୍ଦ୍ୱାରା ଜାପାନର ମୁଣ୍ଡ ତଳକୁ ହେଲା । ରାଜକର୍ମଚାରୀମାନେ ଯଥାକାଳରେ ଲୋକଙ୍କୁ ବୁଝାଇ ଗୋଳମାଳ ଶାନ୍ତ କଲେ । ମାତ୍ର ରାଜମନ୍ତ୍ରୀଦଳ ଇସ୍ତଫା ଦେବେ ବୋଲି ଜାପାନର ସମ୍ରାଟଙ୍କୁ ଜଣାଇଅଛନ୍ତି ।

ଗଞ୍ଜାମବରହମପୁରର ସଟୀକ ସମ୍ବାଦ ' ପ୍ରଜାବନ୍ଧୁ ' ଙ୍କୁ କଣା କ ପଡ଼ିବା କଥାରେ ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଥିବାରୁ ସହଯୋଗ ଉତ୍ତର ଦେଇଅଛନ୍ତି ଯେ କହୁ କଥା ଶୁଣା ନ ଗଲେ କମ୍ପା ହେଉ ନ ଦେଖିଲେ କିପରି ଜଣାଯିବ । ଉତ୍କଳ ସମ୍ବାଦପତ୍ରମାନଙ୍କର ଆର୍ଥିକ ଅବସ୍ଥା ଏପରି ସବଳ ନୁହେ ଯେ ବେତନଭୋଗୀ ସମ୍ବାଦଦାତା ରଖି ପାରିବେ । ତଥାପି ସେ ସାଧ୍ୟମତେ ବେତନ ଯାଚି ସୁଦ୍ଧା ଅକୃତକାର୍ଯ୍ୟ ହୋଇଅଛନ୍ତି । ଆମ୍ଭେମାନେ ମନେ କରୁଥିଲୁ ଯେ ବରମପୁର ରେଲ ଯୋଗେ ରମ୍ଭାର ଅତି ନିକଟ ପୁଣି ଉଭୟ ସହର ଏକ ଗଞ୍ଜାମ ଜିଲ୍ଲା

Digitized by srujanika@gmail.com

Split by PDF Splitter

436



ଅନ୍ତର୍ଗତ ଏବଂ ବରମପୁର ସଦର ମୁକାମ ହେତୁ ସେଠାର ସମ୍ବାଦ ଜାଣିବା ବଡ଼ ସହଜ କଥା । ଅନେକ ଲୋକ ପ୍ରଜାବନ୍ଧୁକୁ ଗଞ୍ଜାମର ପତ୍ର ବୋଲି ମନେ କରନ୍ତି । ବର୍ତ୍ତମାନ ଜଣା ଯାଉ ଅଛି ଯେ ଗଞ୍ଜାମ ଜିଲ୍ଲାର ପ୍ରଧାନ ନଗର ସଙ୍ଗେ ତାହାଙ୍କର ଘନିଷ୍ଠ ସମ୍ବନ୍ଧ ନାହିଁ ।

ବଙ୍ଗପ୍ରଦେଶର ବାକରଗଞ୍ଜ ଜିଲ୍ଲା ବରିଶାଲର କେତେକ ସମ୍ବାଦ ଅମୃତବଜାର ପତ୍ରିକାରେ ପ୍ରକାଶିତ ହୋଇଅଛି । ତନ୍ମଧ୍ୟରେ ଗୋଟିଏ ସମ୍ବାଦ ଏହି କି ସେଠାରେ ଥିବା ଓଡ଼ିଆ ପୂଜାରୀ ( ପାଚକ ) ଓ ଶୂଦ୍ରମାନେ ଏକ ସଭା କରି ଶ୍ରୀ ଜଗନ୍ନାଥ ଦେବଙ୍କର ଶପଥ କରି ଏହି ନିୟମ କରିଅଛନ୍ତି କି ସେମାନେ କେବଳ ଦେଶୀ ଦ୍ରବ୍ୟ ବ୍ୟବହାର କରିବେ ଏବଂ ଯେଉଁ ମୁନିବମାନେ ବିଦେଶୀ ଦ୍ରବ୍ୟ ବ୍ୟବହାର କରିବେ ସେମାନଙ୍କ ଘରେ ଚାକିରି କରିବେ ନାହିଁ ।

ଅନ୍ୟ ଗୋଟିଏ ସମ୍ବାଦ ଏହି କି ସେଠାରେ ନାନାପ୍ରକାର ଲୁହାର ଏବଂ ଅନ୍ୟ ଧାତୁର କଲମ-ମୁନ ( ନିବ ) ପ୍ରସ୍ତୁତ ହୋଇଅଛି ଏବଂ ତହିଁର ନମୁନା କଲିକତା ଓ ଢାକାକୁ ପଠାଯାଇଅଛି । ସେହି କଲମ ଏତେ ଉତ୍ତମ ହେଉଅଛି ଯେ ସମସ୍ତ ଖରଚର କି ହେଉ ଅନ୍ତତଃ ବଙ୍ଗପ୍ରଦେଶର ଯେତେ ଦରକାର ତାହା ଯୋଗାଇବା ପ୍ରତି ସନ୍ଦେହ ନାହିଁ । ବରିଶାଲ ବ୍ରଜମୋହନ ଇନଷ୍ଟିଚ୍ୟୁସନର ସହକାରୀ ପ୍ରିନ୍ସିପଲ ବାବୁ କାଳୀପ୍ରସନ୍ନ ଘୋଷ ବି,ଏ, ଙ୍କ ନିକଟକୁ ପତ୍ର ଲେଖିଲେ ସବିଶେଷ ଜଣାଯିବ ।

ଏବର୍ଷ ବୃଷ୍ଟିକାଳ, ତହିଁରେ କଲେରାର ପ୍ରାଦୁର୍ଭାବ, ଏପରି ସମୟରେ ଦୁଃସ୍ଥ ଲୋକଙ୍କର ଦୁରବସ୍ଥା ସକାଶେ ଏଠା ମିଉନିସିପାଲିଟିର ସାମୟିକ ବନ୍ଦୋବସ୍ତ ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଥିଲୁଁ; କିନ୍ତୁ ନିଃସହାୟ ଲୋକଙ୍କର ଚିକିତ୍ସାର୍ଥ ଏଠା ଜେନେରାଲ୍‌ହାସ୍‌ପାତାଲ ଯାଏ ଯିବାର ସେମାନଙ୍କ କଷ୍ଟକଣା ଦେଖି ଆମ୍ଭମାନଙ୍କର ସେ ଆନନ୍ଦ ନିରାନନ୍ଦରେ ପରିଣତ ହେଲା । ଆମ୍ଭମାନଙ୍କର ନାମ୍ ବଡ଼ା ମିଉନିସିପାଲ କମିଶନରମାନେ କେବଳ ଟିକସ ବୃଦ୍ଧି ଆଡ଼େ ଦୃଷ୍ଟି ନଦେଇ ଯଥା ସମୟରେ ଏଣିକି ଦୃଷ୍ଟି ଦେଇଥିଲେ ଅନେକ ଉପକାର ହୋଇ ଥାଆନ୍ତା । କେଉଁ ବୁଦ୍ଧି ଓ ବିବେଚନା ବଳେ ଏମାନେ ଜୀବିତ ମନୁଷ୍ୟ ସକାଶେ ଖୋଲା ମଇଲା ଗାଡ଼ୀର ବନ୍ଦୋବସ୍ତ କରିଥିଲେ ଆମ୍ଭେମାନେ ବୁଝି ଉଠି ପାରୁ ନାହୁଁ । ସେ ଯାହା ହେଉ ଆମ୍ଭେମାନେ ଶୁଣି ସୁଖୀ ହେଲୁଁ ଯେ କୌଣସି ଭଦ୍ରଲୋକଙ୍କ ପ୍ରସ୍ତାବମତେ ଏ ଶୋଚନୀୟ ବନ୍ଦୋବସ୍ତ ରହିତ କରାଯାଇ ଏଣିକି ଡୋଲିର ବ୍ୟବସ୍ଥା ହୋଇଅଛି । ଏଥି ସକାଶେ ଆମ୍ଭେମାନେ ମିଉନିସିପାଲିଟିର କର୍ତ୍ତୃପକ୍ଷଙ୍କୁ ବିଶେଷ ଧନ୍ୟବାଦ ଦେଉଅଛୁଁ ।

ଗତ ତା ୯ ରିଖ ଶନିବାର ସନ୍ଧ୍ୟା ଘ ୬ ଟା ସମୟରେ ପୁରୀ ହିନ୍ଦୁ ବାଳିକା ବିଦ୍ୟାଳୟରେ ବିଦେଶୀ ଦ୍ରବ୍ୟ ପରିହାର ପୂର୍ବକ ସ୍ୱଦେଶୀୟ ପଦାର୍ଥ ବ୍ୟବହାର କରିବା ପ୍ରସ୍ତାବ ସାଧାରଣରେ ପ୍ରଚାରାର୍ଥ ଏକ ସଭା ଅଧିବେଶନ ହୋଇଥିଲା । ମାତ୍ର ପୂର୍ବରୁ ବର୍ଷା ହୋଇ ଥିବାରୁ ଆଶାନୁରୂପ ସଭ୍ୟ ଉପସ୍ଥିତ ହୋଇ ନ ଥିଲେ । ତଥାପି ସ୍ଥାନୀୟ ଭଦ୍ରବ୍ୟକ୍ତି ନ ୩୦ ଣ ଓ ସ୍କୁଲ ଛାତ୍ର ଅନେକ ଉପସ୍ଥିତ ଥିଲେ । ବାବୁ ହରିଶଚନ୍ଦ୍ର ଘୋଷ ବି: ଏଲ୍ ଗବର୍ଣ୍ଣମେଣ୍ଟ ଉକୀଲ ସଭାପତିର ଆସନ ଗ୍ରହଣ କଲାପରେ ବାବୁ ଧନପତି ବାନୁର୍ଯ୍ୟା ଏମ: ଏ. ବି: ଏଲ. ସଭାର ଉଦ୍ଦେଶ୍ୟ ସଂକ୍ଷେପରେ ବୁଝାଇ ଦେଇଥିଲେ । ଉପସ୍ଥିତ ସଭ୍ୟମାନେ ଯଥାସାଧ୍ୟ ବିଦେଶୀଦ୍ରବ୍ୟ ପରିତ୍ୟାଗ କରିବାକୁ କୃତସଂକଳ୍ପ ହୋଇଥିଲେ ଏବଂ ଗୋଟିଏ ସ୍ୱଦେଶୀ ଦ୍ରବ୍ୟର ଭଣ୍ଡାର ସ୍ଥାପିତ ହେବାର ସ୍ଥିର ହୋଇ ସଭା ଭଙ୍ଗ ହେଲା । ସଭାର କର୍ତ୍ତାଗଣ ବିଷୟ କାର୍ଯ୍ୟରେ ପରିଣତ କରିବା ସକାଶେ କେତେକ ବଙ୍ଗୀୟ ଯୁବକ ନାନା ଦୋକାନମାନଙ୍କରେ ବୁଲି ଦୋକାନୀମାନଙ୍କୁ ସ୍ୱଦେଶୀ ଜିନିଷ ବିକ୍ରୟ କରିବା ସକାଶେ ଉପଦେଶ ଦେଇ ସେମାନଙ୍କଠାରୁ ଲିଖିତ ପ୍ରତିଜ୍ଞାପତ୍ର ଗ୍ରହଣ କରୁଅଛନ୍ତି ।

ଗତ ଷ୍ଟାର ଅଫ୍ ଉତ୍କଳରେ ଲେଖା ହୋଇଥିଲା ଯେ ଏଠାର ଜଣେକ ଡେପୁଟି ମାଜିଷ୍ଟ୍ରେଟଙ୍କ ଭ୍ରାତୃବଧୂ କଠିନ କଲେରା ରୋଗରେ ପୀଡିତ ହେବାରୁ ସେ ହିଭିଲସର୍ଜନଙ୍କ ଅନୁପସ୍ଥିତିରେ ସାହେବ ମହୋଦୟ ଏହି ମର୍ମରେ ଚିଠି ଦେଲେ କି ସେ ବଜାରରେ ବାସ କରୁଥିବା କୌଣସି ଦେଶୀୟ ରୋଗିର ଚିକିତ୍ସା କରନ୍ତି ନାହିଁ । ଆମ୍ଭେମାନେ ଅନୁସନ୍ଧାନରେ ବୁଝିଅଛୁଁ ଯେ ସାହେବ ମହୋଦୟ ପ୍ରକୃତରେ ସେଠାକୁ ଅସି ନାହାନ୍ତି ଓ ନ ଆସିବାର ଏହି କାରଣ ଲେଖି ଦେଲେ କି ଅନ୍ୟ କେହି ଉପଯୁକ୍ତ ଚିକିତ୍ସକ କୌଣସି ରୋଗୀର ଚିକିତ୍ସା କରୁଥିବା ସ୍ଥଳେ ତାଙ୍କ ବ୍ୟବସାୟଗତ ଓ ଆହାରଲେ ସେ କୌଣସି ଦେଶୀୟ ରୋଗିର ଚିକିତ୍ସା କରନ୍ତି ନାହିଁ । ଉପସ୍ଥିତ ଘଟଣାରେ ଜଣେ ପ୍ରବୀଣ ଆସିଷ୍ଟାଣ୍ଟସର୍ଜନ ଚିକିତ୍ସା କରୁଥିଲେ କିନ୍ତୁ ସେ ସ୍ୱୟଂ ସାହେବ ମହୋଦୟଙ୍କୁ ଆସିବା କାରଣ ନ ଲେଖିଥିବାରୁ ସାହେବ ମହୋଦୟ ଆସି ନ ଥିଲେ । କଥିତ ହୁଅଇ ଏହା ଉତ୍କଳର ଚକିତ୍ସା ପ୍ରଥା କିନ୍ତୁ ଯାହାର ଉପଯୁକ୍ତ ଅଛି ଏ ପାଇଁ ସେ ବଳେ ସାହାଯ୍ୟ ଲୋଡ଼ିଲେ ତାଙ୍କୁ ଏହି ଉଚ୍ଚହାରରେ ତତ୍କ୍ଷଣାତ୍ ସାହାଯ୍ୟ ନ ଦେବା ଏବଂ କେବଳ ଦେଶୀୟ ଲୋକପ୍ରତି ତାହା ଖଟାଇବା ସୁବୁଦ୍ଧି ଓ ସହାନୁଭୂତିର ପରିଚୟ ନୁହେ । ଏଣୁ କରି ଦେଶ କାଳ ପାତ୍ର ବିବେଚନାରେ ସାହେବ ମହୋଦୟଙ୍କର କାର୍ଯ୍ୟ ଭଲ ବୋଲି କହିପାରୁ ନାହୁଁ ।

ସମ୍ବଲପୁର ହିତୈଷିଣୀ, ଅନଗୁଳର ବର୍ତ୍ତମାନ ତହସିଲଦାର ବାବୁ ବୈଦ୍ୟନାଥ ମିଶ୍ରଙ୍କର ପ୍ରଶଂସା କରି ଲେଖିଅଛନ୍ତି କି ଅନଗୁଳରେ ପୂର୍ବେ ଜ୍ୟେଷ୍ଠବ୍ରାତା କନିଷ୍ଠଭ୍ରାତାଠାରୁ ଜ୍ୟେଷ୍ଠାଂଶ ପାଉ ନ ଥିଲେ । ମିଶ୍ର ମହାଶୟ ସେହି ଜ୍ୟେଷ୍ଠାଂଶ ବାହାଲ ରଖିଅଛନ୍ତି । ଏପରି ଅନଗୁଳର ବିଦ୍ୟାଳୟ ସଂଖ୍ୟା ୭୫ ରୁ ୧୧୮ କି ୧୨୦ ପର୍ଯ୍ୟନ୍ତ ବଢ଼ାଇଅଛନ୍ତି । ଏକ ଗ୍ରାମର ବାଳକ ସ୍କୁଲର ଉନ୍ନତିରେ ଯେ ଗ୍ରାମର ସରବରାହକାର ନିତାନ୍ତ ଅମନୋଯୋଗୀ ତାହା ଉପରେ ୪ ୧୦ ୧ ଙ୍କା ଅର୍ଥଦଣ୍ଡ କରିବାରୁ ସ୍କୁଲର ବାଳକ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି ଏବଂ ଅପରାପର ସରବରାହକାରମାନେ ସ୍ୱ ସ୍ୱ ଗ୍ରାମର ସ୍କୁଲର ଉନ୍ନତି ପ୍ରତି ଜାଗ୍ରତ ହୋଇଅଛନ୍ତି । ଏଥିରୁ ଜଣାଯାଉଅଛି ଯେ ଭାଇ ବାଣ୍ଟରେ ଜ୍ୟେଷ୍ଠାଂଶ ଦେବା ଏବଂ ସ୍କୁଲର ଉନ୍ନତିରେ ହେଳା କଲେ ସରବରାହକାର ଉପରେ ଜରିମାନା କରିବାର ସମ୍ମତିମାନ ଅନଗୁଳର ଅଧିବାସୀମାନେ ତହସିଲଦାରଙ୍କୁ ଦେଇ ଯାଇଅଛୁ ଏବଂ ସେ ଉକ୍ତ ବିଧିମାନ ଦୃଢ଼ରୂପେ ପ୍ରତିପାଳନ କରିବାଦ୍ୱାରା ସୁଖ୍ୟାତି ଲାଭ କରିଅଛନ୍ତି । ତାହାଙ୍କର ସୁଖ୍ୟାତି ଶୁଣି ପାଠକମାନେ ଅବଶ୍ୟ ଆନନ୍ଦିତ ହେବେ । ମାତ୍ର ଉକ୍ତ ବିଧିମାନ ଗବର୍ଣ୍ଣମେଣ୍ଟଙ୍କର ସାକ୍ଷାତ୍ ଶାସନାଧୀନ ଅନ୍ୟ କୌଣସି ରାଜ୍ୟରେ ପ୍ରଚଳିତ ଥିବାର ଆମ୍ଭେମାନେ ଶୁଣି ନାହୁଁ । ଅନଗୁଳ ସରକାରଙ୍କର ସାକ୍ଷାତ୍ ଶାସନରେ ଆସିଲାରୁ ସୁଦ୍ଧା ଗଡ଼ଜାତୀୟ ବିଧିର ସେଠାରୁ ଅନ୍ତର ହୋଇ ନ ଥିବାର ଜଣା ଯାଉଅଛି ।

## ମୋଫସଲରେ ଓଲାଉଠା ।

ଏହି ନଗରରେ ପ୍ରାୟ ଏକ ମାସ ହେଲା ଓଲାଉଠା ମାଡ଼ିଅଛି ଏବଂ ଏଥିମଧ୍ୟରେ ମୋଫସଲର ନାନାସ୍ଥାନରେ ତାହା ବ୍ୟାପିଯିବାର ଶୁଣୁଅଛୁଁ । ସ୍ଥାନାନ୍ତରେ ପ୍ରକାଶିତ ଶ୍ରୀ ବାଲକୃଷ୍ଣ ରଥଙ୍କ ପତ୍ରରୁ ଜଣାଯାଏ ଯେ ଏ ଜିଲ୍ଲାର ଅସୁରେଶ୍ୱର ପରଗଣାର କେତେକ ମୌଜାରେ ତାହା ଭୀଷଣ ରୂପ ଧାରଣ କରିଅଛି ଏବଂ ଚିକିତ୍ସା ଅଭାବରେ ଲୋକେ ବଡ଼ କାତର

Digitized by srujanika@gmail.com

Split by PDF Splitter



ଅଛନ୍ତି । ପତ୍ରପ୍ରେରକଙ୍କୁ ଅମ୍ଭେମାନେ ଜାଣୁ ଏବଂ ସେଠାରେ ରୋଗ ପ୍ରବଳ ଥିବାର ଅନ୍ୟ ସୂତ୍ରରେ ଅବଗତ ହୋଇଅଛୁଁ । ଅତଏବ ସେହି ପତ୍ର ପ୍ରତି ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଜିଲ୍ଲା ବୋର୍ଡ଼ର ମେମ୍ବରମାନଙ୍କର ଶୀଘ୍ର ମନୋଯୋଗ ପ୍ରାର୍ଥନା କରୁଅଛୁଁ । ମଡ଼କ ସମୟରେ ଚିକିତ୍ସା ଓ ପ୍ରାଣୀ ରକ୍ଷାର ଅନ୍ୟାନ୍ୟ ଉପାୟ ବିଧାନ କରିବା ଜିଲ୍ଲା ବୋର୍ଡ଼ର ଗୋଟିଏ ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ ଅଟେ ଏବଂ ତହିଁ ନିମନ୍ତେ ଜିଲ୍ଲା ବୋର୍ଡ଼ ଅର୍ଥ ବ୍ୟୟ କରିବାକୁ ସକ୍ଷମ । ଦ ୧୫ ଦିନରୁ ଊର୍ଦ୍ଧ୍ୱ ହେଲା ମଡ଼କ ଉପସ୍ଥିତ ହୋଇଥିବା ସ୍ଥଳେ ଏ ପର୍ଯ୍ୟନ୍ତ କିଛି ପ୍ରତିକାର ନ ହେବା ଦୁଃଖ ଓ ବିସ୍ମୟଜନକ ଅଟେ । ସମ୍ଭବତଃ ଯଥା ସମୟରେ ସମ୍ବାଦ ପାଇବାର ସୁବ୍ୟବସ୍ଥା ନ ଥିବା ହେତୁ ଏ ବିଷୟରେ ବୋର୍ଡ଼ର ଦୃଷ୍ଟି ପଡ଼ି ନାହିଁ । ଯେବେ ତାହା ହୋଇଥାଏ ତେବେ ଏହି ତ୍ରୁଟି ପରିହାରର ସ୍ଥାୟୀ ଉପାୟ କରିବା ଏକାନ୍ତ ଆବଶ୍ୟକ । ବିଶେଷତଃ ଓଲାଉଠା ଯେ ସ୍ଥଳେ ଏପରି ରୋଗ ଯେ ଧରିଲା ମାତ୍ରେ ଅଳ୍ପ ସମୟରେ ଅନେକ ମୃତ୍ୟୁ ହୁଏ ସେ ସ୍ଥଳେ କୌଣସି ଠାରେ ତାହା ଉପସ୍ଥିତ ହେବାର ଯେପରି ତତ୍କାଳ ସମ୍ବାଦ ମିଳେ ଏବଂ ସଙ୍ଗେ ସଙ୍ଗେ ପ୍ରତିକାର ହୁଏ ତହିଁର ବିହିତ ବନ୍ଦୋବସ୍ତ ହେବା ଉଚିତ ।

## ଉଚ୍ଚ ବାଳିକା ବିଦ୍ୟାଳୟ ।

ଓଡ଼ିଶା ବିଭାଗର ସ୍କୁଲ ସମୂହର ଇନସ୍‌ପେକ୍ଟରଙ୍କର ଅନୁରୋଧମତେ ସକଳ ଶ୍ରେଣୀର ଭଦ୍ରଲୋକଙ୍କର ଅବଗତି ନିମନ୍ତେ ନିମ୍ନ ଲିଖିତ ପତ୍ର ଏଠାରେ ପ୍ରକାଶ କଲୁଁ । ଯଥା—

ମହାଶୟ,

ବଙ୍ଗପ୍ରଦେଶର ଶିକ୍ଷାବିଭାଗର ଡିରେକ୍ଟର ମହୋଦୟ ଓଡ଼ିଶାରେ ନାରୀଶିକ୍ଷାର ଉନ୍ନତି ସାଧନାର୍ଥ କଟକ ନଗରରେ ଗୋଟିଏ ଉଚ୍ଚଶ୍ରେଣୀ ଇଂରାଜୀ ବାଳିକା ବିଦ୍ୟାଳୟ ସ୍ଥାପନ କରିବାର ପ୍ରସ୍ତାବ କରିଥିବାରୁ, ଅମ୍ଭେ ଏତଦ୍ଦ୍ୱାରା ଉକ୍ତ ପ୍ରସ୍ତାବ ପ୍ରତି ସ୍ତ୍ରୀଶିକ୍ଷୋତ୍ସାହୀ ଦେଶୀୟ ଭଦ୍ରବ୍ୟକ୍ତିମାନଙ୍କର ମନୋଯୋଗ ଆକର୍ଷଣ କରୁଅଛୁଁ ।

ଶଂସିତ ସାହେବ ମହୋଦୟଙ୍କର ଅଭିପ୍ରାୟ ଏହି ଯେ ପ୍ରସ୍ତାବିତ ବାଳିକାବିଦ୍ୟାଳୟଟି କେବଳ ଗବର୍ଣ୍ଣମେଣ୍ଟ ବ୍ୟୟରେ ପରିଚାଳିତ ହେବ ଏବଂ ଏହା ଦେଶୀୟ ଅବରୋଧ ପ୍ରଥାର ନିୟମାନୁବର୍ତ୍ତୀ ହେବ । ସେଥିପାଇଁ କୌଣସି ପୁରୁଷ ଶିକ୍ଷକ ବା ପୁରୁଷ ପରିଦର୍ଶକ ନିଯୁକ୍ତ ହେବେ ନାହିଁ । କେବଳ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ ନିମନ୍ତ ନିଯୁକ୍ତ ହେବେ ଏବଂ ପରିଦର୍ଶନ କାର୍ଯ୍ୟ ମଧ୍ୟ ଜଣେ ପରିଦର୍ଶିକା କର୍ମଚାରିଣୀଦ୍ୱାରା ସମ୍ପାଦିତ ହେବ । ବିଦ୍ୟାଳୟ ଗୃହ ଚତୁର୍ଦ୍ଦିଗରେ ଉଚ୍ଚ ପ୍ରାଚୀରଦ୍ୱାରା ବେଷ୍ଟିତ ରହିବ ଏବଂ ବିଦ୍ୟାଳୟ ମଧ୍ୟରେ ଭୃତ୍ୟ କାର୍ଯ୍ୟରେ କେବଳ ସ୍ତ୍ରୀମାନେ ନିଯୁକ୍ତ ହେବେ । ଯେଉଁ ସବୁ ଛାତ୍ରୀ ବିଦ୍ୟାଳୟରେ ପ୍ରବିଷ୍ଟ ହେବେ, ସେମାନଙ୍କ ଅଭିଭାବକମାନଙ୍କଠାରୁ ଏତିକି ମାତ୍ର ଲୋଡ଼ା ଯେ ସେମାନେ ବ୍ୟକ୍ତିଗତ ବା ସମ୍ମିଳିତ ଭାବରେ ଛାତ୍ରୀମାନଙ୍କର ଯାନଦ୍ୱାରା ଗମନାଗମନର ବ୍ୟବସ୍ଥା କରିବେ । ଆଶା କରୁଁ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଉପସ୍ଥାପିତ ଏହି ଉଦାର ପ୍ରସ୍ତାବ ପ୍ରତି ଦେଶୀୟ ଭଦ୍ରବ୍ୟକ୍ତିମାନେ କାର୍ଯ୍ୟଦ୍ୱାରା ସମୁଚିତ ସହାନୁଭୂତି ପ୍ରକାଶ କରିବେ ।

ପରିଶେଷରେ ପ୍ରାର୍ଥନା କରୁଅଛୁଁ ଯେ ଯେଉଁ ଭଦ୍ରବ୍ୟକ୍ତିମାନେ ପ୍ରସ୍ତାବିତ ବିଦ୍ୟାଳୟକୁ ଛାତ୍ରୀ ପଠାଇବାକୁ ପ୍ରସ୍ତୁତ ଅଛନ୍ତି, ସେମାନେ ପ୍ରତ୍ୟେକେ କେତେଜଣ ଛାତ୍ରୀ ପଠାଇବେ ଓ ପ୍ରତ୍ୟେକ ଛାତ୍ରୀ କେଉଁ ଶ୍ରେଣୀର ଉପଯୁକ୍ତ ଏହି ବିଷୟ ଅନୁଗ୍ରହ ପୂର୍ବକ ଆମ୍ଭଙ୍କୁ ଶୀଘ୍ର ଜଣାଇବେ ।

ଇତି ୮।୧୨।୦୫

ପ୍ରସ୍ତାବିତ ଉଚ୍ଚ ଇଂରାଜୀ ବାଳିକା ବିଦ୍ୟାଳୟ ସମ୍ବନ୍ଧୀୟ ସକଳ କଥା ବିସ୍ତାରିତରୂପେ ଏ ପତ୍ରରେ ସନ୍ନିବିଷ୍ଟ ହୋଇଅଛି । ସେ ପ୍ରସଙ୍ଗରେ ଅଧିକ କିଛି କହିବାର ନାହିଁ । କେତେ ଭଦ୍ରଲୋକ ଆପଣା ବାଳିକାମାନଙ୍କୁ ଏପ୍ରକାର ଶିକ୍ଷା ଦେବାକୁ ଇଚ୍ଛା କରନ୍ତି ଏହା ଜାଣିବାକୁ ଇନସ୍‌ପେକ୍ଟର ମହୋଦୟ ଲୋଡ଼ୁଅଛନ୍ତି ଏବଂ ତାହା ଆଶାପ୍ରଦ ହେଲେ କାର୍ଯ୍ୟାରମ୍ଭ ହେବ । ବାଳିକାମାନଙ୍କର ବିଦ୍ୟାଳୟକୁ ଯିବା ଆସିବାର ବନ୍ଦୋବସ୍ତ ବିନା ଅଭିଭାବକମାନଙ୍କୁ ଆଉ କିଛି କରିବାକୁ ହେବ ନାହିଁ । ସ୍ତ୍ରୀଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ମତାନ୍ତର ହୋଇ ନ ପାରେ ଏବଂ ଏ କାଳକୁ ଇଂରାଜୀ ଶିକ୍ଷାର ମୂଲ୍ୟ ଅଧିକ ଏଥିରେ ମଧ୍ୟ ସନ୍ଦେହ ନାହିଁ । ସ୍ଥାନୀୟ ଅବସ୍ଥା ଦୃଷ୍ଟିରେ ଶୀଘ୍ର ଅନେକ ଛାତ୍ରୀ ହେବାର ଆଶା ନ ଥିଲେ ମଧ୍ୟ ଉନ୍ନତ ସମ୍ପ୍ରଦାୟର କେତେକଜଣ ଏ ବିଷୟରେ ଅଗ୍ରଗାମୀ ହେଲେ ବିଦ୍ୟାଳୟଟି ଆରମ୍ଭ ହୋଇ ଯିବ ଏବଂ କ୍ରମେ ଛାତ୍ରୀସଂଖ୍ୟା ବଢ଼ି ପାରିବ । ଆଶା କରୁଁ ଏହି ପ୍ରସ୍ତାବ ସଫଳ କରିବାକୁ କେତେଜଣ ଭଦ୍ରଲୋକ ଅଗ୍ରସର ହେବେ ।

## ଅନ୍ୟାୟ ମତାନ୍ତର ।

ଦେଶୀୟ ଦ୍ରବ୍ୟର ବ୍ୟବହାର ଯୋଗୁ ଇଂରାଜ ଏବଂ ଦେଶୀୟ ଲୋକଙ୍କ ମଧ୍ୟରେ ମତାନ୍ତର ଘଟିବାର ଦେଖି ଅମ୍ଭେମାନେ ଦୁଃଖିତ ହେଲୁଁ । ଦୁଃଖର କାରଣ ଏହି କି ମୂଳ ବିଷୟରେ କିଛି ବିରୋଧ ନାହିଁ କେବଳ କଥା ଗୁଣରେ ଭ୍ରମ ଜାତ ହୋଇଅଛି । ସାଧ୍ୟମତେ ଦେଶୀୟ ଦ୍ରବ୍ୟ ବ୍ୟବହାର କର ଲୋକଙ୍କୁ ତାହା କିଣିବାକୁ ଉପଦେଶ ଦିଅ ଏବଂ ଯେ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଦେଶରେ ଉତ୍ପନ୍ନ ହେଉ ନାହିଁ ସେ ସମସ୍ତ ଉତ୍ପନ୍ନ କରିବାର ଉପାୟ କର ଏବଂ ଦେଶୀ ନିକୃଷ୍ଟ ଦ୍ରବ୍ୟ ସମସ୍ତ ଉତ୍କୃଷ୍ଟ କରିବାର ଉପାୟ କର ଏ ସମସ୍ତ ଭଲ କଥା ଏବଂ ଦେଶୀୟ ଲୋକଙ୍କର ଏହା ନିତାନ୍ତ କର୍ତ୍ତବ୍ୟ ଅଟେ । ଏଥିପାଇଁ ସରକାର ବାହାଦୁର ଅଥବା କେହି ବୁଦ୍ଧିମାନ୍ ଇଂରାଜ ବା ବିଦେଶୀ ଲୋକ ଦେଶୀୟ ଲୋକଙ୍କୁ ନିନ୍ଦା କରି ପାରିବେ ନାହିଁ ବରଂ ଆନନ୍ଦିତ ହେବେ । ମାତ୍ର ଯେ ଦ୍ରବ୍ୟମାନ ଦେଶରେ ନ ମିଳେ ସେ ସମସ୍ତ ପ୍ରୟୋଜନ ହେଲେ ବରଂ ଅନ୍ୟାନ୍ୟ ବିଦେଶରୁ ଆମଦାନି ଦ୍ରବ୍ୟ କିଣିବା ତଥାପି ବିଲାତି ବା ଇଂରାଜ ଦେଶର ଦ୍ରବ୍ୟ କିଣିବା ନାହିଁ ଅର୍ଥାତ୍ ଏକ କଥାରେ ବିଲାତି ଦ୍ରବ୍ୟ ଆଦୌ କିଣିବା ନାହିଁ ବା ଅନ୍ୟ କାହାରିକୁ କିଣିବାକୁ ଦେବା ନାହିଁ ଏରୂପ ପ୍ରତିଜ୍ଞା ନ୍ୟାୟସଙ୍ଗତ ନୁହେଁ । ଏହା ହିଂସା ମୂଳକ ଏବଂ ଏହି କାରଣରୁ ଦେଶୀୟ ଏବଂ ଇଂରାଜଙ୍କ ମଧ୍ୟରେ ବିରୋଧ ଉପସ୍ଥିତ ହେବା ବିଚିତ୍ର ନୁହେଁ । ବାସ୍ତବରେ ଯେତେବେଳେ ଅମ୍ଭେମାନେ ଇଂରାଜର ପ୍ରଜା ଓ ଇଂରାଜ ଶାସନକୁ ପୃଥିବୀରେ ଶ୍ରେଷ୍ଠ ଜ୍ଞାନ କରି ଏକାନ୍ତ ଭକ୍ତି ଓ ଶ୍ରଦ୍ଧା କରୁଁ ଏବଂ ଶ୍ରେଷ୍ଠ ରାଜାର ପ୍ରଜା ବୋଲି ଆପଣାକୁ ଗୌରବାନ୍ୱିତ ମନେ କରୁଁ ସେ ସ୍ଥଳେ ବିଦେଶୀ ଦ୍ରବ୍ୟ ପ୍ରୟୋଜନ ହେଲେ ଅଗ୍ରେ ବିଲାତି ଦ୍ରବ୍ୟ ଲୋଡ଼ିବା ସ୍ୱାଭାବିକ । ସୁତରାଂ ଏକା ବିଲାତି ଦ୍ରବ୍ୟ ତ୍ୟାଗ କରିବା କଥାଟା ଅନର୍ଥକର । ବିଶେଷତଃ ଯେତେବେଳେ ବଙ୍ଗଦେଶରେ ଅନ୍ୟାନ୍ୟ ଦେଶର ଦ୍ରବ୍ୟାପେକ୍ଷା ବିଲାତି ଦ୍ରବ୍ୟ ଅଧିକ ବିକ୍ରୟ ହୁଏ ଓ ବିଦେଶୀ ଦ୍ରବ୍ୟ ତ୍ୟାଗ ହେଲୁ କାର୍ଯ୍ୟତଃ ବିଲାତି ଦ୍ରବ୍ୟର ବିକ୍ରୀ ବିଶେଷ ଊଣା ପଡ଼ିଅଛି ସେ ସ୍ଥଳେ ଇଂରାଜମାନଙ୍କର ଦୁଃଖ ଓ ରାଗ ହେବା ବିଚିତ୍ର ନୁହେଁ । ପ୍ରଥମେ ବଙ୍ଗବାସିଙ୍କର ପ୍ରତିଜ୍ଞାକୁ ସେମାନେ କ୍ଷଣସ୍ଥାୟୀ ବୋଲି ଉପହାସ କରିଥିଲେ । ମାତ୍ର ଅଳ୍ପ ଦିନରେ ଦେଖିଲେ ଯେ ତାହା କ୍ଷଣସ୍ଥାୟୀ ନ ହୋଇ କ୍ରମେ ବଦ୍ଧମୂଳ ହେଉଅଛି ଏବଂ ବିଲାତି ଦ୍ରବ୍ୟର ବିକ୍ରୟ ବହୁତ ଊଣା ପଡ଼ିଅଛି । ସୁତରାଂ ଏ ଦେଶରୁ ବିଲାତ ପର୍ଯ୍ୟନ୍ତ ଭାବନା ପଡ଼ିଅଛି ଏବଂ ସମ୍ବାଦପତ୍ରମାନଙ୍କରେ ପ୍ରତିଫଳ ପ୍ରଦାନର ଚର୍ଚ୍ଚା ହେଉଅଛି । କେହି କେହି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ସ୍ୱଦେଶୀୟ ଦ୍ରବ୍ୟରେ

Digitized by srujanika@gmail.com

Split by PDF Splitter



ମନାଇବା ଲୋକଙ୍କୁ ବିଦ୍ୱେଷ ବା ବିଦ୍ରୋହର ଉତ୍ତେଜନା କରୁଥିବା ଅପରାଧରେ ଦଣ୍ଡ ଦେବାର ଉପାୟ କରିବା ଉଚିତ । କେହି୨ କଲିକତାର ସମସ୍ତ ସଉଦାଗରୀ କୋଠିରୁ ବଙ୍ଗାଳୀ କିରାଣି ଓ ଗୁମାସ୍ତାମାନଙ୍କୁ ବାହାର କରିଦେବାର ପରାମର୍ଶ ଦେଉଅଛନ୍ତି ପୁଣି କେହି ବଙ୍ଗାଳୀମାନଙ୍କୁ ମୂର୍ଖ, ଅକୃତଜ୍ଞ ବୋଲି ଯଥେଚ୍ଛା ଗାଳି ଦେଉଅଛନ୍ତି । କେହି୨ ଦେଶୀ ଦ୍ରବ୍ୟ ସବୁ କିଣି ନେଇ ଚଢ଼ା ଦରରେ ବିଲାତି ଦ୍ରବ୍ୟ ସଙ୍ଗେ ଛନ୍ଦିବାର ବନ୍ଦୋବସ୍ତ କରୁଅଛନ୍ତି ଏବଂ କେହି୨ ନୂଆ ଛାତ୍ରମାନଙ୍କର ଦେଶୀ ଦ୍ରବ୍ୟ ପ୍ରଚଳନ ବିଷୟରେ ଅଧିକ ଉତ୍ସାହ ଏବଂ ଉଦ୍ୟମ ଦେଖି ସେମାନଙ୍କୁ ବେତ୍ରାଘାତ ଦଣ୍ଡ ଦିଆଇବାର ବାଟ ଖୋଜୁଅଛନ୍ତି । ଇଂରାଜ ମହଲରେ ଏହିପରି ହଲ୍ଲା ଚହଳ ପଡ଼ିଯାଇଅଛି । ଆମ୍ଭେମାନେ ସ୍ୱୀକାର କରୁଁ ଯେ ନୂଆ ଛାତ୍ରମାନେ ଆନ୍ଦୋଳନର ପ୍ରଥମାବସ୍ଥାରେ କିଛି ବାହୁଡ଼ ଯାଇଥିଲେ ଏବଂ ତାହା ଅନ୍ୟାୟ ହେଲେହେଁ କଠିନ ରୋଗରୁ ତୀକ୍ଷ୍ଣ ଔଷଧ ପ୍ରୟୋଗ ପରି ତହିଁର ଫଳ ହୋଇଅଛି । ଯାହା ହେଉ ଛାତ୍ରମାନେ ଏଣିକି ସାବଧାନ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ ଆଉ କିଛି ଶୁଣାଯିବା କହିବାର ବାଟ ନାହିଁ । ତାଙ୍କ ଥାଇବାର ଅନ୍ୟ ଯେ ସମସ୍ତ ଉପାୟ କେତେକ ଛୁଟମନା ଇଂରାଜମାନେ ଯାହା ପାଞ୍ଚୁଅଛନ୍ତି ସେ ସମସ୍ତ କେବଳ ବିଲାତି ଦ୍ରବ୍ୟ ତ୍ୟାଗ କରିବା ଇଚ୍ଛା ଦେଖାଇ ବିଳାତ କେତେକ ଦେଶୀୟ ଲୋକଙ୍କର ଅଭିମାନ ପରି ଅସାର ଅଟେ । ଉଭୟ ପକ୍ଷର ଏପରି ଅସାର କଥାରେ କେବଳ ମନାନ୍ତର ବଢୁଅଛି । ଆଉ କିଛି ଫଳ ନାହିଁ । ବୁଦ୍ଧିମାନ୍ ଲୋକମାନେ ଅନାୟାସରେ ବୁଝି ପାରୁଅଛନ୍ତି ଯେ ଭାରତବାସିମାନେ ଦେଶର ଦ୍ରବ୍ୟ ଯେତେ ଅଧିକ ବ୍ୟବହାର କରିବେ ଏବଂ ଦେଶୀ ଦ୍ରବ୍ୟ ବିସ୍ତାରର ଚେଷ୍ଟା କରିବେ ସେତେ ଭଲ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ଉତ୍ସାହ ଦେଉଅଛନ୍ତି ଏବଂ ଅଧିକ ଉତ୍ସାହ ଦେବା କର୍ତ୍ତବ୍ୟ ବୋଲି ବୁଝିଅଛନ୍ତି । ତହିଁରେ ରାଜଭକ୍ତି ଉଣା ପଡ଼ିବା କିମ୍ବା ବିଦ୍ୱେଷ ବଢ଼ିବାର କାରଣ ହୋଇ ନ ପାରେ । ପୁଣି ସ୍ୱଦେଶୀୟ ଦ୍ରବ୍ୟପ୍ରତି ଅନୁରାଗ ଇଂରାଜଙ୍କର ଯେତେ ଅଧିକ ଏ ପର୍ଯ୍ୟନ୍ତ ଭାରତବାସିଙ୍କର ସେତେ ହୋଇ ନାହିଁ । ବର୍ତ୍ତମାନ କେତେଦୂର ହେବାର ସେ ଚେଷ୍ଟାଦ୍ୱାରା ଭାରତବାସିମାନେ ଇଂରାଜଙ୍କର ଅନୁକରଣ କରୁଅଛନ୍ତି ଏବଂ ଇଂରାଜମାନଙ୍କର ତହିଁରେ ବିରକ୍ତ ନ ହୋଇ ଆନନ୍ଦିତ ହେବା ଉଚିତ ଅଟେ । ଆଉ ରାଜଭକ୍ତି ଅଥବା ବଙ୍ଗବାସିମାନେ ଏକାବେଳେ ବିଲାତି ବା ବିଦେଶୀ ଦ୍ରବ୍ୟ ପରିତ୍ୟାଗ କରି ଚଳି ପାରିବା ଯେବେ କୌଣସି କାଳରେ ସମ୍ଭବ ହୁଏ ତେବେ ଅନେକ ବିଳମ୍ବ ଅଛି ଏବଂ ବାଣିଜ୍ୟଘଟିତ ଆଦାନ ପ୍ରଦାନ ହେଉଥିବାଲେ ବନ୍ଦ ହେବାର ନୁହେ ଏବଂ ବନ୍ଦ ହେଲେ ଅବନତି ଛଡ଼ା ଉନ୍ନତି ନାହିଁ । ଫଳେ କାହାର ଉନ୍ନତି ପ୍ରତି ପ୍ରଖର ଦୃଷ୍ଟି ରଖି ଏବଂ ପ୍ରାଣପଣେ ତହିଁର ଚେଷ୍ଟା ଓ ଯତ୍ନ କର । ତହିଁରେ ଯେ ପ୍ରତିଦ୍ୱନ୍ଦୀ ହେବ ସେ ଆପେ ବିଫଳ ହେବ । ବୃଥା ମନାନ୍ତର ଘଟିବା ଭଳି କଥାବାର୍ତ୍ତାରେ କିଛି ଲାଭ ନାହିଁ ଏବଂ ତାହା ଶୀଘ୍ର ପରିତ୍ୟାଗ କରିବା କର୍ତ୍ତବ୍ୟ ।

---

ପ୍ରାପ୍ତ ।

## ଗ୍ରାମ୍ୟ ପଞ୍ଚାୟତ ଓ ଗ୍ରାମ୍ୟ ଚୌକିଦାରି ।

ଆଜିକାଲି ଗ୍ରାମ୍ୟ ପଞ୍ଚାୟତମାନଙ୍କୁ ମାଜିଷ୍ଟ୍ରେଟି କ୍ଷମତା ଦେବାର ପ୍ରସ୍ତାବ ଚାଲିଅଛି । ସମ୍ଭବତଃ କେତେକ ମାସ ପରେ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେବ । ସୁତରାଂ ଏ ସମ୍ବନ୍ଧେ କିଛି କହିବା ନିତାନ୍ତ ଅସଙ୍ଗତ ହେବ ନାହିଁ ।

ପ୍ରଥମରେ ଚୌକିଦାରୀ ବ୍ୟବସ୍ଥା ସମ୍ବନ୍ଧେ କିଛି ଆଲୋଚନା କରି ପରେ ଗ୍ରାମ୍ୟ ପଞ୍ଚାୟତ ସମ୍ବନ୍ଧରେ କହିବୁଁ ।

ସୁଦୂରବର୍ତ୍ତୀ ପଲ୍ଲୀଗ୍ରାମମାନଙ୍କ ମଧ୍ୟରେ ପ୍ରଜାପୁଞ୍ଜ ଧନ ପ୍ରାଣରକ୍ଷାରେ ବ୍ୟସ୍ତ ନ ହୋଇ ନିରୁଦ୍ବିଗ୍ନ ଚିତ୍ତରେ ନିଦ୍ରାସୁଖ ଅନୁଭବ କରିବେ ଏହି ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ଚୌକିଦାରୀ ବ୍ୟବସ୍ଥା ପ୍ରଚଳନ କରିଅଛନ୍ତି । ଉଦ୍ଦେଶ୍ୟ ଯେ ପ୍ରକୃତ ସନ୍ତୋଷଜନକ ଏଥିରେ କାହାର ଦ୍ୱିମତ ଥାଇ ନ ପାରେ । ତେବେ ଯେଉଁମାନେ ବ୍ୟବସ୍ଥା ପ୍ରଣୟନ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ଯେବେ କେହି ପ୍ରଜାମାନଙ୍କ ମଧ୍ୟରେ ରହି ସ୍ୱଚକ୍ଷୁରେ ପ୍ରବର୍ତ୍ତିତ ବ୍ୟବସ୍ଥାର କାର୍ଯ୍ୟକାରିତା ଦେଖୁଥାନ୍ତେ ତାହାହେଲେ ଗ୍ରାମର ଲୋକେ କିପରି ସୁଖ ସ୍ୱଚ୍ଛନ୍ଦତା ଭୋଗ କରୁଅଛନ୍ତି ତାହା ବୁଝି ପାରୁଥାନ୍ତେ । ଏହା ନ ହେଲେହେଁ କୌଣସି ବିଧି ବ୍ୟବସ୍ଥା କିପରି କାର୍ଯ୍ୟ କରୁଅଛି ତାହା ଜାଣିବା ସଦାଶୟ ଗବର୍ଣ୍ଣମେଣ୍ଟ ଆନ୍ତରିକ ଇଚ୍ଛା ସହିତ ମତ ସଂଗ୍ରହ କରିଥାନ୍ତି । ମାତ୍ର ଯେଉଁସବୁ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କଠାରୁ ମତ ଲୋଡ଼ାଯାଏ ସେମାନେ ସେମାନଙ୍କ ଅଧସ୍ତନ କର୍ମଚାରୀମାନଙ୍କଠାରୁ ଏହିପରି ଶୁଣି ଅଧିକାଂଶ କ୍ଷେତ୍ରରେ ଯେଉଁ ଲୋକ ଚୌକିଦାରୀ ବ୍ୟବସ୍ଥା ପ୍ରସାଦରୁ ମୁଠାଏ ଖାଇବାକୁ ପାଉଅଛି ଅନେକସ୍ଥଳରେ ତାହାରଠାରୁ ମତ ସଂଗୃହୀତ ହୋଇଥାଏ । ଅର୍ଥାତ୍ କଥାଟି ହୁଏ ଏହି ଯେ ଖାସା ଚୌକିଦାରର ମତ ମୋଟାମୋଟି ବେତନଭୋଗୀ ରାଜକର୍ମଚାରୀମାନଙ୍କର କଲମବାଟେ ପାର ଗବର୍ଣ୍ଣମେଣ୍ଟଙ୍କ ପାଖରେ ଯାଇ ଉଠେ ଏବଂ ସେ ମନେକରନ୍ତି ବାସ୍ତବରେ ସେମାନଙ୍କର ଅଧୀନ ପ୍ରଜାମାନଙ୍କୁ ଅବିରାମ ଶାନ୍ତି ଦେଉଅଛି । ଏଥିରେ ଗବର୍ଣ୍ଣମେଣ୍ଟଙ୍କର କିଛି ଦୋଷ ନାହିଁ । ଯେଉଁମାନେ ଶାସନ କାର୍ଯ୍ୟର ପରିଚାଳନ ଓ ପର୍ଯ୍ୟବେକ୍ଷଣରେ ନିଯୁକ୍ତ ସାଧାରଣତଃ ଦେଖାଯାଏ ସେମାନେ ପ୍ରବର୍ତ୍ତିତ ବ୍ୟବସ୍ଥାର ପ୍ରତିକୂଳରେ କିଛି କହିବାକୁ ସାହସ କରନ୍ତି ନାହିଁ । ମନେକରନ୍ତୁ ଯେପରି କ ଗୋଟିଏ ପ୍ରତିକୂଳ ଅପ୍ରିୟସତ୍ୟକଥା ଗୋଚର କଲେ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ଅକର୍ମଣ୍ୟ ଶ୍ରେଣୀଭୁକ୍ତ କରିଦେବେ । ମାତ୍ର ପ୍ରକୃତରେ ତାହା ନୁହେଁ । ଗବର୍ଣ୍ଣମେଣ୍ଟ ସେମାନଙ୍କର ଉଚ୍ଚଶିକ୍ଷା, ଉନ୍ନତଚରିତ୍ର, ଓ ନୈତିକବଳ ଉପରେ ନିର୍ଭର କରି ସେମାନଙ୍କୁ ଉଚ୍ଚ ଆସନରେ ବସାଇଅଛନ୍ତି । ସୁତରାଂ ସ୍ୱ ପଦୋଚିତ କାର୍ଯ୍ୟ ନ କରି ଗବର୍ଣ୍ଣମେଣ୍ଟଙ୍କୁ ଭ୍ରାନ୍ତ ସିଦ୍ଧାନ୍ତରେ ନେଇ ପହଞ୍ଚାଇବା ସେମାନଙ୍କ ପକ୍ଷରେ ପ୍ରକୃତ ମନୁଷ୍ୟତ୍ୱର ପରିଚାୟକ ନୁହେଁ ।

ଏହା ଉପରେ ପୁଣି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଗବର୍ଣ୍ଣମେଣ୍ଟ ସ୍ୱତନ୍ତ୍ର ସହିତ ଅସଂପୃକ୍ତ ମାତ୍ର ଧନରେ ମାନରେ ଦେଶର ଅଗ୍ରଣୀସ୍ଥାନୀୟ ବୋଲି ପରିଚିତ । ଉଚ୍ଚ୨ କର୍ମଚାରୀମାନଙ୍କ ସହିତ ଅନେକ ସମୟରେ ସାକ୍ଷାତ କରି ସେମାନଙ୍କର ଏକପ୍ରକାର ଅଭ୍ୟାସ । ମାତ୍ର ଯେବେ କୌଣସି ସମୟରେ କେହି ଉଚ୍ଚ ରାଜକର୍ମଚାରୀ ସେମାନଙ୍କର ମତ ଲୋଡ଼ନ୍ତି ତାହାହେଲେ ସେମାନେ ନ ବୁଝି ଦେଲେ 'ହଜୁର' ଖୁସି ହେବେ ଏହା ସ୍ଥିର କରିବାରେ ସେ କେ ମସ୍ତିଷ୍କ ବ୍ୟୟ କରନ୍ତି ସତ୍ୟକଥାଟା କଣ ଜାଣିବାକୁ ସେପରି ଚେଷ୍ଟା ସ୍ୱୀକାର କରନ୍ତି ନାହିଁ—ଜାଣି ଥିଲେ ମଧ୍ୟ ଅନୁଗ୍ରହରୁ ବଞ୍ଚିତ ହେବା ଭୟରେ ତାହା ପ୍ରକାଶ କରନ୍ତି ନାହିଁ । ସୁତରାଂ ପ୍ରଜାମାନଙ୍କର ପ୍ରକୃତ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କର କର୍ଣ୍ଣଗୋଚର ହୁଏ ନାହିଁ ।

ଆଗେ ଚୌକିଦାର ଗ୍ରାମବାସୀ ଓ ଜମିଦାର ଉଭୟଙ୍କର ଚାକର ଥିଲା । ଜମିଦାର ପ୍ରଦତ୍ତ ଚାକିରାଣ ଜମି ଛଡ଼ା ଚୌକିଦାର ଗ୍ରାମବାସିମାନଙ୍କଠାରୁ ଖଳାହିଡ଼ା ନେଉଥିଲା; ବିବାହାଦିରେ ଲୁଗା ଖଣ୍ଡେ ପାଉଥିଲା; ପର୍ବପର୍ବାଣିରେ ମାଗିଯାଚି କିଛି ନେଉଥିଲା ଏବଂ ଚୋରିଭୟ

Digitized by srujanika@gmail.com